


# ସଂଚାର

THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 27 | ଭାଗ ୩୪ | ସଂଖ୍ୟା ୨୭ Bhubaneswar | Saturday 19 April 2025 | Page 8 Rs. 4.00 ● ଭୁବନେଶ୍ୱର ଶନିବାର ୧୯ ଏପ୍ରିଲ୍ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

## କେନ୍ଦ୍ରୀୟ ଡେପୁଟେସନରେ ନିକୁଞ୍ଜ



★ ସଂସଦୀୟ ବ୍ୟାପାର ସଚିବ ଭାବେ ନିଯୁକ୍ତି
★ ଅପସାରଣ ପରେ ପାୱାର କରିଡ଼ରରେ ଚର୍ଚ୍ଚା
★ କେନ୍ଦ୍ରକୁ ଗଲେ ବୀର ବିକ୍ରମ ଯାଦବ

**ଭୁବନେଶ୍ୱର,୧୮।୪(ସଂଚାର ବ୍ୟୁରୋ):** କେନ୍ଦ୍ରୀୟ ଡେପୁଟେସନରେ ଗଲେ ବରିଷ୍ଠ ଆଇଏଏସ୍ ଅଧିକାରୀ ନିକୁଞ୍ଜ ବିହାରୀ ଧଳ। ୧୯୯୩ ବ୍ୟାଚର ଓଡ଼ିଶା କ୍ୟାଡର ଆଇଏଏସ ଅଫିସର ନିକୁଞ୍ଜ ବର୍ତ୍ତମାନ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ କାମ କରୁଛନ୍ତି । କେନ୍ଦ୍ରରେ ତାଙ୍କୁ ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟର ସଚିବ ଭାବେ ନିଯୁକ୍ତି ମିଳିଛି । ଏ ନେଇ ଆଜି କେନ୍ଦ୍ର କ୍ୟାବିନେଟର ନିଯୁକ୍ତି ସମ୍ପର୍କିତ କମିଟି ନିକୁଞ୍ଜ ଧଳଙ୍କ ନୂଆ ନିଯୁକ୍ତିକୁ ଅନୁମୋଦନ କରିଛି। ପୂର୍ତ୍ତବିଭାଗର ପ୍ରମୁଖ ସଚିବ ବୀର ବିକ୍ରମ ଯାଦବ ମଧ କେନ୍ଦ୍ରୀୟ ଡେପୁଟେଶନରେ ଯିବେ। ତାଙ୍କୁ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଭାବେ ନିଯୁକ୍ତି ମିଳିଛି। ବର୍ତ୍ତମାନ ସଂସଦୀୟ ବ୍ୟାପାର ସଚିବ ଥିବା ଉମଙ୍ଗ ନରୁଲାଙ୍କ ଅବସର ପରେ ତାଙ୍କ ସ୍ଥାନ ନେବେ ନିକୁଞ୍ଜ ଧଳ। ଉମଙ୍ଗ ଆସନ୍ତା ଜୁନ ୩୦ରେ ଅବସର ଗ୍ରହଣ କରିବେ । ଆଜି କେନ୍ଦ୍ର ସରକାର ୨୦ ଜଣ ବରିଷ୍ଠ ଅଫିସରଙ୍କ ବିଭାଗ ଅଦଳବଦଳ କରିଛନ୍ତି। ସେଥି ମଧରେ ଓଡ଼ିଶାର ଆଉ ୨ ଜଣ ଅଫିସର ମଧ ଅଛନ୍ତି। ସେମାନେ ହେଲେ ସନ୍ତୋଷ ➾ପୃଷ୍ଠା-୬

# ବଦଳି ଋତୁରେ କଠୋର ହେଲେ ସରକାର

### ଅନଲାଇନରେ ଆବେଦନ କରିବେ କର୍ମଚାରୀ

### ସବୁ ବିଭାଗ ନିଜସ୍ୱ ବଦଳି ନୀତି ପ୍ରସ୍ତୁତ କରନ୍ତୁ

### ସ୍ୱଚ୍ଛତାର ସହ ସବୁ ବଦଳି ପାଇଁ କଡ଼ା ନିର୍ଦ୍ଦେଶ

### ସବୁ ବିଭାଗୀୟ ମୁଖ୍ୟଙ୍କୁ ଏସିଏସ୍‌ଙ୍କ ଚିଠି

**ଭୁବନେଶ୍ୱର,୧୮।୪(ସଂଚାର ବ୍ୟୁରୋ):** ପ୍ରଶାସନରେ ସ୍ୱଚ୍ଛତାକୁ ସର୍ବାଧିକ ଗୁରୁତ୍ୱ ଦେଉଥିବା ରାଜ୍ୟ ସରକାର ବଦଳି ନୀତିରେ ମଧ ସ୍ୱଚ୍ଛତା ଆଣିବାକୁ ନିର୍ଦ୍ଦେଶ ଦେଇଛନ୍ତି। କୌଣସି ସୁପାରିସ୍ ବା ଅନୁରୋଧ ଭିତ୍ତିରେ ବଦଳି କରାଯିବନି। ଏଥିପାଇଁ ସବୁ ବିଭାଗ ନିଜ ନିଜର ସ୍ୱତନ୍ତ୍ର ବଦଳୀ ନୀତି ଆଣିବା ଉଚିତ। ଏଥିରେ ଅଧିକ ସ୍ୱଚ୍ଛତା ଆଣିବା ସକାଶେ ସବୁ କର୍ମଚାରୀ ଏଣିକି ଅନଲାଇନରେ ବଦଳି ପାଇଁ




ଆବେଦନ କରିବେ। ଏନେଇ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସବୁ ବିଭାଗୀୟ ମୁଖ୍ୟଙ୍କୁ ଚିଠି କରିଛନ୍ତି।

ଗତ ଏପ୍ରିଲ ୧୫ରୁ ଆରମ୍ଭ ହୋଇଯାଇଛି ବଦଳି ଋତୁ। ଜୁନ ୧୫ ପର୍ଯ୍ୟନ୍ତ ଦୁଇ ମାସ ଧରି ଚାଲିବାକୁ ଥିବା ଏହି ସମୟ ମଧରେ ବିଭାଗୀୟ ମୁଖ୍ୟଙ୍କଠାରୁ ଆବେଦନକାରୀଙ୍କ ପର୍ଯ୍ୟନ୍ତ ସବୁ ସ୍ତରରେ କିଭଳି ସ୍ୱଚ୍ଛତା ବଜାୟ ରହିବ, ସେନେଇ ପୂର୍ବ ଅପେକ୍ଷା ଅଧିକ କଠୋର ହୋଇଛି ସାଧାରଣ ପ୍ରଶାସନ ବିଭାଗ। ବଦଳି ପ୍ରକ୍ରିୟାରେ ସ୍ୱଚ୍ଛତା ଓ ଉତ୍ତରଦାୟୀତା ସୁନିଶ୍ଚିତ କରିବା ସକାଶେ ଗତ ୧୬ ତାରିଖରେ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ସବୁ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ସଚିବ ଓ ସଚିବଙ୍କୁ ଚିଠି ଲେଖିଛନ୍ତି।

ବର୍ତ୍ତମାନ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ବାଦ୍‌ଦେଲେ ଅନ୍ୟ କୌଣସି ବିଭାଗର ନିଜସ୍ୱ ➾ପୃଷ୍ଠା-୬

### ଘୁଞ୍ଚିଲା ସମ୍ପତ୍ତି ତାଲିକା ଡେଡ୍‌ଲାଇନ୍

ସରକାରୀ ଅଫିସରଙ୍କ ସମ୍ପତ୍ତି ତାଲିକା ଦାଖଲ ସମୟ ସୀମାକୁ ପୁଣି ଥରେ ବୃଦ୍ଧି କରିଛନ୍ତି ସରକାର। ମାର୍ଚ୍ଚ ୩୧ ସୁଦ୍ଧା ସବୁ ସ୍ତରର ସରକାରୀ ଅଫିସର ସମ୍ପତ୍ତି ତାଲିକା ଏଚଆରଏମ୍ଏସ୍ ପୋର୍ଟାଲରେ ଅପଡେଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗତ ଛ' ମାସ ଧରି ଅଫିସରମାନେ ସମ୍ପତ୍ତି ତାଲିକା ଦେଉନଥିବାରୁ ସରକାର ବାରମ୍ବାର ଡେଡଲାଇନ ବଢାଇ ଚାଲିଛନ୍ତି। ପ୍ରଶାସନିକ ବ୍ୟବସ୍ଥାରେ ସ୍ୱଚ୍ଛତା ରଖିବାକୁ ସରକାର ପ୍ରତିବର୍ଷ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କୁ ସମ୍ପତ୍ତି ତାଲିକା ଦାଖଲ କରିଥାନ୍ତି। କିନ୍ତୁ ଚଳିତ ବର୍ଷ ଅଫିସରମାନେ ସମ୍ପତ୍ତି ତାଲିକା ଦେବାକୁ ଟିକେ ପଛଘୁଞ୍ଚା ଦେଉଥିବା ଭଳି ମନେ ହେଉଛି। ତେଣୁ ବାରମ୍ବାର ଡେଡଲାଇନ ବଢ଼ାଯାଉଛି। ସର୍ଭିସ ରୁଲ ଅନୁସାରେ ପ୍ରତ୍ୟେକ ବର୍ଷ ଉପରୁ ତଳ ଯାଏଁ ସରକାରୀ ଅଧିକାରୀ ସମ୍ପତ୍ତି ତାଲିକାର ଦାଖଲ କରିବା ନିୟମ ରହିଛି।

## ୫.୯୦ ଲକ୍ଷ ହିତାଧିକାରୀ ପାଇବେ ରାସନ କାର୍ଡ



➘ ୨୨ରୁ ଆରମ୍ଭ ହେବ ବଣ୍ଟନ ପ୍ରକ୍ରିୟା
➘ ମୁଖ୍ୟମନ୍ତ୍ରୀଙ୍କ ହାତରେ ଶୁଭାରମ୍ଭ

**ଭୁବନେଶ୍ୱର,୧୮।୪(ସଂଚାର ବ୍ୟୁରୋ):** ଗତ ୩୧ ତାରିଖରେ ରାସନ୍ କାର୍ଡ ହିତାଧିକାରୀଙ୍କ ଇ-କେୱାଇସି ଶେଷ ହେବା ପରେ ଏପ୍ରିଲ୍ ୧ରୁ ରାଜ୍ୟ ସରକାର ନୂଆ ପଞ୍ଜିକରଣ ପାଇଁ ସ୍ୱତନ୍ତ୍ର ପୋର୍ଟାଲ୍ ଆରମ୍ଭ ହୋଇଥିଲା। ଏଥିରେ ନୂଆକରି ରାସନ୍ କାର୍ଡ ପାଇବା ସକାଶେ ଆବେଦନ କରିଥିବା ଲୋକଙ୍କ ମଧରୁ ଯୋଗ୍ୟ ହିତାଧିକାରୀଙ୍କୁ ଖୁବ୍‌ଶୀଘ୍ର ରାସନ୍ କାର୍ଡ ପ୍ରଦାନ କରାଯିବ। ଖୁବ୍‌ଶୀଘ୍ର ରାଜ୍ୟର ୫ ଲକ୍ଷ ୯୦ ହଜାର ନୂଆ ହିତାଧିକାରୀଙ୍କୁ ରାସନ କାର୍ଡ ମିଳିବ ବୋଲି ଆଜି ସୂଚନା ଦେଇଛନ୍ତି ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ସେହିପରି ଅଦ୍ୟାବଧି ପ୍ରାୟ ୨୫ ଲକ୍ଷ ହିତାଧିକାରୀଙ୍କ ଇ-କେୱାଇସି ବାକି ରହିଛି। ତା'ଛଡ଼ା ଯେଉଁମାନେ ଏବେ ଆବେଦନ କରିବାକୁ ଚାହୁଁଛନ୍ତି, ସେମାନେ ବି ଆବେଦନ କରିପାରିବେ ବୋଲି ଶ୍ରୀ ପାତ୍ର କହିଛନ୍ତି।

ନୂଆ ରାସନ୍ କାର୍ଡ ପ୍ରସ୍ତୁତ କରିବା ସକାଶେ ସମସ୍ତ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇସାରିଛି। ଆସନ୍ତା ୨୨ ତାରିଖ ସୁଦ୍ଧା ନୂଆ ରାସନ କାର୍ଡ ପ୍ରିଣ୍ଟ ସହିତ ଲାମିନେସନ କରି ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ କରିବା ସକାଶେ କୁହାଯାଇଛି। ପରେ ଜିଲ୍ଲାପାଳଙ୍କ ଦ୍ୱାରା ନିର୍ଦ୍ଧାରିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ରାସନ କାର୍ଡ ବଣ୍ଟନ କରାଯିବ। ପୂର୍ବ ସରକାରଙ୍କ ଅମଳରେ ସାମିଲ ହୋଇଥିବା ଅଯୋଗ୍ୟ ହିତାଧିକାରୀଙ୍କୁ କ୍ରମାଗତ ଭାବେ ବାଦ୍ ଦିଆଯାଉଛି ଓ ଦୁର୍ନୀତି ➾ପୃଷ୍ଠା-୬

● ଛତିଶା ନିଯୋଗ ବୈଠକରେ ନିଷ୍ପତ୍ତି

## ଚନ୍ଦନ ଯାତ୍ରାରେ ବାଣ ମନା

● ରତ୍ନଭଣ୍ଡାର କବାଟର ସୁନା ଓ ରୁପା ଛାଉଣୀ ଯୋଜନା
● ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ

**ପୁରୀ,୧୮।୪(ସଂଚାର ବ୍ୟୁରୋ):** ଆସନ୍ତା ୩୦ ତାରିଖରେ ପବିତ୍ର ଅକ୍ଷୟ ତୃତୀୟା ପଡୁଥିବା ବେଳେ ଉକ୍ତ ଦିନ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ରଥ ନିର୍ମାଣ ଅନୁକୂଳ ସହ ୨୧ ଦିନ ବ୍ୟାପୀ ବାହାର ଚନ୍ଦନ ଯାତ୍ରା ଆରମ୍ଭ ହେବ। ଏଥିସକାଶେ ଆଜି ଅପରାହ୍ନରେ ନୀଳାଦ୍ରି ଭକ୍ତ ନିବାସରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀଙ୍କ ଅଧକ୍ଷତାରେ ଛତିଶା ନିଯୋଗ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଅକ୍ଷୟ ତୃତୀୟ ପାଇଁ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହୋଇଛି। ନୀତି ସବ୍ କମିଟିରେ ଚୂଡ଼ାନ୍ତ ହୋଇଥିବା ନୀତି ନିର୍ଘଣ୍ଟକୁ ଛତିଶା ନିଯୋଗ ବୈଠକରେ ଅନୁମୋଦନ ମିଳିଛି। ଭକ୍ତମାନେ ସୁରୁଖୁରୁରେ ଦର୍ଶନ କରିପାରିବା ଉପରେ ମୁଖ୍ୟତଃ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ସେହିପରି ନୀତି ନିର୍ଘଣ୍ଟ ଅନୁଯାୟୀ, ଅକ୍ଷୟ ତୃତୀୟା ଦିନ ➾ପୃଷ୍ଠା-୬

## ବନ୍ଧୁକ ଛାଡ଼ିଲେ ୨୨ ହାର୍ଡକୋର ମାଓବାଦୀ

### ଦୁର୍ବଳ ହେଉଛି ଲାଲ୍‌ଗଡ଼

**ନୂଆଦିଲ୍ଲୀ/ମାଲକାନଗିରି,୧୮।୪:** କ୍ରମଶଃ ଲାଲ୍‌ଗଡ଼ ଦୁର୍ବଳ ହେଉଛି। ବିଶେଷକରି ଚଳିତ ବର୍ଷ କେନ୍ଦ୍ର ସରକାର ଦେଶରୁ ମାଓବାଦୀଙ୍କୁ ନିପାତ କରିବା ସକାଶେ ପଣ କରିଥିବା ବେଳେ ସୁରକ୍ଷାକର୍ମୀ ଗୋଟିଏ ପରେ ଗୋଟିଏ ସଫଳତା ପାଇଚାଲିଛନ୍ତି। କେତେବେଳେ ବ୍ୟାପକ ମାତ୍ରାରେ ମାଓବାଦୀ ସୁରକ୍ଷାକର୍ମୀଙ୍କ ଏନ୍‌କାଉଣ୍ଟର୍‌ରେ ନିହତ ହେଉଛନ୍ତି ତ ଆଉ କେତେବେଳେ କେନ୍ଦ୍ର ସରକାରଙ୍କ ସ୍ୱତନ୍ତ୍ର ଥଇଥାନ ନୀତିରେ ଆକର୍ଷିତ ହୋଇ ବନ୍ଧୁକ ଛାଡ଼ି ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହେଉଛନ୍ତି। ଏହି କ୍ରମରେ ଆଜି ଛତିଶଗଡ଼ର ସୁକମା ଜିଲ୍ଲାରେ ୨୨ ଜଣ ହାର୍ଡକୋର ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏହି ମାଓବାଦୀମାନେ ସୁକମା ଜିଲ୍ଲା ଏସପି କିରଣ ଗଙ୍ଗାରାମ ଚୌହାନଙ୍କ ➾ପୃଷ୍ଠା-୬



### ଟପ ମାଓନେତା ହିଡ଼ମା ବଙ୍କର ଠାବ

ଆଜି ସୁରକ୍ଷା ବାହିନୀକୁ ବଡ଼ ସଫଳତା ମିଳିଛି। ଟପ ମାଓନେତା ହିଡ଼ମାର ବଙ୍କର ଠାବ କରିଛନ୍ତି ସୁରକ୍ଷାକର୍ମୀ। ଛତିଶଗଡ଼ର ବିଜାପୁରରେ ଟପ ମାଓନେତା ହିଡ଼ମାର କଂକ୍ରିଟ ଓ ଇଟାରେ ନିର୍ମିତ ବଙ୍କର ସୁରକ୍ଷାକର୍ମୀମାନେ ଖୋଜି ବାହାର କରିବାରେ ସକ୍ଷମ ହୋଇଛନ୍ତି। ପ୍ରଥମ ଥର ପାଇଁ ଏଭଳି କଂକ୍ରିଟରେ ନିର୍ମିତ ମାଓ ବଙ୍କର ଠାବ କରାଯାଇଛି। ହିଡ଼ମା ନାଁରେ ଏକ କୋଟି ଟଙ୍କାର ପୁରସ୍କାର ରାଶି ରହିଛି। ଗତ ଫେବୃଆରୀରେ ➾ପୃଷ୍ଠା-୬

## ଟ୍ୱିନସିଟିରେ ଭୀଷଣ ବର୍ଷା, ୨୧ ଯାଏ କାଳବୈଶାଖୀ

### ରାଜଧାନୀ ରାସ୍ତା ଜଳମଗ୍ନ, ଯାତାୟାତ ବାଧାପ୍ରାପ୍ତ

**ଭୁବନେଶ୍ୱର,୧୮।୪(ସଂଚାର ବ୍ୟୁରୋ):** ସମୟ ସକାଳ ପ୍ରାୟ ସାଢ଼େ ୯ଟା ହେବ। ଅଚାନକ ସକାଳର ଖରା ଉଭେଇଗଲା, ଆକାଶରେ ଘୋଟିଆସିଲା କଳାମେଘ। ବାଦଲରେ ପୂରା ଆକାଶ ଛାଇ ହୋଇଗଲା। ଆଉ ଚାହୁଁ ଚାହୁଁ ଭୀଷଣ ପବନ ସହ ଖୁବ୍ ଜୋର୍‌ରେ ବର୍ଷା ଆରମ୍ଭ ହୋଇଗଲା। ଏହି କାଳବୈଶାଖୀ ବର୍ଷାରେ ହଠାତ୍ ପାଗର ମିଜାଜ୍ ବଦଳିଗଲା। ଦିନରେ ସୃଷ୍ଟି ହେଲା ସନ୍ଧ୍ୟାର ଭ୍ରମ। ବର୍ଷା ପବନରେ କିଛି ସମୟ ପାଇଁ ଯାତାୟାତ ଏକରକମ ଠପ୍ ହୋଇଗଲା। ରାଜଧାନୀ ଭୁବନେଶ୍ୱର ଓ ପଡ଼ୋଶୀ କଟକ ସହରର ବିଭିନ୍ନ ସ୍ଥାନରେ ଭୀଷଣ ବର୍ଷା କାରଣରୁ ଜଳମଗ୍ନ ପରିସ୍ଥିତି ଦେଖିବାକୁ ମିଳିଛି। ମାତ୍ର ୪୦ରୁ ୪୫ ମିନିଟ୍ ବର୍ଷାରେ କେତେକ ସ୍ଥାନରେ ଜଳମଗ୍ନ ➾ପୃଷ୍ଠା-୬



## ରୋଚକ ହେବ ୨୦୨୬ ରାଜ୍ୟସଭା ଲଢ଼େଇ

### କିଏ ନେବ କାହା ସମର୍ଥନ?



**ଭୁବନେଶ୍ୱର, ୧୮।୪ (ସଂଚାର ବ୍ୟୁରୋ) :** ଆଗାମୀ ୨୦୨୬ ରାଜ୍ୟସଭା ନିର୍ବାଚନ ରୋଚକ ହେବାକୁ ଯାଉଛି। ଆଉ ଏହି ନିର୍ବାଚନ ହିଁ ରାଜ୍ୟର ରାଜନୈତିକ ଭବିଷ୍ୟତ ସମୀକରଣର ସଙ୍କେତ ଦେବ। ୨୦୨୬ ଏପ୍ରିଲରେ ରାଜ୍ୟର ଚାରୋଟି ରାଜ୍ୟସଭା ଆସନ ଖାଲିହେବ । ସଂଖ୍ୟା ଦୃଷ୍ଟିରୁ ବିଜେପି ଦୁଇଟି ଓ ବିଜେଡି ଗୋଟିଏ ସିଟ ସୁରକ୍ଷିତ ଭାବେ ଦଖଲ କରିପାରିବେ। କିନ୍ତୁ ଚତୁର୍ଥ ଆସନକୁ ନେଇ ଯେଉଁ ସମୀକରଣ ହେବ ତାହା ରାଜ୍ୟ ରାଜନୀତିକୁ ଏକ ନୂଆ ଦିଶା ଦେବ ବୋଲି ଅନୁମାନ କରାଯାଉଛି ।

୨୦୨୬ ଏପ୍ରିଲ ୨ ତାରିଖରେ ସୁଜିତ କୁମାର, ମମତା ମହନ୍ତ, ମୁନା ଖାଁ ଓ ନିରଞ୍ଜନ ବିଶିଙ୍କ କାର୍ଯ୍ୟକାଳ ସରୁଛି । ଏମାନଙ୍କ ମଧରୁ ସୁଜିତ କୁମାର ଓ ମମତା ମହନ୍ତ ଏବେ ବିଜେପି ଶିବିରକୁ ଚାଲିଯାଇଥିବା ବେଳେ ମୁନା ଖାଁ ଓ ନିରଞ୍ଜନ ବିଶି ବିଜେଡି ସହ ଅଛନ୍ତି । ଓଡିଶା ବିଧାନସଭାରେ ଆସନ ସଂଖ୍ୟା ଏବଂ ଖାଲି ହେଉଥିବା ରାଜ୍ୟସଭା ଆସନର ସଂଖ୍ୟା ଗଣିତିକୁ ହିସାବକୁ ନେଇ ଗୋଟିଏ ରାଜ୍ୟସଭା ଆସନ ଜିତିବାକୁ ୩୦ ବିଧାୟକଙ୍କ ପ୍ରଥମ ପସନ୍ଦ ସମର୍ଥନ ରହିବା ଆବଶ୍ୟକ । ➾ପୃଷ୍ଠା-୬



### କାନ ଡେରିଥା

ରାଜନୀତି ହେଉ ଅବା କୁଟନୀତି
ଲଢେଇ ସବୁଠି ହେଉଛି
ଦଳପ୍ରେମ ଏବେ ସଭିଙ୍କୁ ଘାରିଛି
କର୍ମୀ ଦଳ ପାଇଁ ଲଢୁଛି
ସମ୍ପର୍କ ଟା କିନ୍ତୁ ଭୁଲିଛି...
ଆବଶ୍ୟକ ହେଲେ ମାରିବା ପାଇଁକି
ରକ୍ତ ସମ୍ପର୍କକୁ ଛାଡ଼ିଛି।

■ ଦେବାଶିଷ

ରୁଙ୍ଗଟା କାରଖାନାରେ **ଦୁର୍ଘଟଣା**

## ଲୁହାପ୍ଲେଟ୍ ପଡ଼ି ୨ ଶ୍ରମିକ ମୃତ

**ଢେଙ୍କାନାଳ,୧୮।୪(ସଂଚାର ବ୍ୟୁରୋ):** ଢେଙ୍କାନାଳର ଝାଡ଼ବନ୍ଧସ୍ଥିତ ରୁଙ୍ଗଟା ମାଇନ୍ସ ଲିମିଟେଡ୍‌ରେ ଆଜି ଏକ ବଡ଼ ଧରଣର ଦୁର୍ଘଟଣା ଘଟିଛି। ପ୍ଲାଣ୍ଟର ଡିଆରଆଇ ସାଇଡ୍‌ରେ ଉପରେ ଇରେକ୍ସନ




କାମ ଚାଲିଥିବା ସମୟରେ ହଠାତ୍ ଏକ ବଡ଼ ଲୁହା ପ୍ଲେଟ ତଳକୁ ଖସିପଡ଼ିଥିଲା। ତେବେ ଏହା ତଳେ କାମ କରୁଥିବା ଶ୍ରମିକଙ୍କ ଉପରେ ପଡ଼ିବା ଫଳରେ ୫ ଜଣ ଗୁରୁତର ଭାବେ ଆହତ ହୋଇଥିଲେ। ସେମାନଙ୍କୁ ତୁରନ୍ତ କଟକର ଏକ ଘରୋଇ ମେଡିକାଲ୍‌କୁ ନିଆଯାଇଥିଲା। କିନ୍ତୁ ସେଠାରେ ୨ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସେମାନେ ହେଲେ ସ୍ଥାନୀୟ ମହାଲୁଣ୍ଡା ପଞ୍ଚାୟତ ଅନ୍ତର୍ଗତ କନ୍ତାମିଳା ଗ୍ରାମର ଜିତେନ ବେହେରା ଓ ପୁରନ୍ଦର ବେହେରା। ଅନ୍ୟ ୩ ଜଣ ଗୁରୁତର ଶ୍ରମିକଙ୍କ ଚିକିତ୍ସା ଚାଲିଥିବା ବେଳେ ସେମାନଙ୍କ ପରିଚୟ ମିଳିପାରିନାହିଁ। ତେବେ ଏପରି ଅଘଟଣକୁ ନେଇ ପ୍ଲାଟ୍‌ରେ କାମ କରୁଥିବା ଶ୍ରମିକମାନଙ୍କ ମଧରେ ଭୀଷଣ ଉତ୍ତେଜନା ପ୍ରକାଶ ପାଇଥିଲା। ସେମାନେ ଦୁର୍ଘଟଣା ଘଟିଥିବା ଡିଆରଆଇ ପ୍ଲାଣ୍ଟ ସାଇଡରେ କାମ ବନ୍ଦ କରିବା ସହ ତୁରନ୍ତ କ୍ଷତିପୂରଣ ➾ପୃଷ୍ଠା-୬

## ପରାମର୍ଶଦାତାଙ୍କ ମନ୍ତବ୍ୟକୁ ନେଇ କାଠଗଡ଼ାରେ ନବୀନ

● ଯୁବ ନେତୃତ୍ୱ ଉପରେ ସନ୍ତୃପ୍ତଙ୍କ ଗୁରୁତ୍ୱ
● ସଭାପତି ମୋହ ଛାଡୁନାହାନ୍ତି ନବୀନ

**ଭୁବନେଶ୍ୱର,୧୮।୪(ସଂଚାର ବ୍ୟୁରୋ):** ବିଜେଡି ମୁଖିଆ ନବୀନ ପଟ୍ଟନାୟକଙ୍କ ରାଜନୈତିକ ପରାମର୍ଶଦାତା ସନ୍ତୃପ୍ତ ମିଶ୍ରଙ୍କ ମନ୍ତବ୍ୟ ଏବେ ଖୋଦ ନବୀନଙ୍କୁ କାଠଗଡାରେ ଛିଡା କରାଇଦେଇଛି । ପରିଣତ ବୟସରେ ନବୀନ ବିଜେଡି ମଙ୍ଗ ଧରିବା ପାଇଁ ପୁଣିଥରେ ନାମାଙ୍କନ ଦାଖଲ କରିଥିବା ବେଳେ ପରାମର୍ଶଦାତା କିନ୍ତୁ ଯୁବ ନେତୃତ୍ୱ ଉପରେ ଜୋର ଦେଉଛନ୍ତି। ଓଡିଶାକୁ ଆଗକୁ ନେବାକୁ ହେଲେ ଯୁବ ନେତୃତ୍ୱର ଆବଶ୍ୟକତା ରହିଛି ବୋଲି ସେ ଗଣମାଧ୍ୟମକୁ କହିଛନ୍ତି ।

ୱାକଫ୍ ବିଲ୍ ପ୍ରସଙ୍ଗରେ ବିଜେଡିରେ ମହାଭାରତ ସୃଷ୍ଟି ହେବା ପରେ ଏବେ ଦଳର ଭାବମୂର୍ତ୍ତି ରକ୍ଷା ପାଇଁ ମଙ୍ଗ ଧରିଛନ୍ତି ନବୀନଙ୍କ ରାଜନୈତିକ ପରାମର୍ଶଦାତା ସନ୍ତୃପ୍ତ ମିଶ୍ର। ଦଳରେ ବହୁ ବରିଷ୍ଠ ନେତା ଥିବା ବେଳେ ବିଭିନ୍ନ ଗଣମାଧମରେ କିନ୍ତୁ ସନ୍ତୃପ୍ତ ଦଳ ପାଇଁ ଓକିଲାତି କରୁଛନ୍ତି। ତେବେ ତାଙ୍କର ଓକିଲାତି ମଧରେ ସିଏ ଯୁବ ନେତୃତ୍ୱ ଉପରେ ଫୋକସ କରୁଥିବା ବେଳେ ଭୁଲିଯାଉଛନ୍ତି ଯେ ସତୁରୀ ବର୍ଷ ଟପିଥିବା ନବୀନ ଏବେ ବି ଦଳର ସଭାପତି ମୋହ ଛାଡ଼ିପାରିନାହାନ୍ତି । ଚାପରେ ହେଉ କିମ୍ବା ନିଜର ସୁରକ୍ଷା ପାଇଁ ଯୁବ ନେତୃତ୍ୱମାନେ ନବୀନଙ୍କୁ ସଭାପତି କରିବା ପାଇଁ ଲାଗି ପଡ଼ିଛନ୍ତି।



ତେବେ ଗତ ନିର୍ବାଚନରେ ବିଜେଡି ହାରିବା ପରେ ଯେଉଁ କିଛି ନେତା କିଛିଦିନ ପାଇଁ ଗାଏବ ହୋଇଯାଇଥିଲେ ସେମାନଙ୍କ ମଧରେ ସନ୍ତୃପ୍ତ ଥିଲେ ଆଗରେ। ରାଜନୀତିକୁ ପ୍ରବେଶ କରି ସିଧାସଳଖ ଲୋକସଭା ନିର୍ବାଚନ ଲଢିଥିବା ସନ୍ତୃପ୍ତ ହାରିବା ପରେ ତାଙ୍କୁ ଆଉ ଦଳୀୟ କାର୍ଯ୍ୟାଳୟରେ କିମ୍ବା ନବୀନ ନିବାସରେ ଦେଖିବାକୁ ପାଉନଥିଲେ। ଯଦିଓ ଶ୍ରୀ ମିଶ୍ରଙ୍କୁ ନବୀନଙ୍କ ରାଜନୈତିକ ପରାମର୍ଶଦାତା ଭାବେ ନିଯୁକ୍ତି ମିଳିଛି, କିନ୍ତୁ ତାଙ୍କର କେହି ଦେଖାଦର୍ଶନ ପାଉନଥିଲେ। ଏପରିକି ବିଜେଡିର ଏହି କୁବେର ନେତା ତାଙ୍କର ବ୍ୟବସାୟ ବୁଝିବା ➾ପୃଷ୍ଠା-୬

SIKSHA 'O' ANUSANDHAN

SAAT-2025

Empowering students for a brighter future

PHARMACY PROGRAMS OFFERED
- B.Pharm
- M.Pharm in Pharmacology
- M.Pharm in Pharmaceutics
- M.Pharm in Industrial Pharmacy
- M.Pharm in Pharmaceutical Analysis

APPROVAL & RECOGNITIONS
- Approved by UGC and PCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited B.Pharm Program

NIRF INDIA RANKINGS 2024
- 14th Best in University Category
- 24th Best in Overall Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in

# ୨୨ରେ ଜିଲ୍ଲାପାଳ ଅଫିସ ସମ୍ମୁଖରେ ଗଣଧାରଣା

## ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଭାଷଣରେ ନୁହେଁ, ଲିଖିତ ପ୍ରତିଶ୍ରୁତି ଦିଅ: ମିଳିତ କ୍ରିୟାନୁଷ୍ଠାନ କମିଟି

**କେନ୍ଦ୍ରାପଡ଼ା,୧୮।୪ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାବାସୀଙ୍କ ଦୀର୍ଘଦିନର ଦାବି ମେଡିକାଲ କଲେଜ ପ୍ରତିଷ୍ଠା ସମ୍ପର୍କରେ ରାଜ୍ୟ ସରକାରଙ୍କ ତିନିଜଣ ମନ୍ତ୍ରୀ ମୁହଁ ଖୋଲିଛନ୍ତି। ଜମ୍ବୁଦ୍ୱୀପ ମହୋତ୍ସବରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ପ୍ରକାଶ କରିଛନ୍ତି। ସବୁଜିଲ୍ଲାରେ ନିଶ୍ଚୟ ମେଡିକାଲ କଲେଜ ହେବ ଓ ସରକାର ତାଙ୍କ ପ୍ରତିଶ୍ରୁତି ପାଳନ କରିବେ। ପରେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତରରେ କହିଛନ୍ତି ନିଶ୍ଚୟ ମେଡିକାଲ କଲେଜ ହେବ ଓ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ ଏହାକୁ ସମର୍ଥନ କରିଛନ୍ତି। ଏସମ୍ପର୍କରେ ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଦୀର୍ଘଦିନ ହେବ ଦାବି କରି ଆନ୍ଦୋଳନ ଜାରି ରଖିଥିବା "କେନ୍ଦ୍ରାପଡା ଜିଲ୍ଲା ମେଡିକାଲ କଲେଜ ଓ ହାସପାତାଳ ପ୍ରତିଷ୍ଠା ମିଳିତ କ୍ରିୟାନୁଷ୍ଠାନ କମିଟି' ପ୍ରଶ୍ନ କରିଛି ଏହି ଆଶ୍ୱାସନାର ଯଥାର୍ଥତା କଣ ? ନିକଟରେ ମୁଖ୍ୟମନ୍ତ୍ରୀ ଚାରୋଟି ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା ସମ୍ପର୍କରେ ଘୋଷଣା କଲେ। ପୂର୍ବ ବଜେଟରେ ମଧ ଏବାବଦରେ ଅର୍ଥ ବିନିଯୋଗର ବ୍ୟବସ୍ଥା ହୋଇଛି। ସେଥିରେ କେନ୍ଦ୍ରାପଡା ଜିଲ୍ଲା



ପାଇଁ ନାହିଁ। ମନ୍ତ୍ରୀମାନେ ସଭାରେ ଭାଷଣ ଦେବା ଓ ବକ୍ତବ୍ୟକୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଫରକ ଥାଏ। ଅତୀତରେ ଏହାର ବହୁ ପ୍ରମାଣ ରହିଛି। ମନ୍ତ୍ରୀମାନେ ଅନେକ ଶୁଭ ଦେଇକି ବି ବର୍ଷବର୍ଷ ଧରି କାମ ହୋଇନି। ତେଣୁ ଜିଲ୍ଲାରେ ମେଡିକାଲ କଲେଜ ସ୍ଥାପନା ପାଇଁ ମୁଖ୍ୟମନ୍ତ୍ରୀ ଜିଲ୍ଲାବାସୀଙ୍କୁ ଲିଖିତ ପ୍ରତିଶ୍ରୁତି ଦିଅନ୍ତୁ ବୋଲି କ୍ରିୟାନୁଷ୍ଠାନ କମିଟି ଦାବି କରିଛି।

ଶୁକ୍ରବାର ଦିନ କେନ୍ଦ୍ରାପଡା ସହରରସ୍ଥିତ ପବ୍ଲିକ ରିଡିଙ୍ଗ ରୁମରେ କମିଟିର ବୈଠକ ବସି କୁହାଯାଇଛି ଆସନ୍ତା ଶୀତ ଅଧିବେଶନରେ ସରକାର ମେଡିକାଲ କଲେଜ ପାଇଁ ଘୋଷଣା କରନ୍ତୁ। ଏହି ଦାବିକୁ ଆହୁରି ଜୋରଦାର କରିବା ପାଇଁ ପୂର୍ବ ନିଷ୍ପତି ଅନୁଯାୟୀ ଆସନ୍ତା ୨୨ତାରିଖରେ ଜିଲାପାଳ ଅଫିସି ସମ୍ମୁଖରେ ଏକ ଗଣଧାରଣା ଦିଆଯିବା ସହିତ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯିବ। ପରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ପ୍ରତିନିଧି ଦଳ ଭେଟି ଆଲୋଚନା କରିବାକୁ ନିଷ୍ପତ୍ତି ହୋଇଛି। ଅଧାପକ ଅଜୟ ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଜିର ବୈଠକରେ ସମ୍ପାଦକ ରାମଣିରଞ୍ଜନ ରାଉତରାୟ, ପ୍ରଫୁଲ୍ଲ ଦାସ, ଗୟାଧର ଧଳ, ସୂର୍ଯ୍ୟକାନ୍ତ ପରିଡା, ମୁକ୍ତାର ଖାଁ, ଫକୀର ଖଟୁଆ, ନରୋତ୍ତମ ପାର୍ଥସାରଥୀ, ରାଜକୁମାର ବିଶ୍ୱାଳ, ଆଦିକନ୍ଦ ରାଉଳ, ବୈଷ୍ଣବ ଚରଣ ସ୍ୱାଇଁ, ଡ଼ଃ ଉପେନ୍ଦ୍ର ପ୍ରଧାନ,ସାମ୍ବାଦିକ ଆଶିଷ ସେନାପତି,ଡ଼ଃ ଦିଲ୍ଲୀପ କୁମାର ମିଶ୍ର, ଦାଶରଥି ସାହୁ,ଶ୍ରୀଧର ମହାନ୍ତି, କୁଳମଣି ଦାସ, ନୃସିଂହ ଚରଣ ତ୍ରିପାଠୀ, ବିଦ୍ୟୁଭୂଷଣ ମହାପାତ୍ର, ପ୍ରମୋଦ କୁମାର ରାଉତ, ସୁରେଶ ପଟ୍ଟନାୟକ, ରମେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଦାବିକୁ ଆହୁରି ଶାଣିତ କରିବା ପାଇଁ ଏହି ଗଣଧାରଣାରେ ଦଳ ମତ ନିର୍ବିଶେଷରେ ଜିଲ୍ଲାର ସବୁ ସ୍ତରର ଜନଗଣ ସାମିଲ ହେବାକୁ ନିବେଦନ କରାଯାଇଛି।

## ବେଆଇନ ବାଲିଖାଦାନରୁ ପୋକଲିନ ମେସିନ ଜବତ



**କେନ୍ଦ୍ରାପଡ଼ା,୧୮।୪ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ତହସିଲ ଅଂଚଳରେ ବେଆଇନ ବାଲି ଖାଦାନ ଚାଲୁ ଥିବାରୁ କୋଟି କୋଟି ଟଙ୍କା ରାଜସ୍ୱ କ୍ଷତି ହେଉଥିବାର ଜଣାପଡିବା ପରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପରେ ଜିଲ୍ଲା ପ୍ରଶାସନ ଏହି ବାଲି ଖାଦାନ ଗୁଡିକ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବା ସହ ଚୋରା ବାଲି ନେଉଥିବା ଗାଡି ଓ ପୋକଲିନ ମେସିନକୁ ଜବତ କରି ଜରିମାନା ଆଦାୟ କରୁଥିବା ଜଣାପଡିଛି । ଜିଲ୍ଲାପାଳ ସ୍ମୃତି ରଂଜନ ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ ଡୁଣ୍ଡୁପୁର ବାଲି ଖାଦାନରୁ ଚୋରା ବାଲି ଲୋଡ କରୁଥିବା ସମୟରେ ଏକ ପୋକଲିନ ମେସିନ କୁ ବିଳମ୍ବିତ ରାତିରେ ଜବତ କରି ପୁଲିସକୁ ହସ୍ତାନ୍ତର କରାଯାଇଛି। ଏହି ଚଢାଉ ସମୟରେ ଜିଲ୍ଲା ଖଣି ଅଧିକାରୀ ଓ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ ।

## ପ୍ରଧାନଶିକ୍ଷୟିତ୍ରୀଙ୍କ ବିରୋଧରେ ଅଭିଯୋଗ

**କେନ୍ଦ୍ରାପଡ଼ା,୧୮।୪ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ଅଧିନ ଡୁଣ୍ଡୁପୁରରେ ଥିବା ଡୁଣ୍ଡୁପୁର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଓ ସହକାରୀ ଶିକ୍ଷୟିତ୍ରୀଙ୍କୁ ବଦଳି କରିବା ପାଇଁ ସ୍କୁଲ କମିଟିର ସଦସ୍ୟ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅଭିଯୋଗରୁ ପ୍ରକାଶ ଯେ, ପ୍ରଧାନ ଶିକ୍ଷୟିତ୍ରୀ ସ୍କୁଲ କମିଟିକୁ ଉପେକ୍ଷା କରିବା ସହ ମଧାହ୍ନ ଭୋଜନ, ୟୁଥ କ୍ଲବ, କମ୍ପୋଜିଟ ଅନୁଦାନ ଇତ୍ୟାଦି ସରକାରୀ ଅନୁଦାନ ରାଶିର ଖର୍ଚ୍ଚ ହିସାବ, ଶିକ୍ଷାଦାନରେ ଅବହେଳା କରିବା, ସ୍କୁଲ କମିଟିର ଅଧକ୍ଷକଙ୍କ ମତାମତକୁ ଉପେକ୍ଷା କରିବା, ବୈଠକ ଛାଡି ପଳେଇବା, ବିଦ୍ୟାଳୟର କ୍ରୀଡ଼ା ଉତ୍ସବ, ବାର୍ଷିକ ଉତ୍ସବ ନ କରିବା ଏହି ସବୁ ଅପ୍ରୀତିକର ବାତାବରଣ ଦେଖି ବିଦ୍ୟାଳୟର ଛାତ୍ରଛାତ୍ରୀ ସଂଖ୍ୟା କ୍ରମଶଃ କମି କମି ଆସୁଛି । ଏହି ସବୁ କାରଣ ହେତୁ ତାଙ୍କୁ ସେଠାରୁ ବଦଳି କରିବା ପାଇଁ ସ୍କୁଲ କମିଟିର ସଦସ୍ୟ ମାନସ ରଂଜନ ପ୍ରଧାନ, ପ୍ରଦିପ କୁମାର ପଣ୍ଡା, ଶ୍ରୀନିବାସ ପ୍ରଧାନ, ଅଭୟ ବେହେରା, ରଶ୍ମିରେଖା ବିଶ୍ୱାଳ ପ୍ରମୁଖ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଭେଟି ତାଙ୍କୁ ସେଠାରୁ ବଦଳି କରିବା ପାଇଁ ଦାବି କରିଛନ୍ତି ।

## ସୁନା ଅଳଙ୍କାର ଚୋରି ଅଭିଯୋଗରେ ଯୁବକ ଗିରଫ

**ସାଲେପୁର,୧୮।୪ (ସଂଚାର ବ୍ୟୁରୋ):** ଘରର ସିଲିଂ କାର୍ଯ୍ୟ କରିବା ଆଳରେ ଗୃହକର୍ତ୍ତା ଘରେ ନଥିବାର ସୁଯୋଗ ନେଇ ସୁନା ରୂପା ଅଳଂକାର ଚୋରି କରିନେଇଥିବା ଅଭିଯୋଗରେ ସାଲେପୁର ପୁଲିସ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ଅଭିଯୋଗରୁ ପ୍ରକାଶ ଯେ ସାଲେପୁର ଥାନା ଅନ୍ତର୍ଗତ କେନ୍ଦୁପାଟଣା ଅଞ୍ଚଳ ବାଉନପତି ଗ୍ରାମର ରୁପସାଲି ବେହେରାଙ୍କ ଘରର ସିଲିଂ କାର୍ଯ୍ୟ କରିବାପାଇଁ ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ ଜମରା ଗ୍ରାମର ବାଦଲ ବେହେରା ଆସିଥିଲେ। ଘରର ସିଲିଂ କାର୍ଯ୍ୟ କରୁଥିବାବେଳେ ଘରର କୌଣସି ସଦସ୍ୟ ନଥିବାର ସୁଯୋଗ ନେଇ ଘର ମଧ୍ୟରେ ଥିବା ଏକ ସୁନା ମଙ୍ଗଳସୂତ୍ର, ସୁନା କାନଫୁଲ, ସୁନା ଚୁଡ଼ି ଚୋରି କରିନେଇଥିଲେ। ଏହାନେଇ ରୁପ୍‌ସାଲି ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସାଲେପୁର ପୁଲିସ ଅଭିଯୋଗକୁ ଗ୍ରହଣ କରି କେସ୍ ନଂ-୩୬୨/୨୫ରେ ଏକ ମାମଲା ରୁଜୁ କରି ସନ୍ଦେହରେ ବାଦଲକୁ ଥାନାକୁ ଡାକି ପଚରା ଉଚୁରା କରିବାପରେ ବାଦଲ ସୁନା ଅଳଂକାର ନେଇଥିବା ସ୍ୱୀକାର କରିଥିବା ଜଣାଯାଇଛି।

## ସମ୍ପର୍କୀୟ ଭିଣୋଇ ସହ ଶାଳୀ ଫେରାର୍

**ସାଲେପୁର,୧୮।୪ (ସଂଚାର ବ୍ୟୁରୋ):** ଯୁବତୀ ତା'ର ସମ୍ପର୍କୀୟ ଭିଣୋଇ ସହ ଫେରାର ହୋଇଯାଇଥିବା ନେଇ ଯୁବତୀର ମା' ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି। ଅଭିଯୋଗରୁ ପ୍ରକାଶ ଯେ ସାଲେପୁର ଥାନା ଅନ୍ତର୍ଗତ କୁସମ୍ବୀ ଗ୍ରାମର ଜଣେ ୨୫ବର୍ଷୀୟା ଯୁବତୀ ଉକ୍ତ ଗ୍ରାମର ତା'ର ସମ୍ପର୍କୀୟ ଭିଣୋଇ ସହ ପୂର୍ବରୁ ପ୍ରେମ ସମ୍ପର୍କ ରହିଥିବା ବେଳେ କେହି ଘରେ ନଥିବାର ସୁଯୋଗ ନେଇ ସମ୍ପୃକ୍ତ ଯୁବତୀ ଜଣକ ଭିଣୋଇ ସହ ଫେରାର ହୋଇଯାଇଥିବା ଜଣାଯାଇଛି।

### ସରକାରଙ୍କ ନିୟମକୁ ଫୁଁ' କଲେ ତହସିଲଦାର

## ଟଙ୍କା ନେଇ ରାମଦୋଳିକୁ ଅନୁମତି ଅଭିଯୋଗ



**ମହାକାଳପଡ଼ା,୧୮।୪(ସଂଚାର ବ୍ୟୁରୋ):** କଟକରେ ଘଟିଥିବା ରାମଦୋଳି ଘଟଣା ପରେ ସାରା ରାଜ୍ୟରେ ରାମଦୋଳି ବ୍ୟାନ କରାଯାଇଥିଲା। ଅନ୍ୟ ପଟେ ଡେରାବିଶ ମହୋତ୍ସବରେ ମଧ ରାମଦୋଳିକୁ ମିଳିନଥିଲା ଅନୁମତି । ହେଲେ ମହାକାଳପଡାର ରାମନଗର ରାମଚଣ୍ଡୀ ଯାତ୍ରାରେ ବେଆଇନ ଭାବରେ ରାମଦୋଳି ବ୍ୟବସାୟ ଆରମ୍ଭ ହୋଇଛି। ଖୋଦ୍ ସରକାରଙ୍କ କର୍ମଚାରୀ ସରକାରୀ ନିୟମକୁ ଫୁଁ କରି ବ୍ୟବସାୟ କରିବାକୁ ଅନୁମତି ଦେଇଛନ୍ତି। ଲୋକମାନଙ୍କ ଜନଜୀବନକୁ ବିପଦରେ ପକାଇ ଏହି ବେଆଇନ୍ ରାମଦୋଳିକୁ ଅନୁମତି କିଏ ଓ କାହିଁକି ଦେଲା ବୋଲି ପ୍ରଶ୍ନ ଉଠିଥିବା ବେଳେ ଦୋଳି ମ୍ୟାନେଜର ଓ ସ୍ଥାନୀୟ ତହସିଲଦାରଙ୍କ ମତାମତ ପୁରା ବେଆଇନ କାରବାରକୁ ପଦାରେ ପକାଇଛି। ମ୍ୟାନେଜର କହିଛନ୍ତି ଯେ ଆମେ ସ୍ଥାନୀୟ ତହସିଲଦାରଙ୍କୁ ଟଙ୍କା ଦେଇ ଖେଳ କରୁଛୁ। ଏନେଇ ସାମ୍ବାଦିକମାନେ ତହସିଲଦାର ଶିବ ମଲ୍ଲୀକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଦୋଳି ବ୍ୟବସାୟ ପାଇଁ ରବି ମଣ୍ଡଳ ନାମକ ବ୍ୟବସାୟୀ ୪୫ ହଜାର ଟଙ୍କା ରସିଦ କାଟିଛନ୍ତି। ବ୍ୟବସାୟ ତାଙ୍କ ତରଫରୁ ପ୍ରସାଶନିକ ଅନୁମତି ଆଣିବା କଥା। ତାଙ୍କୁ ଯେଉଁ ଦାୟିତ୍ୱ ମିଳିଛି ସେ ତାହାର ପରିଚାଳନା କରୁଥିବା କହିଛନ୍ତି। ଯଦି କୌଣସି ବ୍ୟକ୍ତିଙ୍କର ଜୀବନ ହାନି ହୁଏ ସେଥିପାଇଁ ପ୍ରଶାସନ ଦାୟୀ ରହିବ କି ବୋଲି ସାମ୍ବାଦିକଙ୍କ ପ୍ରଶ୍ନରେ ତହସିଲଦାର କହିଛନ୍ତି ଯଦି ଦୁର୍ଘଟଣା ଘଟେ ତେବେ ଦେଖିବା ବୋଲି କହିଛନ୍ତି ।

## ମନ୍ତ୍ରୀଙ୍କୁ ସ୍ୱାଗତ ପାଇଁ ଗୋପ ଛକରେ ବ୍ୟାପକ ଆୟୋଜନ

**କେନ୍ଦ୍ରାପଡ଼ା,୧୮।୪ (ସଂଚାର ବ୍ୟୁରୋ):** ମହାକାଳପଡ଼ା ମା ଦରିଆ ରାମଚଣ୍ଡୀଙ୍କ ପୀଠ ପରିସରରେ ହେଉଥିବା ଜମ୍ବୁ ଦ୍ୱୀପ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବାପାଇଁ ରାଜ୍ୟ ସରକାରଙ୍କ ପଂଚାୟତ ରାଜ, ଗ୍ରାମ୍ୟ ଉନ୍ନୟନ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ ଆସିଥିବା ବେଳେ ତାଙ୍କୁ ସ୍ୱାଗତ କରିବା ପାଇଁ ବ୍ୟାପକ ଆୟୋଜନ କରାଯାଇଛି । ଗୋପ ଛକଠାରେ ତୁଳସୀ କ୍ଷେତ୍ର ପାନୀୟ ଜଳ ଯୋଗାଣ ସଂଘ ପକ୍ଷରୁ ଉପ ସଭାପତି ମିଳନ କୁମାର ଓଝାଙ୍କ ନେତୃତ୍ୱରେ




ସଂଘର କର୍ମକର୍ତା, ସଦସ୍ୟ ତଥା ସ୍ଥାନୀୟ ଅଂଚଳର ବହୁ ମହିଳା କର୍ମୀ ଓ ନାରୀନେତ୍ରୀ ଉପସ୍ଥିତ ରହି ମନ୍ତ୍ରୀଙ୍କୁ ସ୍ୱାଗତ ପାଇଁ ଅପେକ୍ଷା କରିଥିଲେ । ରିପୋର୍ଟ ଲେଖା ହେଲା ବେଳକୁ ବହୁ ସଂଖ୍ୟକ ସ୍ଥାନୀୟ ଜନ ସାଧାରଣ ମନ୍ତ୍ରୀଙ୍କୁ ସାକ୍ଷାତ କରି ସ୍ଥାନୀୟ ଅଂଚଳର ସମସ୍ୟା ବିଷୟରେ ଅବଗତ କରାଇବା ପାଇଁ ପ୍ରସ୍ତୁତ ଥିବା ଦେଖିବାକୁ ମିଳୁଥିଲା। ଏହି ସ୍ୱାଗତ କାର୍ଯ୍ୟକ୍ରମ ରେ ସଭାପତି ହରିଲାଲ ଅଗ୍ରୱାଲ, ସଂପାଦକ ଶୁଭେନ୍ଦୁ ରାଉତ, ଗୁଲନଗର ସରପଂଚଙ୍କ ପ୍ରତିନିଧି କରୁଣାକର ସାହୁ, ଅମୃତ ମହାନ୍ତି, ଗୋପଛକ ସୀତାରାମ ବଣିକ ସଂଘ ସଭାପତି କାହ୍ନୁଚରଣ ଓଝା, ମନୋରଂଜନ ପଣ୍ଡା, ପ୍ରଭାକର ସ୍ୱାଇଁ, ଡମ୍ବରୁଧର ସାହୁ, ଅଶୋକ କୁମାର ଦାସ, ଜୟନ୍ତ ନାୟକ, ଅରୁଣ କୁମାର ରାୟ ଓ ଚିତ ରଂଜନ ନାୟକ ପ୍ରମୁଖ ମନ୍ତ୍ରୀଙ୍କୁ ସ୍ୱାଗତ ପାଇଁ ପ୍ରସ୍ତୁତ ଥିବା ଜଣାପଡିଛି ।

### କାଳବୈଶାଖୀ ବିଗାଡିଲା ମହୋତ୍ସବ

## ଭାଙ୍ଗିଲା ଟେଣ୍ଟ, ଉଡ଼ିଲା ତୋରଣ

**ମହାକାଳପଡ଼ା,୧୮।୪ (ସଂଚାର ବ୍ୟୁରୋ):** କିଛି ସମୟ ପରେ ଆରମ୍ଭ ହୋଇଥାଆନ୍ତା ଜମ୍ବୁ ଦ୍ୱୀପ ମହୋତ୍ସବର ଚତୁର୍ଥ ସନ୍ଧ୍ୟା। ଅତିଥିମାନେ ମଧ ଆସିବା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ସରିଥିଲା। ମଞ୍ଚ ପ୍ରସ୍ତୁତ ସରିଥିଲା। ଅତିଥି ଓ ଦର୍ଶକ ମାନଙ୍କୁ ଅପେକ୍ଷା କରି ରହିଥିଲା ମଞ୍ଚ। ହେଲେ ହଠାତ୍ କାଳବୈଶାଖୀ ବର୍ଷା ଓ ପବନ ସବୁ ପ୍ରସ୍ତୁତିକୁ ଫିକା ପକାଇ ଦେଲା। ପବନର କରାଳ କାୟା ରେ ଟେଣ୍ଟ ଭାଙ୍ଗିବା ସହିତ ତ୍ୱରଣ ଉଡିଥିଲା। କିଛି ସମୟ ପର୍ଯ୍ୟନ୍ତ ସବୁ ଯେମିତି ଜନଶୂନ୍ୟ କରି ପକାଇଲା କାଳବୈଶାଖୀ। ଯେଉଁଥିପାଇଁ ଆଜିର ସମସ୍ତ କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି। ଆଜିର କାର୍ଯ୍ୟକ୍ରମରେ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ହାସ୍ୟ ଅଭିନେତା ଶଙ୍କର ପ୍ରଧାନ ଓ ପ୍ରଜ୍ଞା ଖଟୁଆ



ଯୋଗଦେବାର କାର୍ଯ୍ୟକ୍ରମ ରହିଥିଲା। ସବୁ ଆୟୋଜନକୁ ବିଗାଡି ଦେଲା କାଳବୈଶାଖୀ ବର୍ଷା। ପ୍ରବଳ ବର୍ଷା ସାଙ୍ଗକୁ ପବନ କ୍ଷତବିକ୍ଷତ କରିପକାଇଲା ସବୁ ଆୟୋଜନ। ଯାହାକୁ ଦୃଷ୍ଟିରେ ରଖି ପ୍ରଶାସନ ତରଫରୁ ଆଜିର ସମସ୍ତ କାର୍ଯ୍ୟକ୍ରମକୁ ବାତିଲ କରିଛନ୍ତି।

## ପ୍ରାଥମିକ ବିଦ୍ୟାଳୟର ଖାଲି ପଦ ପୁରଣ ପାଇଁ ଶାସନ ସଚିବଙ୍କୁ ନିବେଦନ

**କେନ୍ଦ୍ରାପଡ଼ା,୧୮।୪ (ସଂଚାର ବ୍ୟୁରୋ):** ଜିଲ୍ଲା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ତରଫରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶସନ ସଚିବଙ୍କୁ ଏକ ଦାବିପତ୍ର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଜରିଆରେ ପ୍ରଦାନ କରାଯାଇଛି। ଏହି ଦାବିପତ୍ର ରେ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକା ୩ ଖୋଲିଛନ୍ତି। ଶିକ୍ଷା ଅଧିକାରୀ ଆଇନ ୨୦୧୦ ମସିହାରେ ଅଷ୍ଟମ ଶ୍ରେଣୀ ଉଚ୍ଚ ବିଦ୍ୟାଳୟରୁ ଆଣିବା ପରେ ଓ ଶିଶୁ ବାଟିକା ୩ ଖୋଲିବା ପରେ



ପ୍ରାଥମିକ ବିଦ୍ୟାଳୟରେ ବର୍ତ୍ତମାନ ୨ଟି ଶ୍ରେଣୀ ବୃଦ୍ଧି ପାଇଛି । ଅପର ପକ୍ଷରେ ପ୍ରତି ମାସରେ ପ୍ରାଥମିକ ବିଦ୍ୟାଳୟରୁ ଶିକ୍ଷକମାନେ ଅବସର ନେଉଛନ୍ତି । ଫଳରେ ପ୍ରତ୍ୟେକ ବିଦ୍ୟାଳୟରେ ଶିକ୍ଷକଙ୍କ ସଂଖ୍ୟା କମି ପଦବୀ ଖାଲି ପଡିଛି। ଏଥି ସହିତ ବିଦ୍ୟାଳୟରେ ଆବଶ୍ୟକୀୟ ଭୀତିଭୂମି ନାହିଁ। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ସରକାର ୟୁନିଫାଏଡ ଅଟୋମେଶନ ସିଷ୍ଟମ ପାଇଁ ମୋବାଇଲ କିମ୍ବା ଇଣ୍ଟରନେଟ ସୁବିଧା ଯୋଗାଇ ନାହାଁନ୍ତି। ତୁରନ୍ତ ଏହି ଅସୁବିଧା ଗୁଡିକୁ ପୁରଣ କରିବା ପାଇଁ ସଂଘର ସଭାପତି ଦିବାକର ବାରିକ, ସଂପାଦକ ଅଜୟ କୁମାର ପୋଥାଳଙ୍କ ସହ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ଦାବି କରିଛନ୍ତି।

### ଜିଲ୍ଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

## ସ୍କୁଲ -ଏ' ୩୭ ରନ୍‌ରେ ବିଜୟୀ




**କେନ୍ଦ୍ରାପଡ଼ା,୧୮।୪(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା କ୍ରିକେଟ୍ ଆସୋସିଏସନ ଏବଂ ଓସିଏର ମିଳିତ ଆନୁକୂଲ୍ୟରେ ବିଜୁ ପଟ୍ଟନାୟକ ଷ୍ଟାଡିୟମ୍‌ରେ ଜିଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ (୧୫ବର୍ଷରୁ କମ) କ୍ରିକେଟ ଟୁର୍ଣ୍ଣାମେ ଉଦ୍‌ଘାଟିତ ହୋଇଯାଇଛି । ଆଜିର ଉଦ୍‌ଘାଟନୀ ମ୍ୟାଚରେ ସ୍କୁଲ-ଏ ଓ ସ୍କୁଲ-ଏଫ ମଧ୍ୟରେ ଖେଳାଯାଇଥିଲା। ଏଥିରେ ସ୍କୁଲ-ଏ ବିଜୟୀ ହୋଇଛି । ପ୍ରଥମେ ଟସ ଜିତି ସ୍କୁଲ-ଏ ବ୍ୟାଟିଂ କରି ୩୫ ଓଭରରେ ୭ ଉଇକେଟ୍ ବିନିମୟରେ ୨୦୮ ରନ୍ କରିଥିଲା। ଜବାବରେ ସ୍କୁଲ-ଏଫ ୨୯.୪ ଓଭରରେ ୧୭୧ ରନ୍ କରି ଅଲ ଆଉଟ୍ ହୋଇଥିଲା । ଫଳରେ ୩୭ ରନରେ ସ୍କୁଲ-ଏ ବିଜୟୀ ହୋଇଥିଲା । ସ୍କୁଲ-ଏ ର ଆୟୁଷ କୁମାର ପଲାଇ ୨୪ଟି ବଲରେ ଗୋଟିଏ ଛକା ୫ଟି ଚୌକା ମାରି ୩୫ ରନ୍ କରିଥିଲା ବେଳେ ୫.୪ ଓଭର ବୋଲିଂ କରି ମାତ୍ର ୨୪ ରନ ଦେଇ ୪ଟି ଇଉକେଟ୍ ହାସଲ କରି ମ୍ୟାନ୍ ଅଫ ଦି ମ୍ୟାଚ ହୋଇଥିଲେ । ବାୟା ଅବଧୁତ ମହାବିଦ୍ୟାଳୟର ଅଧକ୍ଷ ପ୍ରଶାନ୍ତ କୁମାର ଜେନା ଅତିଥି ଭାବେ ଯୋଗଦେଇ ମ୍ୟାନ୍ ଅଫ ଦି ମ୍ୟାଚ ଟ୍ରଫି ଆୟୁଷ କୁମାରଙ୍କୁ ପ୍ରଦାନ କରିଥିଲେ।

ବିଶ୍ୱଜିତ ଅଧିକାରୀ ଓ ଅନୁପ କୁମାର ରାଉତ ଅମ୍ପାୟର ଭାବେ ମ୍ୟାଚ ପରିଚାଳନା କରିଥିଲେ । ସ୍କୋରର ଭାବେ ଆନନ୍ଦ ବେହେରା କାର୍ଯ୍ୟ ତୁଲାଇଥିଲେ । ସମୀର ମହାପାତ୍ର ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ । ଏଥିରେ ସମୁଦାୟ ୮ଟି ଟିମ ଭାଗ ନେଇଛନ୍ତି । ସମସ୍ତେ ପରସ୍ପର ମଧ୍ୟରେ ଖେଳିବେ । ଏମାନଙ୍କ ମଧ୍ୟରୁ ୩୦ଜଣ ଖେଳାଳିଙ୍କୁ ଚୟନ କରାଯିବା ପରେ ଆନ୍ତ ଜିଲ୍ଲା ଟୁର୍ଣ୍ଣାମେରେ ଭାଗ ନେବେ ବୋଲି ଆୟୋଜକ ତଥା ଜିଲ୍ଲା କ୍ରିକେଟ ଆସୋସିଏସନର ସମ୍ପାଦକ ଶୁଭାଶିଷ ସେନାପତି ସୂଚନା ଦେଇଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ା ଜିଲା କ୍ରିକେଟ୍ ଆସୋସିଏସନର ସଂପାଦକ ଶୁଭାଶିଷ ସେନାପତି, ଯୁଗ୍ମ ସଂପାଦକ ଜ୍ୟୋତିରଞ୍ଜନ ସେନାପତି, ସେକ ସଫାତୁଲ୍ଲା, କେଶବ ସାହୁ ଓ ସାମ୍ବାଦିକ ଲକ୍ଷ୍ମୀକାନ୍ତ ନାୟକ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ।

## ଜଳ ହିଁ ଜୀବନ କାର୍ଯ୍ୟକ୍ରମ ଉଦ୍‌ଘାଟିତ




**ସାଲେପୁର,୧୮।୪ (ସଂଚାର ବ୍ୟୁରୋ):** ସାଲେପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ କେନ୍ଦ୍ରାପଡ଼ା-ସାଲେପୁର ରାସ୍ତାର ଶିଶୁମନ୍ଦିର ଛକ ନିକଟରେ ରାସ୍ତା ପାର୍ଶ୍ୱରେ "ଜଳ ହିଁ ଜୀବନ" କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ସାଲେପୁର ବ୍ଲକ ସାମାଜିକ ସଦ୍‌ଭାବନାର ପୂର୍ବତନ ସଂଯୋଜକ ଓ ସଂଘର ମୁଖ୍ୟ ମାର୍ଗଦର୍ଶକ ସ୍ୱାଗତିକା ନାୟକ, ବରିଷ୍ଠ କର ସେବକ ଅକ୍ଷୟ କୁମାର ନାୟକ, ବିଶ୍ୱଜିତ୍ ଭୂୟାଁ, ଶିଶୁଆ ପଞ୍ଚାୟତର ପୂର୍ବତନ ସମିତିସଭ୍ୟା ସ୍ୱର୍ଣ୍ଣଲତା କାଣ୍ଡି, ସାଲେପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନଆଚାର୍ଯ୍ୟ ଶଙ୍କର୍ଷଣ ପାଣିଗ୍ରାହୀ, ସମ୍ପାଦକ ଦେବେନ୍ଦ୍ର ପଣ୍ଡା, ଶିଶୁ ମନ୍ଦିରର ଗୁରୁଜୀ ଗୁରୁମା, ସେବକ ସେବିକାମାନେ ଉପସ୍ଥିତ ରହି ରାସ୍ତାରେ ଯାତାୟତ କରୁଥିବା ପଥଚାରୀମାନଙ୍କୁ ମଧୁର ଜଳ ପାନ କରାଇ ସେମାନଙ୍କ ତୃଷା ନିବାରଣ କରିଥିଲେ।

## ଅନ୍ୟାୟ ବିରୋଧରେ ଲଢ଼ିବା ପାଇଁ ସାହସ, ସମର୍ପଣ ଓ ସ୍ୱାଭିମାନ ବିଜୁଙ୍କ ମୂଳମନ୍ତ୍ର




**ପଟ୍ଟାମୁଣ୍ଡାଇ,୧୮।୪ (ସଂଚାର ବ୍ୟୁରୋ):** ଅନ୍ୟାୟ ଅବିଚାର ବିରୋଧରେ ଲଢ଼ିବା ପାଇଁ ଅଦମ୍ୟ ସାହସ, ସମାଜ ପାଇଁ ସମର୍ପଣ ଭାବ ଓ ଉତୁଙ୍ଗ ଓଡ଼ିଆ ସ୍ୱାଭିମାନ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ମୂଳମନ୍ତ୍ର ଥିଲା ବୋଲି କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ୨୮ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ପଟ୍ଟାମୁଣ୍ଡାଇ -ରାଜନଗର ବିଜେଡି ପକ୍ଷରୁ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପ୍ରକାଶ କରିବା ସହିତ ବିଜୁଙ୍କ ଗୁଣାବଳୀକୁ ନେଇ ଯୁବସମାଜ ଆଗକୁ ବଢିଲେ ଶହ ଶହ ବିଜୁ ସୃଷ୍ଟି ହୋଇପାରିବେ ବୋଲି କହିଥିଲେ।

ପଟ୍ଟାମୁଣ୍ଡାଇ ବ୍ଲକ ବିଜେଡି ସଭାପତି କିଶୋର ସାହୁଙ୍କ ପୌରହିତ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ପ୍ରବାଦପୁରୁଷ ଆନ୍ତର୍ଯ୍ୟାତିକ ଖ୍ୟାତିସମ୍ପନ୍ନ ରାଷ୍ଟ୍ର ନାୟକ ବିଜୁ ପଟ୍ଟନାୟକଙ୍କ ସ୍ମୃତିକୁ ଜନମାନସରୁ ଲିଭାଇବା ପାଇଁ ବିଜେପି ସରକାରର ଚକ୍ରାନ୍ତ କୌଣସି ପରିସ୍ଥିତିରେ ସଫଳ ହେବ ନାହିଁ । ବିଜୁଙ୍କ ପ୍ରିୟ ଓଡିଶାବାସୀ ଏହାର କଡା ଜବାବ ଦେବେ । ବିଜୁଙ୍କ ସ୍ୱପ୍ନର ବିକଶିତ ପଟ୍ଟାମୁଣ୍ଡାଇ -ରାଜଗର ହେବ ବିଜୁଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ପ୍ରକାଶ କରିବା ସହିତ ବିକଶିତ ଭାରତ ଓ ଓଡ଼ିଶା ଗଠନ କ୍ଷେତ୍ରରେ ବଳିଷ୍ଠ ଅବଦାନ ପାଇଁ ବିଜୁଙ୍କୁ ଭାରତ ରତ୍ନ ପ୍ରଦାନ କରିବାକୁ ରାଜନଗର ବିଧାୟକ ଶ୍ରୀସାହୁ କେନ୍ଦ୍ର ସରକାରଙ୍କ ଠାରେ ଦାବୀ କରିଥିଲେ । ଏହି ଅବସରରେ ପଟ୍ଟାମୁଣ୍ଡାଇ ଅଂଚଳର ବର୍ଷିଆନ ନେତା ନୃସିଂହ ଆଚାର୍ଯ୍ୟଙ୍କ ଲିଖିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ପୁସ୍ତକ ଅତିଥିମାନେ ଉନ୍ମୋଚନ କରିଥିଲେ। ଏଥିସହିତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପଟ୍ଟାମୁଣ୍ଡାଇ ଓ ରାଜନଗର ବ୍ଲକର ବଳିଷ୍ଠ ବ୍ୟକ୍ତିତ୍ୱଙ୍କୁ ଅତିଥି ମାନେ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି ସଭାରେ ରାଜନଗର ଓ ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳର ସରପଞ୍ଚ ସମିତି ସଭ୍ୟ, କାଉନସିଲର, ବିଜେଡି ନେତା ଓ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ ।

### ବିପର୍ଯ୍ୟସ୍ତ ମୁହାଁ ନିଶ୍ଚିନ୍ତକୋଇଲିର ଶିକ୍ଷା ବ୍ୟବସ୍ଥା

## ସରକାରୀ ବିଦ୍ୟାଳୟ ପାଲଟିଛି ଶିକ୍ଷକ ସଙ୍ଘ କାର୍ଯ୍ୟାଳୟ

**ନିଶ୍ଚିନ୍ତକୋଇଲି,୧୮।୪ (ସଂଚାର ବ୍ୟୁରୋ):** କଟକ ଜିଲ୍ଲା ନିଶ୍ଚିନ୍ତକୋଇଲିର ବହୁ ଚର୍ଚ୍ଚିତ ଶିକ୍ଷା ମଣ୍ଡଳ ଅଧିକାରୀଙ୍କ ବିଭାଗ ଏବେ ନାହିଁ ନାହିଁରେ ଚାଲିଥିବା ବେଳେ ଖୋଦ୍ ବିଇଓ ଶ୍ରୀମତୀ ସଂଯୁକ୍ତା ମହାପାତ୍ର ବ୍ୟକ୍ତିଗତ କାରଣ ଦର୍ଶାଇ ଦୀର୍ଘଦିନ ହେବ ଛୁଟିରେ ଥାଇ ମଧ ନିଖିଳ ଉତ୍କଳ ଶିକ୍ଷକ ସଂଘର ନିଶ୍ଚିନ୍ତକୋଇଲି ଶାଖା ସଂଘୀୟ କାର୍ଯ୍ୟକର୍ତ୍ତା ମାନଙ୍କ ଦ୍ୱାରା ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେବା ଘଟଣା ଓ ପରଦିନ ନିଶ୍ଚିନ୍ତକୋଇଲି ଅହମ୍ମଦ ବକ୍ସ ବିଦ୍ୟାଳୟରେ ପି.ଏମ ଶ୍ରୀ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ଖୋଦ୍ ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ ଓ ଏଡିଓ କଟକ ଜିଲ୍ଲା ଅଭିଜିତା ଭାସ୍କର ଯୋଗଦେଇଥିବା ସ୍ଥଳେ ବିଇଓଙ୍କ ଅନୁପସ୍ଥିତ ଘଟଣା ସମିସ୍ତିଙ୍କୁ ତାଯୁବ୍ କରିଥିଲା।

ତେବେ ବିଦ୍ୟାଳୟ ମଣିଷ ତିଆରି କାରଖାନା ହୋଇଥିବା ବେଳେ ଏହାକୁ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ମନ୍ଦିର ବୋଲି କୁହାଯାଏ। ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢିବାର ଈଶ୍ୱର ହୋଇଥିଲା ବେଳେ ଏବେ ଶିକ୍ଷକ ମାନଙ୍କ କାର୍ଯ୍ୟକଳାପକୁ ନେଇ ବୁଦ୍ଧିଜୀବୀ ମହଲରେ ଅଙ୍ଗୁଳି ନିର୍ଦ୍ଦେଶ ହେଉଛି। ଏପରିକି କେତେକ ଶିକ୍ଷକ ବିଦ୍ୟାଳୟକୁ ନିୟମିତ ଭାବେ ଆସୁନଥିବା ବେଳେ ଆଉ କେତେକ ଶିକ୍ଷକ ବିଦ୍ୟାଳୟକୁ ଆସି ଛାତ୍ରଛାତ୍ରୀଙ୍କ ମଧାହ୍ନ ଭୋଜନର ଦାୟିତ୍ୱ ନେଇ ମାସ ଶେଷରେ କେତେ କମାଣୀ ହେବ ସେ ହିସାବରେ ଲାଗି ପଡ଼ିଛନ୍ତି। ବିଗତ ଦିନରେ ଗୁରୁ ବୋଲି ପୂଜା ପାଉଥିବା ଶିକ୍ଷକ ବିଅର






ବାରରେ ମଜା ନେଉଥିବା, ଲଜ୍‌ରେ ସୁନ୍ଦରୀ ତରୁଣୀ ମାନଙ୍କ ସହିତ ସମୟ ବିତାଉ ଥିବା ଦୃଶ୍ୟ ସୋସିଆଲ ମିଡିଆରେ ଦେଖିବାକୁ ମିଳିଛି। ଏପରିକି କିଛି ପ୍ରଧାନ ଶିକ୍ଷକ ନିଜକୁ ଅଫିସର ମଣି ମନମୁଖୀ ଠିକା ଶିକ୍ଷକ ନିଯୁକ୍ତି ଦେଇ ନିଜେ ଶିକ୍ଷାଦାନ ଛାଡ଼ି ବାହାରେ ବୁଲି ସମୟ ବିତାଉ ଥିବା ଦୃଶ୍ୟ ଦେଖିବାକୁ ମିଳୁଛି।

ଏପରିକି ଶିକ୍ଷକ ଓ ଶିକ୍ଷକ ସଂଘ ମାନେ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ବିନା ଅନୁମତିରେ ବିଦ୍ୟାଳୟ ପରିସରରେ ସଙ୍ଘୀୟ କାର୍ଯ୍ୟକ୍ରମ କରି ଶିକ୍ଷା ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରିବା କଥା ଏବେ ଅଭିଭାବକ ଓ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ଯାହାର ଉଦାହରଣ ସ୍ୱରୂପ ନେମାଳ ଗ୍ରାମପଞ୍ଚାୟତ ମଣ୍ଡନ ବିଦ୍ୟାଳୟ ଓ ତିଳକଣା ପଞ୍ଚାୟତର କଣ୍ଟାପାରି ବିଦ୍ୟାଳୟ ପରିସରରେ ଶିକ୍ଷକ ସଂଘର ସଂଘୀୟ କାର୍ଯ୍ୟକ୍ରମ ହୋଇଥିବା ଅଭିଯୋଗ ହୋଇଥିଲା। ପରେ ବର୍ତ୍ତମାନ ଅସୁରେଶ୍ୱର ପଞ୍ଚାୟତ ବାବା ତାରକ ଚନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ପରିସରରେ ତିନିମାସ ତଳେ ଅବସର ନେଇଥିବା ଅତିରିକ୍ତ ଶିକ୍ଷା ଅଧିକାରିଣି ପାର୍ବତୀ ନନ୍ଦଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା ଆଳରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ନିଶ୍ଚିନ୍ତକୋଇଲି ଶାଖା ତରଫରୁ ସମ୍ବର୍ଦ୍ଧନା ଉତ୍ସବ ପାଳନ କରିଥିବା ଦେଖିବା ପାଇଁ ମିଳିଛି। ଯାହା ଶିକ୍ଷକ ସଙ୍ଘର ସଭାପତି ସାରଦା ପ୍ରସନ୍ନ ଆଚାର୍ଯ୍ୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ଖୋଦ୍ ଦୀର୍ଘଦିନ ହେବ ଛୁଟିରେ ଥିବା ବିଇଓ ସଂଯୁକ୍ତା ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେବା ଘଟଣାଟି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ତେବେ ବର୍ତ୍ତମାନ ସରକାରୀ ବିଦ୍ୟାଳୟ ପରିସର ସଙ୍ଘ ଓ ସଂଘୀୟ କାର୍ଯ୍ୟକର୍ତ୍ତା ମାନଙ୍କ କାର୍ଯ୍ୟଳୟ ପାଲଟିଥିବା ବେଳେ ବିପର୍ଯ୍ୟସ୍ତ ମୁହାଁ ଏବେ ନିଶ୍ଚିନ୍ତକୋଇଲି ବ୍ଲକର ସରକାରୀ ଶିକ୍ଷା ବ୍ୟବସ୍ଥା। ଯାହାପାଇଁ ସରକାରୀ ବିଦ୍ୟାଳୟ ଅପେକ୍ଷା ଘରୋଇ ବିଦ୍ୟାଳୟରେ ଛାତ୍ରଙ୍କ ଉପସ୍ଥାନ ବଢୁଥିବା ଦେଖିବାକୁ ମିଳୁଛି। ରାଜ୍ୟ ସରକାର ଶିକ୍ଷାମନ୍ତ୍ରୀ, ସଚିବ ଏବଂ ମାନ୍ୟବର ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ ନିଶ୍ଚିନ୍ତକୋଇଲିର ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା ପ୍ରତି ଧ୍ୟାନ ଦେବାକୁ ସାଧାରଣରେ ଦାବି ହୋଇଛି।

## ଅକ୍ଷୟ ତୃତୀୟା ସୁଦ୍ଧା ସରିବ ରତ୍ନ ଭଣ୍ଡାର ମରାମତି କାମ : ଜଷ୍ଟିସ ବିଶ୍ୱନାଥ ରଥ



ପୁରୀ,୧୮।୪ (ସଂଚାର ବ୍ୟୁରୋ) : ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିରର ରତ୍ନ ଭଣ୍ଡାରର ମରାମତି ଏବଂ ସଂରକ୍ଷଣ ଏକ ମାସ ମଧ୍ୟରେ ସମାପ୍ତ ହେବ । ଅର୍ଥାତ ଆଗାମୀ ଅକ୍ଷୟ ତୃତୀୟା (ଅପ୍ରେଲ ୩୦) ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି । ମରାମତି କାର୍ଯ୍ୟ ସମାପ୍ତ ହେଲା ପରେ ମହାପ୍ରଭୁଙ୍କର ସୁନା ଏବଂ ଅଳଙ୍କାର ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ ହେବ । ଜଗନ୍ନାଥ ମନ୍ଦିରର ରତ୍ନଭଣ୍ଡାରର ମରାମତି ଏବଂ ସଂରକ୍ଷଣ କାମ ଆସନ୍ତା ଏକ ମାସ ମଧ୍ୟରେ ସମାପ୍ତ ହେବ । ଏନେଇ ଯାଞ୍ଚ କମିଟିର ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ ଶୁକ୍ରବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଏହା ମଧ "ମନ୍ଦିର ପ୍ରଶାସନ ଏବଂ ଏଏସଆଇ କାର୍ଯ୍ୟର ଶୀଘ୍ର ସମାପ୍ତି ପାଇଁ ସମସ୍ତ ପ୍ରୟାସ କରୁଛନ୍ତି। ଯାହାକି ଆହୁରି ୭୫ ଏବଂ ୧୦୦ ବର୍ଷ ପାଇଁ ଭଣ୍ଡାରର ଗଠନକୁ ସୁରକ୍ଷିତ ରଖିପାରିବ। ଭିତର ଭଣ୍ଡାରର ମରାମତି ପ୍ରାୟ ସମ୍ପୂର୍ଣ୍ଣ ହୋଇଛି। ଭିତର ଏବଂ ବାହାର ଭଣ୍ଡାରକୁ ସଂଯୋଗ କରୁଥିବା ପାଞ୍ଚଟି ଜୀର୍ଣ୍ଣ ବିମ୍ କୁ ଦୃଢ଼ ଷ୍ଟିଲ ବିମ୍ ସହିତ ବଦଳାଯାଇଥିବା ନେଇ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ବାହାର ଭଣ୍ଡାରର କାମ ଆରମ୍ଭ ହୋଇଛି। "ଆସନ୍ତା ରଥଯାତ୍ରା ପାଇଁ ରୀତିନୀତି ଯୋଗୁଁ କାମ ବେଳେବେଳେ ପ୍ରଭାବିତ ହେଉଛି । ତଥାପି, ପ୍ରାୟ ପ୍ରତିଦିନ ପ୍ରାୟ ୩-୪ ଘଣ୍ଟା କାମ କରାଯାଉଛି । ସ୍ନାନ ପୂର୍ଣ୍ଣିମା ପରେ ଏବଂ ପଛି ସେବା ସମୟରେ ଆମେ କୌଣସି କାମ କରିପାରିବୁ ନାହିଁ । ତେଣୁ ଅକ୍ଷୟ ତୃତୀୟା (ଏପ୍ରିଲ ୩୦) ସୁଦ୍ଧା କାମ ସମାପ୍ତ କରିବାକୁ ପ୍ରୟାସ ଜାରି ରହିଛି ।

# ମାଲେସିଆ ଯିବେ ୨୮ କୃଷକ ଓ ଅଧିକାରୀ

- ଉଚ୍ଚତର କୃଷିଭିତ୍ତିକ ପ୍ରଶିକ୍ଷଣ ନେବେ
- ଫଳ ଓ ପନିପରିବା ରପ୍ତାନୀରେ ଆଗୁଆ ହେବ ରାଜ୍ୟ: ଉପମୁଖ୍ୟମନ୍ତ୍ରୀ
- ଏଫସିଆଇକୁ ଚାଉଳ ଯୋଗାଣରେ ଓଡ଼ିଶା ୪ର୍ଥ



ଭୁବନେଶ୍ୱର,୧୮।୪(ସଂଚାର ବ୍ୟୁରୋ): ଓଡ଼ିଶା ଜଳବାୟୁ ସହନଶୀଳ କୃଷି ପାଇଁ ସମନ୍ୱିତ ଜଳସେଚନ ପ୍ରକଳ୍ପ (ଓିଆଇଆଇପିସିଆର୍ଏ) ଅଧୀନରେ ୨୮ଜଣିଆ କୃଷକ ଓ ଅଧିକାରୀଙ୍କ ପ୍ରଶିକ୍ଷଣଭିତ୍ତିକ ମାଲେସିଆ ଗସ୍ତ ଆଜି ଆରମ୍ଭ ହୋଇଛି। ଏହାକୁ ଆଜି ପତାକା ଦେଖାଇ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଆରମ୍ଭ କରିଛନ୍ତି। ପୂର୍ବାହ୍ନ ୧୧ଟାରେ ସ୍ଥାନୀୟ କୃଷି ଭବନ ଅଡିଟୋରିଅମ୍‌ଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ୧୪ ଜଣ କୃଷକ ଓ ୧୪ ଜଣ ଅଧିକାରୀଙ୍କୁ ନେଇ ଗଠିତ ଏହି ଆସନ୍ତାକାଠାରୁ ସପ୍ତାହେ ବ୍ୟାପୀ ମାଲେସିଆ ଗସ୍ତରେ ଯାଇ ସେଠାରେ କୃଷିଭିତ୍ତିକ ପ୍ରଶିକ୍ଷଣ ନେବେ। ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା, ଲକ୍ଷ୍ନୌସ୍ଥିତ ବ୍ୟାଙ୍କର୍ସ ଇନଷ୍ଟିଚ୍ୟୁଟ ଅଫ୍ ରୁରାଲ ଡେଭଲପମେଣ୍ଟ (ବାର୍ଡ) ଓ ନାବାର୍ଡର ମିଳିତ ଆୟୋଜନରେ ଏହି ପ୍ରଶିକ୍ଷଣ ଅନୁଷ୍ଠିତ ହେବ।

ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଉଭୟ କୃଷକ ଓ ଅଧିକାରୀଙ୍କୁ ମାଲେସିଆ ଗସ୍ତ ନିମନ୍ତେ ଶୁଭେଚ୍ଛା ଦେଇ ପାରମ୍ପରିକ କୃଷି ସହ ବୈଜ୍ଞାନିକ ପଦ୍ଧତି ତଥା ଯନ୍ତ୍ରପାତିର ବ୍ୟବହାର ଇତ୍ୟାଦି ସମ୍ବନ୍ଧରେ ଜ୍ଞାନ ହାସଲ ସକାଶେ ଉତ୍ସାହିତ କରିଛନ୍ତି। ଶ୍ରୀ ସିଂହଦେଓ କହିଛନ୍ତି ଆଜିର ସମୟରେ ବିଦେଶକୁ ଫଳ ଓ ପନିପରିବା ରପ୍ତାନୀରେ ଓଡ଼ିଶା ସମ୍ମାନଜନକ ସ୍ଥିତିରେ ରହିଛି। ପ୍ରଶିକ୍ଷାର୍ଥୀମାନେ ମାଲେସିଆ ଗସ୍ତରୁ ଯାହା ଶିଖିବେ, ତାହାକୁ ପ୍ରତିଦିନ ରିପୋର୍ଟ ଆକାରରେ ଲିପିବଦ୍ଧ କରି ବିଭାଗକୁ ପ୍ରଦାନ କରିବେ। ଉନ୍ନତ କୌଶଳ ଶିଖି ନିଜ ଅଞ୍ଚଳରେ ତାହାକୁ କାର୍ଯ୍ୟକାରୀ କରିବା ଦରକାର। ଏହା ଆମ ଚାଷୀମାନଙ୍କ ଆୟକୁ ଦୁଇ ଗୁଣା କରିବାରେ ବିଶେଷ ସହାୟକ ହେବ ବୋଲି ଶ୍ରୀ ସିଂହଦେଓ ଆଶା ପ୍ରକଟ କରିଛନ୍ତି।

କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ପ୍ରଶିକ୍ଷାର୍ଥୀଙ୍କ ମାର୍ଗଦର୍ଶନ କରିବା ସହ ଓଡ଼ିଶାରେ କୃଷିର କ୍ରମବିକାଶ ଉପରେ ଆଲୋକପାତ କରିଛନ୍ତି। ସାମ୍ପ୍ରତିକ ସମୟରେ ଓଡ଼ିଶା ଦେଶର ୪ର୍ଥ ସର୍ବବୃହତ ରାଜ୍ୟ ଭାବେ ଏଫସିଆଇକୁ ଚାଉଳ ଯୋଗାଉଛି। ଗତବର୍ଷ ୧୪.୩ ମିଲିୟନ ଟନ ଖାଦ୍ୟଶସ୍ୟ ଉତ୍ପାଦିତ ହୋଇଛି। ସେହିପରି ୧୪.୪୮ ମିଲିୟନ୍ ଟନ ଫଳ ଓ ପନିପରିବା (ଉଦ୍ୟାନ ଫସଲ) ମଧ୍ୟ ଉତ୍ପାଦିତ ହୋଇଛି। ଏହାଛଡ଼ା ଓଡ଼ିଶା ପୋଟଳ, ଭେଣ୍ଡି, ସଜନା ଛୁଇଁ, ଅମୃତଭଣ୍ଡା, ଆମ୍ବ ଆଦି ଦୁବାଇ ଓ ଅନ୍ୟାନ୍ୟ ଦେଶକୁ ରପ୍ତାନୀ କରୁଛି। କେବଳ ଅଧିକାରୀ ନୁହଁନ୍ତି, ଏଥର ଚାଷୀମାନେ ବି ବିଦେଶ ଯାତ୍ରା କରିପାରିବେ। ଏହି ପ୍ରଶିକ୍ଷଣ ସେମାନଙ୍କ ବିଦେଶ ଯାତ୍ରାର ସ୍ୱପ୍ନକୁ ସାକାର କରିବା ସହ ଜ୍ଞାନ ଆହରଣର ସୁଯୋଗ ଦେଇଛି ବୋଲି ଡ. ପାଢ଼ୀ କହିବା ସହ ଚାଷୀମାନେ ପ୍ରକୃତ ବ୍ରାଣ୍ଡ ଆମ୍ବାସାଡର୍ ବୋଲି ମତ ଦେଇଛନ୍ତି। କାର୍ଯ୍ୟକ୍ରମରେ ଉଦ୍ୟାନ କୃଷି ନିର୍ଦ୍ଦେଶକ ନିଖିଲ ପଠ୍ନ କଲ୍ୟାଣ, କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା, ବାର୍ଡ ଇନଷ୍ଟିଚ୍ୟୁଟର ନିର୍ଦ୍ଦେଶକ ନିରୁପମ ମେହେରୋତ୍ରା, ନାବାର୍ଡ ସିଜିଏମ୍ ଡ. ସୁଧାଂଶୁ ମିଶ୍ର, ଓପିକ୍ରା ପ୍ରକଳ୍ପ ନିର୍ଦ୍ଦେଶକ ରଶ୍ମିରଞ୍ଜନ ନାୟକ ଉପସ୍ଥିତ ଥିଲେ।

## ରାଜାରାଣୀ ମନ୍ଦିରର ସ୍ୱଚ୍ଛତା ବୃଦ୍ଧିକଲେ ସେବା ପ୍ରତିନିଧି

ଭୁବନେଶ୍ୱର,୧୮।୪(ସଂଚାର ବ୍ୟୁରୋ): ଆଜି ବିଶ୍ୱ ଐତିହ୍ୟ ଦିବସରେ ସ୍ଥାନୀୟ ରାଜାରାଣୀ ମନ୍ଦିରକୁ ସ୍ୱଚ୍ଛତା ପ୍ରଦାନ କରିଥିବା ସେବା ପ୍ରତିନିଧିର ମୁଖ୍ୟ ସଂଗଠକ ନୀଳମଣି ମିଶ୍ରା। ଶ୍ରୀ ମିଶ୍ରଙ୍କ ନେତୃତ୍ୱରେ ଅଶୋକ କୁମାର ମହାରଣା, ହୃଷୀକେଶ ବେହେରା, ଗିରିଜା ଶଙ୍କର ମହାପାତ୍ର, ସୌଦାମିନୀ ସାମଲ, ପତିତପାବନ ପଣ୍ଡା, ତାରାଚରଣ ଆଚାର୍ଯ୍ୟ ଓ ପ୍ରଶାନ୍ତ କୁମାର ମହାନ୍ତି ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।



ରାଜାରାଣୀ ୨ଟି ଭିନ୍ନ ଭିନ୍ନ ପଥରରେ ଏକ ସୁନ୍ଦର ମନ୍ଦିର ନିର୍ମାଣ ହୋଇଛି। ଗୋଟିଏ ରାଜା ଓ ଅନ୍ୟ ରଙ୍ଗଟି ରାଣୀ। ଯାହାର ସୁନ୍ଦରତା ଦର୍ଶକଙ୍କୁ ଆକର୍ଷିତ କରିଥାଏ। ଏହାର ପାରିପାର୍ଶ୍ୱିକ ପରିବେଶର ସୌନ୍ଦର୍ଯ୍ୟକରଣ ସମସ୍ତଙ୍କୁ ଆକର୍ଷଣ କରିଆସୁଥିଲେ ହେଁ ଏହା ଏବେ ଅବହେଳିତ ଅବସ୍ଥାରେ ରହିଛି। ଭାରତୀୟ ପ୍ରତ୍ନତାତ୍ତ୍ୱିକ ସଂସ୍ଥା (ଏଏସ୍ଆଇ) ଭୁବନେଶ୍ୱର ବିଭିନ୍ନ ଐତିହ୍ୟର ରକ୍ଷଣାବେକ୍ଷଣ କରୁଥିଲେ ମଧ୍ୟ ଏହି ମନ୍ଦିର ପ୍ରତି ଅଣଦେଖା କରୁଥିବା ଅଭିଯୋଗ ହୋଇଆସିଛି। ଦୀର୍ଘ ଦିନ ହେବ ଯେତିକି କର୍ମଚାରୀ ଦରକାର ତାହା ନିୟୋଜନ କରିବା ବଦଳରେ କର୍ମଚାରୀଙ୍କ ଛଟେଇ କରାଯାଉଛି। ଏପରି ସ୍ଥିତିରେ ବର୍ତ୍ତମାନର ସରକାର ଛଟେଇ କର୍ମଚାରୀମାନଙ୍କୁ ପୁନଃନିଯୁକ୍ତ କରି ମନ୍ଦିର ମାଳିନୀ ସହର ଭୁବନେଶ୍ୱରର ଐତିହ୍ୟ ରକ୍ଷା କରିବା ଦିଗରେ ପ୍ରଯତ୍ନ ହେବାକୁ ଶ୍ରୀ ମିଶ୍ର ଦାବି କରିଛନ୍ତି।

## ରାଜଧାନୀରେ ଜଗନ୍ନାଥଙ୍କ ରୀତିନୀତିର ସିଧା ପ୍ରସାରଣ

- ମହାପ୍ରସାଦ ଉପଲବ୍ଧତା ବିଚାର କରାଯାଉଛି



ଭୁବନେଶ୍ୱର,୧୮।୪(ସଂଚାର ବ୍ୟୁରୋ): ଭୁବନେଶ୍ୱରରେ ମହାପ୍ରଭୁ ଜଗନ୍ନାଥଙ୍କ ଦିବ୍ୟ ଉପସ୍ଥିତିକୁ ଭକ୍ତମାନଙ୍କ ନିକଟତର କରିବା ପାଇଁ ଏକ ହୃଦୟସ୍ପର୍ଶୀ ପଦକ୍ଷେପ ସ୍ୱରୂପ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ରୀତିନୀତିର ସିଧା ପ୍ରସାରଣ କରାଯିବ। ଏଲ୍ଇଡି ମାଧ୍ୟମରେ ଏହି ପ୍ରଦର୍ଶନ ଭଗବାନଙ୍କ ପବିତ୍ର ରୀତିନୀତିଗୁଡ଼ିକ ସହ ଭକ୍ତମାନଙ୍କୁ ଅଧିକ ପରିଚିତ କରାଇବା ସହ ମହାପ୍ରଭୁଙ୍କ ଦର୍ଶନକୁ ଅଧିକ ସୁଗମ କରିପାରିବ। ସ୍ଥାନୀୟ ଜୟଦେବ ଭବନ ସମ୍ମୁଖରେ ଥିବା ଶ୍ରୀମନ୍ଦିର ସୂଚନା କେନ୍ଦ୍ରରେ ଏହି ଏଲ୍ଇଡି ପରଦା ସ୍ଥାପନ କରାଯିବା ପ୍ରସ୍ତାବ ରହିଛି। ଏହା ମାଧ୍ୟମରେ ଭକ୍ତମାନେ ପୁରୀ ଶ୍ରୀ ମନ୍ଦିରରୁ ବିଭିନ୍ନ ରୀତିନୀତିର ସିଧା ପ୍ରସାରଣ ଦେଖିପାରିବେ। ଏଥିରେ ଜଗନ୍ନାଥଙ୍କ ସକାଳ ରୀତିନୀତି ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଦୈନନ୍ଦିନ ସମାରୋହ ରହିଛି। ସେହିପରି ଆଗାମୀ ରଥଯାତ୍ରା ଭଳି ପ୍ରମୁଖ କାର୍ଯ୍ୟକ୍ରମର ମଧ୍ୟ ସିଧା ପ୍ରସାରଣ ଉକ୍ତ ଏଲ୍ଇଡି ସ୍କ୍ରିନ୍‌ରେ ଭକ୍ତମାନେ ଦେଖିବାର ସୁଯୋଗ ପାଇବେ। ଶ୍ରୀ ଜଗନ୍ନାଥ ମନ୍ଦିରର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ ସୂଚନା କେନ୍ଦ୍ରକୁ ଏକ ସଂକ୍ଷିପ୍ତ ଗସ୍ତ ସମୟରେ ସେଠାରେ ଉପଲବ୍ଧ ସୁବିଧାଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ ଓ ଆଗାମୀ ବ୍ୟବସ୍ଥା ବିଷୟରେ କେନ୍ଦ୍ରର କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଭକ୍ତମାନଙ୍କ ଦ୍ୱାରା ଉତ୍ସାହର ସହିତ ସ୍ୱାଗତ କରାଯିବାର ସମ୍ଭାବନା ଥିବା ଏହିଭଳି ଏକ ପଦକ୍ଷେପରେ, ଡକ୍ଟର ପାଢ଼ୀ ଏହା ମଧ୍ୟ ସୂଚନା ଦେଇଛନ୍ତି ଯେ କେନ୍ଦ୍ରରେ ମହାପ୍ରସାଦ ଉପଲବ୍ଧ କରାଇବା ପାଇଁ ପ୍ରୟାସ କରାଯାଉଛି। ଯାହାଦ୍ୱାରା ଭୁବନେଶ୍ୱରର ଲୋକମାନେ ପୁରୀ ଯାତ୍ରା ନକରି ଭଗବାନଙ୍କ ପବିତ୍ର ନୈବେଦ୍ୟରେ ଭାଗ ନେଇପାରିବେ ବୋଲି ଡ. ପାଢ଼ୀ କହିଛନ୍ତି।

## ୨୪ କେଜି ଗଞ୍ଜେଇ ସହ କାର୍ ଜବତ, ଜଣେ ଗିରଫ



ରେଢ଼ାଖୋଲ,୧୮।୪ (ସଂଚାର ବ୍ୟୁରୋ) : ରେଢ଼ାଖୋଲ ବଉଦ ରାସ୍ତାର କେନ୍ଦୁକଟା ଛକରୁ ପୋଲିସ୍ ପକ୍ଷରୁ ଚଢାଉ । ୨୪ କେଜି ଗଞ୍ଜେଇ ସହ ଏକ ହୋଣ୍ଡା ଆମେଜ କାର୍ ଜବତ । ଜଣେ ମାଫିଆକୁ ଗିରଫ କରି ଗୁରୁବାର ସଂଧ୍ୟାରେ କୋର୍ଟ ଚାଲାଣ କରିଛି ରେଢ଼ାଖୋଲ ପୋଲିସ୍ । ଗିରଫ ମାଫିଆ ଜଣକ ହେଲେ ବଉଦ ଜିଲ୍ଲା ମନମୁଣ୍ଡା ଥାନା ଅନ୍ତର୍ଗତ ସଲେଇପଦା ଗ୍ରାମର ରଞ୍ଜନ ମହାକୁଡ଼ । ସେ ଗଞ୍ଜେଇ ଚାଲାଣ କରୁଥିବା ରେଢ଼ାଖୋଲ ପୋଲିସ୍ ଖବର ପାଇ ବଉଦ ରେଢ଼ାଖୋଲ ରାସ୍ତାର କେନ୍ଦୁକଟା ଛକ ଠାରୁ ତାରେଣୀ ମନ୍ଦିର ପର୍ଯ୍ୟନ୍ତ ରାସ୍ତା ନାକା ବନ୍ଦି କରିଥିଲା । ଗାଡିମଟର ସବୁ ଯାଞ୍ଚ କରାଯାଇଥିଲା। ଯାଞ୍ଚ ପରେ ଏକ କାରରୁ ଗଞ୍ଜେଇ ମିଳିବା ପରେ ପୋଲିସ୍ ଏହାକୁ ଜବତ କରି କେସ ନଂ ୯୨/୨୫ ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଚନ୍ଦ୍ର ମୋହନ ସିଂ ସୂଚନା ଦେଇଛନ୍ତି ।

## ପୋଲିସ୍ ଭ୍ୟାନର କାଚ ଭାଙ୍ଗିଲେ ଦୁର୍ବୃତ୍ତ




ଚାନ୍ଦବାଲି,୧୮।୪ (ସଂଚାର ବ୍ୟୁରୋ) : ପୋଲିସ୍ ଗାଡ଼ି ଭାଙ୍ଗିରେ ଦୁର୍ବୃତ୍ତ । ଭଦ୍ରକ ବାଂସଡ଼ା ଥାନା ଅଧିନ ଘଣ୍ଟେଶ୍ୱର ଫାଣ୍ଡି ଗାଡ଼ି କାଚ ଭାଙ୍ଗିଲେ ଦୁର୍ବୃତ୍ତ। ଗତକାଲି ଘଣ୍ଟେଶ୍ୱର ଫାଣ୍ଡି ପୋଲିସ କୌଣସି କାରଣ ପାଇଁ ମାଣିପୁର ରେଳ ଫାଟକ ଯାଇଥିଲେ । ଗାଡିରେ କେହି କର୍ମଚାରୀ ନଥିବା ବେଳେ ଏହାର ସୁଯୋଗ ନେଇ ଗାଡି କାଚ ଭାଙ୍ଗିଥିବା କୁହାଯାଇଛି । ଚୋରା କୋଇଲା ବେପାରୀଙ୍କ ଉପରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେଉନଥିବାରୁ ଚୋରା କୋଇଲକୁ ବିରୋଧ କରୁଥିବା ବ୍ୟକ୍ତି ଏପରି କରିଥିବା ଚର୍ଚ୍ଚା ହେଉଛି ।

## ସମ୍ବଲପୁରରେ ହଟିବ ବେଆଇନ ହୋର୍ଡିଂ, ମିଳିବ ୧୪ କୋଟି




ସମ୍ବଲପୁର,୧୮।୪ (ସଂଚାର ବ୍ୟୁରୋ): ମ୍ୟୁନସିପାଲଟିରୁ ଏବେ ମହାନଗର ସମ୍ବଲପୁର ସହର । ସହର ବଢୁଛି ଜନସଂଖ୍ୟା ବି ବୃଦ୍ଧି ପାଉଛନ୍ତି। ତା ସାଙ୍ଗକୁ ସହରରେ ବୃଦ୍ଧି ପାଉଛି ବ୍ୟବସାୟିକ ପ୍ରତିଷ୍ଠାନ । ହୋର୍ଡିଂରେ ଆକର୍ଷଣୀୟ ବିଜ୍ଞାପନ ଦେଇ ଗ୍ରାହକଙ୍କୁ ନିଜ ବ୍ୟବସାୟିକ ପ୍ରତିଷ୍ଠାନ ମୁହାଁ କରିବାକୁ ଚାହାନ୍ତି ମାଲିକ ମାନେ । ଯାହା ଫଳରେ ଏବେ ସହରର ଚାରିଆଡେ ମାଳମାଳ ହୋର୍ଡିଂ ଆଉ ପୋଷ୍ଟର । ଏହି ମାଳମାଳ ହୋର୍ଡିଂ ଯୋଗୁଁ ମହାନଗର ସମ୍ବଲପୁରର ସୌନ୍ଦର୍ଯ୍ୟ ହାନି ହେଉଛି । କେବଳ ସୌନ୍ଦର୍ଯ୍ୟ ହାନି ହେଉନି ସମ୍ବଲପୁର ମହାନଗର ନିଗମ କୋଟି କୋଟି ଟଙ୍କାର ରାଜସ୍ୱ ବି ହରାଉଛି । ଏଣିକି ଆଉ ବେଆଇନ ହୋର୍ଡିଂଙ୍କୁ ପ୍ରଶୟ ଦିଆଯିବନାହିଁ । ଏବେ ଏହା ଉପରେ ଲାଗିବ ରୋକ। ଏଥିପାଇଁ ସମ୍ବଲପୁର ମହାନଗର ନିଗମ ନେଇଛି ଦୃଢ଼ ପଦକ୍ଷେପ । ଏଣିକି କେବଳ ଗୋଟିଏ ସଂସ୍ଥା ଜରିଆରେ ହିଁ ସହରର ସବୁ ହୋର୍ଡିଙ୍ଗ ଲାଗିବ । ଏହା ଦ୍ୱାରା ସହରରେ ବ୍ୟବସ୍ଥିତ ଢଙ୍ଗରେ ହୋର୍ଡିଂ ଲାଗିବା ସହ ମହାନଗର ନିଗମ କୋଟି କୋଟି ଟଙ୍କା ରାଜସ୍ୱ ପାଇବ ବୋଲି ଲକ୍ଷ୍ୟ ରଖାଯାଇଛି । ଏଥିନିମନ୍ତେ ନିକଟରେ ଟେଣ୍ଡର ପ୍ରକ୍ରିୟା ବି ସରିଛି । ଟେଣ୍ଡରରୁ ସର୍ଟଲିଷ୍ଟ କରାଯାଇ 'ଅଜନ୍ତା ଆଡ୍ ଏଜେନ୍ସି' ସଂସ୍ଥାକୁ ହୋର୍ଡିଂ ଲଗାଇବା ଦାୟିତ୍ୱ ଦିଆଯାଇଛି। ୫ ବର୍ଷ ପାଇଁ ସମ୍ବଲପୁର ମହାନଗର ନିଗମର ହୋର୍ଡିଂ ଲଗାଇବା ଦାୟିତ୍ୱ ତୁଲାଇବ ଅଜନ୍ତା ଆଡ୍ ଏଜେନ୍ସୀ। ଏହାର ପ୍ରତିବଦଳରେ ଏହି ସଂସ୍ଥା ସମ୍ବଲପୁର ମହାନଗର ନିଗମକୁ ୧୪ କୋଟି ଟଙ୍କାର ରାଜସ୍ୱ ପ୍ରଦାନ କରିବ। ଏନେଇ ବାରମ୍ବାର ଅଭିଯୋଗ ହେବା ପରେ ବର୍ତ୍ତମାନ ସମ୍ବଲପୁର ମହାନଗର ଏକ ଦୃଢ଼ ପଦକ୍ଷେପ ନେଇଛି । ଏବେ ମହାନଗର ନିଗମ ପକ୍ଷରୁ ଟେଣ୍ଡର କରାଯାଇ ଗୋଟିଏ ସଂସ୍ଥାକୁ ଏହି ସବୁ ବିଜ୍ଞାପନ ହୋର୍ଡିଙ୍ଗ ଲଗେଇବାର ଦାୟିତ୍ୱ ଦିଆଯାଇଛି। ଏବେ ଯିଏ ବି ରାସ୍ତା କଡ଼ କିମ୍ବା ସରକାରୀ କୋଠା ଉପରେ ବିଜ୍ଞାପନ ହୋର୍ଡିଙ୍ଗ ଲଗେଇବ ସେ ସ୍ୱତନ୍ତ୍ର ଭାବେ ଏହି ସଂସ୍ଥା ଜରିଆରେ ହୋର୍ଡିଙ୍ଗ ଲଗେଇବ ।

## କାଜୁ ତୋଟାରୁ ଅଜଣା ମୃତଦେହ ଉଦ୍ଧାର

ବ୍ରହ୍ମପୁର,୧୮।୪ (ସଂଚାର ବ୍ୟୁରୋ) : ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଚାମୁଣ୍ଡା ମନ୍ଦିର ନିକଟ କାଜୁ ତୋଟାରୁ ଏକ ଗଳିତ ମୃତଦେହ ଠାବ । ମୃତଦେହଟି ବହୁ ଦିନ ହେଲା ପଡ଼ିଥିବା ଯୋଗୁଁ କେବଳ ଖପୁରୀ ଏବଂ କିଛି ହାଡ଼ ପଡିରହିଥିବା ଦେଖିବାକୁ ମିଳିଛି। ପରିଚୟ ଅସ୍ପଷ୍ଟ ରହିଥିବା ବେଳେ ମୃତଦେହଟି ଏକ ମହିଳାଙ୍କ ବୋଲି ଜଣାପଡୁଛି । ଖବର ପାଇ ଘଟଣାସ୍ଥଳରେ ପୋଲିସ୍ ପହଞ୍ଚି ବୁଲି ଦେଖିବା ସହିତ ତଦନ୍ତ ଆରମ୍ଭ କରିଛି । ତେବେ କାଜୁ ତୋଟା ମଧକୁ ମହିଳା ଜଣକ କିପରି ଆସିଲେ ତାହା ରହସ୍ୟ ହୋଇ ରହିଥିବାବେଳେ, ଉଚିତ୍ ତଦନ୍ତ ପରେ ହିଁ ଜଣାପଡିବ ଏହା ସ୍ୱାଭାବିକ ମୃତ୍ୟୁ ନା ' ହତ୍ୟା ।

## ଦାରିଙ୍ଗିବାଡ଼ି ସେଲଫି ପଏଣ୍ଟରେ ୫୦ ଫୁଟ ତଳକୁ ଖସିଲା ଗାଡି



ସୋରଡ଼ା,୧୮।୪ (ସଂଚାର ବ୍ୟୁରୋ) : ୫୦ ଫୁଟ ତଳକୁ ଖସିଲା ପିକଅପ ଭ୍ୟାନ୍ । ଗଞ୍ଜାମ ଜିଲ୍ଲା ସୋରଡ଼ା ଥାନା ଦାରିଙ୍ଗିବାଡ଼ି ଘାଟିର ବଡପଥର ସେଲଫି ପଏଣ୍ଟରେ ଖସିଲା ଭ୍ୟାନ । ଏଥିଯୋଗୁ ଡ୍ରାଇଭର ଗାଡ଼ିରେ ଚାପି ହୋଇ ରହିଥିଲେ । ଅଗ୍ନିଶମ ବାହିନୀ ଓ ସୋରଡ଼ା ଥାନା ପୋଲିସ ପହଞ୍ଚି କଟର ମାଧ୍ୟମରେ ଗାଡ଼ିକୁ କାଟି ଡ୍ରାଇଭରକୁ ଉଦ୍ଧାର କରିଛନ୍ତି । ତାଙ୍କୁ ଆମ୍ବୁଲାନ୍ସ ଯୋଗେ ମେଡିକାଲକୁ ପଠାଯାଇଛି । ଗାଡିଟି ରାୟପୁରରୁ ଲୁହା ଲଙ୍ଗଳ ଧରି ମହେନ୍ଦ୍ରଗଡ଼ ଯିବା ସମୟରେ ଭାରସାମ୍ୟ ହରାଇ ୫୦ ଫୁଟ ତଳକୁ ଖସିପଡ଼ିଥିଲା । ହେଲ୍ପର୍ ଗାଡ଼ି ବାହାରେ ପଡ଼ି ରହିଥିବା ବେଳେ ଡ୍ରାଇଭର ଷ୍ଟିଅରିଂରେ ଚାପିହୋଇ ରହିଥିଲେ ।

# ପୁଣି ଦାରିଙ୍ଗବାଡ଼ି-ଫୁଲବାଣୀକୁ ଚଳାଚଳ କରିବ ଲକ୍ଷ୍ମୀ ବସ୍ !

ଦାରିଙ୍ଗବାଡ଼ି,୧୮।୪(ସଂଚାର ବ୍ୟୁରୋ): ଦାରିଙ୍ଗବାଡ଼ିଠାରୁ ଫୁଲବାଣୀକୁ ପୁଣି ଥରେ ଶୀତ ତାପ ନିୟନ୍ତ୍ରଣ ଲକ୍ଷ୍ମୀବସ୍ ଚଳାଚଳ କରିବାକୁ ବାଟ ଖୋଲିଲା। ସ୍ଥାନୀୟ ବିଡିଓ ପ୍ରୀତିରଞ୍ଜନ ରଥ ଏନେଇ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ- କମ୍-କାର୍ଯ୍ୟନିର୍ବାହୀ ଅଧିକାରୀ ଶମ୍ଭୁନାଥ ନନ୍ଦୀଙ୍କୁ ଚିଠି ଲେଖିଛନ୍ତି। ସେ ସେଥିରେ ଉଲ୍ଲେଖ କରିଛନ୍ତି ଯେ, ଦାରିଙ୍ଗବାଡ଼ି ବ୍ଲକର ବିଭିନ୍ନ ଗ୍ରାମରୁ ବାରମ୍ବାର ବସ ଚଳାଚଳ କରାଯିବା ପାଇଁ ଜନସାଧାରଣ ବିଡିଓଙ୍କ ନିକଟରେ ନିବେଦନ କରୁଛନ୍ତି। ଜନସାଧାରଣଙ୍କ ଅଭିଯୋଗ ଅନୁଯାୟୀ, ସଂଶୋଧିତ ବସ ରୁଟ୍ ଚାର୍ଟ ଦାରିଙ୍ଗବାଡ଼ି ବ୍ଲକ ପାଇଁ 'ଗ୍ରାମାଞ୍ଚଳ ପରିବହନ ସେବା' ଯୋଜନା ପାଇଁ ପ୍ରସ୍ତୁତ କରାଯାଇଛି। ଆଉ ଏଥିପାଇଁ ଏବେ କୌଣସି ନୂତନ ବସ୍‌ର କିମ୍ବା ରୁଟ୍ ପରମିଟ୍‌ର ଆବଶ୍ୟକତା ମଧ ଆବଶ୍ୟକ ପଡ଼ିବନି। କାରଣ ପୂର୍ବରୁ ଏହି ରୁଟ୍‌ରେ ବସ ଯାତାୟାତ କରୁଥିବା ସେ ଜିଲାକୁ ଦେଇଥିବା ଚିଠିରେ ଅବଗତ କରାଇଛନ୍ତି। ଶୀଘ୍ର ବସ୍ ଯାତାୟାତ କରିବା ପାଇଁ ନିବେଦନ କରିଛନ୍ତି ବୋଲି ବିଡିଓ ରଥ କହିଛନ୍ତି। ଆଶା କରାଯାଉଛି ଜିଲା ପ୍ରଶାସନ ଖୁବ୍‌ଶୀଘ୍ର ଅନୁମତି ପ୍ରଦାନ କରିବେ ଓ ପୂର୍ବଭଳି ବସ ଯାତାୟାତ କରିବ ବୋଲି ବିଡିଓ କହିଛନ୍ତି। ଗତ କିଛି ମାସ ହେଲା ଦାରିଙ୍ଗବାଡ଼ିଠାରୁ ଫୁଲବାଣୀକୁ ଏକ ଶୀତ ତାପ ନିୟନ୍ତ୍ରଣ ଲକ୍ଷ୍ମୀବସ ଯାତାୟାତ କରୁଥିଲା। ଯାହାକୁ ବନ୍ଦ କରି ଦିଆଯାଇଥିଲା। ଏହାକୁ ନେଇ ଜନ ଅସନ୍ତୋଷ ବୃଦ୍ଧି ଓ ବାରମ୍ବାର ଦାବି ହୋଇଆସୁଥିଲା। ମହିଳାମାନେ ମାତ୍ର ୧୦ ଟଙ୍କାରେ ଜିଲା ମୁଖ୍ୟାଳୟରେ ପହଞ୍ଚିପାରୁଥିଲେ। ଏବେ ସେହି ବସ୍‌କୁ ବନ୍ଦ କରିଦିଆଯିବା ଫଳରେ ଲୋକମାନେ ସରକାରୀ ଓ ବେସରକାରୀ କାର୍ଯ୍ୟରେ ଖର୍ଚ୍ଚାନ୍ତ ହେଉଛନ୍ତି। ଏହି ବସ ଚଳାଚଳ କଲେ ପୁଣି ୨୫ଟି ପଞ୍ଚାୟତବାସୀ ସୁବିଧା ପାଇପାରିବେ ବୋଲି ଜଣାପଡ଼ିଛି।

## ନାବାଳକ ଛାତିରେ ପଶିଲା ଲୁହା ଗ୍ରୀଲ

ଭୁବନେଶ୍ୱର,୧୮।୪ (ସଂଚାର ବ୍ୟୁରୋ): ରାଜଧାନୀ ଭୁବନେଶ୍ୱରରେ ବଡ଼ ଅଘଟଣ। ନାବାଳକ ପୁଅ ଛାତିରେ ପଶିଗଲା ଲୁହା ଗ୍ରୀଲ । କଟର୍ ମେସିନ ଦ୍ୱାରା କାଟିଲେ ଅଗ୍ନିଶମ ବାହିନୀ । ପିଲାଟିର ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ଥିବାବେଳେ, ନାବାଳକକୁ ଏମ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନାଯୋଗ୍ୟ ଯେ, ଆଇଆରସି ଭିଲେଜ୍ ଏନ୍ ୧-୩୧୨ରେ ରହୁଥିଲେ ପରିବାର ସହ ରହୁଥିଲେ ନାବାଳକ । ସେ ଘର ପଚେରୀରେ ଚଢ଼ିଥିବା ବେଳେ ହଠାତ୍ ତାଙ୍କ ଗୋଡ଼ ଖସିଯାଇଥିଲା । ଫଳରେ ପାଚେରୀରେ ଲାଗିଥିବା ଲୁହା ଗ୍ରୀଲ୍ ତାଙ୍କ ଛାତିରେ ପଶି ଯାଇଥିଲା। ସ୍ଥାନୀୟ ଲୋକେ ଏହା ଦେଖି ଆମ୍ବୁଲାନ୍ସ ଏବଂ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପଶି ପ୍ରଥମେ କଟର ସାହାଯ୍ୟରେ ଗ୍ରୀଲ୍ କାଟି ନାବାଳକଙ୍କୁ ଉଦ୍ଧାର କରିଥିଲେ। ପରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଏମ୍ସ ମେଡିକାଲ ପଠାଇଥିଲେ ।

## କଟକ, ଭୁବନେଶ୍ୱର, ପୁରୀରେ ଚାଲିବ ହାଇ-ଟେକ୍ ଇଲେକ୍ଟ୍ରିକ ବସ୍




ଭୁବନେଶ୍ୱର,୧୮।୪ (ସଂଚାର ବ୍ୟୁରୋ): ସ୍ଥାୟୀ ଏବଂ ହାଇ-ଟେକ୍ନୋଲୋଜି ସମ୍ପନ୍ନ ସାର୍ବଜନୀନ ପରିବହନ ଆଡ଼କୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପରେ, କେନ୍ଦ୍ରୀୟ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ଓଡ଼ିଶାରେ ଫ୍ଲାସ୍-ଚାର୍ଜିଂ ଇଲେକ୍ଟ୍ରିକ ବସ୍ ପରିଚାଳନର ପ୍ରସ୍ତାବ ଦେଇଛନ୍ତି। ଏହି ପଦକ୍ଷପ ଦ୍ୱାରା ଭୁବନେଶ୍ୱର ଓ କଟକର ଯୁଗ୍ମ ନଗରୀକୁ ତୀର୍ଥନଗରୀ ପୁରୀ ସହ ସିଧାସଳଖ ଇଲେକ୍ଟ୍ରିକ ବସ୍ ସେବା ସହଜ ହେବ। ଏହି ଅତ୍ୟାଧୁନିକ ବସ୍‌ଗୁଡ଼ିକ ଫ୍ଲାସ୍-ଚାର୍ଜିଂ ପ୍ରଯୁକ୍ତିବିଦ୍ୟାରେ ପରିପୂର୍ଣ୍ଣ, ଯାହା ବସ୍ ଷ୍ଟପ୍‌ରେ ଲାଗିଥିବା ୬୦୦ କିଲୋୱାଟର ଓଭରହେଡ୍ ଚାର୍ଜର ମାଧମରେ ୩୦ ସେକେଣ୍ଡରୁ କମ୍ ସମୟରେ ପୂର୍ଣ୍ଣ ଚାର୍ଜ ହେବାର କ୍ଷମତା ରଖିଛି। ଏହି ବ୍ୟବସ୍ଥା ବସ୍ ପହଞ୍ଚିବା ମାତ୍ରେ ସ୍ୱୟଂଚାଳିତ ଭାବେ ଚାର୍ଜିଂ ଆରମ୍ଭ କରିବା ପାଇଁ ଡିଜାଇନ୍ କରାଯାଇଛି, ଯାହା ଅଳ୍ପ ସମୟ ଅପେକ୍ଷା ସୁନିଶ୍ଚିତ କରେ। ଏହି ବସ୍‌ଗୁଡ଼ିକ ପାଇଁ ପାଇଲଟ ପ୍ରକଳ୍ପ ମହାରାଷ୍ଟ୍ରର ନାଗପୁରରେ ଆରମ୍ଭ ହେବାକୁ ଯାଉଛି। ପ୍ରତ୍ୟେକ ବସ୍ ୧୮ ମିଟର ଲମ୍ବା ଏବଂ ଏହାରେ ଏକ୍ଜିକ୍ୟୁଟିଭ୍-ଶ୍ରେଣୀର ଆସନ, ବ୍ୟକ୍ତିଗତ ଟିଭି ସ୍କ୍ରିନ୍, ଏୟାର କଣ୍ଡିସନିଂ, ଲାପଟପ୍ ଟ୍ରେ, ମୋବାଇଲ ଚାର୍ଜିଂ ପଏଣ୍ଟ ଏବଂ ଅନବୋର୍ଡ ସ୍ନାକ୍ସ ଭଳି ଉଚ୍ଚମାନର ସୁବିଧା ରହିଛି, ଯାହା ଯାତ୍ରୀମାନଙ୍କୁ ଉଡ଼ାଣ ଭଳି ଅନୁଭବ ପ୍ରଦାନ କରେ। ଏହା ବ୍ୟତୀତ, ଏହି ଇଲେକ୍ଟ୍ରିକ ବସ୍‌ଗୁଡ଼ିକ ପାରମ୍ପରିକ ଡିଜେଲ ବସ୍ ତୁଳନାରେ ଯାତ୍ରୀମାନଙ୍କ ପାଇଁ ୩୦% କମ୍ ଖର୍ଚ୍ଚ ହେବାର ଆଶା କରାଯାଉଛି। ଏଥିସହିତ ପରିବେଶ ସଂରକ୍ଷଣରେ ମଧ ଏହା ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ। ଯଦି ନାଗପୁର ମଡେଲ ସଫଳ ହୁଏ, ତେବେ ଓଡ଼ିଶାରେ ମଧ ଏହି ଧରଣର ସେବା ଶୀଘ୍ର ଆରମ୍ଭ ହୋଇପାରେ, ଯାହା ଦୌତ ନଗରୀ-ପୁରୀ କରିଡ଼ରରେ ଯାତ୍ରୀମାନଙ୍କ ପାଇଁ ପରିବେଶ ଅନୁକୂଳ, ଆରାମଦାୟକ ଏବଂ ସୁଲଭ ଯାତ୍ରା ପ୍ରଦାନ କରିବ।

## ମୁକୁଳିଲେ ମହେନ୍ଦ୍ର, ଦିନ ଗଣୁଛି ଦାରା

ଭୁବନେଶ୍ୱର,୧୮।୪ (ସଂଚାର ବ୍ୟୁରୋ): ଗ୍ରାହାମ ଷ୍ଟେନ୍ ଓ ତାଙ୍କ ଦୁଇ ଶିଶୁପୁତ୍ରଙ୍କୁ ହତ୍ୟା ମାମଲାରେ ଅଭିଯୁକ୍ତ ଥିବା ୧୩ଜଣଙ୍କ ମଧ୍ୟରୁ ୧୨ଜଣ ଇତି ମଧ୍ୟରେ କାରାମୁକ୍ତ ହୋଇ ସାରିଥିବାବେଳେ କେବଳ ମୁଖ୍ୟ ଅପରାଧି ରବିନ୍ଦ୍ର ପାଲ୍ ଓରଫ ଦାରା ସିଂ କେବେ ଜେଲରୁ ମୁକ୍ତି ପାଇବ ସେଥିଘେନି ଦିନ ଗଣୁଛି। ଏଠାରେ ଉଲ୍ଲେଖନୀୟ ଯେ ୧୯୯୯ ଜାନୁୟାରୀ ୨୧ ରାତିରେ ଦାରା ତାହାର ସହଯୋଗୀମାନେ ଅଷ୍ଟ୍ରେଲୀୟ ମିଶନାରୀ ଗ୍ରାହାମ ଷ୍ଟେନ୍ ଓ ତାଙ୍କ ଦୁଇ ପୁଅ ୧୦ ବର୍ଷର ଫିଲିପ୍ ଓ ୬ବର୍ଷୀୟ ତିମୋଥିଙ୍କୁ ଗାଡି ଭିତରେ ଜୀଅନ୍ତା ପୋଡି ହତ୍ୟା କରିଥିଲେ । ଏହି ହତ୍ୟାକାଣ୍ଡ ଘଟିଥିଲା ଆନନ୍ଦପୁର ନିକଟବର୍ତ୍ତୀ ମନୋହରପୁରରେ। ଏହି ନରହତ୍ୟା ଘଟଣାରେ ମୋଟ୍ ୧୩ଜଣଙ୍କୁ ଗିରଫ କରାଯାଇଥିଲା। ମୁଖ୍ୟ ଅଭିଯୁକ୍ତ ଦାରା ଫେରାର ହୋଇଯାଇଥିବାବେଳେ ୨୦୦୦ ଜାନୁଆରୀରେ ଧରାପଡିଥିଲା। ତେବେ ତାହାର ପ୍ରମୁଖ ସହଯୋଗୀ ମନୋହରପୁରର ମହେନ୍ଦ୍ର ହେମ୍ବ୍ରମ କିନ୍ତୁ ୧୯୯୯ରେ ହିଁ ଗିରଫ ହୋଇଥିଲା। ଏହି ମାମଲାର ବିଚାର କରି ୧୨ ଜଣଙ୍କୁ ଆଜୀବନ କାରାଦଣ୍ଡ ଦିଆଯାଇଥିବାବେଳେ ଦାରାକୁ ଫାଶୀ ଦଣ୍ଡାଦେଶ ହୋଇଥିଲା ୨୦୦୩ ସେପ୍ଟେମ୍ବର ମାସରେ । ଭୁବନେଶ୍ୱରର ସିବିଆଇ କୋର୍ଟ ସେତେବେଳେ ଏହି ଦଣ୍ଡାଦେଶ ଶୁଣାଇଥିଲେ। ପରବର୍ତ୍ତୀ ସମୟରେ ୨୦୦୫ ମସିହାରେ ଓଡିଶା ହାଇକୋର୍ଟ ଦାରାର ମୃତ୍ୟୁ ଦଣ୍ଡାଦେଶକୁ ଆଜୀବନ କାରାଦଣ୍ଡରେ ବଦଳାଇଥିଲେ । ସେହିଭଳି ଆଜୀବନ କାରାଦଣ୍ଡ ଭୋଗୁଥିବା ଅନ୍ୟ ୧୨ଜଣଙ୍କ ମଧ୍ୟରୁ ୧୧ଜଣ ମଧ୍ୟ ହାଇକୋର୍ଟରୁ ଆଶ୍ୱସ୍ତି ପାଇଥିଲେ । ମୋଟାମୋଟି ଭାବେ ଏହି ହତ୍ୟାକାଣ୍ଡର ୧୩ ଅଭିଯୁକ୍ତଙ୍କ ମଧ୍ୟରୁ କେବଳ ଦାରା ଓ ମହେନ୍ଦ୍ର ହେମ୍ବ୍ରମ ସେବେଠାରୁ ଜେଲ୍‌ରେ ଥିଲେ ।

# ମୁଣ୍ଡରେ ହାତ ଦେଲେଣି 'ସ୍ଫୁର୍ତ୍ତି' ଉଦ୍ୟୋଗୀ



ଭୁବନେଶ୍ୱର,୧୮।୪: କେନ୍ଦ୍ର ସରକାରଙ୍କ ସ୍ଫୁର୍ତ୍ତି ଯୋଜନାରେ କ୍ଲଷ୍ଟର ଖୋଲିଥିବା ଅନେକ ଉଦ୍ୟୋଗୀ ଏବେ ମୁଣ୍ଡରେ ହାତଦେଇ ବସିଗଲେଣି । କଞ୍ଚାମାଲ ଖରିଦ ପାଇଁ ରାଜ୍ୟ ସରକାରଙ୍କ ଠାରୁ ସହଯୋଗ ମିଳୁନଥିବାରୁ କାରଖାନା କିଭଳି ଚାଲିବ ସେହି ଚିନ୍ତା ଏବେ ଘାରିଛି।

ରାଜ୍ୟର ୧୬ଟି ଜିଲ୍ଲାରେ କେନ୍ଦ୍ର ସରକାରଙ୍କ ସ୍ଫୁର୍ତ୍ତି ଯୋଜନାରେ ୪୦ଟି କ୍ଲଷ୍ଟର ଖୋଲିଛି। ଏଥିରେ ହସ୍ତଶିଳ୍ପ, ବାଉଁଶ, ବସ୍ତ୍ରଶିଳ୍ପ, କୃଷି ଉତ୍ପାଦନ, ମହୁଚାଷ, ଖାଦ୍ୟ ପ୍ରକ୍ରିୟାକରଣ ଓ ଅନ୍ୟାନ୍ୟ ପାରମ୍ପରିକ ଶିଳ୍ପ ଉଦ୍ୟୋଗ ସ୍ଥାପନ ହୋଇଛି । ଯୋଜନାରେ ମୂଳ ଲକ୍ଷ୍ୟ ହେଉଛି ଗାଁ ଗହଳରେ ଥିବା କଞ୍ଚାମାଲର ବ୍ୟବହାର ଦ୍ୱାରା କୁଶଳୀ କାରିଗରମାନଙ୍କ ହାତକୁ କାମ ଯୋଗାଇବା। ଏହି ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ୯୦ ପ୍ରତିଶତ ଅନୁଦାନ ଆର୍ଥିକ ସହାୟତା ବାବଦରେ ଯୋଗାଇ ଦେଇଥିବାବେଳେ ଅଂଶୀଦାରମାନେ ପ୍ରକଳ୍ପର ୧୦ ପ୍ରତିଶତ ଅର୍ଥ ପ୍ରଦାନ କରିଛନ୍ତି । ଏହି ୧୦ ପ୍ରତିଶତ ଅର୍ଥ ଓଡିଶା ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ନିକଟରେ ରହିଛି। ତେବେ କ୍ଲଷ୍ଟର ପ୍ରତିଷ୍ଠା କରିଥିବା କିଛି ଉଦ୍ୟୋଗୀଙ୍କ କହିବାକଥା ଯେ ସେମାନେ ଦାଖଲ କରିଥିବା ୧୦ପ୍ରତିଶତ ଅର୍ଥ ପ୍ରଦାନ କରାଗଲେ ସେଥିରେ ସେମାନେ କଞ୍ଚାମାଲ ଖରିଦ କରିପାରନ୍ତେ। ହେଲେ ଏମଏସଏମଇ କର୍ତ୍ତୃପକ୍ଷ ଏଥିପ୍ରତି ଆଦୌ ଗୁରୁତ୍ୱ ଦେଉନାହାନ୍ତି। ସ୍ଫୁର୍ତ୍ତି ପ୍ରକଳ୍ପ ପାଇଁ ଥିବା ସ୍ୱତନ୍ତ୍ର ଅଧିକାରୀ ପଦବୀଟି ଦୀର୍ଘଦିନ ହେଲା ଖାଲି ପଡିଥିବାରୁ ସେମାନେ କାହାକୁ ଜଣାଇବେ ତାହା ବି ଜାଣିପାରୁ ନାହାନ୍ତି। ଯେଉଁସବୁ ଉଦ୍ୟୋଗୀମାନେ ଲକ୍ଷାଧିକ ଟଙ୍କା ବ୍ୟୟରେ କାରଖାନା ବସାଇଛନ୍ତି କଞ୍ଚାମାଲ ଅଭାବରୁ ତାହା ଧିରେ ଧିରେ ବନ୍ଦ ଅଚଳ ହେବାକୁ ଲାଗିଛନ୍ତି । ଯଦି ଠିକଣା ସମୟରେ ଅର୍ଥ ନିମିଳିବ ତେବେ ଯନ୍ତ୍ରପାତିରେ କଳଙ୍କି ଲାଗିଯିବାର ସମ୍ଭାବନା ରହିଛି । ତେଣୁ ସରକାର ଏଥିପ୍ରତି ତୁରନ୍ତ ଦୃଷ୍ଟିଦେବା ଆବଶ୍ୟକ ହୋଇଛି । ଅନ୍ୟ ପକ୍ଷରେ କେନ୍ଦ୍ର ସରକାର ଏହି ଯୋଜନାରେ ବିପୁଳ ପରିମାଣର ଅର୍ଥ ଯୋଗାଇ ଦେଇଥିବାବେଳେ ଠିକଣା ତଦାରଖ କରୁନଥିବାରୁ ଅନେକ ଅଂଶୀଦାର ଧିରେ ଧିରେ ସେମାନଙ୍କର କାର୍ଯ୍ୟ ପରିସୀମା ସଙ୍କୁଚିତ କରିବାରେ ଲାଗିଛନ୍ତି। ବିଶେଷକରି ଯେଉଁସବୁ ଉଦ୍ୟୋଗରେ ଅଧିକ କଳ କାରଖାନା ସ୍ଥାପନ ନହୋଇ ସେଠାରେ କ୍ଲଷ୍ଟର କେତେ ଦିନ ଚାଲିବ ତାହାକୁ ନେଇ ସନ୍ଦେହ ସୃଷ୍ଟି ହେଲାଣି । ତେଣୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ନିୟମିତ ଭାବେ ଏହିସବୁ କ୍ଲଷ୍ଟରର ସମୀକ୍ଷା କରିବା ସହିତ ଏଠାରେ ଚୁକ୍ତି ମୁତାବକ କେତେ ଲୋକ କର୍ମସଂସ୍ଥାନ ପାଇଛନ୍ତି ଓ ଏହା ରାଜ୍ୟପାଇଁ କେତେ ସଫଳ ସାବ୍ୟସ୍ତ ହୋଇଛି ତାହା ପରଖିବା ଆବଶ୍ୟକ। (ତଥ୍ୟ)

**ଜୀବନ ଅମୃତ ଅନୁଚିନ୍ତା**

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।



SANCHAR

ସଂଚାର

ଶନିବାର ୧୯ ଏପ୍ରିଲ ୨୦୨୫, ଭୁବନେଶ୍ୱର

Saturday 19 April 2025 Bhubaneswar




# ୱାକଫ ବିବାଦର ନୂଆ ମୋଡ଼

ସଂସଦର ଉଭୟ ଗୃହରେ ୱାକଫ ସଂଶୋଧନ ବିଲ ଗୃହୀତ ହେବା ପରେ ରାଷ୍ଟ୍ରପତିଙ୍କ ଅନୁମୋଦନ ସହ ଏହା ଆଇନରେ ପରିଣତ ହୋଇଛି। କିନ୍ତୁ ଏହାକୁ ଚାଲେଞ୍ଜ କରି ସୁପ୍ରିମକୋର୍ଟରେ ଶହେରୁ ଅଧିକ ପିଟିସନ ଦାଖଲ ହୋଇଛି। ବିଭିନ୍ନ ମୁସଲିମ ସଙ୍ଗଠନ, ବିରୋଧୀ ରାଜନୈତିକ ଦଳ ଏବଂ ବ୍ୟକ୍ତିବିଶେଷ ମାନେ ଏହିସବୁ ପିଟିସନ ଦାଖଲ କରିଛନ୍ତି। ଏହିସବୁ ପିଟିସନ ମଧ୍ୟରୁ ୭୩ଟି ପିଟିସନ ଉପରେ ସୁପ୍ରିମକୋର୍ଟ ଏକତ୍ର ଶୁଣାଣୀ ଆରମ୍ଭ କରିଛନ୍ତି। ପ୍ରଧାନବିଚାରପତି ଜଷ୍ଟିସ ସଞ୍ଜିବ ଖାନ୍ନାଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ଏହା ଉପରେ ଦୁଇଦିନ ଶୁଣାଣୀ କରିଛନ୍ତି। ପ୍ରଥମତଃ କିଛି ପିଟିସନର ଆଇନର କାର୍ଯ୍ୟକାରୀତା ଉପରେ ରୋକ ଲଗାଇବକୁ ସୁପ୍ରିମକୋର୍ଟଙ୍କୁ ଅନୁରୋଧ କରିଥିଲେ। ଏହାକୁ ସୁପ୍ରିମକୋର୍ଟ ସିଧାସଳଖ ଖାରଜ କରି ଦେଇଛନ୍ତି। ଅନ୍ୟ ପକ୍ଷରେ ନୂଆ ଆଇନର କିଛି ବିଧି ବ୍ୟବସ୍ଥା ଉପରେ ସୁପ୍ରିମକୋର୍ଟ କେନ୍ଦ୍ରଠାରୁ ସ୍ପଷ୍ଟୀକରଣ ମାଗିଛନ୍ତି ଏବଂ ୭ ଦିନ ଭିତରେ ସତ୍ୟପାଠ ମାଧମରେ କେନ୍ଦ୍ର ସରକାର ଏ ସମ୍ପର୍କରେ ଅବଗତ କରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟ ପକ୍ଷରେ ପରବର୍ତ୍ତୀ ଶୁଣାଣୀ ପର୍ଯ୍ୟନ୍ତ ୱାକଫ ବୋର୍ଡ ବା କାଉନସିଲରେ ନିଯୁକ୍ତି ଉପରେ ସୁପ୍ରିମକୋର୍ଟ ରୋଗ ଲଗାଇଛନ୍ତି। ମେ ୫ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣୀ ହେବ। ଆବଶ୍ୟକ ପଡ଼ିଲେ ଶୁଣାଣୀ ଅଧିକ ଦିନ ଘୁଞ୍ଚିପାରେ। ସେ ପର୍ଯ୍ୟନ୍ତ ୱାକଫ ବୋର୍ଡରେ ନୂଆ ଆଇନ ଅନୁଯାୟୀ ନିଯୁକ୍ତି ହୋଇପାରିବ ନାହିଁ। ସଂଶୋଧିତ ୱାକଫ ଆଇନରେ ଏହା ହିଁ ସବୁଠାରୁ ବିବାଦୀୟ ପ୍ରସଙ୍ଗ। ନୂଆ ଆଇନ ଅନୁଯାୟୀ ୱାକଫ ବୋର୍ଡ ବା କାଉନସିଲରେ ଅଣ ମୁସଲିମ ବା ହିନ୍ଦୁ ଧର୍ମାବଲମ୍ବୀ ଏବଂ ମହିଳା ସଦସ୍ୟ ରହିପାରିବେ। ଏହାକୁ ଅନେକ ମୁସଲିମ ସଙ୍ଗଠନ ବିରୋଧ କରୁଛନ୍ତି। ଶହ ଶହ ବର୍ଷ ହେବ ୱାକଫ ବ୍ୟବସ୍ଥାରେ ଯାହା ଅଛି ତାକୁ କିପରି ବଦଳାଯାଇପାରିବ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଅନେକ ମୋ÷ଳବାଦୀ ଇସଲାମିକ ସଙ୍ଗଠନ ମହିଳା ଶିକ୍ଷା ଏବଂ ମହିଳାଙ୍କୁ କ୍ଷମତା ପ୍ରଦାନର ଘୋର ବିରୋଧୀ। ତେଣୁ ସେମାନେ ୱାକଫ ବୋର୍ଡରେ ମହିଳା ସଦସ୍ୟା ଏବଂ ଅଣ ମୁସଲିମଙ୍କୁ କିପରି ବରଦାସ୍ତ କରିବେ? ସେମାନେ ମଧ୍ୟଯୁଗୀୟ ଚିନ୍ତାଧାରାରେ ରହିଛନ୍ତି। ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟ ଏକ ମହତ୍ୱପୂର୍ଣ୍ଣ ପ୍ରଶ୍ନ ଉଠାଇଛନ୍ତି। ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କଠାରୁ ଏ ସମ୍ପର୍କରେ ସ୍ପଷ୍ଟୀକରଣ ମାଗିଛନ୍ତି ଯେ, ଏହି ହିନ୍ଦୁ ବୋର୍ଡରେ ମୁସଲମାନ ସଦସ୍ୟ ରହିପାରିବେ କି ନାହିଁ। ଏହା ଏକ ଭଲ ପ୍ରଶ୍ନ। କିନ୍ତୁ ୱାକଫ ବୋର୍ଡ ଏବଂ ହିନ୍ଦୁ ମନ୍ଦିର ଟ୍ରଷ୍ଟି ଭିତରେ ଅନେକ ପାର୍ଥକ୍ୟ ରହିଛି। ଏହାକୁ କେହି ଅଣଦେଖା କରିପାରିବେ ନାହିଁ। ଶୁଣାଣୀ ବେଳେ ସୁପ୍ରିମକୋର୍ଟ ସଙ୍କେତ ଦେଇଛନ୍ତି ଯେ, ଏହା ଉପରେ କିଛି ଅନ୍ତରୀଣ ଆଦେଶ ଦେଇପାରନ୍ତି। ଅର୍ଥାତ ମାମଲା ଦୀର୍ଘ ବର୍ଷ ପର୍ଯ୍ୟନ୍ତ ଚାଲିପାରେ। ଆଗକୁ ଏହା ଏକ ବଡ଼ ରାଜନୈତିକ ପ୍ରସଙ୍ଗ ହୋଇପାରେ। ଯେମିତି ଅଯୋଧାରେ ରାମ ମନ୍ଦିର ପ୍ରସଙ୍ଗ ଦୀର୍ଘ ବର୍ଷ ହେବ ଚାଲିଲା ଏବଂ ଅନେକ ରକ୍ତପାତ ହେଲା। ୱାକଫ ଆକ୍ଟ ଉପରେ ମାମଲାକୁ ଅଧିକ ଦିନ ଗଡ଼ାଇବାର କୋ÷ଣସି ଯଥାର୍ଥତା ନାହିଁ। ଏହାର ଶୀଘ୍ର ଫଇସଲା ହେବା ଉଚିତ। ଯଦି ସୁପ୍ରିମକୋର୍ଟ ଏହାକୁ ଅସାମ୍ବିଧାନିକ ବୋଲି ବିଚାର କରୁଛନ୍ତି ତେବେ ଏହାକୁ ଅବିଳମ୍ବେ ଖାରଜ କରିଦେବା ଉଚିତ। ଏହାକୁ ଅଧିକ ଦିନ ଝୁଲାଇ ରଖିବାର କିଛି କାରଣ ନାହିଁ। ୱାକଫ ବାଇ ୟୁଜର ଉପରେ ସୁପ୍ରିମକୋର୍ଟ କିଛି ପ୍ରଶ୍ନ ଉଠାଇଛନ୍ତି। ଅନ୍ୟ ପକ୍ଷରେ ୱାକଫ ଆଇନରେ ସଂଶୋଧନକୁ ବିରୋଧ କରି ଦେଶର ବିଭିନ୍ନ ସ୍ଥାନରେ ଦେଖା ଦେଇଥିବା ହିଂସାକାଣ୍ଡ ନେଇ ସୁପ୍ରିମକୋର୍ଟ ଗଭୀର ଉଦବେଗ ପ୍ରକାଶ କରିଛନ୍ତି। ଏହା ଯଥାର୍ଥ। କିନ୍ତୁ ହିଂସାକାଣ୍ଡ ବନ୍ଦ କରିବା ଲାଗି ସୁପ୍ରିମକୋର୍ଟ କିଛି ଠୋସ ନିର୍ଦ୍ଦେଶ ଦେଇଥିଲେ ଭଲ ହୋଇଥାଆନ୍ତା। ହିଂସାକାଣ୍ଡ ବନ୍ଦ ହେବା ପର୍ଯ୍ୟନ୍ତ ୱାକଫ ମାମଲାର ଶୁଣାଣୀ ହୋଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେବା ଉଚିତ ଥିଲା। ପଶ୍ଚିମବଙ୍ଗ ହେଉଛି ୱାକଫ ହିଂସାର କେନ୍ଦ୍ରବିନ୍ଦୁ।




ସେଠାରେ ହିଂସା ରୋକିବାକୁ ରାଜ୍ୟ ସରକାର କ'ଣ ପଦକ୍ଷେପ ନେଇଛନ୍ତି ସେ ସମ୍ପର୍କରେ ସୁପ୍ରିମକୋର୍ଟ ପ୍ରଶ୍ନ କରିବା ଉଚିତ ଥିଲା। ଆନ୍ଦୋଳନ, ବିକ୍ଷୋଭ ପ୍ରଦର୍ଶନ ନାମରେ ହିଂସା କଦାପି ଗ୍ରହଣୀୟ ନୁହେଁ। ଏହା ପଛରେ ସଂକୀର୍ଣ୍ଣ ମାନସିକତା ଏବଂ ରାଜନୈତିକ ଅଭିସନ୍ଧି ରହିଥାଏ। କେବଳ ସାଧାରଣ ଲୋକଙ୍କୁ ବିଭ୍ରାନ୍ତ ଏବଂ ଭୁଲ ବାଟରେ ପରିଚାଳିତ କରିବା ଏବଂ ନିଜ ପାଇଁ ଭୋଟ ବ୍ୟାଙ୍କ ପ୍ରସ୍ତୁତ କରିବା ପାଇଁ କିଛି ରାଜନୈତିକ ଦଳ ଏଭଳି ହିଂସାକୁ ପ୍ରଶ୍ରୟ ଏବଂ ପ୍ରୋତ୍ସାହନ ଦେଉଛନ୍ତି। କିଛି ବର୍ଷ ତଳେ ସିଏଏ ବା ନାଗରିକତା ସଂଶୋଧନ ଆଇନକୁ ବିରୋଧ କରି ଏଭଳି ହିଂସାତ୍ମକ ଆନ୍ଦୋଳନ ହୋଇଥିଲା ଏବଂ ଅନେକ ଧନ ଜୀବନ ହାନି ହୋଇଥିଲା। ସରକାର ସିଏଏ ଉପରେ ଯେତେ ବୁଝାଇଲେ ବି ଚେଇଁ ଶୋଇଥିବ ଯିଏ ତାକୁ ଉଠାଇବ କିଏ ନୀତିରେ ଅନେକ ସବୁ ବୁଝି କିଛି ନବୁଝିବା ପରି ରହିଲେ। ସିଏଏ ଦ୍ୱାରା କାହାର ନାଗରିକତା ଯିବନି, ଏହା ଦ୍ୱାରା କିଛି ଶରଣାର୍ଥୀ କେବଳ ଭାରତର ନାଗରିକତା ପାଇବେ ବୋଲି ସରକାର ଯେତେ ବୁଝାଇଲେ ମଧ ଅନେକ ଏହାକୁ ଶୁଣି ନଶୁଣିବା ପରି ରହିଲେ। ସାଧାରଣ ଲୋକ ନୁହଁନ୍ତି, ପି ଚିଦାମ୍ବରମଙ୍କ ଭଳି ବିଜ୍ଞ ଲୋକ ମଧ ଏହା ଅସାମ୍ବିଧାନିକ ବୋଲି କହିଲେ। ଏବେ ୫ ବର୍ଷ ପରେ ସିଏଏ ଦ୍ୱାରା କେହି ଜଣେ ହେଲେ ଭାରତୀୟ ନାଗରିକତ୍ୱ ହରାଇଛନ୍ତି କି ବୋଲି ଗୃହମନ୍ତ୍ରୀ ପ୍ରଶ୍ନ କରିଛନ୍ତି। ଏହାର ଜବାବ କାହା ନିକଟରେ ନାହିଁ। ସିଏଏକୁ ବିରୋଧ କରି ଯେଉଁମାନେ ହିଂସାକାଣ୍ଡ କରିଥିଲେ, ଧନଜୀବନ ହାନିର କାରଣ ହୋଇଥିଲେ, ରାସ୍ତାରୋକ କରି ସାଧାରଣ ଜବୀନ ଯାତ୍ରାରେ ବ୍ୟାଘାତ ସୃଷ୍ଟି କରିଥିଲେ ଯେ, ସେମାନେ ଏବେ ଏଥିପାଇଁ କ୍ଷମା ମାଗିବା ଉଚିତ। ସିଏଏ ଭଳି ୱାକଫ ସଂଶୋଦନ ବିରୋଧରେ ଅନେକ ସାଧରଣ ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି। ଦେଶରେ ହିଂସା ଏବଂ ବିଶୃଙ୍ଖଳା ସୃଷ୍ଟି କରି ଅରାଜକତା ଲାଗି ଅନେକ ପ୍ରୟାସ କରୁଛନ୍ତି। ସରକାରଙ୍କୁ ବଦନାମ କରିବା, ଭାରତକୁ ଦୁର୍ବଳ କରିବା ଏବଂ ସଂଖ୍ୟାଲଘୁଙ୍କୁ ଭୟଭୀତ କରି ସେମାନଙ୍କ ମନରେ ବିଜେପି ପ୍ରତି ଘୃଣା ସୃଷ୍ଟି କରିବା ହେଉଛି ସେମାନଙ୍କର ଲକ୍ଷ୍ୟ। ସଂଖ୍ୟାଲଘୁ ଭୋଟ ବ୍ୟାଙ୍କ ସୃଷ୍ଟି ଯେଉଁମାନଙ୍କର ଲକ୍ଷ୍ୟ, ଯେଉଁମାନେ ଧର୍ମନିରପେକ୍ଷତା କ'ଣ ଜାଣନ୍ତି ନାହିଁ, ସେମାନେ ଏହାକୁ ବିରୋଧ କରୁଛନ୍ତି। ଆତଙ୍କବାଦ ବିରୋଧରେ ସେମାନଙ୍କ ସ୍ୱର ସବୁ ବେଳେ ନରମ। ଏଥିନେଇ ସୁପ୍ରିମକୋର୍ଟ କିଛି ନିର୍ଦ୍ଦେଶ ଜାରିବା ଉଚିତ। ଆନ୍ଦୋଳନ ନାମରେ ହିଂସା ଏକ ସଭ୍ୟ ସମାଜ ଏବଂ ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତି ବିପଦ। ସୁପ୍ରିମକୋର୍ଟ ସବୁ କଥାରେ ହସ୍ତକ୍ଷେପ କରୁଛନ୍ତି। ଏବେ ହିଂସା ଏବଂ ଅରାଜମକତା ରୋକିବାକୁ କିଛି ବଡ଼ ନିର୍ଦ୍ଦେଶ ଦିଅନ୍ତୁ। ନଚେତ ଭାରତରେ ଭୋଟ ବ୍ୟାଙ୍କ ପାଇଁ ରକ୍ତପାତ ଏବଂ ଜାତୀୟ ସମ୍ପତ୍ତି ନଷ୍ଟ ଜାରି ରହିଥିବ। ୱାକଫ ସଂଶୋଧନକୁ ବିରୋଧ କରୁଥିବା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି ଯେ, ତାଙ୍କ ରାଜ୍ୟରେ ନୂଆ ଆଇନ ଲାଗୁ କରାଯିବ ନାହିଁ। ମମତାଙ୍କ ଏଭଳି ଚିନ୍ତାଧାରା ସମ୍ବିଧାନ ବିରୋଧୀ, ଅଗଣତାନ୍ତ୍ରିକ ଏବଂ ବିପଜ୍ଜନକ। ଏହା ସଂଘୀୟ ବ୍ୟବସ୍ଥାର ବିରୋଧୀ। ଏ ସମ୍ପର୍କରେ ସୁପ୍ରିମକୋର୍ଟ ସ୍ପଷ୍ଟ କରିବା ଉଚିତ ଯେ, ସଂସଦରେ ଗୃହୀତ ବିଲ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇ ଆଇନରେ ପରିଣତ ହେବା ପରେ କୋ÷ଣସି ରାଜ୍ୟ ଏହାକୁ ଅଟକାଇପାରିବେ କି? ଭାରତ ସରକାରଙ୍କ ଦ୍ୱାରା ପ୍ରଣୀତ ଆଇନକୁ କୋ÷ଣସି ରାଜ୍ୟ ସରକାର ଅବମାନନା କରିପାରିବେ କି? ରାଜ୍ୟର ଏଭଳି ସ୍ୱାଧୀନତା ଅଛି କି? ଏହା କଲେ କେନ୍ଦ୍ର ସରକାରଙ୍କ ନିକଟରେ କ'ଣ ପ୍ରତିକାର ବ୍ୟବସ୍ଥା ଅଛି ଏ ସମ୍ପର୍କରେ ସୁପ୍ରିମକୋର୍ଟ ସ୍ପଷ୍ଟ କରିବା ଉଚିତ।

# ପ୍ରେମ ସ୍ୱରୂପ ସତ୍ୟସାଇ



**କିଶୋର କୁମାର ଜେନା**

ଭଗବାନ ସବୁ ନାମ ଓ ରୂପ, ଏ ସବୁର ସୁସମନ୍ୱିତ ସମାହାର।ବିଭିନ୍ନ ମତବାଦରେ ଗୃହୀତ, ବିଭିନ୍ନ ମାନବ ସମାଜ ଦ୍ୱାରା ଆରାଧିତ ଦେବତାମାନେ ପ୍ରକୃତରେ ଏକ ଭଗବାନଙ୍କର ଅଙ୍ଗପ୍ରତ୍ୟଙ୍ଗ।ଶରୀରା ଯେପରି ଇନ୍ଦ୍ରିୟ ଓ ଅଙ୍ଗପ୍ରତ୍ୟଙ୍ଗ ମାନଙ୍କର ସମନ୍ୱିତ ଏକକ ଭଗବାନ ସେହିପରି ମଣିଷ ତାଙ୍କୁ ଦେଇଥିବା ସବୁ ରୂପ ଓ ନାମଗୁଡ଼ିକର ସମନ୍ୱୟ।ଭଗବାନଙ୍କ ବିଷୟରେ ଚିନ୍ତା କରିବା ସକାଶେ ଯେ କୌଣସି ଉପାୟ ପାଇଁ ଆବଶ୍ୟକ ଭଗବତ୍ ବିଶ୍ୱାସ ଅନୁପସ୍ଥିତ ଅଛି।ସେହି ବିଶ୍ୱାସ ଦିବ୍ୟ ପୁରୁଷଙ୍କ ସଙ୍ଗତି, ଦିବ୍ୟ ପୁରୁଷମାନଙ୍କ ଜୀବନୀ ଓ ଅନୁଭୂତି ପାଠ ଏବଂ ନିଜସ୍ୱ ଅନୁଭୂତି ଦ୍ୱାରା ହିଁ ଧୀରେ ଧୀରେ ଆସିପାରେ।ନାମ ସଂକୀର୍ତ୍ତନ ଖୁବ୍ ଶୀଘ୍ର ବିଶ୍ୱାସ ବଢ଼ାଏ।ଆରମ୍ଭରେ ଧରାବନ୍ଧା ରୁଟିନ ଭାବରେ ନାମ କୀର୍ତ୍ତନ କରିବାକୁ ହେବ।ପରେ ସ୍ୱାଦ ଆମକୁ ଅଭ୍ୟାସରେ ପକାଇଦେବ; କୀର୍ତ୍ତନ ଅବ୍ୟର୍ଥ ଆନନ୍ଦ ପ୍ରଦାନ କରିବ।ଆମେ ହୃତ୍କମଳ ବିଷୟରେ କହୁ।କାହିଁକି ? କାରଣ ପଦ୍ମ ଜଳ ଭିତରେ ଓ ଜଳରୁ ବଢ଼େ ଏବଂ ସୂର୍ଯ୍ୟ କିରଣରେ ପ୍ରସ୍ଫୁଟିତ ହୁଏ।ହୃଦୟ ମଧ ଭକ୍ତିରୁ ପୁଷ୍ଟିସାର ଗ୍ରହଣ କରେ ଓ ଜ୍ଞାନ ବଳରେ ପ୍ରସ୍ଫୁଟିତ ହୁଏ।ସଦାସର୍ବଦା ଭଗବାନଙ୍କ ଦିବ୍ୟ ନାମ ସ୍ମରଣ କରିବା। ଭଗବାନଙ୍କର ଅଧିକାଂଶ ନାମ ଦୁଇ ଅକ୍ଷର ବିଶିଷ୍ଟ।ଦୁଇ ସଂଖ୍ୟାର ତାତ୍ପର୍ଯ୍ୟ ହେଉଛି ଯେ ପ୍ରଥମ ଅକ୍ଷରଟି ଅଗ୍ନିର ପ୍ରତୀକ, ଯାହା ସଞ୍ଚିତ ପାପକୁ ପୋଡ଼ି ପକାଏ ଏବଂ ଦ୍ୱିତୀୟଟି ପୁନରୁଦ୍ଧାରକାରୀ, ସତେଜ, ସଂସ୍କାର ଶକ୍ତି ଅମୃତ ତତ୍ତ୍ୱର ପ୍ରତୀକ।ଦୁଇଟିଯାକ ପ୍ରକ୍ରିୟା ଆବଶ୍ୟକ, ପ୍ରତିବନ୍ଧକ ଦୂରୀକରଣ ଓ ସଂରଚନା ନିର୍ମାଣ ।

"ମର୍ତ୍ତ୍ୟ ମଣ୍ଡଳେ ଦେହ ବହି, ଦେବତା ହୋଇଲେ ମରଇ।' ସମଗ୍ର ବିଶ୍ୱର ସ୍ରଷ୍ଟା ଓ ପାଳକ ବୋଲି ସେ ମୁକ୍ତ କଣ୍ଠରେ ଘୋଷଣା କରିଥିଲେ। ତା ସହିତ ନିଜ ମାନବ ସ୍ୱଭାବର ଅପୂର୍ଣ୍ଣତା କଥା ମଧ ସ୍ୱୀକାର କରିବାକୁ କୁଣ୍ଠିତ ହୋଇ ନଥିଲେ। ସାଇଶକ୍ତି ଓ ସାଇଜ୍ଞାନ ଅମାପ ବୋଲି କହିସାରି ସେ ପ୍ରକାଶ କରିଥିଲେ, "ମଣିଷ ଶରୀର ଗ୍ରହଣ କରିଥିବାରୁ ଏହି ଶରୀର ଅପୂର୍ଣ୍ଣତା ଓ ସ୍ୱଭାବ ଗ୍ରହଣ କରିବାର ଶୁଳ୍କ (ଟ୍ୟାକ୍ସ) ମୋତେ ଦେବାକୁ ପଡୁଛି। ଆହୁରି ଅଧିକ ସ୍ପଷ୍ଟ ଭାବରେ ସେ କହିଥିଲେ, ସମଗ୍ର ବାହ୍ୟବସ୍ତୁ ଦେଶ ଓ କାଳର ଅଧିନ, ପ୍ରକୃତି ନିୟମର ଅଧୀନ। ମୋର ବାହ୍ୟ ସ୍ୱରୂପ ମଧ ସେଥିରୁ ମୁକ୍ତ ନୁହେଁ।'

ଅବତାର ମଣିଷ ସ୍ତରକୁ ଓହ୍ଲାଇ ଆସିଲେ ଯାଇ ତାଙ୍କ ସହ ମଣିଷମାନଙ୍କର ଆତ୍ମୀୟତା ପ୍ରତିଷ୍ଠା କରିବା ସମ୍ଭବ। ଏହା ସତ୍ତ୍ୱେ ତାଙ୍କ ଅବତରଣ ଦ୍ୱାରା ସମ୍ପୂର୍ଣ୍ଣ ରୂପେ ଉପକୃତ ହେବାପାଇଁ ଅର୍ଥାତ୍ ତାଙ୍କ ଦିବ୍ୟ ସ୍ୱଭାବ ବ୍ରହ୍ମଚେତନା ସହିତ ଏକାତ୍ମତା ଲାଭ କରିବା ପାଇଁ, ଆମକୁ ତାଙ୍କର ବାହ୍ୟରୂପକୁ ମଧ ଅତିକ୍ରମ କରିଯିବାକୁ ପଡ଼ିବ। ଯେତେବେଳେ ମଣିଷ ଅନ୍ତର୍ମୁଖୀ ହେବ, ସେତେବେଳେ ସେ ଅବତାର ପୁରୁଷଙ୍କର ପ୍ରକୃତି ଦୈବ ସ୍ୱଭାବ ଉପଲବ୍ଧି କରି ଜୀବନକୁ ପୂର୍ଣ୍ଣ କରିବ। ଏହି ପରିପ୍ରେକ୍ଷୀରେ ଭଗବାନ କୃଷ୍ଣ ଉଦ୍ଧବକୁ ବଦ୍ରିକା ଆଶ୍ରମକୁ ଯାଇ ତପସ୍ୟା କରିବା ପାଇଁ ପ୍ରବର୍ତ୍ତାଇଥିଲେ। ଭଗବାନ ବାବା ଏ ବିଷୟରେ କହନ୍ତି, "ବାହ୍ୟ ଦର୍ଶନ ପୂର୍ଣ୍ଣ ଦର୍ଶନ ନୁହେଁ ବରଂ ଏହା ଏପରି ହେବା କଥା, ତାହାହେଲେ ଯାଇ ମଣିଷ ଅନ୍ତର୍ଗତ ଦର୍ଶନ ଚାହିଁବ, ଯାହା ଚିରନ୍ତନ ଯେଉଁମାନେ ଜ୍ଞାନମାର୍ଗରେ ତୃପ୍ତିଲାଭ କରନ୍ତି, ସେମାନଙ୍କ ପାଇଁ ଭଗବାନ ବାବାଙ୍କର ଏହି ଉକ୍ତି ଅଟେ।

କିନ୍ତୁ ଯେଉଁମାନେ ନିର୍ମଳ ଭକ୍ତିରେ ଆନନ୍ଦ ପାଆନ୍ତି, ଅବତାରଙ୍କ ଠାରେ ଅପୂର୍ଣ୍ଣତା ଦେଖିଲେ ମଧ ସେମାନଙ୍କ ଭକ୍ତିରେ ଭଙ୍ଗା ପଡ଼େ ନାହିଁ, ସେମାନେ ପ୍ରଶ୍ନ କରନ୍ତି ନାହିଁ, ସେମାନେ ସମ୍ପୂର୍ଣ୍ଣ ଭାବରେ ତାଙ୍କୁ ଗ୍ରହଣ କରିନିଅନ୍ତି। ସାଧାରଣ ଭାବରେ କହିଲେ ଅବତାର ଚାହାନ୍ତି ସାଧକ ଯେଉଁ ମାର୍ଗରେ ଗଲେ ବି, ପୂର୍ଣ୍ଣ ବ୍ରହ୍ମଚେତନାରେ ମଗ୍ନ ହୋଇଯିବାର ଅନ୍ତିମ ଲକ୍ଷ୍ୟ ଠାରେ ପହଞ୍ଚିବା ଦରକାର। ଉପରୋକ୍ତ କଥାରୁ ଆମେ ଏଇ ସିଦ୍ଧାନ୍ତ କରିବା ଯେ, ସତ୍ୟସାଇ ବାବାଙ୍କ ଠାରେ ମନୁଷ୍ୟ ସ୍ୱଭାବର ଅପୂର୍ଣ୍ଣତା କିଛି କିଛି ଦେଖାଯାଉଥିଲେ ମଧ ତାଙ୍କୁ ଅବତାର ନୁହଁନ୍ତି ବୋଲି ଆମେ କହିପାରିବା ନାହିଁ। ଶ୍ରୀରାମ ନିଜେ ବନବାସ ସମୟରେ ସୀତାଙ୍କୁ ହରାଇ ମଣିଷ ପରି କାନ୍ଦୁଥିଲେ କାହିଁକି? କୃଷ୍ଣଙ୍କର ଜଣେ ଅତି ଅନ୍ତରଙ୍ଗ ଭକ୍ତ ଉଦ୍ଧବ କାଳଜବନ/ ଜରାଷନ୍ଧ ଆସିବା କଥା ଶୁଣି ଯେପରି ଭୟରେ ମଥୁରାରୁ ପଳାଇ ଯାଇଥିଲେ ସେଥିପ୍ରତି ବିସ୍ମୟ ପ୍ରକାଶ କରିଛନ୍ତି। ଯୀଶୁ କ୍ଷମା ଓ ଉଦାରତାର ମୂର୍ତ୍ତି ହେଲେ ମଧ ଜେରୁଜେଲମ ମନ୍ଦିର ଭିତରେ କ୍ରୋଧରେ ବ୍ୟବସାୟୀ



ମାନଙ୍କୁ ପିଟି ପକାଇଲେ କାହିଁକି? ପୁତୁରା ରାମଲାଲ ମୃତ୍ୟୁରେ, ଶ୍ରୀରାମ-କୃଷ୍ଣ ପିଲାପରି କାନ୍ଦୁଥିଲେ କାହିଁକି? ଶ୍ରୀରାମକୃଷ୍ଣଙ୍କ ଭାଷାରେ ଖାଦ ମିଶା ଅଳଙ୍କାର, ସୁନାର ଅବମାନନା ନୁହେଁ।

ଅବତାର ମାନଙ୍କର ଜୀବନ କାହାଣୀ ଅଧ୍ୟୟନ କଲେ, ଆମେ ଦେଖିବା ସେମାନଙ୍କ ଠାରେ ଦୁଇଟି ଗୁଣ ସର୍ବଦା ଅମିଶ୍ର ଭାବରେ ବିଦ୍ୟମାନ। ତାହାହେଲେ ଧର୍ମରକ୍ଷଣ ଓ ଭକ୍ତ ରକ୍ଷଣ। ଅବଶ୍ୟ ଏହା ସତ୍ୟ ଯେ, ଧର୍ମ ସଂରକ୍ଷଣ ଅବତାରଙ୍କର ଦାୟିତ୍ୱ ହୋଇଥିବାରୁ, ସେ କେବେହେଲେ ଧର୍ମ ମାର୍ଗରୁ ବିଚ୍ୟୁତ ହୋଇପାରିବେ ନାହିଁ ଏବଂ ଭକ୍ତ ସଂରକ୍ଷଣ ତାଙ୍କର କର୍ତ୍ତବ୍ୟ ଥିବାରୁ ସେ ଏଥିପାଇଁ ଆବଶ୍ୟକ ପଡ଼ିଲେ ଦେବଶକ୍ତି ପ୍ରୟୋଗ ନକରି ରହିପାରିବେ ନାହିଁ। ତେଣୁ ଶ୍ରୀ ସତ୍ୟସାଇ ଯେ ଅବତାର ତାର ଅବିସମ୍ବାଦିତ ପ୍ରମାଣ ହେଲା - ତାଙ୍କର ଶକ୍ତି, ଯାହା ବଳରେ ସେ ସାରା ସଂସାରରେ ଲକ୍ଷ ଲକ୍ଷ ଧର୍ମଚ୍ୟୁତ ବ୍ୟକ୍ତିଙ୍କୁ ଧର୍ମ ମାର୍ଗରେ ଆସିବା ପାଇଁ ଆକୃଷ୍ଟ କରିଛନ୍ତି ଏବଂ ସାରା ପୃଥିବୀରେ ତାଙ୍କର ଭକ୍ତମାନଙ୍କୁ ପାର୍ଥିବ ଏବଂ ଅପାର୍ଥିବ ଉଭୟ ସ୍ତରରେ ଅକୁଣ୍ଠିତ ଅନୁଗ୍ରହ ପ୍ରଦାନ କରିଛନ୍ତି। ସଂସାରରେ ଚାରିଆଡ଼େ ଅଧର୍ମ ରାକ୍ଷସ ରାଜୁତି କରୁଥିଲାବେଳେ, ସେ ଲକ୍ଷ ଲକ୍ଷ ଲୋକଙ୍କୁ ଧର୍ମମାର୍ଗକୁ ଟାଣିଆଣି ପାରିଛନ୍ତି; ଏହା କେଉଁ ଶକ୍ତି ବଳରେ ସମ୍ଭବ?

ଏଠାରେ ଆମ ମନରେ ଗୋଟିଏ ସଂଶୟ ଆସିପାରେ, ତାହାହେଲା ଅବତାର ଠାରେ ଯଦି ମାନବିକ ଗୁଣମାନ ଅଛି, ତେବେ ଆମେ କିପରି ବିଶ୍ୱାସ କରିବା ଯେ, ସେ ଆମର ବିପଦ ସମୟରେ ଡାକରା ଶୁଣିବେ; ଆଉ ଆମକୁ ସେଥିରୁ ଉଦ୍ଧାର କରିବେ। ପ୍ରକୃତରେ ଆମେ ଅବତାରଙ୍କର ମାନବକ ଗୁଣ ବୋଲି ଯାହା କହୁ, ତାହା ଅବତାର ପୁରୁଷଙ୍କର ସ୍ଥୂଳ ଶରୀରରେ ଦେଖାଦେଇପାରେ, ମାତ୍ର ସୂକ୍ଷ୍ମ ଶରୀର ସର୍ବଦା ପୂର୍ଣ୍ଣ ଏବଂ ଅସୀମ। ତେଣୁ ଆମେ ଆମର ଆସନ୍ନ ଦୁର୍ଗତି ସମ୍ବନ୍ଧରେ ଅବହିତ ନଥିଲେ ବି, ଅବତାର ପୁରୁଷଙ୍କର ସୂକ୍ଷ୍ମ ଶରୀର ସେଥିରୁ ଆମକୁ ଉଦ୍ଧାର କରନ୍ତି। ତାଙ୍କ ସର୍ବ ଶକ୍ତିମାନ ଅନୁଗ୍ରହଙ୍କୁ କୌଣସି ମାନବୀୟ ଗୁଣ ପ୍ରଭାବିତ ବା କ୍ଷୁର୍ଣ୍ଣ କରିପାରିନାହିଁ। ସ୍ଥୂଳସାଇ ଦେଶ ଓ କାଳର ଅଧୀନ ହୋଇଠିବାରୁ କେତେକ ଭକ୍ତକୁସେ ଉପେକ୍ଷା କଲାପରି ଜଣାପଡ଼ି ପାରନ୍ତି, ମାତ୍ର ସୂକ୍ଷ୍ମସାଇ ଦେଶ କାଳାତୀତ ହୋଇଥିବାରୁ ପାଞ୍ଚୋଟି ଯାକ ମହାଦେଶରେ ବ୍ୟାପ୍ତ ତାଙ୍କର କୋଟି କୋଟି ପିଲାଙ୍କ ଯତ୍ନ ନେବାରେ ସେ ସର୍ବଦା ତତ୍ପର। ସ୍ଥୂଳସାଇ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଚାଲି ଚାଲି କିମ୍ବା କାରରେ କିମ୍ବା ବିମାନରେ ଯାଆନ୍ତି; ମାତ୍ର ସୂକ୍ଷ୍ମସାଇ ମୁହୂର୍ତ୍ତକ ମଧ୍ୟରେ ହଜାର ହଜାର ତଥା ଲକ୍ଷ ଲକ୍ଷ ମାଇଲ ଦୂରରେ ଏକାଧିକ ସ୍ଥାନରେ ଗୋଟିଏ ସମୟରେ ପହଞ୍ଚି ଯାଇପାରନ୍ତି। ସ୍ଥୂଳସାଇ ଅନ୍ୟ ଭାଷାରେ ଭକ୍ତଙ୍କ ସହିତ କଥା ହେବାପାଇଁ ହୁଏତ ଜଣେ ଦୋଭାଷୀ ଦରକାର କରନ୍ତି; ମାତ୍ର ସୂକ୍ଷ୍ମସାଇ ଭକ୍ତମାନଙ୍କ ସହ ସେମାନଙ୍କ ଭାଷାରେ ହିଁ କଥାବର୍ତ୍ତା କରନ୍ତି। ଭକ୍ତମାନେ ଯେଉଁ ଭାଷାରେ ପ୍ରାର୍ଥନା କଲେ ମଧ, ସୂକ୍ଷ୍ମସାଇ ତାର ଉତ୍ତର ଦିଅନ୍ତି। ଭଗବାନଙ୍କର ଅନୁଗ୍ରହର ସର୍ବୋଚ୍ଚ ନିଦର୍ଶନ ହେଲା ଆମକୁ ଭ୍ରମରୁ ମୁକ୍ତ କରି ବ୍ରହ୍ମଦର୍ଶନ କରାଇବା। ସେଥିପାଇଁ ସେ ଅବତରି ଆସନ୍ତି, ଆଉ ଆମକୁ ତାଙ୍କ ଅହେତୁକ ପ୍ରେମରେ ଆପଣାର କରନ୍ତି। ଶାସ୍ତ୍ର ମତରେ ପୂର୍ଣ୍ଣବତାର ଷୋଳକଳା ବିଶିଷ୍ଟ। ଏଥିରୁ ଅବତାରଙ୍କର ପାଞ୍ଚୋଟି ଇନ୍ଦ୍ରିୟ ଦର୍ଶନ, ଶ୍ରବଣ, ଆଘ୍ରାଣ, ଆସ୍ୱାଦନ ଏବଂ ସ୍ପର୍ଶ ସହିତ ମନ, ବୁଦ୍ଧି, ଚିତ୍ତ ଏବଂ ଅହଂକାର - ଏହି ଚାରୋଟି ଅନ୍ତଃକରଣ ସାଧାରଣ ମଣିଷ ସହିତ ସମାନ ହୋଇପାରେ। ଏହା ବ୍ୟତୀତ ତାଙ୍କର ସାତୋଟି କଳା ହେଲା - କର୍ମଫଳ ପ୍ରଦାନ, କର୍ମଫଳ ନିବାରଣ, ଧର୍ମ ସଂସ୍ଥାପନ, ଶିଷ୍ଟ ପାଳନ, ଦୁଷ୍ଟ ନିବାରଣ, ନାମ ସ୍ମରଣ ମାଧମରେ ପରମ ଶାନ୍ତି ପ୍ରଦାନ ଏବଂ ଅତ୍ୟନ୍ତ ସୁଦର୍ଶନ ଶରୀରରେ ଐଶ୍ୱରିକ ରୂପ ଦର୍ଶନ। ତେଣୁ ଅବତାରଙ୍କ ଠାରେ ମଣିଷ ସୁଲଭ ଗୁଣ ଦେଖାଯିବା ସ୍ୱାଭାବିକ।

ଦଶ ଅବତାର ଧାରଣାଟି ଜନ୍ମ ନେଇଛି ଷଷ୍ଠ ଶତାବ୍ଦୀରେ। ତା' ପୂର୍ବରୁ କୌଣସି ଶାସ୍ତ୍ରରେ ଦଶ ଜଣ ଅବତାର ବୋଲି କୁହାଯାଇନାହିଁ। କିନ୍ତୁ ବିଷ୍ଣୁପୁରାଣ ଏବଂ ଭାଗବତରେ ବିଷ୍ଣୁଙ୍କର ଚବିଶ ଅବତାର କଥା କୁହାଯାଇଛି। ଭଗବପତ ଗୀତା ଏବଂ ଦୁର୍ଗା ସପ୍ତସତୀ ଚଣ୍ଡୀରେ ଏପରି କୌଣସି ସଂଖ୍ୟାର ଉଲ୍ଲେଖ ନାହିଁ। ଉଭୟ ଗ୍ରନ୍ଥ ଅନୁଯାୟୀ ଯେତେବେଳେ ଧର୍ମର ଗ୍ଲାନି ଘଟେ ଏବଂ ଅଧର୍ମର ଶକ୍ତି ବଢ଼େ, ସେ ଆସନ୍ତି। ଏଥିରେ କୌଣସି ନିର୍ଦ୍ଦିଷ୍ଟ ସମୟ କିମ୍ବା ନିର୍ଦ୍ଦିଷ୍ଟ ସଂଖ୍ୟାର ଉଲ୍ଲେଖ ନାହିଁ। ଅବତାର ତତ୍ତ୍ୱକୁ କଥାରେ ପ୍ରମାଣ କରିବା ସମ୍ଭବ ନୁହେଁ। ବାଲ୍ୟକାଳରୁ ଭଗବାନ ଶ୍ରୀ ସତ୍ୟସାଇ ଅଗଣନ ବିବିଧ ଅଲୌକିକତା ପ୍ରକାଶ କରି ଆସିଛନ୍ତି ଅଖଣ୍ଡ ଭାବରେ। ଭକ୍ତମାନଙ୍କ ଉଦ୍ଧାରକ ଓ ବିପଦଭଞ୍ଜକ ପ୍ରଭୁ ଭାବରେ, ଅସାଧ ବ୍ୟାଧିର ବୈଦ୍ୟ ଭାବରେ, ମୃତ୍ୟୁ ପରେ ଭକ୍ତକୁ ପରମପଦ ପ୍ରଦାତା ଭାବରେ, ମାତୃ ସୁଲଭ ସ୍ନେହର ଅସରନ୍ତି ଭଣ୍ଡାର ଭାବରେ, ଦେଶ ଦେଶରେ ଅଧିକରୁ ଅଧିକ ଦୈବଶକ୍ତିର ପ୍ରକାଶକ ଭାବରେ ଏବଂ ଧର୍ମ, ଆଧାତ୍ମିକ ଜୀବନ, ତ୍ୟାଗ, ସେବା, ପ୍ରେମ ଆଦିର ପରିପୋଷକ ଭାବରେ ତଥା ବିନା ସାଧନାରେ, ବିନା ଆୟାସରେ ଏ ସମସ୍ତ ଅବଲୀଳାକ୍ରମ ସାଧନ କରିବାରେ ଭଗବାନ ସତ୍ୟସାଇ କେବଳ ନିଜ ସହିତ ନିଜେ ତୁଳନୀୟ। ତାଙ୍କ ଭାଷାରେ "ମୋର ସ୍ୱତନ୍ତ୍ର ସଙ୍କେତ ହେଲା - ମୋର ପ୍ରେମ। ସଂକଳ୍ପ ବଳରେ ବିଭିନ୍ନ ପଦାର୍ଥ ସୃଷ୍ଟି କିମ୍ବା ସ୍ୱାସ୍ଥ୍ୟ ଓ ସୁଖ ବିଧାନ କରିବା ନୁହେଁ। ଆମେ ଭାବିପାରୁ ତାଙ୍କର ଚମତ୍କାରିତା ଦୈବତ୍ୱର ପ୍ରତ୍ୟକ୍ଷ ସଙ୍କେତ; ମାତ୍ର ତାହା ଠିକ ନୁହେଁ। ତାଙ୍କର ପ୍ରେମ ହିଁ ତାଙ୍କର ଦୈବତ୍ୱର ସଙ୍କେତ; ଯାହାକି ଲକ୍ଷ ଲକ୍ଷ ଭକ୍ତକୁ ତାଙ୍କ ପାଖକୁ ଟାଣିଆଣେ ଏବଂ ତାଙ୍କର କଲ୍ୟାଣ ସାଧନ କରେ। ଦେଶବିଦେଶରେ ଥିବା ସାଧକ, ଦୁଃଖୀ ଓ ଦୁର୍ଗତ ଲୋକଙ୍କ ପାଖକୁ ଘେନିଯାଏ - ଏହା ହିଁ ତାଙ୍କର ଦୈବତ୍ୱର ପ୍ରତ୍ୟକ୍ଷ ସଙ୍କେତ। ସେହି ପ୍ରେମ ହିଁ ଘୋଷଣା କରେ ଯେ, ସେ "ସାଇବାବା'। ତାଙ୍କରି ଭାଷାରେ - "ପ୍ରେମ ମୋର ବ୍ରତ, ପ୍ରେମ ମୋର କର୍ମ, ଏବଂ ପ୍ରେମ ମୋର ଜୀବନ'।


**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ**
**ମୋବାଇଲ: ୭୩୭୭୪୩୯୦୭୭**


# ହେ ମହାବାହୁ: ତୁମଠୁ ଆରମ୍ଭ, ତୁମଠି ଶେଷ...

**ପୁଷ୍ପମିତ୍ର ମହାପାତ୍ର**

**"ନୀଳାଦ୍ରୌ ଶଙ୍ଖମଧ୍ୟେ ଶତଦଳକମଳେ ରତ୍ନସିଂହାସନସ୍ଥମ୍**
**ସର୍ବାଳଙ୍କାରଯୁକ୍ତମ୍ ନବଘନରୁଚିରଂ ସଂଯୁକ୍ତଂ ଚାଗ୍ରଜେନ,**
**ଭଦ୍ରାୟାଃ ବାମଭାଗେ ରଥଚରଣଯୁକ୍ତଂ ବ୍ରହ୍ମରୁଦ୍ରେନ୍ଦ୍ର୍ୟ ବନ୍ଦ୍ୟମ୍**
**ବେଦାନାଂ ସାରମୀଶଂ ସ୍ୱଜନ ପରିବୃତଂ ବ୍ରହ୍ମଦାରୁ ସ୍ମରାମି।।'**
**"ହେ ମହାପ୍ରଭୁ! ତୁମେ ହିଁ ସୃଷ୍ଟି, ତୁମେ ହିଁ ସ୍ରଷ୍ଟା।**
**ତୁମଠୁ ଆରମ୍ଭ, ତୁମଠି ଶେଷ।**



ଅନନ୍ତ ରହସ୍ୟ, ଅନ୍ତହୀନ ବିଶ୍ୱାସ। ଅଗତତିର ଗତି ପ୍ରଭୁ, ଦୀନବନ୍ଧୁ ଦଇତାରି। ତୁମେ ଓଡ଼ିଆ ଜାତିର କୁଳ ଦେବତା। ଆମ ସତ୍ତା, ଭାବ, ଶକ୍ତି, ଶ୍ରୀଜଗନ୍ନାଥ! ହେ ଦାରୁ ଦେବତା! ସବୁ ତୁମରି ଲୀଳା। ତୁମେ ଇଛା କଲ, ଶବର ଦେବତାରୁ ହେଲ ବିଶ୍ୱନିୟନ୍ତା। ଆଜି ତୁରମ ଇଛାରେ ବିଶ୍ୱ ଦେଖୁଛି ନୂଆ ଶ୍ରୀକ୍ଷେତ୍ର। କାଳିଆ ସାଆନ୍ତ, ତୁମେ ଭକ୍ତର ଭଗବାନ। ରତ୍ନ ସିଂହାସନରେ ତୁମ ଦର୍ଶନ ପାଇଁ ପୁରୀ ଧାଇଁ ଆସେ ଭକ୍ତ। ଦର୍ଶନ କରେ, ମନ ପୂରେନି। ଅଭାବବୋଧକୁ ଧରି ଘରକୁ ଫେରେ। ଆମ ଓଡ଼ିଆ ରୀତିନୀତି ସାମାଜିକ ଜନଜୀବନରେ ସେ ହେଉଛନ୍ତି ଆମ ଘରର ମୁରବୀ। ସେ ହର୍ତ୍ତାକର୍ତ୍ତା ଦଇବ ବିଧାତା। ସକାଳୁ ରାତି ଯାଏ ଆମର ସବୁଠି ଚିନ୍ତା ଚେତନାରେ ସେ ହିଁ ସର୍ବ ସକଳର ଆଧାର। ଓଡ଼ିଆ କହିଲେ ଶ୍ରୀଜଗନ୍ନାଥ ଓ ଶ୍ରୀଜଗନ୍ନାଥ କହିଲେ ଓଡ଼ିଶାକୁ ହିଁ ବୁଝାଯାଏ। ସର୍ବଜନବାନ୍ୟ ରାଷ୍ଟ୍ର ଦେବତା ଜଗନ୍ନାଥଙ୍କୁ ଏ ଓଡ଼ିଆ ଜାତି, ଭଜନ, ଜଣାଣ, କୀର୍ତ୍ତନ ଓ ସ୍ତୁତି ମାଧମରେ ମନର ଭାବ ପ୍ରକାଶ କରିଛି। ସମ୍ପଦ ବିପଦରେ ସବୁଠି ଜଗନ୍ନାଥ ଓଡ଼ିଆର ସେ ଜ୍ଞାତି, ବନ୍ଧୁ ବା କୁଟୁମ୍ବ, ଅତି ଆପଣାର ଅତି ନିଜର।

ଦାରୁ ବ୍ରହ୍ମ ଶ୍ରୀଜଗନ୍ନାଥ ଦିବ୍ୟ ନୀଳାଚଳ ଧାମରେ ଅନାଦି କାଳରୁ ନିତ୍ୟଲୀଳା ଲୀନ। ବିଶ୍ୱ ଭ୍ରାତୃତ୍ୱ, ଶାନ୍ତି, ମୈତ୍ରୀ ହିଁ ତାଙ୍କ ଦାରବୀ ଲୀଳାର ଦିବ୍ୟ ସନ୍ଦେଶ। ଦାରୁବ୍ରହ୍ମ ଶ୍ରୀଜଗନ୍ନାଥଙ୍କର ଏହି ଦାରବୀ ଲୀଳା ତାଙ୍କର ସ୍ୱୟଂ ଲୀଳା - "ସର୍ବୋଷାଂ ସର୍ବକ୍ଷେତ୍ରାଣାଂ ରାଜା ଶ୍ରୀପୁରୁଷୋତ୍ତମଃ। ସର୍ବେଷାଂ ସର୍ବଦେବାନାଂ ରାଜା ଶ୍ରୀ ପୁରୁଷୋତ୍ତମଃ।' ପୃଥିବୀର ସମସ୍ତ କ୍ଷେତ୍ର ଓ ତୀର୍ଥ ମାନଙ୍କର ରାଜା ଶ୍ରୀପୁରୁଷୋତ୍ତମ କ୍ଷେତ୍ର ହେଲା ବେଳେ ସମସ୍ତ ଦେବତାଙ୍କ ରାଜା ଦାରୁବ୍ରହ୍ମ ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ଅଟନ୍ତି। ଶ୍ରୀଜଗନ୍ନାଥ ଓଡ଼ିଶାର ସର୍ବଜନମାନ୍ୟ ରାଷ୍ଟ୍ରଦେବତା। ଓଡ଼ିଆ ଜାତି, ଧର୍ମ, କଳା, ସଭ୍ୟତା, ସଂସ୍କୃତି, ସାହିତ୍ୟ, ଦର୍ଶନ ଓ ଆଧାତ୍ମିକ ଚେତନାର ପ୍ରତୀକ ହେଉଛନ୍ତି ଜଗନ୍ନାଥ। ଜଗନ୍ନାଥ ଧର୍ମ ମୈତ୍ରୀ ଧର୍ମଭାବ ହେଉଛି ବିଶ୍ୱ ଭ୍ରାତୃତ୍ୱଭାବ। ଜଗନ୍ନାଥ ଏ ଜାତିର ନେତା-ନିୟନ୍ତା ଓ ନିୟାମକ। ଏ ଜାତିର କେତେ ହସକାନ୍ଦ-କେତେ ଲହୁଲୁହ-କେତେ ହର୍ଷବିଷାଦ-କେତେ ଉତ୍ଥାନପତନ ସବୁଥିରେ ପ୍ରଭୁ ଜଗନ୍ନାଥ ଏ ଜାତିକୁ ତାର ବାହୁଛାୟା



ତଳେ ତୋଳି ଧରିଛି। ଜଗନ୍ନାଥ ଧର୍ମ ଓ ଚେତନା ସମଗ୍ର ମାନବଜାତିର ସମସ୍ୟା ଓ ସମାଧାନର ପ୍ରତିଫଳନ। ବର୍ଣ୍ଣବିଦ୍ୱେଷର ଶିକାର ହୋଇଥିବା ଏ ମଣିଷ ମନରେ ଶ୍ରୀଜଗନ୍ନାଥ ଚେତନା ସମସ୍ତଙ୍କୁ ସାମ୍ୟବାଦର ମନ୍ତ୍ର ଶିଖାଇଛି। ଶବରମାନଙ୍କର ସେ ଜଗନ୍ତ, ବୌଦ୍ଧ ମାନଙ୍କର ବୁଦ୍ଧ, ଜୈନ ମାନଙ୍କର ସେ ଆଦିନାଥ-ଜୀନ, ଗାଣପତ୍ୟଙ୍କର ସେ ଗଣପତିନାଥ, ଶୈବ ମାନଙ୍କର ସେ ଆଦିନାଥ ଶିବ, ବ୍ରାତ୍ୟ ବା ନାଥମାନଙ୍କର ନାଥସିଦ୍ଧ ପ୍ରଥମ ପୁରୁଷ ଆଦିନାଥ, ଶାକ୍ତ ମାନଙ୍କର ସେ ଭୈରବୀ ବିମଳା, ବୈଷ୍ଣବ ମାନଙ୍କର ସେ ବିଷ୍ଣୁ କୃଷ୍ଣ। କିନ୍ତୁ ସେ କାହାରି ନୁହଁନ୍ତି - ପୁଣି ସମସ୍ତଙ୍କର। କି ରହସ୍ୟମୟ ସେ ଠାକୁର। ଯୁଗ ଯୁଗ ଧରି କିଏ କେତେ ରୂପରେ ଓ କେତେ ଭାବରେ ଡାକିଛି, ତାର କଳନା ନାହିଁ। "ବସୁଧୈବ କୁଟୁମ୍ବକମ୍' ଭାବଧାରାରେ ଉଦବୁଦ୍ଧ କରିଛି ସମଗ୍ର ମାନବ ଜାତିକୁ।

୧୯୩୬ରେ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ ଭାବେ ଗଠନ କରିବା ପାଇଁ ତତ୍କାଳୀନ ଭାରତ ସଚିବ "ସାର ସାମୁଏଲ୍ ହୋର' ଆଦେଶନାମାରେ ଘୋଷଣା କରି କହିଥିଲେ "ଙକ୍ସସଗ୍ୱଗ୍ୱବ, ଗ୍ୱଷର କ୍ଷବଭୟ କ୍ଟଲ ଔବଶବଭଭବଗ୍ୱଷ ଙ୍ଗସଗ୍ୱଷ କ୍ଟଭର କ୍ଷବଭଶଙ୍କବଶର ବଭୟ କ୍ଟଭର କ୍ସବମର.' ଯେଉଁଠି ଶ୍ରୀଜଗନ୍ନାଥ, ସେଇଠି ରହସ୍ୟ। ତାଙ୍କ ଶକ୍ତି ଆଗରେ କୌଣସି ଶକ୍ତି କାମ କରେନି। ତଥାପି ସେ ସବୁଠି ଜିତନ୍ତି ନାହିଁ। ତାଙ୍କ ହାରିବା ବି ତାଙ୍କର ଜିତ। ସେ ହାରନ୍ତି ଭାବ ଆଗରେ, ଭକ୍ତି ଆଗରେ ଏବଂ ସରଳତା ଆଗରେ। ସବୁକିଛି ଚାଲେ ତାଙ୍କରି ଇଛାରେ। ସେ ତାରନ୍ତି ବି, ମାରନ୍ତି ବି। ଆଉ ଉଭୟ ତରିବା ଓ ମରିବା ସତ୍ତାକୁ ଠାକୁରେ ନିଜର ମହାସତ୍ତା ଭିତରେ ବିଲୀନ କରାଇ ନିଅନ୍ତି।

ଶ୍ରୀକ୍ଷେତ୍ରର ସବୁକିଛି ବଡ଼। ବଡ଼ ଦାଣ୍ଡ, ବଡ଼ ଦେଉଳ, ବଡ଼ ଠାକୁର। ଶ୍ରୀଜଗନ୍ନାଥ ହିଁ ଲକ୍ଷେ ପ୍ରଶ୍ନର ଏକକ ଉତ୍ତର। ଶ୍ରୀମନ୍ଦିର ସେମିତି ଅନେକ ରହସ୍ୟର ଗନ୍ତାଘର। କାହିଁ ଏତେ ବିଶାଳ ମନ୍ଦିରର ଛାଇ କେଉଁଠି ପଡ଼େନି, କାହିଁକି ପତିତପାବନ ବାନା ଉଜାଣି ଉଡ଼େ, କାହିଁକି ବଡ଼ଦେଉଳ ଉପରେ ପକ୍ଷୀ ଉଡନ୍ତିନି, କାହିଁକି ସମୁଦ୍ରର ଗର୍ଜନ ଶ୍ରୀମନ୍ଦିର ପାଚେରି ଡେଇଁ ପାରେନି??? ଏ ସବୁର ଉତତର - ଏହା ସେଇ। ସାରା ବିଶ୍ୱ ଆଖିରେ ପୁରୀ ଶ୍ରୀମନ୍ଦିର ଏବଂ ଶ୍ରୀଜଗନ୍ନାଥ ଏକ ରହସ୍ୟ ଓ ଉତ୍କଣ୍ଠା ହୋଇ ରହି ଆସିଛନ୍ତି।

ମହାପ୍ରଭୁ କୋଟି କୈବଲ୍ୟନାଥ ହେଉଛନ୍ତି ନାମ ମହିମା ସଂକୀର୍ତ୍ତନର କର୍ତ୍ତା, ସ୍ରଷ୍ଟା ଓ ବିଧାତା। କଳିଯୁଗରେ ନାମ ଭଜନରେ ମିଳେ କୈବଲ୍ୟମୁକ୍ତି। ନାମ ବିନୁ ଅନ୍ୟ ଗତି ନାହିଁ। ନାମ ଭଜନକରି ଶରୀର ନନ୍ଦିଘୋଷରେ ଶ୍ରୀଜଗନ୍ନାଥଙ୍କୁ ସ୍ମରଣ କଲେ ମଣିଷ ମୁକ୍ତି-ମୋକ୍ଷ ଲାଭ କରେ। ମନର ପବିତ୍ରତା, ଏକାଗ୍ରତା ଓ ଦିବ୍ୟତା ବଳରେ ଜଗନ୍ନାଥଙ୍କ ନାମକୁ ଭକ୍ତିରେ ସ୍ମରଣ କରି ତିନିରଥର ତ୍ରିଗୁଣ ରଜ୍ଜୁକୁ ସୁମନରେ ଏକତ୍ର କରିଦେଲେ ସାକ୍ଷାତ ପ୍ରଭୁ ଜଗନ୍ନାଥ ଦର୍ଶନ ହିଁ ମିଳିଥାଏ। ପୁରୀ ବଡ଼ଦାଣ୍ଡର ଅଗାଧ ଜନସମୁଦ୍ରରେ ବିନ୍ଦୁଟିଏ ହୋଇ ମିଶିଗଲେ ମନରୁ ଗୋଷ୍ଠୀଗତ, ଧର୍ମଗତ, ଭାଷାଗତ, ଜାତିଗତ ଓ ସାମ୍ପ୍ରଦାୟିକ ସଂକୀର୍ଣ୍ଣତା ଦୂରେଇଯାଏ। ସେଇ ଗୋଟିଏ ମୁହୂର୍ତ୍ତ ପାଇଁ ପୃଥିବୀ-ଈଶ୍ୱର ଓ ମଣିଷ ଏକ ଓ ଅଭିନ୍ନ ହୋଇଯାଏ। ଅଗଣିତ ଭକ୍ତ ଓ ପତିତଙ୍କୁ ଦର୍ଶନ ଦେଇ ଶ୍ରୀଜଗନ୍ନାଥ ଆପଣାର ଭକ୍ତ ବତ୍ସଳ ଓ ପତିତପାବନ ନାମକୁ ସାର୍ଥକ କରିଥାନ୍ତି- "ପତିତାନାଂ ପତିତୋହଂ ତ୍ୱମେବ ପାପହାରକମ୍, ପାବନ ପୁରୁଷ! ଦେହି ନିଷ୍ଟଳା ଭକ୍ତ ମେ ବିଭୋ। ଜନ୍ମୋତ୍ସବେ ପୁଣ୍ୟତିଥୋଃ ସ୍ନାନମଞ୍ଚେସ୍ଥିତାଷ୍ଟ, ଯେ ପଶ୍ୟନ୍ତି ଜଗନ୍ନାଥଂ ସର୍ବଦେବ ନମସ୍କୃତ୍ୟଂ। ତେ ବସନ୍ତି ବୈକୁଣ୍ଠେ ଚ ସପ୍ତ କୁଳାଦିନୀତ୍ୱା।'


**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ସେକ୍ଟର-୬, ସିଡିଏ, କଟକ, ଦୂରଭାଷ: ୯୪୩୭୨୨୫୬୮୯**


# ନ୍ୟାୟପୂର୍ଣ୍ଣ ତ୍ୟାଗରୁ ମିଳେ ସୁଖ

**ଗଙ୍ଗାଧର ସାମଲ**

ଆମେ ଅନେକ ଅନୁଭବ କରୁ ଯେ ଆମକୁ ନ୍ୟାୟ ମିଳିନାହିଁ। ଭଗବାନ ସ୍ୱୟଂ ନ୍ୟାୟର ପ୍ରତୀକ ଏବଂ ନ୍ୟାୟର ଅଧୀନ ମଧ। କର୍ମ ଜଞ୍ଜାଳର ଆହ୍ୱାନ ଭିତରେ ନ୍ୟାୟପୂର୍ଣ୍ଣ ତ୍ୟାଗ ଭିତରୁ ଯେ ଜଣକୁ ସୁଖ ସମ୍ଭବ ହୋଇପାରିଥାଏ ସେ ସମ୍ପର୍କରେ ଅନେକ ଦିନ ତଳୁ ପଢ଼ିଥିବା ଏକ ଆଧାତ୍ମିକ କଥାଟି ମୋର ମନେ ପଡୁଛି। ଏକଦା ଭଗବାନ ବୁଦ୍ଧଙ୍କ ନିକଟକୁ ସମ୍ରାଟ ଶ୍ରୋଣିକ ଆସି କହିଲେ "ପ୍ରଭୁ! ମୁଁ ଏକ ଗଭୀର ଚିନ୍ତାରେ ଅଛି। ଯାହାର ଉତ୍ତର ଆପଣଙ୍କ ବ୍ୟତୀତ ଅନ୍ୟ କେହି ଦେଇପାରିବେ ନାହିଁ।' ବୁଦ୍ଧ କହିଲେ, "ଠିକ୍ ଅଛି ପଚାର'। ସମ୍ରାଟ କହିଲେ, "ଭଗବାନ ! ମୋ ରାଜକୁମାରଙ୍କ ପାଖରେ ସବୁକିଛି ଅଛି। ଧନ, ସମ୍ପତ୍ତି, ଐଶ୍ୱର୍ଯ୍ୟ ସାଙ୍ଗକୁ ବିଳାସପୂର୍ଣ୍ଣ ଜୀବନ। କିନ୍ତୁ ଏହାକୁ ନେଇ ସେମାନେ ପ୍ରସନ୍ନ ରହିପାରୁ ନାହାନ୍ତି। ମାତ୍ର ଆପଣଙ୍କ ପାଖରେ ଥିବା ଭିକ୍ଷୁମାନଙ୍କୁ ଯାହା ମିଳିଛି, ସେମାନେ ତାକୁ ଗ୍ରହଣ କରି କିପରି ଖୁସିରେ ରହିପାରୁଛନ୍ତି?' ଭଗବାନ ବୁଦ୍ଧ ଉତ୍ତର ଦେଲେ, "ପ୍ରସନ୍ନତାକୁ ଖୋଜିବାକୁ ହେଲେ ଅକିଞ୍ଚନ (ଯାହା ପାଖରେ କିଛି ନାହିଁ) ଠୁ ଖୋଜ। ଯିଏ ସଂକଳ୍ପ କରି ସବୁକିଛି ଛାଡ଼ି ଦେଇଛି। ସିଏ ହିଁ ପ୍ରସନ୍ନ ରହିପାରେ। ଭିକ୍ଷୁକ କେବେ ଖୁସି ରହିପାରେ ନାହିଁ। କାରଣ ସେ କିଛି ଛାଡ଼ି ନାହିଁ। ସେ ତ କେବଳ ଅଭାବରେ ଜୀବନ ନିର୍ବାହ କରୁଛି।

ଅଭାବ ଜୀବନ ବିତାଉଥିବା ମଣିଷ କେବେ ପ୍ରସନ୍ନ ରହିପାରିବ ନାହିଁ। ତାକୁ ଚିନ୍ତା ସର୍ବଦା ଘେରି ରହିଥାଏ। ଯିଏ ଜାଣିଶୁଣି ସବୁ ତ୍ୟାଗ କରେ, ସେ ହିଁ କେବଳ ପ୍ରସନ୍ନ ରହିପାରେ। ପ୍ରସନ୍ନ ରହିବାର ଦୁଇଟି କଥା ହେଉଛି; ଗୋଟିଏ ଛାଡ଼ିବା ଓ ଗୋଟିଏ ହରାଇବା। ଯାହାକୁ ପଦାର୍ଥ ପ୍ରାପ୍ତ ହୋଇନାହିଁ, ସେ ତ୍ୟାଗି ନୁହେଁ। ତ୍ୟାଗୀ ସେ ଯିଏ ନିଜର ସ୍ୱତନ୍ତ୍ର ମନରୁ ସବୁକିଛି ତ୍ୟାଗ କରେ। ସାଧନ, ସୁବିଧା ସମ୍ପନ୍ନ ବ୍ୟକ୍ତି ବି ପ୍ରସନ୍ନ ରହିପାରିବ ନାହିଁ। କାରଣ ତାକୁ ସର୍ବଦା ଟଙ୍କର ସୁରକ୍ଷା ଚିନ୍ତା ଘାରିଥାଏ। ସେ ସବୁବେଳେ ଭୟଭୀତ ରହିଥାଏ। ଅଭୟ ସେ ହୋଇଥାଏ, ଯିଏ ସ୍ୱଇଚ୍ଛାରେ ତ୍ୟାଗ କରେ। ଶ୍ରୋଣିକଙ୍କୁ ନିଜ ପ୍ରଶ୍ନର ପ୍ରକୃତ ଉତ୍ତର ମିଳିଗଲା। ମହାତ୍ମା ବୁଦ୍ଧ ଜୀବନରେ ମଧ୍ୟମ ମାର୍ଗର ପକ୍ଷଧର ଥିଲେ। କିନ୍ତୁ ସେ ମଧ ବିଶ୍ୱାସ କରୁଥିଲେ ବିନା ତ୍ୟାଗରେ ବ୍ୟକ୍ତି ସୁଖରେ ରହିପାରିବ ନାହିଁ। ଯଦି ଅଭାବ ଅଛି ତେବେ ଚିନ୍ତା ଥାଏ। ଯଦି ଆବଶ୍ୟକଠୁ ଅଧିକ ଅଛି ତେବେ ସୁରକ୍ଷାର ଭୟ ଥାଏ। ତେଣୁ କିଛି ନରଖି ନ୍ୟାୟପୂର୍ଣ୍ଣ ଭାବେ ତ୍ୟାଗ କରିଥିବା ବ୍ୟକ୍ତି ସର୍ବଦା ସୁଖରେ ରହେ।


**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ**
**ଦୂରଭାଷ: ୯୪୩୭୨୨୬୬୪୭**

## ପୁଣି ଅଶାନ୍ତ ଦିଲ୍ଲୀ

# ନାବାଳକକୁ ଛୁରି ଭୁସି ହତ୍ୟା





ନୂଆଦିଲ୍ଲୀ,୧୮।୪: ପୁଣି ଅଶାନ୍ତ ରାଜଧାନୀ ଦିଲ୍ଲୀ। ଉତ୍ତର-ପୂର୍ବ ଦିଲ୍ଲୀର ସିଲମପୁରରେ ଜଣେ ନାବାଳକଙ୍କୁ ଛୁରି ଭୁସି ହତ୍ୟା କରାଯିବା ପରେ ଅଞ୍ଚଳରେ ଉତ୍ତେଜନା ଖେଳାଯାଇଛି । ପରିସ୍ଥିତି ନିୟନ୍ତ୍ରଣ ପାଇଁ ଗଳିଗଳିରେ ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରାଯାଇଛି। ଅନ୍ୟପଟେ ବିଳମ୍ବିତ ରାତିରୁ ମୃତକଙ୍କ ପରିବାର ସଦସ୍ୟ ଏବଂ ସ୍ଥାନୀୟ ଲୋକଙ୍କ ପ୍ରତିବାଦ ଜାରି ରହିଛି। ପ୍ରତିବାଦରେ ସାମିଲ ଥିବା ଲୋକମାନେ ଅଭିଯୁକ୍ତଙ୍କ ପାଇଁ ମୃତ୍ୟୁଦଣ୍ଡ ଦାବି କରୁଛନ୍ତି । ସିଲମପୁରରେ ବିରୋଧ ପ୍ରଦର୍ଶନ ମଧ୍ୟରେ, ହିନ୍ଦୁମାନଙ୍କୁ ସ୍ଥାନାନ୍ତର କରିବାକୁ ଦାବି କରୁଥିବା ପୋଷ୍ଟର ମଧ୍ୟ ଲଗାଯାଇଛି। ପ୍ରତିବାଦରେ ସାମିଲ ଥିବା ଲୋକମାନେ ହତ୍ୟାକାରୀଙ୍କ ପାଇଁ ମୃତ୍ୟୁଦଣ୍ଡ ଦାବି କରୁଛନ୍ତି। ଲୋକମାନେ ସମଗ୍ର ଅଞ୍ଚଳରେ ନିଜ ଘର ବାହାରେ ହାତଲେଖା ପୋଷ୍ଟର ଲଗାଉଛନ୍ତି। ପୁସ୍ତିକାରେ ଲେଖାଯାଇଛି ଯେ ଏହି ଅଞ୍ଚଳରୁ ହିନ୍ଦୁମାନେ ସ୍ଥାନାନ୍ତରିତ ହେଉଛନ୍ତି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କୁ ସୁରକ୍ଷା ପାଇଁ ଗୁହାରି କରିଛନ୍ତି ହିନ୍ଦୁ ସମ୍ପ୍ରଦାୟ। ଗୁରୁବାର ସନ୍ଧ୍ୟାରେ ଉତ୍ତର-ପୂର୍ବ ଦିଲ୍ଲୀର ସିଲମପୁରର ଜେ-ବ୍ଲକରେ ଜଣେ ୧୭ ବର୍ଷୀୟ ବାଳକକୁ ନିର୍ମମ ଭାବରେ ଛୁରି ଭୁସି ହତ୍ୟା କରାଯାଇଥିଲା । ମୃତକଙ୍କ ନାମ କୁନାଲ, ସେ ସେହି ଅଞ୍ଚଳର ବାସିନ୍ଦା ରାଜବୀରଙ୍କ ପୁଅ। ଗୁରୁବାର ସନ୍ଧ୍ୟା ପ୍ରାୟ ୭ ଟା ୩୮ ସମୟରେ ନାବାଳକ ଉପରେ ଆକ୍ରମଣ ହୋଇଥିବା ଜଣାପଡିଛି, ହେଲେ ଅଭିଯୁକ୍ତ ବାବଦରେ କୌଣସି ଠୋସ୍ ପ୍ରମାଣ ମିଳିନାହିଁ ।

# ୟୁନେସ୍କୋରେ ସ୍ଥାନ ପାଇଲା ଭଗବତ ଗୀତା

● ଗୌରବାନ୍ୱିତ ମୁହୂର୍ତ୍ତ କହିଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୮।୪: ୟୁନେସ୍କୋ ବି ବୁଝିପାରିଲା ଶ୍ରୀମଦ୍ ଭଗବତ ଗୀତା ଓ ନାଟ୍ୟଶାସ୍ତ୍ରର ମହତ୍ତ୍ୱ । ୟୁନେସ୍କୋରେ ସ୍ଥାନ ପାଇଲା ଭଗବତ ଗୀତା । ୟୁନେସ୍କୋ ମେମୋରି ଅଫ୍ ୱାର୍ଲ୍ଡରେ ସାମିଲ ହୋଇଛି ଶ୍ରୀମଦ୍ ଭଗବତ ଗୀତା ଓ ଭରତମୁନୀଙ୍କ ନାଟ୍ୟଶାସ୍ତ୍ର । ସୋସିଆଲ ମିଡିଆ ଏକ୍ସରେ ପୋଷ୍ଟ କରି ସୂଚନା ଦେଇଛନ୍ତି କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ । ଏହି ଉପଲବ୍ଧି ନେଇ ଖୁସିବ୍ୟକ୍ତ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ପ୍ରତିଟି ଭାରତୀୟଙ୍କ ପାଇଁ ଏହା ଗର୍ବର ମୁହୂର୍ତ୍ତ । ଏହି ରେଜିଷ୍ଟର ମହତ୍ତ୍ୱପୂର୍ଣ୍ଣ ଦସ୍ତାବିଜକୁ ସଂରକ୍ଷିତ କରିବ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ । ୟୁନେସ୍କୋର ମେମୋରି ଅଫ୍ ଦି ୱାର୍ଲ୍ଡ ରେଜିଷ୍ଟରରେ ଶ୍ରୀମଦ୍ ଭଗବତ ଗୀତା ଓ ନାଟ୍ୟଶାସ୍ତ୍ରକୁ ସ୍ଥାନ ମିଳିବା ନେଇ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ଏକ୍ସରେ ସୂଚନା ଦେଇଛନ୍ତି । ସେ କହିଛନ୍ତି, 'ଭାରତୀୟ ସଭ୍ୟତା ଓ ଐତିହ୍ୟ ପାଇଁ ଐତିହାସିକ ଦିନ' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତଙ୍କ ପୋଷ୍ଟରେ କମେଣ୍ଟ ଦେଇ କହିଛନ୍ତି, ଦେଶବାସୀଙ୍କୁ ଶୁଭେଚ୍ଛା । ଭାରତୀୟଙ୍କ ପାଇଁ ଆଜି ଗର୍ବର ମୁହୂର୍ତ୍ତ । ୟୁନେସ୍କୋର ମେମୋରି ଅଫ୍ ଦି ୱାର୍ଲ୍ଡ ରେଜିଷ୍ଟରରେ ଭଗବତ ଗୀତା ଓ ନାଟ୍ୟଶାସ୍ତ୍ରକୁ ସାମିଲ କରାଯାଇଛି । ଏପରି କରାଯିବା ଅନନ୍ତ ଜ୍ଞାନ ଏବଂ ସମୃଦ୍ଧ ସଂସ୍କୃତିର ସର୍ବଭାରତୀୟ ସ୍ତରରେ ସ୍ୱୀକୃତି ମିଳିବା ସହ ସମାନ ' କହି ରଖିଛନ୍ତି,



ମେମୋରି ଅଫ୍ ୱାର୍ଲ୍ଡ ରେଜିଷ୍ଟରରେ ଦୁନିଆ ପାଇଁ ଉପଯୋଗୀ ଏବଂ ବୈଶ୍ୱିକ ସ୍ତରରେ ଦସ୍ତାବିଜକୁ ସାମିଲ କରାଯାଏ । ଅନ୍ତର୍ଜାତୀୟ ଆଡଭାଇଜରୀ କମିଟିର ଅନୁମୋଦନ ପରେ ଏଥିରେ କୌଣସି ଦସ୍ତାବିଜକୁ ସାମିଲ କରାଯାଇଥାଏ । ଏଥିରେ ଦସ୍ତାବିଜର ମହତ୍ତ୍ୱ ବିଷୟରେ ଜଣାପଡିଥାଏ । ଏହାର ସୁରକ୍ଷା ନେଇ ମଧ୍ୟ କାମ କରାଯାଇଥାଏ। ୨୦୨୩ ମେରୁ ଏବେ ଯାଏଁ ୪୯୪ ଅଭିଲେଖ ୟୁନେସ୍କୋରେ ସାମିଲ କରାଯାଇଛି ।

## ଆରଜେଡି ମହାମେଣ୍ଟର ମୁଖ୍ୟମନ୍ତ୍ରୀ ହୋଇପାରନ୍ତି ତେଜସ୍ୱୀ



ନୂଆଦିଲ୍ଲୀ,୧୮।୪: ଗୁରୁବାର ପାଟନାର ଆରଜେଡି କାର୍ଯ୍ୟାଳୟରେ ଅନୁଷ୍ଠିତ ମହାମେଣ୍ଟର ବୈଠକରେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଙ୍କ ସମ୍ପର୍କରେ କୌଣସି ଆନୁଷ୍ଠାନିକ ଘୋଷଣା କରାଯାଇ ନାହିଁ। କିନ୍ତୁ, ବୈଠକରେ ଯୋଗ ଦେଇଥିବା ଅରଜେଡି ନେତାମାନେ ତେଜସ୍ୱୀ ଯାଦବଙ୍କୁ ମହାମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ବୋଲି କହୁଛନ୍ତି। ପ୍ରକୃତରେ, ପାଟନାରେ, ଯେତେବେଳେ ଆରଜେଡି ଏମପି ମନୋଜ ଝାଙ୍କୁ ପଚରାଯାଇଥିଲା ଯେ ମହାମେଣ୍ଟରେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କିଏ ହେବେ ସେ ବିଷୟରେ ସନ୍ଦେହ କେବେ ଦୂର ହେବ? ତା'ପରେ ଏହି ପ୍ରଶ୍ନରେ ମନୋଜ ଝା କହିଥିଲେ ଯେ ଯେପରି ପୂର୍ବ ଦିଗରୁ ସୂର୍ଯ୍ୟ ଉଦୟ ହେବା ଏକ ସାର୍ବଜନୀନ ସତ୍ୟ, ସେହିପରି ତେଜସ୍ୱୀ ଯାଦବଙ୍କ ମୁଖ୍ୟମନ୍ତ୍ରୀ ଚେହେରା ହେବା ମଧ୍ୟ ସତ୍ୟ। ଏହି ସମୟରେ ଏମପି ମନୋଜ ଝା କହିଛନ୍ତି ଯେ ୱକଫ ସଂଶୋଧନ ବିଲ ସମ୍ପର୍କରେ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତିକୁ ଅରଜେଡି ସ୍ୱାଗତ କରୁଛି। ଏହି ସମୟରେ ମନୋଜ ଝା କହିଥିଲେ ଯେ ଅସୁସ୍ଥ ହେବା ସତ୍ତ୍ୱେ, ଲାଲୁ ପ୍ରସାଦ ଯାଦବ ହସ୍ପିଟାଲରୁ ୱକଫ ଉପରେ ନଜର ରଖିଥିଲେ। ଉଭୟ ଗୃହରେ ବିରୋଧୀଙ୍କ ସଂଖ୍ୟା ଭଲ ନଥିଲା। ଉଭୟ ଗୃହରେ ମୁସଲମାନଙ୍କ ସଂଖ୍ୟା ହ୍ରାସ ପାଇବା ପରେ, ବିରୋଧୀ ଦଳ ପାଖରେ ଭଲ ସଂଖ୍ୟା ଥିଲା। ବିରୋଧୀ ଦଳ ନେତା ତେଜସ୍ୱୀ କହିଥିଲେ ଯେ ସେ ଏହି ପ୍ରସଙ୍ଗରେ ଆଇନଗତ ଲଢ଼େଇ ଲଢ଼ିବେ। ୧୦ଟି ପ୍ରମୁଖ ଆବେଦନ ମଧ୍ୟରୁ ଗୋଟିଏ ରାଷ୍ଟ୍ରୀୟ ଜନତା ଦଳର ଥିଲା। ମନୋଜ ଝା କହିଛନ୍ତି ଯେ ୱକଫ ବୋର୍ଡ ଏବଂ ୱକଫ ପରିଷଦ ସମ୍ପର୍କରେ ସୁପ୍ରିମକୋର୍ଟ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। ୱକଫ ଜମି ୧୦୦-୨୦୦ ବର୍ଷ ପୁରୁଣା, ଏହାର କାଗଜପତ୍ର କେଉଁଠାରୁ ଆଣାଯିବ? ମନୋଜ ଝା କହିଛନ୍ତି ଯେ ଭାଜପାର ଅନେକ ବନ୍ଧୁ ଅଛନ୍ତି ଯାହାଙ୍କ ନାମ ନେବା ଆବଶ୍ୟକ ନାହିଁ, ଏହା ସମ୍ଭବ ଯେ ଏହାକୁ ଲାଭ ଦେବା ପାଇଁ ଏସବୁ କରାଯାଉଛି।

## ବିମାନ ଅପହରଣ ଉଦ୍ୟମ, ଯାତ୍ରୀଙ୍କ ଗୁଳିରେ ଦୁର୍ବୃତ୍ତ ମୃତ



ନୂଆଦିଲ୍ଲୀ,୧୮।୪: ନିଉ ୟର୍କ ପୋଷ୍ଟର ରିପୋର୍ଟ ଅନୁଯାୟୀ, ବେଲିଜରେ ଗୁରୁବାର ଜଣେ ଛୁରୀ ଧରିଥିବା ଆମେରିକୀୟ ନାଗରିକ ଟ୍ରପିକ ଏୟାରର ଏକ ଛୋଟ ବିମାନ ଅପହରଣ ଚେଷ୍ଟା କରିଥିଲେ। ଏହି ଘଟଣାରେ ତିନି ଜଣ ଆହତ ହୋଇଥିବା ବେଳେ ଜଣେ ସହଯାତ୍ରୀଙ୍କ ଗୁଳିରେ ଅଭିଯୁକ୍ତଙ୍କର ମୃତ୍ୟୁ ହୋଇଛି। ଘଟଣାଟି ସାନ ପେଡ୍ରୋ ଅଭିମୁଖେ ଯାଉଥିବା ଏକ ବିମାନରେ ମଝି ଆକାଶରେ ଘଟିଥିଲା, ଯେତେବେଳେ ୪୯ ବର୍ଷୀୟ ଅଭିଯୁକ୍ତ ଛୁରୀ ଧରି ଯାତ୍ରୀମାନଙ୍କୁ ଆକ୍ରମଣ କରିବାକୁ ଆରମ୍ଭ କରିଥିଲେ। ବେଲିଜ ପୁଲିସ କମିଶନର ଚେଷ୍ଟର ୱିଲିୟମ୍ସଙ୍କ ଅନୁଯାୟୀ, ଅଭିଯୁକ୍ତଙ୍କ ପରିଚୟ ଆମେରିକୀୟ ନାଗରିକ ଆକିନୟେଲା ସାୱା ଟେଲର ବୋଲି ଜଣାପଡ଼ିଛି। କମିଶନର ୱିଲିୟମ୍ସ ଟେଲରଙ୍କୁ ଗୁଳି କରିଥିବା ଯାତ୍ରୀଙ୍କୁ "ହିରୋ" ବୋଲି ପ୍ରଶଂସା କରିଛନ୍ତି, ଯାହା ନିଉ ୟର୍କ ପୋଷ୍ଟରେ ରିପୋର୍ଟ କରାଯାଇଛି। କର୍ତ୍ତୃପକ୍ଷଙ୍କ କହିବା ଅନୁଯାୟୀ, ଟେଲର କିପରି ବିମାନରେ ଛୁରୀ ଆଣିଥିଲେ ତାହା ଏପର୍ଯ୍ୟନ୍ତ ଅସ୍ପଷ୍ଟ ରହିଛି। ବେଲିଜ ଅଧିକାରୀମାନେ ଏହି ଘଟଣାର ତଦନ୍ତ ଜାରି ରଖିଛନ୍ତି।

## ଅମାନବୀୟ: କୁକୁରକୁ କାରରେ ବାନ୍ଧି ଘୋଷାରି ନେଲେ ୧୨ କିମି

ଲକ୍ଷ୍ନୌ,୧୮।୪: ଉତ୍ତର ପ୍ରଦେଶର ଗ୍ରେଟର ନୋଏଡାରେ ଏକ ହୃଦୟ ବିଦାରକ ଏବଂ ନିଷ୍ଠୁର ଘଟଣା ସାମ୍ନାକୁ ଆସିଛି। ଯେଉଁଠାରେ ଜଣେ ବ୍ୟକ୍ତି ନିଜ ପଡ଼ୋଶୀଙ୍କ ପୋଷା ଜର୍ମାନ ସେଫାର୍ଡ କୁକୁରକୁ ଗାଡ଼ିରେ ବାନ୍ଧି ପ୍ରାୟ ୧୨ କିଲୋମିଟର ଘୋଷାରି ନେଇଛନ୍ତି। ଏହି ଘଟଣା ଦାଙ୍କାଉର ଅଞ୍ଚଳରେ ଘଟିଥିବା ଜଣାପଡ଼ିଛି। ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତଙ୍କ ପୁଅ ଉପରେ କୁକୁରଟି ଭୁକିଥିଲା। ଯାହା ଫଳରେ ସେ ଭୟଭୀତ ହୋଇ ତଳେ ପଡ଼ିଯାଇଥିଲେ ଏବଂ କାନ୍ଦି ଉଠିଥିଲେ। ଏହାର ପ୍ରତିଶୋଧ ନେବାକୁ ଅଭିଯୁକ୍ତ ଜଣକ ପ୍ରଥମେ କୁକୁରଟିକୁ ଲାଠିରେ ପିଟିଥିଲେ, ଯାହା ଫଳରେ କୁକୁରଟି ଗୁରୁତର ଆହତ ହୋଇଥିଲା। ଏହା ପରେ ସେ କୁକୁରଟିକୁ ନିଜ ସ୍କର୍ପିଓ ଗାଡ଼ିରେ ବାନ୍ଧି ସ୍ପୋର୍ଟସ ସିଟି ଅଞ୍ଚଳ ନିକଟରେ ୧୨ କିଲୋମିଟର ଯାଏ ଘୋଷାରି ଘୋଷାରି ନେଇଥିଲେ। କୁକୁରର ମାଲିକ ସୁଧୀର ଇନ୍ଦୋରିଆଙ୍କ ଅଭିଯୋଗ ଅନୁଯାୟୀ, ଅଭିଯୁକ୍ତ ତାଙ୍କୁ ମଧ୍ୟ ପୋଲିସରେ ଅଭିଯୋଗ କଲେ ହତ୍ୟା କରିବେ ବୋଲି ଧମକ ଦେଇଥିଲେ। ଆହତ କୁକୁରଟିକୁ ସ୍ଥାନୀୟ ଲୋକମାନେ ଉଦ୍ଧାର କରି ତୁରନ୍ତ ସ୍ଥାନୀୟ ପଶୁ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଯେଉଁଠାରେ କୁକୁରଟିର ଚିକିତ୍ସା ଜାରି ରହିଛି। ପୋଲିସ ଏହି ଘଟଣାରେ ଅଭିଯୁକ୍ତଙ୍କ ବିରୋଧରେ ପଶୁ ନିର୍ଯ୍ୟାତନ ଆଇନ ଅନୁଯାୟୀ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ଆଲୋଚନାର ବିଷୟ ହୋଇଛି ଏବଂ ଲୋକମାନେ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରୁଛନ୍ତି।

## ଆତଙ୍କୀ ତହବୁର ରାଣାର ଅଜବ ଦାବି ଜେଲରେ ଖାଇବାକୁ ମାଗୁଛି ଆମିଷ

ନୂଆଦିଲ୍ଲୀ,୧୮।୪: ୨୬/୧୧ ମୁମ୍ବାଇ ଆକ୍ରମଣର ଅନ୍ୟତମ ମାଷ୍ଟରମାଇଣ୍ଡ ତହବୁର ହୁସେନ ରାଣା, ଏନଆଇଏ ଜେରା ସମୟରେ ନିଜ ଜୀବନ ବିଷୟରେ ଚିନ୍ତା କରିବା ଆରମ୍ଭ କରିଦେଇଛି। ରାଣା ଅଧିକାରୀମାନଙ୍କୁ ତାଙ୍କ ଉପରେ ଲାଗୁ ହୋଇଥିବା ସମସ୍ତ ଧାରା ଏବଂ ଏହି ଧାରାଗୁଡ଼ିକରେ ସର୍ବାଧିକ ଦଣ୍ଡ କ'ଣ ହୋଇପାରେ ବୋଲି ପଚାରିଥିଲେ। ଅଧିକାରୀ କହିଥିଲେ ,ଆଇପିସି ଏବଂ ୟୁଏପିଏ ଧାରା ଅନୁଯାୟୀ ମାମଲା ରୁଜୁ କରାଯାଇଛି । ଦେଶ ବିରୁଦ୍ଧରେ ଷଡ଼ଯନ୍ତ୍ର ରଚିବା ଏବଂ ଆତଙ୍କବାଦୀ କାର୍ଯ୍ୟକଳାପ ଚଳାଇବାରେ ଦୋଷୀ ସାବ୍ୟସ୍ତ ହୁଅନ୍ତି ତେବେ ତାଙ୍କୁ ଆଜୀବନ କାରାଦଣ୍ଡ କିମ୍ବା ମୃତ୍ୟୁଦଣ୍ଡ ମଧ୍ୟ ଦିଆଯାଇପାରେ। ୧୦ ଏପ୍ରିଲରେ ଆମେରିକାରୁ ଭାରତ ଅଣାଯାଇଥିବା ରାଣାଙ୍କ ମାମଲାରେ ଏହି ସୂଚନା ଦେଇ କୁହାଯାଇଛି ଏପର୍ଯ୍ୟନ୍ତ ରାଣା ଏନଆଇଏ ପଚରାଉଚରା ସମୟରେ ନିର୍ଯାତନା କିମ୍ବା ଅନ୍ୟ କୌଣସି ପ୍ରକାରର ଅଭିଯୋଗ କରିନାହାଁନ୍ତି । କିନ୍ତୁ ରାଣା ଦିଲ୍ଲୀର ଗରମରେ କଷ୍ଟ ପାଇବା ବିଷୟରେ କହିଛନ୍ତି ।

## ଆମେରିକାରରୁ ଆତଙ୍କୀ ହରପ୍ରୀତ ସିଂହ ଗିରଫ

● ପଞ୍ଜାବର ୧୪ଟି ସ୍ଥାନରେ କରିଥିଲା ବୋମାମାଡ଼



ୱାଶିଂଟନ,୧୮।୦୪: ଆତଙ୍କୀ ହରପ୍ରୀତ ସିଂକୁ ଆମେରିକାର ଇମିଗ୍ରେସନ ବିଭାଗ ଗିରଫ କରିଛି। ଗତ ୬ ମାସ ମଧ୍ୟରେ ପଞ୍ଜାବରେ ହୋଇଥିବା ୧୪ ଟି ଆତଙ୍କବାଦୀ ଆକ୍ରମଣ ପାଇଁ ତାକୁ ଦାୟୀ ବୋଲି କୁହାଯାଉଛି। ସୁରକ୍ଷା ଏଜେନ୍ସି କହିଛି ଯେ ଏହି ଆତଙ୍କବାଦୀ ଭାରତର ସବୁଠାରୁ ବଡ ଓ ବାଞ୍ଛିତ ଆତଙ୍କୀ ଥିଲା ଏବଂ ତାଙ୍କ ଉପରେ ୫ ଲକ୍ଷ ଟଙ୍କା ପୁରସ୍କାର ରଖାଯାଇଥିଲା । ସେ ବର୍ତ୍ତମାନ ଆସିଇ (ଇମିଗ୍ରେସନ ଏବଂ କଷ୍ଟମ୍ସ ଏନଫୋର୍ସମେଣ୍ଟ) ହେପାଜତରେ ଅଛି। ସୁରକ୍ଷା ବାହିନୀର ସୂତ୍ରରୁ ପ୍ରକାଶ ଯେ ହାପି ପାସିଆ ଅର୍ଥାତ୍ ହରପ୍ରୀତ ପାକିସ୍ତାନୀ ଗୁପ୍ତଚର ଏଜେନ୍ସି ଆଇଏସଆଇ ଏବଂ ବାବର ଖାଲସା ଇଣ୍ଟରନ୍ୟାସନାଲ ସହଯୋଗରେ ଆତଙ୍କବାଦୀ ଆକ୍ରମଣ କରିଥିଲା। ବାବର ଖାଲସା ଆନ୍ତର୍ଜାତୀୟ ସଂଗଠନ ସହ ଜଡିତ ଥିବା ପାସିଆ କେବଳ ଆତଙ୍କବାଦୀ ଆକ୍ରମଣର ଯୋଜନା କରିବା ସହ ଚଣ୍ଡିଗଡ଼ ଏବଂ ଜଲନ୍ଧର ଭଳି ସମ୍ବେଦନଶୀଳ ଅଞ୍ଚଳରେ ଗ୍ରେନେଡ ଏବଂ ବିସ୍ଫୋରକ ଆକ୍ରମଣର ଦାୟିତ୍ୱ ମଧ୍ୟ ଗ୍ରହଣ କରିଛନ୍ତି। ଚଣ୍ଡିଗଡ଼ ସେକ୍ଟର -୧୦ ରେ ଗ୍ରେନେଡ ଆକ୍ରମଣ ଭଳି, ବିଜେପି ନେତା ମନୋରଂଜନ କାଳିଆଙ୍କ ଘରେ ବୋମା ବିସ୍ଫୋରଣ, ଏହି ସବୁ ମାମଲାରେ ତାଙ୍କ ନାମ ମୁଖ୍ୟ ଅଭିଯୁକ୍ତ ଭାବେ ପଞ୍ଜିକୃତ ହୋଇଛି । କିଛି ସମୟ ପୂର୍ବରୁ ପଞ୍ଜାବ ପୋଲିସ ତାଙ୍କ ଗ୍ୟାଙ୍ଗର ତିନିଜଣ ସଦସ୍ୟ - ଲଭପ୍ରୀତ ସିଂ, କରଣଦୀପ ସିଂ ଏବଂ ବୁଟା ସିଂଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ଏକ ଏକେ-୪୭, ଅନ୍ୟ କିଛି ଅସ୍ତ୍ର ଉଦ୍ଧାର କରାଯାଇଛି।

# ୟେମେନରେ ଆମେରିକାର ଏୟାର ଷ୍ଟ୍ରାଇକ୍




ନୂଆଦିଲ୍ଲୀ,୧୮।୪: ୟେମେନର ରାସ୍ ଇସା ତୈଳ ବନ୍ଦର ଉପରେ ଆମେରିକା ଏୟାର ଷ୍ଟ୍ରାଇକ୍ କରିଛି। ଏହି ଆକ୍ରମଣରେ ଅତି କମରେ ୭୪ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୧୭୧ ଜଣ ଆହତ ହୋଇଛନ୍ତି। ୟେମେନରେ ସକ୍ରିୟ ହୁଥି ବିଦ୍ରୋହୀ ମାନେ ଏହି ସୂଚନା ଦେଇଛନ୍ତି। କୁହାଯାଉଛି କି, ଗୁରୁବାର ବିଳମ୍ବିତ ରାତିରେ ଲୋକମାନେ ବନ୍ଦରରେ କାମ କରୁଥିବା ସମୟରେ ଏହି ଆକ୍ରମଣ କରାଯାଇଥିଲା।
ଆମେରିକା ସେନାର ସେଣ୍ଟ୍ରାଲ କମାଣ୍ଡ ଏହି ଆକ୍ରମଣକୁ ନିଶ୍ଚିତ କରିଛି ଏବଂ କହିଛି ଯେ, ଏହାର ଲକ୍ଷ୍ୟ ହୁଥି ବିଦ୍ରୋହୀଙ୍କ ଇନ୍ଧନ ଏବଂ ଆର୍ଥିକ ସମ୍ବଳକୁ ଦୁର୍ବଳ କରିବା। ଅଲ-ଜଜିରା ରିପୋର୍ଟ ଅନୁଯାୟୀ, ଆକ୍ରମଣରେ ବନ୍ଦର ଏବଂ ଏହାର ଆଖପାଖ ଅଞ୍ଚଳ ଗୁଡ଼ିକୁ ବିଶେଷ ଭାବରେ ଟାର୍ଗେଟ କରାଯାଇଥିଲା। ବନ୍ଦର କର୍ମଚାରୀ ଏବଂ ଟ୍ରକ୍ ଡ୍ରାଇଭର ମାନେ ମଧ୍ୟ ଆକ୍ରମଣର ଶିକାର ହୋଇଛନ୍ତି।
ସୂଚନାଥାଉକି, ରାସ୍ ଇସା ବନ୍ଦର ୟେମେନର ଅର୍ଥନୀତି ଏବଂ ମାନବିକ ସହାୟତା ଯୋଗାଣ ପାଇଁ ଗୁରୁତ୍ୱପୂର୍ଣ୍ଣ । ଦେଶର ଆମଦାନୀର ୭୦ ପ୍ରତିଶତରୁ ଅଧିକ ଏବଂ ମାନବିକ ସହାୟତାର ୮୦ ପ୍ରତିଶତ ସେଠାରୁ ଆସେ । ଆକ୍ରମଣ ପରେ ଅଞ୍ଚଳରେ ବ୍ୟାପକ ବିରୋଧ ପ୍ରଦର୍ଶନ କରାଯାଇଛି।
ତେବେ ଆକ୍ରମଣ ପରର ଏକ ଭିଡିଓରେ ଜଳୁଥିବା ଟ୍ରକ୍, ଭଗ୍ନାବଶେଷ ଏବଂ ସାଧାରଣ ଲୋକଙ୍କ ମୃତଦେହ ଦୃଶ୍ୟମାନ ହେଉଛି। ରିପୋର୍ଟ ଅନୁସାରେ, ଆକ୍ରମଣରେ ଅନେକ ବନ୍ଦର କର୍ମଚାରୀ ଆହତ ହୋଇଛନ୍ତି।

## ପରୀକ୍ଷା ପୂର୍ବରୁ ପଇତା ଖୋଲିଲେ ଛାତ୍ର

କର୍ଣ୍ଣାଟକ,୧୮।୪: ଶିବମୋଗାରେ ସିଇଟି (କମନ ଏନଟ୍ରାନ୍ସ ଟେଷ୍ଟ) ସମୟରେ ଏକ ବିବାଦ ଉପୁଜିଛି। କିଛି ଛାତ୍ରଙ୍କୁ ପରୀକ୍ଷା କେନ୍ଦ୍ରରେ ଜନେଉ ଓ ହାତରେ ବନ୍ଧା କଲାବା (ରକ୍ଷା ସୂତ୍ର) ଖୋଲିବାକୁ କୁହାଯାଇଥିଲା, ଯାହା ବିବାଦର କାରଣ ହୋଇଛି । ଘଟଣା ଶିବମୋଗାର ଆଦି ଚୁନଚୁନଗିରି ପିୟୁ କଲେଜ ପରିସରରେ ଘଟିଛି । ସିଇଟି ପରୀକ୍ଷା ଦେବାକୁ ଆସିଥିବା ତିନି ଛାତ୍ରଙ୍କୁ ପରୀକ୍ଷା କେନ୍ଦ୍ରରେ ଅଟକାଯାଇ ସେମାନଙ୍କ ଶରୀରରେ ବନ୍ଧା ଜନେଉ ଏବଂ ହାତରେ ବନ୍ଧା ରକ୍ଷା ସୂତ୍ର ହଟାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଯାହାକୁ ନେଇ ଏବେ ବିବାଦ ଦେଖାଦେଇଛି ।

# ଫ୍ଲୋରିଡା ଷ୍ଟେଟ ବିଶ୍ୱବିଦ୍ୟାଳୟରେ ଗୁଳିକାଣ୍ଡ




ଫ୍ଲୋରିଡା,୧୮।୪: ଫ୍ଲୋରିଡା ଷ୍ଟେଟ ବିଶ୍ୱବିଦ୍ୟାଳୟରେ ଗୁଳିଚାଳନାରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୫ ଜଣ ଆହତ ହୋଇଛନ୍ତି। ଏହି ଗୁଳିଚାଳନା ସମସ୍ତଙ୍କୁ ଚକିତ କରିଦେଇଥିଲା କାରଣ ଯେତେବେଳେ ଏହି ଘଟଣା ଘଟିଥିଲା ସେତେବେଳେ ଗୁଳି ଚଳାଇଥିବା ଯୁବକ ଜଣକ ଜଣେ ମହିଳା ପୋଲିସ ଅଧିକାରୀଙ୍କ ପୁଅ ବୋଲି ଜଣାପଡିଥିଲା । ଗୁଳିଚାଳକ ବ୍ୟବହାର କରିଥିବା ବନ୍ଧୁକ ତାଙ୍କ ମା'ଙ୍କ ପୁରୁଣା ସର୍ଭିସ୍ ବନ୍ଧୁକ ଥିଲା । ଏହି ଗୁଳିକାଣ୍ଡରେ ୨୦ ବର୍ଷୀୟ ଫିନିକ୍ସ ଇକାନଙ୍କୁ ସନ୍ଦିଗ୍ଧ ବୋଲି ଚିହ୍ନଟ କରାଯାଇଛି। ଅଧିକାରୀମାନେ ଗୁରୁବାର କହିଛନ୍ତି ମାମଲାର ତଦନ୍ତ ଆରମ୍ଭ ହୋଇଛି କିନ୍ତୁ ମାମଲାର ବଡ ଘଟଣା ଏବେ ସାମ୍ନାକୁ ଆସିଛି । ଅନ୍ତର୍ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ଆମେରିକାର ଫ୍ଲୋରିଡା ୟୁନିଭର୍ସିଟିରେ ଏହି ଘଟଣା ଘଟିଛି । ଏହି ଘଟଣାରେ ଅଭିଯୁକ୍ତ ଫିନିକ୍ସ ତାଙ୍କ ମା'ଙ୍କ ବନ୍ଧୁକ ବ୍ୟବହାର କରିଥିଲେ । ଘଟଣାସ୍ଥଳରୁ ବନ୍ଧୁକ ଜବତ କରାଯାଇଛି । ଏଫଏସୟୁ କ୍ୟାମ୍ପସରେ ଗୁଳିକାଣ୍ଡ ଘଟିବା ମାତ୍ରେ ଉତ୍ତେଜନା ପ୍ରକାଶ ପାଇବା ପରେ ଲୋକେ ଏଠାରେ ଦୌଡ଼ିବା ଆରମ୍ଭ କରିଥିଲେ। ପୋଲିସ କହିଛି ଯେ ଏହି ମାମଲା ହାଇପ୍ରୋଫାଇଲ, ତେଣୁ ଅନେକ ଆଇନ ପ୍ରବର୍ତ୍ତନ କାରୀ ଏଜେନ୍ସି ତଦନ୍ତରେ ନିୟୋଜିତ ଅଛନ୍ତି । ଏହି କମ୍ପାଉଣ୍ଡ ଏବେ ବି ଏକ ସକ୍ରିୟ ଅପରାଧ ସ୍ଥଳ ବୋଲି ବିଶ୍ୱାସ କରାଯାଉଛି ଯେଉଁଠାରୁ ଲୋକଙ୍କୁ ଦୂରେଇ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ରିଲିଜ ହେଲା କେସରୀ ଚାପ୍ଟର ଟୁ

ନୂଆଦିଲ୍ଲୀ,୧୮।୪: ଆଜି ରିଲିଜ ହୋଇଛି ବହୁ ଚର୍ଚ୍ଚିତ ୧୯୧୯ ମସିହାର ଜାଲିୱାନାୱାଲାବାଗ ହତ୍ୟାକାଣ୍ଡର ହୃଦୟସ୍ପର୍ଶୀ କାହାଣୀ ଉପରେ ଆଧାରିତ ଫିଲ୍ମ କେସରୀ ଚାପ୍ଟର ଟୁ । ଫିଲ୍ମରେ ମୁଖ୍ୟ ଚରିତ୍ରରେ ରହିଛନ୍ତି ଅଭିନେତା ଅକ୍ଷୟ କୁମାର । ଅକ୍ଷୟଙ୍କ ବ୍ୟତୀତ, 'କେସରୀ ଚାପ୍ଟର ୨'ରେ ଆର. ମାଧବନ୍ ଏବଂ ଅନନ୍ୟା ପାଣ୍ଡେ ମଧ୍ୟ ପ୍ରମୁଖ ଭୂମିକାରେ ଅଛନ୍ତି । ଏହି ଚଳଚ୍ଚିତ୍ରରେ ଅକ୍ଷୟ କୁମାର ମଧ୍ୟ ଜଣେ ଓକିଲ ଭୂମିକାରେ ଦେଖିବାକୁ ମିଳିଛି । ସେ ଜଣେ ନିର୍ଭୀକ ଓକିଲ ଭାବରେ ସି.ଶଙ୍କରନ୍ ନାୟରଙ୍କ ଭୂମିକାରେ ନଜର ଆସିଛନ୍ତି । ଏଥିସହ କୋର୍ଟରେ ବ୍ରିଟିଶ ସାମ୍ରାଜ୍ୟ ବିରୋଧରେ ଲଢ଼େଇ ଲଢୁଥିବାର ଅକ୍ଷୟଙ୍କୁ ଦେଖିବାକୁ ମିଳିଛି । ଫିଲ୍ମକୁ ରିଲିଜର ପ୍ରଥମ ଦିନରେ ଭଲ ରେସପନ୍ସ ମିଳିଥିବା ଜଣାପଡିଛି ।

# ଟ୍ରମ୍ପଙ୍କୁ 'ସୁପ୍ରିମ' ଜନ୍ମ ନାଗରିକତାର ନେଇ ଝଟ୍‌କା



ୱାଶିଂଟନ ,୧୮।୪: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ସୁପ୍ରିମକୋର୍ଟରୁ ଲାଗିଛି ବଡ ଝଟ୍‌କା । ଅଦାଲତ ଜନ୍ମ ନାଗରିକତା ଉପରେ ରୋକ ଲଗାଇବା ପାଇଁ ଟ୍ରମ୍ପଙ୍କ ପ୍ରସ୍ତାବକୁ କୋର୍ଟ ବିରୋଧ କରିଛନ୍ତି । ତଥାପି, କୋର୍ଟ ଏହି ପ୍ରସଙ୍ଗରେ ପକ୍ଷ ରଖିବାକୁ ରାଜି ହୋଇଛନ୍ତି । ମେ ମାସରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଟ୍ରମ୍ପଙ୍କ ନିଷ୍ପତ୍ତି ସମ୍ବିଧାନ ଅନୁଯାୟୀ କି ନାହିଁ, ତାହା ଆମେରିକାର ସୁପ୍ରିମକୋର୍ଟ ସିଧାସଳଖ ନିଷ୍ପତ୍ତି ନେବେ ନାହିଁ । ବର୍ତ୍ତମାନ, କୋର୍ଟ ଅନ୍ୟ ଏକ ବୈଷୟିକ ବିଷୟ ଉପରେ ଧ୍ୟାନ ଦେବେ । ଯାହା ଭବିଷ୍ୟତରେ ଏକ ବଡ଼ ସମସ୍ୟା ସୃଷ୍ଟି କରିପାରେ । ପ୍ରସଙ୍ଗ ଏହା କି, ନିମ୍ନ ଅଦାଲତର ବିଚାରପତିମାନେ ସାରା ଦେଶରେ ରାଷ୍ଟ୍ରପତିଙ୍କ ନୀତିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇପାରିବେ କି? କୋର୍ଟ ଲଗାଇଲେ ପ୍ରତିବନ୍ଧକ? ତିନି ଜଣ ଫେଡେରାଲ ବିଚାରପତି ପୃଥକ ପୃଥକ ରାୟରେ ଟ୍ରମ୍ପଙ୍କ ସେହି ଆଦେଶକୁ ରୋକ୍ ଲଗାଇବାକୁ ନିଷେଧାଧେଶ ଜାରି କରିଛନ୍ତି । ଯାହା ଆମେରିକାରେ ଜନ୍ମିତ ପିଲାମାନଙ୍କୁ ସେମାନଙ୍କର ନାଗରିକତାରୁ ବଞ୍ଚିତ କରିବ । ବିଚାରପତିମାନେ କହିଛନ୍ତି ଯେ ଏହି ଆଦେଶ ୧୪ତମ ସଂଶୋଧନର ସିଧାସଳଖ ଉଲ୍ଲଂଘନ । ଯାହା ଦୀର୍ଘ ଦିନ ଧରି ଆମେରିକାରେ ଜନ୍ମିତ ପ୍ରାୟ ସମସ୍ତଙ୍କୁ ନାଗରିକତାର ଅଧିକାର ଦେଇଛି। ଗତ ମାସରେ, ଟ୍ରମ୍ପ ପ୍ରଶାସନ ସୁପ୍ରିମକୋର୍ଟରେ ଏକ ଜରୁରୀ ଆବେଦନ ଦାଖଲ କରିଥିଲା। ସେ କୋର୍ଟଙ୍କୁ ଏହି ଆଦେଶନାମାଗୁଡ଼ିକୁ ହଟାଇବା କିମ୍ବା ହ୍ରାସ କରିବାକୁ ଅନୁରୋଧ କରିଥିଲେ। ସରକାର କହିଛନ୍ତି ଯେ ନିମ୍ନ ଅଦାଲତର ବିଚାରପତିମାନଙ୍କୁ ଏତେ ବଡ଼ ନିଷ୍ପତ୍ତି ନେବାର କ୍ଷମତା ଦେବା ଉଚିତ୍ ନୁହେଁ ଯାହା ସମଗ୍ର ଦେଶରେ କୌଣସି ନୀତିକୁ ବନ୍ଦ କରିପାରିବ। ମେ ୧୫ରେ ଶୁଣାଣି: ଆମେରିକାର ସୁପ୍ରିମକୋର୍ଟ ଗୁରୁବାର ଦିନ ତାଙ୍କ ଆଦେଶରେ କହିଛନ୍ତି ଯେ ସେ ୧୫ ମଇରେ ଏହି ମାମଲାର ଶୁଣାଣି କରିବେ । ଏହି ଶୁଣାଣି ଏହି ପ୍ରସଙ୍ଗରେ ହେବ ଯେ ଜିଲ୍ଲା ବିଚାରପତିମାନଙ୍କର ସାରା ଦେଶରେ ଲାଗୁ ହେଉଥିବା ନିର୍ଦ୍ଦେଶ ଦେବାର ଅଧିକାର ଅଛି କି ନାହିଁ। ଜରୁରୀକାଳୀନ ଆବେଦନ ଉପରେ ଯୁକ୍ତି ସ୍ଥିର କରିବା କୋର୍ଟ ପାଇଁ ବିରଳ ଘଟଣା ।

## ଗୋଟିଏ ଜୁଇରେ ଜଳିଲା ସ୍ୱାମୀ-ସ୍ତ୍ରୀଙ୍କ ଚିତା

ଡେରାଡୁନ,୧୮।୪: ଏକାସାଙ୍ଗରେ ଗୋଟିଏ ଜୁଇରେ ଜଳିଲା ଉଭୟ ସ୍ୱାମୀ, ସ୍ତ୍ରୀଙ୍କ ଚିତା । ଏପରି ଲୋମଟାଙ୍କୁରା ଦୃଶ୍ୟ ଉତ୍ତରପ୍ରଦେଶର ଏକ ଗାଁରୁ ଆସିଛି । ବର୍ତ୍ତମାନ ସମୟରେ କିଏ କାହା ପାଇଁ ଜୀବନ ନେଉଛି ତ ପୁଣି ଆଉ କାହା ପାଇଁ କିଏ ଜୀବନ ଦେଉଛି । ସାତ ଜନ୍ମକୁ ଏକାଠି ରହିବା ପାଇଁ କଥା ଦେଇଥିଲେ ଦୁହେଁ ସ୍ୱାମୀ ଓ ସ୍ତ୍ରୀ। ଆଜି ତାହା ଏହି ସ୍ୱାମୀ, ସ୍ତ୍ରୀଙ୍କ ପାଖରୁ ପ୍ରମାଣ ମଧ୍ୟ ମିଳିଛି । ସ୍ୱାମୀର ମୃତ୍ୟୁକୁ ସହିନପାରି ସ୍ୱାମୀ ପାଇଁ ଜୀବନ ଦେଲା ସ୍ତ୍ରୀ । ସୂଚନାନୁଯାୟୀ, ଉତ୍ତରପ୍ରଦେଶ ବିଜନୋରର ମସନପୁର ଗାଁରେ ରହୁଥିବା ସ୍ୱାମୀ ଭୀମ ସିଂ(୪୫) ଅନେକ ଦିନ ଧରି ରୋଗ ବେମାରୀରେ ପୀଡିତ ଥିଲେ। ଋଷିକେଶର ଏମ୍ସ ଏବଂ ଡେରାଡୁନର ଡୋଇୱାଲା ଜୋଲିଗ୍ରାଣ୍ଟ ହସ୍ପିଟାଲରେ ତାଙ୍କର ଚିକିତ୍ସା ହେଉଥିଲା । ସୋମବାର ସନ୍ଧ୍ୟାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ମଙ୍ଗଳବାର ଅନ୍ତିମ ସତ୍କାର ପାଇଁ ଗାଁ ଲୋକ ଏବଂ ପରିବାର ଲୋକେ ପ୍ରସ୍ତୁତି କରୁଥିଲେ ।
ଅନ୍ୟପଟେ ଭୀମ ସିଂଙ୍କ ୪୨ ବର୍ଷୀୟ ସ୍ତ୍ରୀ ରାଜକୁମାରୀ କାନ୍ଦି କାନ୍ଦି ନିଜ ଗୃହ ଭିତରକୁ ଚୁପଚାପ ଚାଲିଯାଇଥିଲେ ।
ସ୍ୱାମୀର ମୃତ୍ୟୁକୁ ସହି ନପାରି ବିଷ ପିଇ ଜୀବନ ହାରିଦେଇଥିଲା ସ୍ତ୍ରୀ। କିଛି ସମୟ ପରେ ଭୀମଙ୍କ ସ୍ତ୍ରୀ ରାଜକୁମାରୀଙ୍କୁ ଘର ଭିତରୁ ବେହୋସ ଅବସ୍ଥାରେ ପାଇଥିଲେ ପରିବାର ଲୋକ । ପରିବାର ଲୋକେ ତାଙ୍କୁ ତୁରନ୍ତ ଡାକ୍ତରଙ୍କ ପାଖକୁ ନେବାରୁ ତାଙ୍କୁ ଘଟଣାସ୍ଥଳରେ ମୃତ ଘୋଷଣା କରିଥିଲେ । କୀଟନାଶକ ଔଷଧ ଖାଇ ତାଙ୍କ ପ୍ରାଣ ଯାଇଛି ବୋଲି ଡାକ୍ତର ପରିବାର ଲୋକଙ୍କୁ ସ୍ପଷ୍ଟ କରିଥିଲେ । ଏପରି ଘଟଣା ସାମ୍ନାକୁ ଆସିବା ପରେ ବିଜନୋରର ମସନପୁର ଗାଁ ଲୋକ ଏବଂ ପରିବାର ଲୋକଙ୍କ ଆଖିରେ ଲୁହ ଆଣିଦେଇଥିଲା । ଶେଷରେ ଗାଁ ଲୋକ ଏବଂ ପରିବାର ଲୋକେ ମିଶି ଉଭୟ ସ୍ୱାମୀ, ସ୍ତ୍ରୀଙ୍କୁ ସେମାନଙ୍କର ଅନ୍ତିମ ସଂସ୍କାର ପାଇଁ ଗଙ୍ଗା ବ୍ୟାରେଜକୁ ନେଇ ତାଙ୍କ ଚିତା ଦାହ କରିଥିଲେ ।

# ୨୬ରେ ଡାଇମଣ୍ଡ ଲିଗ୍: ଭାଗନେବେ ସାବ୍‌ଲେ



**ନୂଆଦିଲ୍ଲୀ୧୮।୪:** ଜାତୀୟ ରେକର୍ଡଧାରୀ ୩୦୦୦ ମିଟର ଷ୍ଟିପଲଚେଜର ଅବିନାଶ ସାବ୍‌ଲେ ଏପ୍ରିଲ ୨୬ରେ ଚାଇନାର ଜିଆମେନ୍‌ଠାରେ ହେବାକୁଥିବା ସିଜନ ଓପନିଂ ଡାଇମଣ୍ଡ ଲିଗ୍ ମିଟିଂରେ ଅଂଶଗ୍ରହଣ କରିବେ। ଏଥିରେ ବିଶ୍ୱର ଆଗଧାଡ଼ି ଆଥ୍‌ଲେଟମାନେ ଭାଗ ନେବେ। ସେମାନଙ୍କ ମଧ୍ୟରେ ଅଲିମ୍ପିକ ଓ ବିଶ୍ୱ ଚାମ୍ପିୟନ ମରକ୍କୋର ସୋଫିଆନେ ଏଲ୍ ବାକାଲି ରହିଛନ୍ତି। ପ୍ୟାରିସ ଅଲିମ୍ପିକ୍ସ ଓ ୱାଲର୍ଡ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ବିଜେତା କେନିଆର ଆବ୍ରାହମ କିବିଓତ୍ ମଧ ଏଥିରେ ଭାଗନେବେ। ଏହି ଷ୍ଟିପଲଚେଜର ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସାବ୍‌ଲେଙ୍କୁ ହରାଇ ସ୍ୱର୍ଣ୍ଣ ଜିତିଥିଲେ।

ଗତବର୍ଷ ସେପ୍ଟେମ୍ବରରେ ଡାଇମଣ୍ଡ ଲିଗ୍ ଫାଇନାଲ ପରେ ସାବ୍‌ଲେ ପ୍ରଥମ ଥର ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ଗତଥର ସେ ୮ ମିନିଟ ଓ ୧୭.୦୯ ସେକେଣ୍ଡ ଟାଇମିଂରେ ୯ମ ସ୍ଥାନରେ ରହିଥିଲେ। ୮:୦୯.୯୧ ଟାଇମିଂ ସହ ଜାତୀୟ ରେକର୍ଡ କରିଥିବା ୩୦ ବର୍ଷୀୟ ସାବ୍‌ଲେ ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ୮:୧୪.୧୮ ଟାଇମିଂ ସହ ୧୧ଶ ସ୍ଥାନରେ ରହିଥିଲେ। ପ୍ୟାରିସ୍ ଅଲିମ୍ପିକ୍ସ ଟାଇମିଂକୁ ଭିତ୍ତିକରି ସାବ୍‌ଲେ ସେପ୍ଟେମ୍ବରରେ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ସେ ଏପ୍ରିଲ ୨୧ରୁ ୨୪ ପର୍ଯ୍ୟନ୍ତ କୋଚିରେ ହେବାକୁଥିବା ଫେଡେରେଶନ କପ୍ ନ୍ୟାଶନାଲ ଚାମ୍ପିୟନଶିପ୍‌ରେ ଭାଗ ନେଇପାରିବେ ନାହିଁ, ଯାହାକି ଆସନ୍ତା ମାସରେ କୋରିଆରେ ହେବାକୁଥିବା ଏସିଆନ ଚାମ୍ପିୟନଶିପ୍ ପାଇଁ ଫାଇନାଲ ସିଲେକ୍ସନ ଇଭେଣ୍ଟ। ସୂଚନାଯୋଗ୍ୟ, ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଏସିଆନ ଚାମ୍ପିୟନଶିପ୍‌ରେ ଭାଗ ନେବାଲାଗି ମନୋନୀତ ହେବାକୁ ଚାହୁଁଥିବା ଆଥ୍‌ଲେଟମାନଙ୍କ ଲାଗି ଫେଡେରେଶନ କପ୍‌ରେ ଅଂଶଗ୍ରହଣ ବାଧ୍ୟତାମୂଳକ କରିଛି। ତେବେ ଯେଉଁମାନେ ଅନୁମତି ନେଇ ବିଦେଶରେ ଟ୍ରେନିଂ ନେଉଥିବେ କିମ୍ବା କୌଣସି ପ୍ରତିଯୋଗିତାରେ ଭାଗ ନେଉଥିବେ ସେମାନଙ୍କ ଲାଗି ଏହି ନିୟମ କୋହଳ କରାଯାଇଛି।



## ଗୁଜରାଟ ଟାଇଟାନ୍ସରେ ସାମିଲ ହେଲେ ଘାତକ ଅଲରାଉଣ୍ଡର ଶନାକା

**ନୂଆଦିଲ୍ଲୀ, ୧୮।୪:** ଗୁଜୁରାଟ ଟାଇଟାନ୍ସ ଗ୍ଲେନ୍ ଫିଲିପ୍ସଙ୍କ ବଦଳ ଖେଳାଳିଙ୍କ ନାମ ଘୋଷଣା କରିଛି। ଗୁଜୁରାଟ ଶ୍ରୀଲଙ୍କା ଖେଳାଳି ଦାସୁନ୍ ଶନାକାଙ୍କୁ ଦଳରେ ସାମିଲ କରିଛି । ୨୦୨୫ ଆଇପିଏଲରେ ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷ ମ୍ୟାଚ୍ ସମୟରେ ଫିଲିପ୍ସ ଆହତ ହୋଇଥିଲେ। ଏହା ପରେ ଦଳ ଶନାକାଙ୍କୁ ସୁଯୋଗ ଦେଇଥିଲା। ଶନାକା ଜଣେ ଅଲରାଉଣ୍ଡର ଏବଂ ଅନେକ ଥର ତାଙ୍କର ଚମତ୍କାର ପ୍ରଦର୍ଶନ ଦେଖାଇଛନ୍ତି। ବ୍ୟାଟିଂ ଏବଂ ବୋଲିଂରେ ତାଙ୍କର ଏକ ଭଲ ରେକର୍ଡ ଅଛି। ପ୍ରକୃତରେ ଆଇପିଏଲ ୨୦୨୫ରେ ଗୁଜରାଟର ଚତୁର୍ଥ ମ୍ୟାଚ୍ ହାଇଦ୍ରାବାଦ ବିପକ୍ଷରେ ଥିଲା। ଏହି ମ୍ୟାଚ୍ ୬ ଏପ୍ରିଲରେ ରାଜୀବ ଗାନ୍ଧୀ ଷ୍ଟାଡିୟମରେ ଖେଳାଯାଇଥିଲା। ସେ ମ୍ୟାଚ୍ ସମୟରେ ଗୁଜରାଟ ପାଇଁ ଫିଲ୍ଡିଂ କରୁଥିଲେ। ଫିଲ୍ଡିଂ କରିବା ସମୟରେ ଗ୍ଲେନ୍ ଫିଲିପ୍ସଙ୍କୁ ଆଘାତ ଲାଗିଥିଲା। ତାଙ୍କର ଆଘାତ ଏତେ ଗମ୍ଭୀର ଯେ ସେ ସମଗ୍ର ସିଜିନରୁ ବାଦ ପଡ଼ିଥିଲେ। ତେଣୁ ଗୁଜୁରାଟ ଏବେ ଗ୍ଲେନ୍ ଫିଲିପ୍ସଙ୍କ ସ୍ଥାନରେ ଶନାକାଙ୍କୁ ଦଳରେ ସାମିଲ କରିଛି। ତାଙ୍କୁ ଦରମା ଭାବରେ ୭୫ ଲକ୍ଷ ଟଙ୍କା ମିଳିବ। ଶନାକା ଏପର୍ଯ୍ୟନ୍ତ କେବଳ ଥରେ ଆଇପିଏଲରେ ଖେଳିପାରିଛନ୍ତି। ସେ ଆଇପିଏଲ ୨୦୨୩ରେ ଗୁଜରାଟରେ ଥିଲେ। ଏହି ସିଜିନରେ ସେ ୩ଟି ମ୍ୟାଚ୍ ଖେଳିଥିଲେ। ଶାନାକାଙ୍କ ଟି-୨୦ ରେକର୍ଡ ବହୁତ ଭଲ ରହିଛି। ସେ ଏପର୍ଯ୍ୟନ୍ତ ୨୪୩ଟି ମ୍ୟାଚ୍ ଖେଳି ସାରିଛନ୍ତି। ଏହି ସମୟ ମଧ୍ୟରେ ସେ ୪୪୪୯ ରନ କରିଛନ୍ତି। ଶନାକା ଟି-୨୦ରେ ୩ଟି ଶତକ ଏବଂ ୧୬ଟି ଅର୍ଦ୍ଧଶତକ ମାରିଛନ୍ତି। ଏହା ସହିତ ସେ ୯୧ଟି ୱିକେଟ ମଧ ନେଇଛନ୍ତି। ଶନାକା ୧୦୨ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ମଧ ଖେଳିଛନ୍ତି। ସେ ଏଠାରେ ୧୪୫୬ ରନ୍ କରିଛନ୍ତି। ଏହା ସହିତ, ୩୩ଟି ୱିକେଟ ମଧ ନେଇଛନ୍ତି । ସେ ଶ୍ରୀଲଙ୍କା ପାଇଁ ୭୧ଟି ଦିନିକିଆ ମ୍ୟାଚ୍ ଖେଳିଛନ୍ତି।

## ଋତୁ ଆରମ୍ଭରୁ ନୀରଜଙ୍କୁ ସ୍ୱର୍ଣ୍ଣ



**ନୂଆଦିଲ୍ଲୀ, ୧୮।୪:** ଭାରତୀୟ ଜାଭଲିନ୍ ତାରକା ନୀରଜ ଚୋପ୍ରା ସ୍ୱର୍ଣ୍ଣ ପଦକରୁ ନୂଆ ଋତୁ ଆରମ୍ଭ କରିଛନ୍ତି। ଦକ୍ଷିଣ ଆଫ୍ରିକାର ପୋଚେଫଷ୍ଟ୍ରମଠାରେ ଆୟୋଜିତ ପୋଚ୍ ଆମନ୍ତ୍ରଣୀୟ ଦୌଡ଼କୁଦ ପ୍ରତିଯୋଗିତାରେ ୮୪.୫୨ ମିଟରର ଥ୍ରୋ' ସହ ପ୍ରଥମ ସ୍ଥାନ ଅଧିକାର କରି ନେଇଛନ୍ତି। ତେବେ ଏହା ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ୮୯.୯୪ ମିଟରଠାରୁ ଯଥେଷ୍ଟ କମ୍ ଥିଲା। ୬ଜଣିଆ ଫାଇନାଲ୍‌ରେ ଆୟୋଜକ ଦେଶର ଦୋଉ ସ୍ମିଟ୍ (୮୩.୨୯ ମିଟର) ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ପାଇଥିଲେ। କେବଳ ନୀରଜ ଓ ସ୍ମିଟ୍ ୮୦ ମିଟର ଟପିବା ଉଲ୍ଲେଖନୀୟ ଥିଲା। ସୂଚନାଯୋଗ୍ୟ ଯେ ପ୍ୟାରିସ୍ ଅଲିମ୍ପିକ୍ସ ରୌପ୍ୟ ପଦକ ବିଜେତା ନୀରଜଙ୍କ ପରବର୍ତ୍ତୀ ଲକ୍ଷ୍ୟ ହେଉଛି ମେ ୧୬ ତାରିଖରେ ଆୟୋଜିତ ହେବାକୁ ଥିବା ଦୋହା ଡାଇମଣ୍ଡ୍ ଲିଗ୍‌ରେ ସ୍ୱର୍ଣ୍ଣ ପଦକ ଜିତିବା। ଏହି ପ୍ରତିଯୋଗିତାରେ କିନ୍ତୁ ତାଙ୍କୁ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡ଼ିବ।

## ହିଟମ୍ୟାନଙ୍କୁ 'ଆଇପିଏଲ ୧୮' ଟୋକନ ଦେଇ ସମ୍ମାନିତ କଲେ ବିସିସିଆଇ ଅଧ୍ୟକ୍ଷ

**ନୂଆଦିଲ୍ଲୀ, ୧୮।୪:** ଆଇପିଏଲରେ ୧୮ ବର୍ଷ ପୂରଣ କରିବା ପରେ ରୋହିତ ଶର୍ମାଙ୍କୁ ସମ୍ମାନିତ କରିଛନ୍ତି ବିସିସିଆଇ ଅଧ୍ୟକ୍ଷ ରୋଜର ବିନ୍ନୀ। ପୂର୍ବରୁ ବିରାଟ କୋହଲିଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ରୋଜର ବିନ୍ନୀ ୱାଙ୍ଖେଡେ ଷ୍ଟାଡିୟମରେ ମୁମ୍ବାଇ ଇଣ୍ଡିଆନ୍ସ ବନାମ ସନରାଇଜର୍ସ ହାଇଦ୍ରାବାଦ ମ୍ୟାଚର ଠିକ୍ ପୂର୍ବରୁ ହିଟମ୍ୟାନଙ୍କୁ 'ଆଇପିଏଲ ୧୮' ଟୋକନ ଦେଇ ସମ୍ମାନିତ କରିଛନ୍ତି। ରୋହିତ ଶର୍ମା ଆଇପିଏଲରେ ଦୁଇଟି ଟିମ ପାଇଁ ଖେଳିଛନ୍ତି। ପ୍ରଥମରୁ ଡେକ୍କାନ ଚାର୍ଜର ସହିତ ରୋହିତ ଖେଳୁଥିବା ବେଳେ ୨୦୧୧ରେ ମୁମ୍ବାଇ ଇଣ୍ଡିଆନ୍ସ ସହିତ ଜଡିତ ହୋଇଥିଲେ। ରୋହିତ ନିଜ ଅଧିନାୟକତ୍ୱରେ ୫ ଥର ମୁମ୍ବାଇକୁ ଆଇପିଏଲ ଟାଇଟଲ ଜିତାଇଛନ୍ତି। ମୁମ୍ବାଇ ୨୦୧୩, ୨୦୧୫, ୨୦୧୭, ୨୦୧୯ ଏବଂ ୨୦୨୦ରେ ଆଇପିଏଲ ଟ୍ରଫି କବଜା କରିଛି। ରୋହିତ ଆଇପିଏଲ ଇତିହାସରେ ସବୁଠାରୁ ଅଧିକ ମ୍ୟାଚ ଖେଳିଥିବା ଦ୍ୱିତୀୟ ଖେଳାଳି। ସେ ଏପର୍ଯ୍ୟନ୍ତ ୨୬୩ ମ୍ୟାଚ ଖେଳି ୬,୬୮୬ ରନ୍ କରିଛନ୍ତି। ଏହାସହିତ ଆଇପିଏଲରେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ସବୁଠାରୁ ଅଧିକ ରନ୍ କରିଥିବା ଖେଳାଳି ମଧ ରହିଛନ୍ତି। ମୁମ୍ବାଇ ପାଇଁ ୨୨୭ ମ୍ୟାଚ ଖେଳି ୫,୮୧୩ ରନ୍ କରିଛନ୍ତି। ଏହି ସମୟରେ ରୋହିତ ୨ଟି ଶତକ ଏବଂ ୩୬ ଅର୍ଦ୍ଧଶତକ ମାରିଛନ୍ତି। ହେଲେ ୨୦୨୫ ଆଇପିଏଲରେ ରୋହିତଙ୍କ ପ୍ରଦର୍ଶନ ବହୁତ ଖରାପ ରହିଛି। ସେ ଚଳିତ ସିଜିନରେ ମାତ୍ର ୬ଟି ମ୍ୟାଚ ଖେଳି ୮୨ ରନ୍ କରିଛନ୍ତି।



ସୂଚନାଯୋଗ୍ୟ, ବିରାଟ କୋହଲି ୨୦୦୮ରୁ ଆଇପିଏଲର ଅଭିନ୍ନ ଅଂଶ ହୋଇ ରହିଛନ୍ତି। ଆଇପିଏଲ ୨୦୨୫ର ଉଦ୍ଘାଟନୀ ସମାରୋହରେ ବିରାଟ କୋହଲିଙ୍କୁ 'ଆଇପିଏଲ ୧୮' ଟୋକନ ଦେଇ ସମ୍ମାନିତ କରିଥିଲେ। ବିରାଟ କୋହଲି ନିଜ ସଂପୂର୍ଣ୍ଣ କ୍ୟାରିଅର ଆରସିବି ସହିତ ଖେଳିଛନ୍ତି।

## ପୁଣି ଖେଳାଯିବ ଟି୨୦ ମୁମ୍ବାଇ ଲିଗ୍

**ମୁମ୍ବାଇ, ୧୮।୪:** ଭାରତର ଟେଷ୍ଟ ଓ ଅନ୍ତର୍ଜାତୀୟ ଦିନିକିଆ ଅଧିନାୟକ ରୋହିତ ଶର୍ମା ଟି୨୦ ମୁମ୍ବାଇ ଲିଗ୍‌ରେ ବ୍ରାଣ୍ଡ ଆମ୍ବାସାଡର ହେବାକୁ ଯାଉଛନ୍ତି। କୋଭିଡ୍ ମହାମାରୀ ପୂର୍ବରୁ ଏହି ଲିଗ୍ ୨୦୧୮ ଓ ୨୦୧୯ରେ ଦୁଇଥର ଖେଳାଯାଇଛି। ରୋହିତ ଅନ୍ତର୍ଜାତୀୟ ଟି୨୦ରୁ ଅବସର ନେଇଥିଲେ ମଧ୍ୟ ଆଇପିଏଲ୍‌ରେ ଖେଳୁଛନ୍ତି। ସୂର୍ଯ୍ୟକୁମାର ଯାଦବ, ଶ୍ରେୟସ ଆୟର, ଅଜିଙ୍କ୍ୟ ରାହାନେ, ଶିବମ ଦୁବେ, ତୁଷାର ଦେଶପାଣ୍ଡେ ପ୍ରମୁଖ ମୁମ୍ବାଇର କେତେଜଣ ଲୋକପ୍ରିୟ ଖେଳାଳି ରହିଛନ୍ତି। ଟେଷ୍ଟ ଓପନ ଯଶସ୍ୱୀ ଜୟସ୍ୱାଲ କିଛିଦିନ ତଳେ ଗୋଆରେ ଯୋଗଦେଇଛନ୍ତି। ଏହି ଖେଳାଳିମାନଙ୍କ ମଧ୍ୟରୁ ଅଧିକାଂଶ ଆଇପିଏଲ୍ ସହିତ ସମ୍ପୃକ୍ତ। ଆଇପିଏଲ୍ ଶେଷ ନ ହେବା ପର୍ଯ୍ୟନ୍ତ ଇଭେଣ୍ଟ ଆରମ୍ଭ ନ କରିବା ଲାଗି ମୁମ୍ବାଇ କ୍ରିକେଟ ଆସୋସିଏଶନ (ଏମ୍‌ସିଏ) ସ୍ଥିର କରିଛି। ଏହି ଖେଳାଳିମାନେ ଟି୨୦ ମୁମ୍ବାଇ ଲିଗ୍‌ରେ ଖେଳିବେ ବୋଲି ଆଶା କରାଯାଉଛି। ମାତ୍ର ସେମାନଙ୍କୁ ବାଧ୍ୟ କରାଯିବ ନାହିଁ। ଇଭେଣ୍ଟରେ ଅଂଶଗ୍ରହଣ ଦ୍ୱାରା କେବଳ ମୁମ୍ବାଇ କ୍ରିକେଟର ବିକାଶ ଘଟିବ ନାହିଁ ବରଂ ଖେଳାଳି ଓ ଲିଗ୍ ଉପକୃତ ହେବେ ବୋଲି ଏମ୍‌ସିଏର ଜଣେ ଅଫିସିଆଲ କହିଛନ୍ତି। ଶୁକ୍ରବାର ଇଭେଣ୍ଟ ସମ୍ପର୍କରେ ଘୋଷଣା କରାଯିବ। କାର୍ଯ୍ୟକ୍ରମରେ ରୋହିତ ଉପସ୍ଥିତ ରହିବେ ବୋଲି ଆଶା କରାଯାଉଛି। ଖବର ଅନୁସାରେ ପ୍ରତିଯୋଗିତାରେ ଏମ୍‌ସିଏ ଆଇକନ ଖେଳାଳିମାନଙ୍କୁ ୧୫ ଲକ୍ଷ ଟଙ୍କା ଲେଖାଏ ଦେବ। ଇଭେଣ୍ଟରେ ଅଂଶ ଗ୍ରହଣ କରିବା ଲାଗି ୨,୮୦୦ରୁ ଅଧିକ ଖେଳାଳି ଆଗ୍ରହ ପ୍ରକାଶ କରିଛନ୍ତି। ଟୁର୍ନାମେଣ୍ଟରେ ୮ଟି ଦଳ ଭାଗ ନେବେ। ଦୁଇଟି ନୂଆ ଦଳ ନାମ ଖୁବ୍‌ଶୀଘ୍ର ଘୋଷଣା କରାଯିବ। ଅନ୍ୟ ୬ଟି ଦଳ ହେଲେ ନର୍ଥ ମୁମ୍ବାଇ ପାନ୍ଥର୍ସ, ଏଆର୍‌ଏସ୍ ଅନ୍ଧେରୀ, ଟ୍ରିମ୍ଫ ନାଇଟ୍ସ, ମୁମ୍ବାଇ ନର୍ଥ ଇଷ୍ଟ, ନମୋ ବାନ୍ଦ୍ରା ବ୍ଲାଷ୍ଟର୍ସ, ଇଗଲ ଥାନେ ଷ୍ଟ୍ରାଇକର୍ସ ଓ ଆକାଶ ଟାଇଗର୍ସ, ମୁମ୍ବାଇ ୱେଷ୍ଟର୍ନ ସବଅର୍ବସ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବଦଳି...

ବଦଳି ନୀତି ନାହିଁ। ତେଣୁ ବୁକ ସର୍କୁଲାରର ଧାରା ୪୨ ସାଙ୍ଗକୁ ବିଭିନ୍ନ ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶନାମା ଆଧାରରେ ଅନ୍ୟ ବିଭାଗଗୁଡ଼ିକରେ କର୍ମଚାରୀମାନଙ୍କ ବଦଳି ହେଉଛି। ତେଣୁ ଏହି ବିଭାଗ ଭଳି ଅନ୍ୟ ବିଭାଗଗୁଡ଼ିକ ମଧ୍ୟ ସରକାରୀ ନିର୍ଦ୍ଦେଶନାମା ଓ ବୁକ ସର୍କୁଲାର ଆଧାରରେ ସ୍ୱଚ୍ଛତାକୁ ସୁନିଶ୍ଚିତ କରିବା ଭଳି ବଦଳି ନୀତି ପ୍ରସ୍ତୁତ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

ସେହିଭଳି ବଦଳି ପ୍ରକ୍ରିୟା ଭିତରେ ସୁପାରିସ୍ କିମ୍ବା ଅନ୍ୟାନ୍ୟ ଅନୈତିକ କାରବାର ବନ୍ଦ କରିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଏହି ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବାକୁ ସବୁ ବଦଳି ଆବେଦନ ଅନଲାଇନ ମାଧ୍ୟମରେ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। କର୍ମଚାରୀମାନେ ନିଜ ନିଜର ସମସ୍ୟା ଦର୍ଶାଇ ଯେପରି ବଦଳି ପାଇଁ ଅନଲାଇନରେ ଆବେଦନ କରିପାରିବେ, ସେ ବ୍ୟବସ୍ଥା କରାଯିବା ଉଚିତ। ଏହାଦ୍ୱାରା କର୍ମଚାରୀଙ୍କ ଆବେଦନରେ ଯଥାର୍ଥତା ଅଛି କି ନାହିଁ, ସେନେଇ ସମସ୍ତେ ଅବଗତ ହୋଇପାରିବ ବୋଲି ଶ୍ରୀ କୁମାର କହିଛନ୍ତି।

ପୂର୍ବରୁ ମଧ୍ୟ ରାଜ୍ୟ ସରକାର ବଦଳି ଋତୁକୁ ନେଇ କଡ଼ା ଆଭିମୁଖ୍ୟ ଗ୍ରହଣ କରିଥିଲେ। ବଦଳି ଋତୁରେ ଲୋକସେବା ଭବନରେ ସଚିବଙ୍କ କରିଡରରେ କର୍ମଚାରୀମାନେ ମାଳ ମାଳ ହୋଇ ବୁଲିବା ଉପରେ କଟକଣା ଲଗାଇଥିଲେ ମୁଖ୍ୟ ଶାସନ ସଚିବ। ଏପରିକି ବଦଳି ପାଇଁ ବିଭିନ୍ନ ଆଡୁ ସୁପାରିସ୍ କିମ୍ବା ଅନୈତିକ ଉପାୟରେ ଚାପ ପ୍ରୟୋଗ ନ କରିବାକୁ ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଇଥିଲେ। କାରଣ ଏସବୁ ଦ୍ୱାରା ସରକାରୀ କାର୍ଯ୍ୟ ବାଧପ୍ରାପ୍ତ ହେବା ସହ ପ୍ରଶାସନିକ ବ୍ୟବସ୍ଥାରେ ଅସାଧୁ ଉପାୟ ଆପଣେଇବାକୁ ବାଧ୍ୟ କରାଯାଉଛି ବୋଲି ମୁଖ୍ୟ ଶାସନ ସଚିବ କହିଥିଲେ।

### କେନ୍ଦ୍ରୀୟ....

ଷଡ଼ଙ୍ଗୀ ଓ ରଞ୍ଜନା ଚୋପ୍ରା। କେନ୍ଦ୍ରରେ ଡେପୁଟେସନରେ ଥିବା ୧୯୯୪ ବ୍ୟାଚର ଓଡ଼ିଶା କ୍ୟାଡର ଆଇଏଏସ୍ ସନ୍ତୋଷ ଷଡ଼ଙ୍ଗୀଙ୍କୁ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟର ସଚିବ ଭାବେ ନିଯୁକ୍ତି ମିଳିଛି । ସେହିପରି ୧୯୯୪ ବ୍ୟାଚର ଆଇଏଏସ ରଞ୍ଜନାଙ୍କୁ ସଂସ୍କୃତି ମନ୍ତ୍ରାଳୟର ସ୍ୱତନ୍ତ୍ର ସଚିବ ଓ ବିତ୍ତ ଉପଦେଷ୍ଟା ଭାବେ ନିଯୁକ୍ତି ଦେଇଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ଭାବେ ୨୦୨୪ ଜୁନ ୩୦ରେ ଶ୍ରୀ ଧଳଙ୍କ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହା ପୂର୍ବରୁ ସେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ୨୦୨୩ ମାର୍ଚ୍ଚ ୨୪ରୁ କାର୍ଯ୍ୟ କରିଆସିଥିଲେ। ତାଙ୍କ ନେତୃତ୍ୱରେ ରାଜ୍ୟରେ ୨୦୨୪ ନିର୍ବାଚନ ପରିଚାଳିତ ହୋଇଥିଲା। ଏହା ପୂର୍ବରୁ ସେ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ସ୍ୱତନ୍ତ୍ର ରିଲିଫ କମିଶନର ଭାବେ ମଧ୍ୟ ଦାୟିତ୍ୱ ତୁଲାଇସାରିଛନ୍ତି। ରାଜ୍ୟ ପ୍ରଶାସନର ବିଭିନ୍ନ ବିଭାଗରେ ସେ ନିଜ ଦକ୍ଷତା ପ୍ରତିପାଦିତ କରିଛନ୍ତି। ଏପିରିକି ପୂର୍ବରୁ ସେ କେନ୍ଦ୍ରରେ ମଧ୍ୟ କାମ କରିସାରିଛନ୍ତି। ସେ କେନ୍ଦ୍ର କ୍ୟାବିନେଟ ସଚିବଙ୍କ ନିର୍ଦ୍ଦେଶକ ଓ କେନ୍ଦ୍ର ଖଣି ମନ୍ତ୍ରଣାଳୟ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଯୁଗ୍ମ ସଚିବ ଭାବେ କାମ କରିବାର ଦକ୍ଷତା ରହିଛି। ଏହିଦୃଷ୍ଟିରୁ କେନ୍ଦ୍ରୀୟ ଡେପୁଟେସନରେ ଯାଇ ଦିଲ୍ଲୀରେ କାମ କରିବା ତାଙ୍କ ପାଇଁ ସହଜ ହେବ।

ନିକୁଞ୍ଜଙ୍କ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଥିବା ଅରିନ୍ଦମ ଡାକୁଆ ମଧ୍ୟ ସିଏମଓ ଛାଡିଥିଲେ। ତେବେ ମାତ୍ର ୧୦ ମାସରେ ନିକୁଞ୍ଜ ଧଳ ସିଏମଓ ଛାଡିବା ନେଇ ପ୍ରଶାସନିକ ମହଲରେ ଚର୍ଚ୍ଚା ଜୋର ଧରିଛି। ଏବେ ତାଙ୍କ ସ୍ଥାନ କିଏ ପୂରଣ କରିବ ସେନେଇ ମଧ୍ୟ ପାଓ୍ୱାର କରିଡରରେ ବିଭିନ୍ନ ସମୀକରଣକୁ ନେଇ ଅଙ୍କକଷା ଚାଲିଛି। ଏହି ଗୁରୁତ୍ୱପୂର୍ଣ୍ଣ ଓ ପାଓ୍ୱାରଫୁଲ ସ୍ଥାନକୁ ଯିବା ପାଇଁ ବହୁ ବରିଷ୍ଠ ଅଧିକାରୀ ଲବି କରୁଥିବା ବେଳେ ମୁଖ୍ୟମନ୍ତ୍ରୀ କାହାକୁ ବାଛିବେ ତା' ଉପରେ ସମସ୍ତଙ୍କ ନଜର।

### ଟ୍ୱିନସିଟିରେ...

ପରିସ୍ଥିତି ଯୋଗୁଁ ଲୋକେ ହଇରାଣ ହରକତ ହୋଇଥିବା ଜଣାପଡ଼ିଛି। ଏହି ସମୟରେ ରାଜଧାନୀରେ ୨୬.୨ ମିମି ବର୍ଷା ହୋଇଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ବର୍ଷା ସହ ରାଜଧାନୀରେ ଘଣ୍ଟା ପ୍ରତି ୬୮ କିମି ବେଗରେ ପବନ ମଧ୍ୟ ବହିଥିଲା। କଟକ ଜିଲ୍ଲାର ବାଙ୍କୀ ଅଞ୍ଚଳରେ ବି ବେଶ୍ କୋପ ଦେଖାଇଛି କାଳବୈଶାଖୀ। ପ୍ରବଳ ବର୍ଷା ସାଙ୍ଗକୁ ଝଡ଼ ତୋଫାନ ଫଳରେ ବାଙ୍କୀ ଗୟଲବାଙ୍କଠାରେ ଏକାଧିକ ଗଛ ଉପୁଡ଼ି ରାସ୍ତାରେ ପଡ଼ିବାରୁ କିଛି ଘଣ୍ଟା ପାଇଁ ଠପ୍ ହୋଇଯାଇଥିଲା ଗାଡ଼ି ଚଳାଚଳ। ବାଙ୍କୀ-ଭୁବନେଶ୍ୱର ରାସ୍ତାର ଉଭୟ ପାଶ୍ୱରେ ଅଟକି ରହିଥିଲେ ବହୁ ସଂଖ୍ୟାରେ ଗାଡ଼ି ମୋଟର। ସେହିଭଳି ଢେଙ୍କାନାଳ ଜିଲ୍ଲାରେ ବର୍ଷା ଓ ଅଧିକ ବେଗରେ ପବନ ଯୋଗୁଁ ଅନେକ ସ୍ଥାନ ଗଛ ଉପୁଡ଼ିଥିବା ଦେଖିବାକୁ ମିଳିଛି। ଏପଟେ ବାଲେଶ୍ୱରରେ ଗତକାଲି ରାତିରୁ ପ୍ରବଳ ବର୍ଷା ଯୋଗୁଁ ସହରର ତଳିଆ ଅଞ୍ଚଳରେ ସୃଷ୍ଟି ହୋଇଛି କୃତ୍ରିମ ବନ୍ୟା ପରିସ୍ଥିତି। ବିଶେଷକରି ସହରର ଭାସ୍କର ଗଞ୍ଜ, ଗୁଡ଼ିପଡା ଓ ଏକତା ନଗର ଅଞ୍ଚଳରେ ରହୁଥିବା ବହୁ ପରିବାର ଜଳବନ୍ଦୀ ଅବସ୍ଥାରେ ଦିନ କାଟୁଛନ୍ତି।

ସେହିପରି ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଘଡ଼ଘଡ଼ି, ବଜ୍ରପାତ ଏବଂ ବର୍ଷା ଜାରି ରହିବା ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଇ ଦିଆଯାଇଛି। ଅନେକ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରାଯାଇଥିବା ବେଳେ ଏଥିରେ ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜ ଆଦି ଜିଲ୍ଲା ରହିଛି। ବର୍ଷା ସହିତ ଘଣ୍ଟା ପ୍ରତି ୪୦ରୁ ୫୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। କାଳବୈଶାଖୀଜନିତ ବର୍ଷା ଯୋଗୁଁ ଆଗାମୀ ତିନି ଦିନ ପର୍ଯ୍ୟନ୍ତ ଦିନର ତାପମାତ୍ରାରେ କୌଣସି ପରିବର୍ତ୍ତନ ହେବାର ସମ୍ଭାବନା କ୍ଷୀଣ। ସୁନ୍ଦରଗଡ଼,ନବରଙ୍ଗପୁର, ମାଲକାନଗିରି, ଗଜପତି, ରାୟଗଡା, ଢେଙ୍କାନାଳ, କନ୍ଧମାଳ, ଗଞ୍ଜାମ, ରାୟଗଡା, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, କଟକ, ଅନୁଗୁଳ ଓ କୋରାପୁଟ ଜିଲ୍ଲାରେ ବିଜୁଳି ଘଡଘଡି ସହ ବର୍ଷା ପବନ ସମ୍ଭାବନା ଥିବା ବେଳେ ୪୦ରୁ ୫୦ କିମି ତଥା ମୟୂରଭଞ୍ଜ, ବାଲେଶ୍ୱର, ଢେଙ୍କାନାଳ, ଗଞ୍ଜାମ ଓ ବଲାଙ୍ଗୀର ଜିଲ୍ଲାରେ କୁଆପଥର ବର୍ଷା ସମ୍ଭାବନା ପ୍ରକଟ କରିଛି ପାଣିପାଗ ବିଭାଗ।

### ଲୁହାପ୍ଲେଟ୍...

ଯୋଗାଇଦେବା ସକାଶେ ଦାବି କରିଛନ୍ତି। ଏହାକୁ ନେଇ ପ୍ଲାଣ୍ଟ୍‌ରେ ଉତ୍ତେଜନା ପ୍ରକାଶ ପାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ଗତ ବର୍ଷ ଜୁନ୍ ୨୫ ତାରିଖରେ ଏହି ପ୍ଲାଣ୍ଟ୍‌ରେ ୧୦ ମିଟର ଉଚ୍ଚର ଏକ ଷ୍ଟ୍ରକ୍‌ଚର୍ ଭୁଶୁଡ଼ି ପଡ଼ିବା ଫଳରେ ରାଜ୍ୟ ବାହାରର ଅର୍ଥାତ୍ ପଶ୍ଚିମବଙ୍ଗର ଦୁଇ ଜଣ ଠିକା କର୍ମଚାରୀ ବିବେକାନନ୍ଦ ସାହୁ (୩୫, ମିଦନାପୁର) ଓ ବିଷ୍ଣୁ ମାଝୀ (୪୦, ହାଓ୍ୱଡା) ମୃତ୍ୟୁବରଣ କରିଥିଲେ। ଏହାଛଡ଼ା ପଶ୍ଚିମବଙ୍ଗର ଆଉ ଦୁଇ ଜଣ କର୍ମଚାରୀ ଏହି ଦୁର୍ଘଟଣାରେ ଗୁରୁତର ଭାବେ ଆହତ ହୋଇଥିଲେ।

### ପରାମର୍ଶଦାତାଙ୍କ...

ପାଇଁ ରାଜ୍ୟ ବାହାରକୁ ପଳାଇଥିବା ନେଇ କର୍ମୀମାନେ ଚର୍ଚ୍ଚା କରିଥିଲେ।

ଏବେ ହଠାତ୍ ବିଜେଡିର ସୁରକ୍ଷା ପାଇଁ ଏହି ନବାଗତଙ୍କୁ କାହିଁକି ନବୀନ ଆଗକୁ ଛାଡିଛନ୍ତି, ତାହା ବିଜେଡିର ଅନେକ ନେତା ଓ କର୍ମୀଙ୍କୁ ଆଶ୍ଚର୍ଯ୍ୟ କରିଛି। ବିଜେଡିର କିଛି କର୍ମୀ ଆଲୋଚନା କରୁଛନ୍ତି ଯେ ଜୀବନରେ ୱାର୍ଡମେମ୍ବରଟିଏ ହୋଇନଥିବା ସନ୍ତୃପ୍ତ ଏବେ ନବୀନଙ୍କୁ ସୁରକ୍ଷା ଦେବାକୁ ଯେଭଳି ବାହାରିଛନ୍ତି, ତାହା ସେତେଟା ଫଳପ୍ରଦ ହେବ ନାହିଁ। ବରଂ ଦଳରେ ଗୋଷ୍ଠୀ କନ୍ଦଳକୁ ଆହୁରି ତୀବ୍ର କରିବ। ଗୋଟିଏ ପଟେ ରାଜା ସ୍ୱାଇଁ, ବଦ୍ରି ପାତ୍ର, ପ୍ରଭାତ ତ୍ରିପାଠୀଙ୍କ ଭଳି ନେତା ୱାକଫ୍ ବିଲ୍ ପ୍ରସଙ୍ଗରେ ବିଜେଡି ନେତୃତ୍ୱକୁ ଷଣ୍ଢୁଆସୀ ଆକ୍ରମଣ କରୁଛନ୍ତି, ତାହାକୁ ସନ୍ତୃପ୍ତ କିଭଳି ମୁକାବିଲା କରିବେ ତାହା ଉପରେ ଏବେ ସମସ୍ତଙ୍କ ନଜର।

ଅନ୍ୟ ପକ୍ଷରେ ସନ୍ତୃପ୍ତ କିନ୍ତୁ ତାଙ୍କର କର୍ପୋରେଟ ଷ୍ଟାଇଲ୍‌ରେ ସବୁକିଛି ଠିକ୍ ହୋଇଯିବ ବୋଲି ଦୃଢ଼ତାର ସହ କହୁଛନ୍ତି। ତାଙ୍କର ଯୁକ୍ତି ହେଉଛି, ନିର୍ବାଚନରେ ହାରିବା ପରେ ବିଜେଡିରେ ଯେଉଁ ଝଡ ଉଠିଥିଲା ତାହା ଧିରେ ଧିରେ ପ୍ରଶମିତ ହେଉଛି। ଦଳୀୟ କର୍ମକର୍ତ୍ତା ନିର୍ବାଚନ ସରିଲେ ଝଡ ଅପସରି ଯିବ। ଏହାପରେ ସବୁକିଛି ଠିକ୍ ହୋଇଯିବ। ଏପରିକି ଦଳରେ ନମ୍ବର ଦୁଇ କେହି ନଥିବା ଏବଂ ଦଳରେ କୌଣସି ଅସନ୍ତୋଷ ନଥିବା ସେ ବୁଲି ବୁଲି କହୁଛନ୍ତି । ହେଲେ ନବୀନଙ୍କ ସଭାପତି ପାଇଁ ନାମାଙ୍କନପତ୍ର ଦାଖଲ କରିବା ପରେ ବି ୧୫ଟି ସାଂଗଠନିକ ଜିଲ୍ଲାର ସଭାପତି ଚୟନ ହୋଇପାରି ନ ଥିବା ବେଳେ ସନ୍ତୃପ୍ତଙ୍କ କଥା ବିଜେଡି ଓ ନବୀନଙ୍କୁ କେତେ ସୁରକ୍ଷା ଦେବ, ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ।

### ରୋଚକ ହେବ...

ବିଧାନସଭାରେ ଏବେ ବିଜେପି ବିଧାୟକଙ୍କ ସଂଖ୍ୟା ୭୮ ଓ ତିନି ସ୍ୱାଧୀନ ବିଧାୟକଙ୍କୁ ମିଶାଇଲେ ମୋଟ ବିଧାୟକଙ୍କ ସଂଖ୍ୟା ୮୧ । ସେପଟେ ବିଜେଡି ହାତରେ ୫୧ ଏବଂ କଂଗ୍ରେସ ପାଖରେ ରହିଛି ୧୪ ବିଧାୟକ । ତେଣୁ ସଂଖ୍ୟା ଗଣିତରେ ବିଜେପି ଦୁଇଟି ଏବଂ ବିଜେଡି ଜିତିବା ଥୟ । ତେଣୁ ଚତୁର୍ଥ ଆସନ ଜିତିବାକୁ ଉଭୟ ବିଜେପି ଓ ବିଜେଡିକୁ ଆହୁରି ୯ଜଣ ବିଧାୟକଙ୍କ ସମର୍ଥନ ଲୋଡା । ତେଣୁ ଏବେ ପ୍ରଶ୍ନ ଉଠୁଛି ବିଜେପି ୯ ବିଧାୟକଙ୍କ ସମର୍ଥନ କେଉଁଠୁ ଆଣିବ ? ବିଜେଡି ବିଜେପିକୁ ସମର୍ଥନ କରିବ ନା କଂଗ୍ରେସ ବିଜେଡିକୁ ସମର୍ଥନର ହାତ ବଢେଇବ? ନା ୨୦୨୪ରେ ଅଶ୍ୱିନୀ ବୈଷ୍ଣବଙ୍କୁ ସମର୍ଥନ କଲା ପରି ବିଜେପି ପ୍ରାର୍ଥୀଙ୍କୁ ଜିତାଇବାକୁ ବିଜେଡି ହାତ ଟେକିଦେବ ? ଅନ୍ୟପଟେ ବିଜେପିକୁ ପାନେ ଦେବାକୁ ବିଜେଡି କଂଗ୍ରେସର ସମର୍ଥନ ନେବା ନେଇ ମଧ୍ୟ ଚର୍ଚ୍ଚା ହେଉଛି ।

ଏସବୁ ସମ୍ଭାବ୍ୟ ସମୀକରଣକୁ ନେଇ ରାଜନୈତିକ ସମୀକ୍ଷକମାନେ ଜୁଝୁଥିବା ବେଳେ ବିଜେପି ଓ ବିଜେଡି ମଧ୍ୟ ନିଜ ନିଜ ମଧ୍ୟରେ ମୂଳଚାଲ ଆରମ୍ଭ କରିଦେଇଥିବା ଜଣାପଡିଛି । ଏଥିପାଇଁ ବିଜେପିର କେନ୍ଦ୍ରୀୟ ନେତୃତ୍ୱ ମଧ୍ୟ ମୁଣ୍ଡ ଖେଳାଉଥିବା ଚର୍ଚ୍ଚା ହେଉଛି। ସମୟ ଥିଲା ରାଜ୍ୟସଭାରେ ବିଜେଡିର ୧୦ରୁ ୧୦ ସାଂସଦ ଥିଲେ। କିନ୍ତୁ ଦୁଇ ଥର ହେଲାଣି ବିଜେଡି ଅଶ୍ୱିନୀ ବୈଷ୍ଣବଙ୍କ ପାଇଁ ଗୋଟିଏ ଆସନ ବିଜେପିକୁ ଛାଡିଦେଉଛି। ଗତ ସାଧାରଣ ନିର୍ବାଚନ ପରେ ପୁଣି ମମତା ମହନ୍ତ ଓ ସୁଜିତ କୁମାର ବିଜେଡି ଛାଡି ବିଜେପିରୁ ରାଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି। ଏମିତି ଏକ ସ୍ଥିତିରେ ଆଗାମୀ ରାଜ୍ୟସଭା ନିର୍ବାଚନରେ କେଉଁ ଦଳର ରଣନୀତି କ'ଣ ହେବ, ତା' ଉପରେ ସମସ୍ତଙ୍କ ନଜର ରହିବ।

### ଟପ୍ ମାଓନେତା...

ସଂଗଠନର କେତେକ ଶୀର୍ଷ ନେତା ଏନ୍‌କାଉଣ୍ଟର୍‌ରେ ପ୍ରାଣ ହରାଇବା ପରେ ହିଡ଼ମାକୁ ପ୍ରମୁଖ ପଦରୁ ହଟାଇ ଦିଆଯାଇଥିଲା। ବିଜାପୁର ଲ୍ୟାଣ୍ଡମାଇନ ବିସ୍ଫୋରଣରେ ୮ ଯବାନ ଶହୀଦ ଘଟଣା ସହ ଗଡ଼ଚିରୋଲୀ ଜଙ୍ଗଲରେ ୬୭ ଜଣ ଯବାନ ଶହୀଦ ଭଳି ଏକାଧିକ ପ୍ରମୁଖ ମାଓ ହିଂସାକାଣ୍ଡର ମାଷ୍ଟରମାଇଣ୍ଡ ହିଡ଼ମାକୁ ଧରାଇଦେବା ସକାଶେ ପୁରସ୍କାର ରାଶି ଘୋଷଣା କରାଯାଇଛି।

### ବନ୍ଧୁକ ଛାଡ଼ିଲେ...

ନିକଟରେ ଆତ୍ମସମର୍ପଣ କରିଥିବା ବେଳେ ସେମାନଙ୍କ ନାମରେ ୪୦ ଲକ୍ଷ ଟଙ୍କା ପୁରସ୍କାର ରହିଥିଲା। ଏମାନଙ୍କ ମଧ୍ୟରେ ୯ ଜଣ ମହିଳା ମାଓବାଦୀ ମଧ୍ୟ ଅଛନ୍ତି। ଏହି ମାଓବାଦୀମାନେ ଛତିଶଗଡ଼ର ମାଡ୍ ଓ ଓଡ଼ିଶାର ନୂଆପଡ଼ାରେ ସକ୍ରିୟ ଥିଲେ। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରୁ ୨ ଜଣଙ୍କ ମୁଣ୍ଡରେ ୫ ଲକ୍ଷ ଲେଖାଏଁ ଓ ଆଉ ଦୁଇ ଜଣଙ୍କ ମୁଣ୍ଡରେ ୮ ଲକ୍ଷ ଲେଖାଏଁ ଟଙ୍କାର ପୁରସ୍କାର ରାଶି ରହିଥିଲା। ସମସ୍ତ ମାଓବାଦୀଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ସକାଶେ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ ବୋଲି ଶ୍ରୀ ଚୌହାନ ପ୍ରତିଶ୍ରୁତି ଦେଇଛନ୍ତି।

ଅନ୍ୟପକ୍ଷରେ ଏହି ଆତ୍ମସମର୍ପଣ ଘଟଣା ପରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ଅଧିକରୁ ଅଧିକ ମାଓବାଦୀ ହିଂସାପଥ ତ୍ୟାଗ କରି କେନ୍ଦ୍ର ସରକାରଙ୍କ ଥଇଥାନ ନୀତିର ଫାଇଦା ନେଇ ସମାଜରେ ସମ୍ମାନର ସହ ବଞ୍ଚିବା ପାଇଁ ଆଗେଇ ଆସିବାକୁ ଆହ୍ୱାନ ଦେଇଛନ୍ତି। ଆସନ୍ତା ୨୦୨୬ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଦେଶ ନକ୍ସଲବାଦର ଅଭିଶାପରୁ ମୁକ୍ତ ହେବ ବୋଲି ସରକାର ସଂକଳ୍ପ ନେଇଥିବା ବେଳେ ଏହା ନିଶ୍ଚିତ ଭାବେ କାର୍ଯ୍ୟକାରୀ ହେବ ବୋଲି ଶ୍ରୀ ଶାହ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେହିପରି ନିକଟରେ ୨୨ ଜଣ ନକ୍ସଲଙ୍କୁ ସୁରକ୍ଷାକର୍ମୀମାନେ ଗିରଫ କରିବା ପରେ ଛତିଶଗଡ଼ର ସୁକମା ଜିଲ୍ଲା ଅନ୍ତର୍ଗତ ବଡ଼େସେଟ୍ଟି ପଞ୍ଚାୟତ ନକ୍ସଲମୁକ୍ତ ହୋଇଛି ବୋଲି ଶ୍ରୀ ଶାହ ସୂଚନା ଦେଇଛନ୍ତି। ଏହି ଅବସରରେ ସେ ନକ୍ସଲମୁକ୍ତ ଭାରତ ଅଭିଯାନର ସଫଳତା ଦିଗରେ କାର୍ଯ୍ୟ କରୁଥିବା ସୁରକ୍ଷା ବାହିନୀ ଓ ଛତିଶଗଡ଼ ପୁଲିସ୍‌କୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି।

### ଚନ୍ଦନ ଯାତ୍ରାରେ...

ଅପରାହ୍ନ ୩ଟାରେ ଦ୍ୱାଦଶ ଯାତ୍ରା ଓ ନକ୍ଷତ୍ର ବନ୍ଦାପନା, ଅପରାହ୍ନ ୩.୩୦ରେ ବିମାନକୁ ବିଅଁ ବିଜେ, ଅପରାହ୍ନ ୪ଟା ରେ ରଥ ଆଜ୍ଞାମାଳ ବିଜେ ଓ ବିମାନ ଉଠିବ। ସେହିପରି ରାତି ୧୦ଟାରେ ଚନ୍ଦନ ଠାକୁର ବାହୁଡ଼ା ବିଜେ କରିବା ନେଇ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହୋଇଛି । ତେବେ ସମସ୍ତ ନୀତିକାନ୍ତି ଯେଭଳି ଶୃଙ୍ଖଳିତ ଭାବେ ସମ୍ପାଦିତ ହୋଇପାରିବ, ସେନେଇ ସମସ୍ତ ସେବାୟତ ନିଯୋଗଙ୍କ ସହଯୋଗ ଲୋଡ଼ିଛନ୍ତି ମୁଖ୍ୟ ପ୍ରଶାସକ ।

ସେହିପରି ଗତ ବର୍ଷ ଶ୍ରୀକ୍ଷେତ୍ର ଭଉଁରୀ ଅବସରରେ ନରେନ୍ଦ୍ର ପୁଷ୍କରିଣୀରେ ବାଣ ବିସ୍ଫୋରଣରେ ୧୭ ଜଣଙ୍କର ମୃତ୍ୟୁ ଘଟିଥିଲା। ଏଣୁ ଚଳିତ ବର୍ଷ ନରେନ୍ଦ୍ର ପୁଷ୍କରିଣୀରେ ଯେଭଳି କୌଣସି ଅଘଟଣ ନଘଟେ, ସେଥିସକାଶେ ଆତସବାଜି ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଯାଇଛି। ଅର୍ଥାତ୍ ଚଳିତ ବର୍ଷ ଚନ୍ଦନ ଯାତ୍ରା ସମୟରେ ବାଣ ବ୍ୟବହାର ହୋଇପାରିବ ନାହିଁ ବୋଲି ଡ. ପାଢ଼ୀ ସୂଚନା ଦେଇଛନ୍ତି। ଏହାଛଡା ନରେନ୍ଦ୍ର ପୁଷ୍କରିଣୀ ବାହାରେ ୨ଟି ଫାଷ୍ଟଏଡ୍ ସେଣ୍ଟର ହେବ। ଭକ୍ତ ଓ ସେବାୟତଙ୍କ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବୀମା ବ୍ୟବସ୍ଥା ମଧ୍ୟ କରାଯାଇଥିବା ସୂଚନା ମିଳିଛି।

ଅନ୍ୟପକ୍ଷରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଏଏସଆଇ ପକ୍ଷରୁ ଜାରି ରହିଛି। ମରାମତି କାର୍ଯ୍ୟ ଶେଷ ହେବା ପରେ ଭିତର ଓ ବାହାର ରତ୍ନଭଣ୍ଡାରର କବାଟକୁ ସୁନା ଓ ରୂପା ଛାଉଣୀ କରାଯିବାର ଯୋଜନା ରହିଛି। ଏନେଇ ବିଭିନ୍ନ ସେବାୟତ ନିଯୋଗର ମତାମତ ନିଆଯାଇ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ। ଆଜିର ବୈଠକ ପରେ ସେବାୟତ ପରିବାରର ବିଭିନ୍ନ ପରୀକ୍ଷାର କୃତୀ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଛି। ନିଳାଦ୍ରୀ ଭକ୍ତ ନିବାସରେ ଅନୁଷ୍ଠିତ ଏହି ବୈଠକରେ ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସପି ବିନୀତ ଅଗ୍ରୱାଲ, ଛତିଶା ନିଯୋଗର ସେବାୟତ ସଦସ୍ୟଙ୍କ ସହ ଅନ୍ୟାନ୍ୟ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।

### ୫.୯୦ ଲକ୍ଷ...

ଏବଂ ଅନୀତିକୁ ବିଜେପି ସରକାର ଆଦୌ ପ୍ରଶ୍ରୟ ଦେବ ନାହିଁ ବୋଲି ରୋକ୍‌ଠୋକ୍ ଶୁଣାଇଛନ୍ତି ଶ୍ରୀ ପାତ୍ର। ସେହିପରି ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଢେଙ୍କାନାଳରେ ନୂଆ ରାସନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ। ଏହାପରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ରାସନ୍ କାର୍ଡ ଏକକାଳୀନ ବଣ୍ଟନ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ପ୍ରକାଶ କରିଛନ୍ତି।

## ଅଚ୍ୟୁତ ସାମନ୍ତଙ୍କୁ ଗୁରୁଦେବ କାଳୀଚରଣ ବ୍ରହ୍ମା ପୁରସ୍କାର



**ଭୁବନେଶ୍ୱର,୧୮।୪(ସଂଚାର ବ୍ୟୁରୋ):** ବିଶିଷ୍ଟ ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ସମ୍ମାନଜନକ ଗୁରୁଦେବ କାଳୀଚରଣ ବ୍ରହ୍ମା ପୁରସ୍କାର ୨୦୨୫ ପ୍ରଦାନ କରାଯାଇଛି। ଆଜି ଆସାମର କୋକ୍ରାଝରଠାରେ ଗୁରୁଦେବ କାଳୀଚରଣ ବ୍ରହ୍ମା ଟ୍ରଷ୍ଟ ପକ୍ଷରୁ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଶିକ୍ଷା ଏବଂ ସାମାଜିକ ସଶକ୍ତିକରଣ ଜରିଆରେ ସମାଜ ପ୍ରତି ଶ୍ରୀ ସାମନ୍ତଙ୍କ ଉଲ୍ଲେଖନୀୟ ଅବଦାନକୁ ସ୍ୱୀକୃତି ପ୍ରଦାନ କରାଯାଇ ଏହି ପୁରସ୍କାର ପ୍ରଦାନ କରାଯାଇଛି।

ଆସାମରେ 'ମେଚ ଗାନ୍ଧୀ' ଭାବେ ପରିଚିତ ବୋଡ଼ୋ ସଂପ୍ରଦାୟର ବିଶିଷ୍ଟ ସମାଜ ସଂସ୍କାରକ ତଥା ଆଧାତ୍ମିକ ଗୁରୁ ଗୁରୁଦେବ କାଳୀଚରଣ ବ୍ରହ୍ମା ଶିକ୍ଷାର ପ୍ରସାର, ସଂରକ୍ଷଣ ଓ ପ୍ରଚାର ଦିଗରେ ନିଜକୁ ସମର୍ପିତ କରିଦେଇଥିଲେ। ପ୍ରତିବର୍ଷ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ବିଭିନ୍ନ ଖ୍ୟାତି ସମ୍ପନ୍ନ ବ୍ୟକ୍ତି ବିଶେଷଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇ ଆସୁଛି। ଏହି ଆଧାତ୍ମିକ ଗୁରୁଙ୍କ ୧୬୬ତମ ଜନ୍ମବାର୍ଷିକୀ ଅବସରରେ ଶ୍ରୀ ସାମନ୍ତଙ୍କୁ ଗୁରୁଦେବ କାଳୀଚରଣ ବ୍ରହ୍ମା ପୁରସ୍କାର ପ୍ରଦାନ କରାଯାଇଛି।

ଏହି ପୁରସ୍କାର ବୋଡୋଲ୍ୟାଣ୍ଡର ସମ୍ମାନଜନକ ସମ୍ମାନ ହୋଇଥିବା ବେଳେ ସମାଜ ପ୍ରତି ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥାଏ। ଏହି ପୁରସ୍କାରର ଲକ୍ଷ୍ୟ ହେଉଛି ଗୁରୁଦେବ କାଳୀଚରଣ ବ୍ରହ୍ମାଙ୍କ ଦ୍ୱାରା ପ୍ରଦତ୍ତ ଶାନ୍ତି, ସାମାଜିକ ସଂସ୍କାର ଏବଂ ଅହିଂସାର ମୂଲ୍ୟବୋଧକୁ ବଜାୟ ରଖିବା। ସମ୍ମାନ ବାବଦରେ ଶ୍ରୀ ସାମନ୍ତଙ୍କୁ ମାନପତ୍ର, ଉପଢୌକନ ଓ ୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଶ୍ରୀ ସାମନ୍ତ ଏହି ପୁରସ୍କାର ରାଶିକୁ ଉକ୍ତ ଟ୍ରଷ୍ଟର ଉନ୍ନତିକରଣ ଲାଗି ଦାନ କରିଦେଇଥିଲେ।

ଏହି ସମ୍ମାନ ଗ୍ରହଣ କରି ଶ୍ରୀ ସାମନ୍ତ ଗୁରୁଦେବ କାଳୀଚରଣ ବ୍ରହ୍ମା ଟ୍ରଷ୍ଟକୁ ନିଜର କୃତଜ୍ଞତା ଜଣାଇଛନ୍ତି। ଏହା ସହ ଶିକ୍ଷା ଜରିଆରେ ସମାଜକୁ ସଶକ୍ତ କରିବା ଦିଗରେ ତାଙ୍କର କାର୍ଯ୍ୟ ଆହୁରି ତ୍ୱରାନ୍ୱିତ ହେବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଭାପତି ଅଜିତ ବୋରୋଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ।

**ଲାଠିପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପିତ**

## ଶିକ୍ଷାଠାରୁ ସାମ୍ରାଜ୍ୟବାଦ ଦୂରେଇ ରହିବା ଉଚିତ: ଅରୁଣ



**ନୟାଗଡ଼,୧୮।୪(ସଂଚାର ବ୍ୟୁରୋ):** ନୟାଗଡ଼ ବ୍ଲକ ଲାଠିପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଆଜି ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ଜିଲ୍ଲାପରିଷଦ ଅଧକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ଜିଲ୍ଲା ପରିଷଦ ସରୋଜ କୁମାର ରଣସିଂ, ସ୍ଥାନୀୟ ସରପଞ୍ଚ ସରସ୍ୱତୀ ପଗଡ଼, ସମିତି ସଭ୍ୟା ସନ୍ଧ୍ୟାରାଣୀ ବେହେରା, ସୁବର୍ଣ୍ଣ ଜୟନ୍ତୀ କମିଟି ସଭାପତି ଚତୁର୍ଭୁଜ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ପ୍ରତାପ ଶତପଥୀଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନିର୍ଦ୍ଦିଷ୍ଟ ଲକ୍ଷ୍ୟରେ ପହଞ୍ଚିବା ପରେ ଅନ୍ୟମାନଙ୍କ ସେହି ସ୍ଥାନରେ ପହଞ୍ଚିବା ପାଇଁ ପ୍ରେରଣା ଆବଶ୍ୟକ ବୋଲି ମୁଖ୍ୟ ଅତିଥି କହିଥିଲେ। ସାମ୍ରାଜ୍ୟବାଦ ଶିକ୍ଷାରୁ ଦୂରେଇବାର ଆବଶ୍ୟକତା ରହିଛି। ଯାହା ଇତିହାସରେ ଅଛି, ତାକୁ କେହି ବି ବଦଳାଇ ପାରିବେ ନାହିଁ।

ସେହିପରି ସମସ୍ତେ ଚାଲିଯିବେ କିନ୍ତୁ ବିଦ୍ୟାଳୟ ସେମିତି ରହିଥିବ, ବିଦ୍ୟାଳୟକୁ ଥରେ ଚାହିଁଲେ ଓ ବିଭିନ୍ନ ମାଧ୍ୟମରେ ସହଯୋଗର ହାତ ବଢ଼ାଇଲେ ବିଦ୍ୟାଳୟ ପ୍ରତି ଆତ୍ମୀୟତା ବଢ଼ିବ। ବିଦ୍ୟାଳୟ ଆଜି ପର୍ଯ୍ୟନ୍ତ ମୋତେ ଯେଉଁ ନିର୍ଦ୍ଦେଶ ଦେଇଛନ୍ତି ତାହାକୁ ପୂରଣ କରିବାକୁ ଚେଷ୍ଟା କରିଛି । ମୁଁ ହେଉଛି ତୁଠ ପଥର, ଆପଣଙ୍କ ପାଦର ସ୍ପର୍ଶରେ ମୁଁ ତୁଠ ପଥର ହୋଇ ରହିଛି ବୋଲି ଡ. ସାହୁ କହିଥିଲେ । ବାପା ମା ଛାତ୍ରଛାତ୍ରୀଙ୍କ ପ୍ରଥମ ଗୁରୁ । ଗ୍ରାମବାସୀଙ୍କ ସହଯୋଗ ବିନା ବିଦ୍ୟାଳୟର ଉନ୍ନତୀ ହୋଇପାରିବ ନାହିଁ । ଛୋଟିଆ ଅନୁଷ୍ଠାନ ଆଜି କଳ୍ପବଟରେ ପରିଣତ ହୋଇଛି ବୋଲି କହିଥିଲେ । ବିଧାୟକ ଡ. ସାହୁଙ୍କ ବକ୍ତବ୍ୟରେ ଅନୁପ୍ରାଣିତ ହୋଇ ଉକ୍ତ ବିଦ୍ୟାଳୟର ପୁରାତନ ଛାତ୍ର ପ୍ରହ୍ଲାଦ ସାହୁ ବିଦ୍ୟାଳୟକୁ ୧ଲକ୍ଷ ୫୦ହଜାର ଟଙ୍କା ପ୍ରଦାନ କରିଥଲେ । ଡ. ସାହୁ ତାଙ୍କୁ ଧନ୍ୟବାଦ୍ ଜଣାଇବା ସହ ଷ୍ଟେଜ ଉପରକୁ ଡ଼ାକି ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରିଥିଲେ । ଏହି ଅବସରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।

### ମହଙ୍ଗା ପଡିଲା ଫେସବୁକରେ କମେଣ୍ଟ ଦେବା
## ଯୁବକ ଗିରଫ, କୋର୍ଟ ଚାଲାଣ



**କାକଟପୁର/ଅସ୍ତରଙ୍ଗ,୧୮।୪(ସଂଚାର ବ୍ୟୁରୋ):** ସାମାଜିକ ଗଣମାଧ୍ୟମ ଫେସବୁକରେ କମେଣ୍ଟ ଦେବା ଯୁବକଙ୍କୁ ମହଙ୍ଗା ପଡିଲା। ଫେସବୁକରେ ଯୁବକ ଜଣଙ୍କ କମେଣ୍ଟ ଦେଇଥିଲେ। ପୁରୀ ସାଇବର ପୁଲିସ ଯୁବକଙ୍କୁ ଧରି ଅଦାଲତ ଚାଲାଣ କରିଛି।

ମିଳିଥିବା ସୂଚନା ଅନୁଯାୟୀ, 'ଲକ୍ଷପତି ଦିଦି'ରେ ଓଡିଶା ଏକ ନମ୍ବର କାକଟପୁରରେ ଶକ୍ତି ସମାରୋହ ଓ ସେବା କେନ୍ଦ୍ରକୁ ଉଦ୍‌ଘାଟନ କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା। ୨୦ ମାସରେ ସାରା ଭାରତରେ ଲକ୍ଷପତି ସୃଷ୍ଟି କରିବାରେ ଓଡିଶା ଏକ ନମ୍ବର ବୋଲି କହିଥିଲେ ଉପମୁଖ୍ୟମନ୍ତ୍ରୀ। ଯାହାକି ଏକ ଘରୋଇ ଟିଭି ଚ୍ୟାନେଲର ଫେସବୁକରେ ଅପଲୋଡ୍ ହୋଇଥିଲା। ମନୋଜ ମୁଦୁଲି ନାମକ ଯୁବକ ଜଣକ ଫେସବୁକ କମେଣ୍ଟ ବକ୍ସରେ ଅଶାଳିନ ମନ୍ତବ୍ୟ ଦେଇଥିଲେ। ଏ ନେଇ ସାଇବର ଥାନାରେ କାର୍ଯ୍ୟରତ ସବଇନିସ୍ପେକ୍ଟର ଯୋଗମାୟା ସାହୁଙ୍କ ଅଭିଯୋଗକ୍ରମେ ପୁରୀ ସାଇବର ପୁଲିସ ଓ ଅସ୍ତରଙ୍ଗ ଥାନା ପୁଲିସ ମିଳିତ ଉଦ୍ୟମ ଅସ୍ତରଙ୍ଗ ଥାନା ଅଞ୍ଚଳର ଯୁବକ ମନୋଜ ମୁଦୁଲିଙ୍କୁ ଗୁରୁବାର ବିଳମ୍ବିତ ରାତ୍ରରେ ଗିରଫ କରିବା ସହ ସାଇବର ଥାନା କେଶ ନମ୍ବର ୧୨/୨୫ରେ ମାମଲା ରୁଜୁ ସହ ଭାରତୀୟ ନ୍ୟାୟ ସଂହିତା ଧାରା ୨୯୪(୨)(ଇ),୩୫୩(୨), ୩୫୬(୨)ରେ ଅଭିଯୁକ୍ତଙ୍କୁ ଅଦାଲତ ଚାଲାଣ କରାଯାଇଛି। ଯାହାକି ସୂଚନା ଦେଇଛନ୍ତି ସାଇବର ଥାନାଧିକାରୀ ସଙ୍ଗମିତ୍ରା ନାୟକ।

## ପୋଖରୀରେ ବୁଡି ଦିବ୍ୟାଙ୍ଗଙ୍କ ମୃତ୍ୟୁ

**ବାଲିଅନ୍ତା,୧୮।୪(ସଂଚାର ବ୍ୟୁରୋ):** ବାଲକାଟି ଫାଣ୍ଡି ଅଧୀନ ବ୍ରାହ୍ମଣସୁଆଁଲୋ ଗ୍ରାମର ଦାଶରଥି ପ୍ରଧାନଙ୍କ ପୁଅ ଚିତ୍ତନ କୁମାର ପ୍ରଧାନ (୩୦) ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ଗତକାଲି ସକାଳେ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ହେଁ ତାଙ୍କର ପତ୍ତା ମିଳିନଥିଲା। ଆଜି ସକାଳେ ପୋଖରୀରେ ଭାସୁଥିବା ବେଳେ ପରିବାର ଲୋକେ ଚିତ୍ତନଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବାଲକାଟି ଫାଣ୍ଡି ଫୁଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନା ଅନୁସାରେ ଚିତ୍ତନ ଗୋଡ଼ରେ ପୋଲିଓ ଆକ୍ରାନ୍ତ ଓ ବାତରୋଗରେ ପୀଡ଼ିତ। ଗତକାଲି ସଂଧ୍ୟାରେ ପୋଖରୀକୁ ଶୌଚ ହେବାକୁ ଯାଇଥିବା ବେଳେ ବୁଡି ଯାଇଥିବା ସନ୍ଦେହ କରାଯାଉଛି ।

## ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ନାବାଳକ ମୃତ

**ବୋରିଗୁମ୍ମା,୧୮।୪(ସଂଚାର ବ୍ୟୁରୋ):** ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ୧୨ ବର୍ଷର ବାଳକଙ୍କ ମୃତ୍ୟୁ। ଗୁରୁବାର ସନ୍ଧ୍ୟା ସମୟରେ ବୋରିଗୁମ୍ମା କନ୍ହେଇଜବା ଗାଁର କୈଳାସ ଗାଦବା ନିଜ କାଜୁ ବାଡ଼କୁ କାଜୁ ତୋଳିବା ପାଇଁ ଯାଇଥିବା ବେଳେ କାଜୁ ବାଡ଼ ଉପରେ ଯାଇଥିବା ୧୧ କେଭି ବିଦ୍ୟୁତ ତାର ଛିଡି ତଳେ ପଡି ରହିଥିବା କୈଳାସ ଜାଣି ପାରି ନଥିଲା। ହଠାତ ତାର ଉପରେ ଗୋଡ଼ ପଡିବା କ୍ଷଣି ବିଦ୍ୟୁତ ଆଘାତ ଲାଗି କୈଳାସଙ୍କ ପ୍ରାଣବାୟୁ ଉଡ଼ି ଯାଇଥିଲା। କିଛି ଦିନ ପୂର୍ବରୁ ଗାଁ ଲୋକେ ବିଦ୍ୟୁତ ତାର ଝୁଲୁଥିବା ନେଇ ବୋରିଗୁମ୍ମା ଟାଟା ପାୱାର ବିଦ୍ୟୁତ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। କିନ୍ତୁ କେହି ଧ୍ୟାନ ଦେଇ ନଥିଲେ। ସେପଟେ ଗତକାଲି ଠାରୁ ଶବ ଗାଁରେ ପଡ଼ି ରହିଥିଲା। ଯେପର୍ଯ୍ୟନ୍ତ କ୍ଷତି ପୂରଣ ମିଳିବ ନାହିଁ ସେ ପର୍ଯ୍ୟନ୍ତ ଶବ ବ୍ୟବଚ୍ଛେଦ ହେବ ନାହିଁ ବୋଲି ଗାଁ ଲୋକେ ଜିଦରେ ଅଟଳ ରହିଥିଲେ। ପରେ ବୋରିଗୁମ୍ମା ପୁଲିସ, କୋଟପାଡ଼ ପୂର୍ବତନ ବିଧାୟକ ଚନ୍ଦ୍ରଶେଖର ମାଝୀ ଏବଂ ଟାଟା ପାୱାର ଜେଇ ଏସଡ଼ିଓ ଲୋକଙ୍କୁ ବୁଝାସୁଝା କରିବା ପରେ ଗାଁ ଲୋକେ ଶବ ବ୍ୟବଚ୍ଛେଦ ପାଇଁ ରାଜି ହୋଇଥିଲେ। ପୁଅ ମୃତ୍ୟୁକୁ ନେଇ କୈଳାସଙ୍କ ପରିବାର ଲୋକେ ଥାନାରେ ଏତଲା ପ୍ରଦାନ କରିଛନ୍ତି। ଏନେଇ ଥାନାରେ ଏକ ଅପମୃତ ମାମଲା ରୁଜୁ କରାଯାଇଛି ବୋଲି ଥାନା ଆଇଆଇସି ଶ୍ୱେତପଦ୍ମା ସେଠ ସୂଚନା ଦେଇଛନ୍ତି।

## ସୋଲାର ପ୍ୟାନେଲ ଚୋରି, ଥାନାରେ ଅଭିଯୋଗ

**ନାଉଗାଁ,୧୮।୪(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଅନ୍ତର୍ଗତ କୋରୁଅ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟର ଛାତ ଉପରୁ ସୋଲାର ପ୍ୟାନେଲ ଚୋରି ହୋଇଥିବା ନେଇ ସରପଞ୍ଚ ସନ୍ଧ୍ୟାରାଣୀ ବେହେରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତବାକ ପଞ୍ଚାୟତ କାର୍ଯ୍ୟାଳୟକୁ ଲାଗି ରାଜିବ ଗାନ୍ଧୀ ସେବା କେନ୍ଦ୍ର ରହିଛି। ଏହି ସେବା କେନ୍ଦ୍ରର ଛାତ୍ର ଉପରେ ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ବିଦ୍ୟୁତ ଉତ୍ପାଦନକାରୀ ସୋଲାର ପ୍ୟାନେଲ ଲଗାଯାଇଥିଲା। ହେଲେ କେହି ଦୁର୍ବୃତ ଲଗାଯାଇଥିବା ସୋଲାର ପ୍ୟାନେଲକୁ ଚୋରି କରି ନେଇଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ଅଭିଯୋଗ ପାଇବା ପରେ ତଦନ୍ତ ଜାରି ରହିଥିବା ଥାନାଧିକାରୀ ପ୍ରଦିପ୍ତ କାନୁନଗୋ କହିଛନ୍ତି।

## ସୋଆ ପ୍ରତିଷ୍ଠାତା ସଭାପତି ଓ ସ୍ପେନ୍ ରାଷ୍ଟ୍ରଦୂତଙ୍କ ସୌଜନ୍ୟମୂଳକ ସାକ୍ଷାତ



**ଭୁବନେଶ୍ୱର,୧୮।୪(ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ଏବଂ ସ୍ପେନ୍‌ର ରାଷ୍ଟ୍ରଦୂତ ହିଜ ଏକ୍ସିଲେନ୍ସି ଜୁଆନ୍ ଆନ୍‌ଟୋନିଓ ମାର୍ଚ ପୁଜୋଲଙ୍କ ମଧ୍ୟରେ ସୌଜନ୍ୟମୂଳକ ସାକ୍ଷାତ ଆଲୋଚନା ହୋଇଛି।

ସ୍ପେନର ରାଷ୍ଟ୍ରଦୂତ ଭାବେ ସେ ଏକାସଂଗେ ଭାରତ, ଭୁଟାନ, ନେପାଳ, ଶ୍ରୀଲଙ୍କା ଏବଂ ମାଳଦ୍ୱୀପକୁ ପ୍ରତିନିଧିତ୍ୱ କରୁଛନ୍ତି। ଶୁକ୍ରବାର ବିଶ୍ୱବିଦ୍ୟାଳୟ ମୁଖ୍ୟ କାର୍ଯ୍ୟାଳୟରେ ପ୍ରଫେସର ନାୟକଙ୍କ ସହ ସାକ୍ଷାତ ସମୟରେ ଦୁଇ ଦେଶ ମଧ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ପ୍ରସଙ୍ଗ ସହ ଆଲୋଚନା କରିବା ସହ ସୋଆରେ ସ୍ପାନିଶ ଭାଷାର ଶିକ୍ଷାକୁ ନେଇ ମଧ ଆଲୋଚନା କରିଥିଲେ। ଏହି ସାକ୍ଷାତ ଆଲୋଚନା ସମୟରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଉପସ୍ଥିତ ଥିଲେ।

## ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ



**ନାଉଗାଁ,୧୮।୪(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଡାବରସ୍ଥିତ ମା'ସରସ୍ୱତୀ ଶିଶୁ ମନ୍ଦିରର ୨୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

ଶିକ୍ଷାବିତ୍ ସୁକାନ୍ତ କୁମାର ଲେଙ୍କାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ, ମୁଖ୍ୟବକ୍ତା ଭାବେ ସମାଜସେବୀ ପ୍ରତାପ ଚନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ଭାବେ ଭାରତୀୟ ଗ୍ରନ୍ଥଦା ସଂସ୍ଥାର ଅବସରପ୍ରାପ୍ତ ସହାୟକ କମିସନର ବିରଞ୍ଚି ନାରାୟଣ ମିଶ୍ର, ନାଉଗାଁ ପଞ୍ଚାୟତ ସମିତି ଅଧକ୍ଷା ତୃଷ୍ଣା ଲେଙ୍କା, ଡାବର ସମିତି ସଭ୍ୟ ସୁବଳ ବେହେରା, ସିନେ କଳାକାର ମିଟୁ ମିଥୁନ, ସମାଜସେବୀ ଗୌରାଙ୍ଗ ସ୍ୱାଇଁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିରଞ୍ଜନ ମହାନ୍ତି, ସିଆରସିସି ଅକ୍ଷୟ କୁମାର ରାଉତ ପ୍ରମୁଖ ଯୋଗ ଦେଇ ସ୍କୁଲରେ ଶିକ୍ଷାଦାନ ସମୟରେ ଶିକ୍ଷକଙ୍କ ଭୂମିକା ଯେତିକି ଗୁରୁତ୍ୱପୂର୍ଣ୍ଣ ପିଲାମାନଙ୍କୁ ଜଣେ ଉତ୍ତମ ଚରିତ୍ରବାନ ମଣିଷ ଗଠନ ଦିଗରେ ପିତାମାତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ।

ଶିଶୁ ମନ୍ଦିରର ସମ୍ପାଦକ ଅଦ୍ୱୈତ କୁମାର ପରିଡ଼ା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବସନ୍ତ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିଶୁ ମନ୍ଦିରର ଗୁରୁମା ରୋଜାଲିନ୍ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଅବସରପ୍ରାପ୍ତ ସୈନିକ ବଂଶୀଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପରିଶେଷରେ ବାର୍ଷିକ କ୍ରିଡା, ନୃତ୍ୟ ଗୀତ ଓ ବିଭିନ୍ନ କ୍ଷେତ୍ରରେ ପାରିଦର୍ଶୀତା ଲାଭ କରିଥିବା କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଥିଲା।

## କାଠରଗଡ଼ା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ବୋରିଗୁମ୍ମା,୧୮।୪(ସଂଚାର ବ୍ୟୁରୋ):** ବୋରିଗୁମ୍ମା ବ୍ଲକ କାଠରଗଡା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳନ ହୋଇଯାଇଥିଲା। ପ୍ରଧାନ ଶିକ୍ଷକ ଶ୍ରୀମନ୍ତ ମଣ୍ଡଳଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବୋରିଗୁମ୍ମା ଗୋଷ୍ଠି ଶିକ୍ଷା ଅଧିକାରୀ ସଚିନ କୁମାର ମଲ୍ଲିକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ନୃସିଂହ ନାଥ ଶତପଥି, କୁମୁଲି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲମ୍ବଧର ଷଡ଼ଙ୍ଗୀ, ବୋରିଗୁମ୍ମା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟାନନ୍ଦ ପଟ୍ଟନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗଙ୍ଗାଧର ନାୟକ, କାଠରଗଡା ପଂଚାୟତର ସମିତି ସଭ୍ୟ ବୃନ୍ଦାବନ ନାୟକ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ବରେଣ୍ୟ ମୁଖ୍ୟ ଅତିଥି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହାପରେ ଅତିଥି ମାନଙ୍କୁ ବିଦ୍ୟାଳୟ ଛାତ୍ର ଛାତ୍ରୀମାନେ ଉତ୍ତରୀୟ ଓ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରିବା ସହିତ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ପ୍ରଥମେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀମନ୍ତ ମଣ୍ଡଳ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ନିତ୍ୟାନନ୍ଦ ଗୋଲାରୀ କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା କରିଥିଲେ। ଏହାପରେ ବାର୍ଷିକ ଉତ୍ସବ ଉପଲକ୍ଷେ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ବିଭିର୍ଣ୍ଣ ପ୍ରତିଯୋଗିତା ରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ବରେଣ୍ୟ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କାର ଓ ମାନ ପତ୍ର ପ୍ରଦାନ କରାଯାଇଥିଲା।

**ନିମ୍ନମାନର ପିଚୁରେ ରାସ୍ତା କାମ ମାମଲା**

## ମିଥ୍ୟା ବିଲ୍ ମାଧ୍ୟମରେ ଟଙ୍କା ହଡ଼ପ ମସୁଧା, ଉଚ୍ଚସ୍ତରୀୟ ତଦନ୍ତ ଦାବି



**କୋଣାର୍କ,୧୮।୪(ସଂଚାର ବ୍ୟୁରୋ):** କୋଣାର୍କ ପୂର୍ତ୍ତବିଭାଗ ଅଧିନସ୍ଥ କୋଣାର୍କ - କାକଟପୁର ପୂର୍ତ୍ତବିଭାଗ ରାସ୍ତାର ମା ମଙ୍ଗଳା ମନ୍ଦିର ଠାରୁ ବାଜପୁର ପଞ୍ଚବଟୀ ମଠ ଏବଂ ସୁଆର ବିରିଜାଇ ଠାକୁରାଣୀ ପୀଠ ଠାରୁ କୁରୁଜଙ୍ଗ ଛକ ପର୍ଯ୍ୟନ୍ତ ଦୀର୍ଘ ୨କିମି ପିଚୁ ରାସ୍ତା ମରାମତି କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ସାଧାରଣରେ ଆଲୋଚନା ହେଉଥିବା ବେଳେ ବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କା ହରିଲୁଟ କରିବା ପାଇଁ ମସୁଧା ଚାଲିଥିବା ସାଧାରଣରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଖବରରୁ ପ୍ରକାଶ ଯେ କୋଣାର୍କ ପୂର୍ତ୍ତବିଭାଗ ବିଭାଗ ପକ୍ଷରୁ ଗତ ଏକ ବର୍ଷ ତଳେ ନିର୍ମିତ ପିଚୁ ରାସ୍ତା କାର୍ଯ୍ୟ ନିମ୍ନମାନର କରାଯାଇଥିବାରୁ କୋଣାର୍କ ଠାରୁ ମା ମଙ୍ଗଳା ମନ୍ଦିର ପର୍ଯ୍ୟନ୍ତ ରାସ୍ତା ଫାଟି ନଷ୍ଟ ହୋଇଯାଇଥିଲା। କୋଣାର୍କ-କାକଟପୁର ପୂର୍ତ୍ତବିଭାଗ ରାସ୍ତାର ମରାମତି କରିବା ପାଇଁ ପୂର୍ତ୍ତବିଭାଗ ପକ୍ଷରୁ ୨କିମି ପାଇଁ ୪୦ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିଲା। ଏହି ରାସ୍ତା କାର୍ଯ୍ୟ ଦାୟିତ୍ୱରେ ଥିବା ଠିକାଦାର ଓ ପୂର୍ତ୍ତବିଭାଗ ସହକାରୀ ଯନ୍ତ୍ରୀଙ୍କ ରାଧେ ରାଧେ ନ୍ୟାୟରେ ମା ମଙ୍ଗଳା ମନ୍ଦିର ଠାରୁ ବାଜପୁର ଏବଂ ସୁଆର ବିରିଜାଇ ଠାକୁରାଣୀ ପୀଠ ଠାରୁ କୁରୁଜଙ୍ଗ ଛକ ପର୍ଯ୍ୟନ୍ତ ଦୀର୍ଘ ୨କିମି ପିଚୁ ରାସ୍ତା ମରାମତି କାର୍ଯ୍ୟ ସରକାରୀ ନିୟମ ଅନୁଯାୟୀ ହୋଇଥିବା ଏଷ୍ଟିମେଣ୍ଟ ମୁତାବକ କରା ନ ଯାଇ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଇ ଲକ୍ଷାଧିକ ଟଙ୍କା ହାତେଇବା ପାଇଁ ମସୁଧା ଚାଲିଥିବା ସ୍ଥାନୀୟ ଅଂଚଳର ଜନସାଧାରଣ ମାନଙ୍କ ପକ୍ଷରୁ ପୂର୍ତ୍ତବିଭାଗ ଅଧିକାରୀ ମାନଙ୍କ କାର୍ଯ୍ୟଦକ୍ଷତା ପ୍ରତି ଅଂଗୁଳି ନିର୍ଦ୍ଦେଶ କରୁଛି ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଏହି ରାସ୍ତା ମରାମତି କାର୍ଯ୍ୟରେ ସରକାରୀ ନିୟମ ଅନୁଯାୟୀ କାର୍ଯ୍ୟ ହୋଇଛି କି ନାହିଁ କି କି ସାମଗ୍ରୀ ବ୍ୟବହାର କରାଯାଇଛି ଏବଂ କାର୍ଯ୍ୟର ମାନ ପରୀକ୍ଷା ସହ ଇଷ୍ଟିମେଣ୍ଟ ଅନୁଯାୟୀ ଏହି ପିଚୁ ରାସ୍ତା ମରାମତି କାର୍ଯ୍ୟ ହୋଇଛି କି ନାହିଁ ତାହାର ଉଚ୍ଚ ସ୍ତରୀୟ ତଦନ୍ତ କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ପୂର୍ତ୍ତବିଭାଗ ବିଭାଗ ମନ୍ତ୍ରୀ, ବିଭାଗୀୟ ସଚିବ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ପୁରୀ ଜିଲ୍ଲାପାଳ ପ୍ରମୁଖଙ୍କୁ ସ୍ଥାନୀୟ ଅଂଚଳର ବୁଦ୍ଧିଜୀବୀ, ସଚେତନ ନାଗରିକ, ବରିଷ୍ଠ ନାଗରିକ, ସାମାଜିକ କର୍ମୀ ଓ ଜନସାଧାରଣମାନେ ନିବେଦନ କରିଛନ୍ତି।

## ରାସ୍ତା ନିର୍ମାଣର ଶୁଭଦେଲେ ବିଧାୟକ



**ବ୍ରହ୍ମପୁର,୧୮।୪(ସଂଚାର ବ୍ୟୁରୋ):** ବ୍ରହ୍ମପୁର ଦୁଇ ନମ୍ବର ୱାର୍ଡର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଶୁଭ ଦେଇଛନ୍ତି ବିଧାୟକ କେ. ଅନୀଲ କୁମାର। ସ୍ଥାନୀୟ ଅଞ୍ଚଳର ୨ଟି ନୂତନ ରାସ୍ତା ନିର୍ମାଣ କାର୍ଯ୍ୟ ସହ ବିଶ୍ୱକର୍ମା ମନ୍ଦିରର କାରୁକାର୍ଯ୍ୟ ପାଇଁ ବିଧାୟକ ଶୁଭ ଦେଇଥିଲେ। ସେହିପରି ବିଭିନ୍ନ ସମସ୍ୟା ନେଇ ଲୋକଙ୍କ ସହ ଆଲୋଚନା ମଧ କରିଥିଲେ। ୱାର୍ଡ ସ୍ଥିତ ଲକ୍ଷ୍ମୀ ନୃସିଂହ ସାହିର ବିଭିନ୍ନ ଗଳି ବୁଲି ଡ୍ରେନ୍ ଏବଂ ରାସ୍ତାର ସମସ୍ୟା ସମ୍ପର୍କରେ ଅବଗତ ହେବା ସହ ଖୁବଶୀଘ୍ର ସମାଧାନ କରିବାକୁ ବିଧାୟକ ଲୋକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ବିଧାୟକଙ୍କ ଗସ୍ତ ବେଳେ ୨ନମ୍ବର ୱାର୍ଡ ଯୁବ ବିଜେପି ନେତା ଅନୁପ୍ ପଣ୍ଡା, ବିଜୟ କୁମାର ପଣ୍ଡା,ତ୍ରିନାଥ ନାୟକ, ଆସ୍କା ରୋଡ଼ ମଣ୍ଡଳ ସଭାପତି ଜଗନ୍ନାଥ ଜେନା, ଜୟ ମହାରଣା, ଶଙ୍କର ମହାରଣାଙ୍କ ସମେତ ବହୁ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ।

## ସୋସିଆଲ ମିଡିଆରେ ଫେକ୍ ଆକାଉଣ୍ଟ ଖୋଲିବା ପଡ଼ିଲା ମହଙ୍ଗା

**କୁଜଙ୍ଗ, ୧୮।୪ (ସଂଚାର ବ୍ୟୁରୋ):** କୁଜଙ୍ଗ ଅଞ୍ଚଳର ଜଣାଶୁଣା ସମାଜସେବୀ ମଣିଶଙ୍କର ପରିଡାଙ୍କ ଫଟୋକୁ ବ୍ୟବହାର କରି ସୋସିଆଲ ମିଡ଼ିଆରେ ଫେକ ଫେସ୍‌ବୁକ୍ ଆକାଉଣ୍ଟ ଖୋଲି ଜଣେ ଯୁବକ ଜଣଙ୍କ ହରଡ଼ଘଣାରେ ପଡ଼ିଛି। ଏହି ଘଟଣାରେ ଉକ୍ତ ଯୁବକଙ୍କୁ ଆଜି ସ୍ଥାନୀୟ ପୁଲିସ



ଭୁବନେଶ୍ୱର ଏକ ହୋଟେଲରୁ ଗିରଫ କରିଥିବା ସୂଚନା ମିଳିଛି। ଯୁବକ ଜଣଙ୍କ କେନ୍ଦ୍ରାପଡା ଆଳି ଶାସନ ଗ୍ରାମର ରାଜେଶ୍ ଦାସ( ୨୮) ବୋଲି ଜଣାପଡିଛି । ଅଭିଯୁକ୍ତ ଜଣଙ୍କ ଭୁବନେଶ୍ୱର ଠାରେ ଏକ ଘରୋଇ ସଂସ୍ଥାରେ କର୍ମଚାରୀ ଭାବେ କାମ କରେ। ସେ ସାଗର କୁମାର ବିଶ୍ୱାଳ ନାମରେ ଏକ ଫେକ୍ ଫେସ୍‌ବୁକ୍ ଆକାଉଣ୍ଟ ଖୋଲିବା ଓ ସେଥିରେ ସମାଜସେବୀ ଶ୍ରୀ ପରିଡ଼ାଙ୍କ ଫଟୋ ରଖି ବିଭିନ୍ନ ଝିଅ ଓ ତାଙ୍କର ପରିଚିତ ଲୋକଙ୍କୁ ହଇରାଣ କରୁଥିଲା। ଶ୍ରୀ ପରିଡ଼ା ଏହି କଥା ଜାଣିବା ପରେ ମାନସିକ ଭାବେ ଯନ୍ତ୍ରଣା ଅନୁଭବ କରି ସ୍ଥାନୀୟ ଥାନା ଓ ଭୁବନେଶ୍ୱର ସାଇବର ଥାନାରେ ଲିଖିତ ଭାବେ ଜଣାଇଥିଲେ। ପୁଲିସ ଦୀର୍ଘ ଦିନ ଧରି ତଦନ୍ତ କରି ଆଜି ଅଭିଯୁକ୍ତ ରାଜେଶ୍‌କୁ ଧରିବାରେ ସଫଳ ହୋଇଛି।

## କାଳବୈଶାଖୀରେ ଉପୁଡ଼ିଲା ଗଛ, ଯାତାୟାତ ବାଧାପ୍ରାପ୍ତ



**ନବରଙ୍ଗପୁର/ଝରିଗାଁ, ୧୮।୪(ସଂଚାର ବ୍ୟୁରୋ):** କାଳବୈଶାଖୀ ପ୍ରଭାବରେ ଝରିଗାଁ ବ୍ଲକର ଶିରାଗୁଡା ସାହି ଠାରେ ଗଛ ଉପୁଡ଼ି ଯାଇ ରାସ୍ତା ଉପରେ ପଡ଼ିବାରୁ ଏହି ରାସ୍ତା ଦେଇ ପ୍ରାୟ ୧ଘଣ୍ଟା ଧରି ଯାତାୟାତ ଠପ୍ ହୋଇଯାଇଥିଲା। ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଗଛ କାଟି ସଫା କରିବା ପରେ ଯାତାୟାତ ସ୍ୱାଭାବିକ ହୋଇଛି।

## ବଜ୍ରାଘାତରେ ୬ ଗୋରୁ ମୃତ

**ନବରଙ୍ଗପୁର/ଝରିଗାଁ,୧୮।୪(ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଚଚା ପଞ୍ଚାୟତ ଅନ୍ତର୍ଗତ ଥାଠବେଡା ସ୍ଥିତ ଶାଳବଣରେ ବଜ୍ରାଘାତରେ ୬ଟି ଗାଈର ମୃତ୍ୟୁ ହୋଇଥିବା ଜଣାପଡିଛି। ସୂଚନା ପ୍ରକାରେ ସୁରୁମୁଣ୍ଡା ଗ୍ରାମର ଚାଷୀ ଦୁର୍ଜନ ସାନ୍ତାଙ୍କ ଦୁଇଟି ଗାଇ ଏବଂ ପପୁ ସାନ୍ତାଙ୍କ ୪ଟି ଗାଇ ସୁରୁମୁଣ୍ଡା ଗ୍ରାମ ଠାରୁ ଅଧା କିଲୋମିଟର ଦୂରରେ ଥିବା ଥାଠବେଡା ସ୍ଥିତ ଶାଳ ବଣକୁ ଚରିବା ପାଇଁ ଯାଇଥିଲେ। ତେବେ କାଳବୈଶାଖୀ ପ୍ରଭାବରେ ସନ୍ଧ୍ୟା ପ୍ରାୟ ସାଢ଼େ ପାଞ୍ଚଟା ସମୟରେ ବର୍ଷା ସହ ଘଡଘଡି ହୋଇଥିଲା। ଗାଈଗୁଡିକ ବର୍ଷା ହେବା ଯୋଗୁଁ ଶାଳ ବଣର ଗୋଟିଏ ଗଛ ତଳେ ଆଶ୍ରୟ ନେଇଥିଲେ। ହଠାତ ସେହି ଗଛରେ ବଜ୍ରାଘାତ ହେବା ଯୋଗୁଁ ଘଟଣାସ୍ଥଳରେ ୬ଟି ଗାଈର ମୃତ୍ୟୁ ହୋଇ ଯାଇଥିଲା। ତେବେ ଆସନ୍ତାକାଲି ପ୍ରାଣୀ ବିଭାଗ ପକ୍ଷରୁ ଗାଇ ଗୁଡିକର ଶବ ବ୍ୟବଚ୍ଛେଦ ହେବା ପରେ ଚାଷୀ ମାନଙ୍କୁ ହସ୍ତାନ୍ତର କରାଯିବ ବୋଲି ସୁଚନା ମିଳିଛି।

## ଗୋପ ବ୍ରାଞ୍ଚ କେନାଲ ବ୍ରିଜ ସଂଯୋଗୀକରଣ ରାସ୍ତା ନିର୍ମାଣରେ ବିଳମ୍ବ



**ବାଲିଅନ୍ତା,୧୮।୪(ସଂଚାର ବ୍ୟୁରୋ):** ବାଲିଅନ୍ତା ପାଟେଣା ସାଇଫନ ଛକ ସଂଲଗ୍ନ ଗୋପବ୍ରାଞ୍ଚ କେନାଲ ସଂଯୋଗୀକରଣ ରାସ୍ତା ନିର୍ମାଣରେ ଅହେତୁକ ବିଳମ୍ବ ନେଇ ସ୍ଥାନୀୟ ଅଞ୍ଚଳରେ ଘୋର ଅସନ୍ତୋଷ ଦେଖାଦେଇଛି। ବ୍ରିଜ ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇଥିବା ବେଳେ ଏଥି ସଂଲଗ୍ନ ସଂଯୋଗୀକରଣ ରାସ୍ତା ନିର୍ମାଣ ହୋଇପାରି ନାହିଁ। ଯାହାଫଳରେ ଯାନ ବାହନ ଯାତାୟତ କ୍ଷେତ୍ରରେ ନାହିଁନଥିବା ସମସ୍ୟା ଉପୁଜିଛି। ଅପରପକ୍ଷରେ ବ୍ରିଜ ତଳପାର୍ଶ୍ୱ କଂକ୍ରିଟ ଢ଼ଳେଇ ଓ ରଡ଼ ବାଇଡିଙ୍ଗ ବାଲିଗୋଡ଼ି ଓ ସିମେଣ୍ଟ ଭାଗମାପ ଠିକନଥିବା ବେଳେ ବ୍ରିଜ କାମ ନିକୃଷ୍ଟ ମାନର ହୋଇଥିବା ନେଇ ଅଭିଯୋଗ ହୋଇଛି। ବ୍ରିଜ ନିର୍ମାଣ ଶେଷ ପରେ ଡିଭିଜନ-୪ ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷ ଓ ଠିକାଦାର ଆପ୍ରୋଚ ରାସ୍ତା ନିର୍ମାଣ ଦିଗରେ ଏଯାଏ କିଛି ପଦକ୍ଷେପ ଗ୍ରହଣ କରିନଥିବା ଜଣାଯାଇଛି।

ଅନ୍ୟପକ୍ଷରେ ନୂଆବ୍ରିଜର ଉଭୟ ପାର୍ଶ୍ୱରେ ସଂଯୋଗକାରୀ ରାସ୍ତା ନିର୍ମାଣ ହୋଇପାରିନଥିବାରୁ ପ୍ରତ୍ୟହ ହଜାର ହଜାର ସଂଖ୍ୟାରେ ଯାନବାହନ ସେଇ ପୁରୁଣା ବ୍ରିଜରେ ଯାତାୟତ କରିବା ଛଡ଼ା ଅନ୍ୟ କିଛି ବିକଳ୍ପ ନାହିଁ। ବ୍ରିଜ ସଂକୀର୍ଣ୍ଣ ଯୋଗୁ ଗାଡ଼ିମଟର ରାସ୍ତା ଅତିକ୍ରମ କରିବା ବେଳେ ଦୁର୍ଘଟଣା ଘଟି ଲୋକେ ମୃତାହତ ହେବାର ନଜିର ରହିଛି। ଏହାଛଡ଼ା ଆପ୍ରୋଚ ରାସ୍ତା ନିର୍ମାଣ ନେଇ ବ୍ରିଜ ନିକଟରେ ମାଟି ଗଦା କରାଥିବାରୁ ଯାତାୟତରେ ସମସ୍ୟା ସୃଷ୍ଟି ହେଉଛି। ୨୦୨୨/୨୩ ଆର୍ଥିକ ବର୍ଷରେ ୬୦ ଫୁଟ ଲମ୍ବ ଓ ୩୦ ଫୁଟ ଚଉଡ଼ା ବିଶିଷ୍ଟ ଉକ୍ତ ବ୍ରିଜ ନିର୍ମାଣ ନେଇ କୋଟିଏରୁ ଅଧିକ ଟଙ୍କା ମଞ୍ଜୁର ହୋଇଥିଲା। କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ୱାକଫ ବିଲ୍ ବିରୋଧରେ ଆନ୍ଦୋଳନ




**ଗୋପ, ୧୮।୪ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଗୋପ ବ୍ଲକ ମୁସଲିମ ବସ୍ତିର ଶତାଧିକ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକ ୱାକଫ୍ ସଂଶୋଧିତ ବିଲ୍ ବିରୋଦ୍ଧରେ ଏକତ୍ରିତ ହୋଇ ହାତରେ କଳା ପଟି ବାନ୍ଧିବା ସହିତ ଏକ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା କରିଥିଲେ।ଏହି ଶୋଭାଯାତ୍ରାରେ ଶତାଧିକ ଲୋକ ଉମର୍ ଫାରୁକ୍ ମସଜିଦ ଠାରୁ ଆରମ୍ଭ ହୋଇ ଗୋପ ଥାନା ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଭାବେ ପୋଷ୍ଟର ଧରି ପହଂଚିଥିଲେ।ସେଠାରେ ଗୋପ ଥାନା ଅଧିକାରୀଙ୍କ ମାଧ୍ୟମରେ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ପ୍ରଦାନ କରାଯାଇଥିଲା। ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବ ନେତୃତ୍ୱ ଅଦିବ୍ ଶେଖଙ୍କ ନେତୃତ୍ୱରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ବସ୍ତି ସଭାପତି ନିଯିମ୍ ଖାଁ, ସମ୍ପାଦକ ରହିମ ଖାଁ, ସମ୍ପାଦକ ରହିମ ଉଲ୍ଲା ଶାହା, ଯୁବ ସମାଜସେବୀ ଜାବେଦ୍ ଅଖରତ, ଗୋପ ମାଇନରଟି ସେଲ ସଭାପତି ଶେଖ୍ ସରପରାଜଙ୍କ ସହିତ ଶହ ଶହ ସଂଖ୍ୟାରେ ଯୁବ, ଛାତ୍ର ଓ ବରିଷ୍ଠ ନାଗରିକ ଯୋଗଦେଇ ସଂଶୋଧିତ ଆଇନର ପୁନଃ ବିଚାର ପାଇଁ ଦେଶର ପ୍ରଥମ ନାଗରିକଙ୍କୁ ନିବେଦନ କରିଥିଲେ।

ଯୁବ ଜିଲ୍ଲାପାଳଙ୍କ ସଫଳତା ପାଇଁ ରାଜ୍ୟ ଗର୍ବିତ

# କୋରାପୁଟକୁ ମିଳିବ ଉତ୍କର୍ଷତା ପୁରସ୍କାର

**ଭୁବନେଶ୍ୱର,୧୮।୪(ସଂଚାର ବ୍ୟୁରୋ):** ଓଡ଼ିଶା ପାଇଁ ଏକ ଗର୍ବ ଓ ଗୌରବର ମୁହୂର୍ତ୍ତ। କୋରାପୁଟ ଜିଲ୍ଲା ୨୦୨୪ ବର୍ଷ ପାଇଁ ପ୍ରଧାନମନ୍ତ୍ରୀ ପ୍ରଦାନ କରୁଥିବା 'ଉତ୍କର୍ଷତା ପୁରସ୍କାର' ପାଇବା ସକାଶେ ମନୋନୀତ ହୋଇଛି। 'ଜିଲ୍ଲାଗୁଡ଼ିକର ସାମଗ୍ରିକ ବିକାଶ' ଶ୍ରେଣୀରେ ଏହି ସମ୍ମାନ ମିଳିବାକୁ ଥିବା ବେଳେ ଜିଲ୍ଲାର ପ୍ରଶାସନିକ ଦକ୍ଷତା ଓ ବିକାଶମୂଳକ ପଦକ୍ଷେପ ଦେଶବ୍ୟାପୀ ପ୍ରଶଂସା ସାଉଁଟିବାରେ ସକ୍ଷମ ହୋଇଛି।

ଏହି ପ୍ରତିଷ୍ଠିତ ପୁରସ୍କାର କୋରାପୁଟର ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଭି. କୀର୍ତ୍ତି ବାସନ ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ଆସନ୍ତା ଏପ୍ରିଲ ୨୧ରେ ଆୟୋଜିତ ହେବାକୁ ଥିବା ସିଭିଲ ସର୍ଭିସେସ ଡେ' ଅବସରରେ ପ୍ରଧାନମନ୍ତ୍ରୀଙ୍କ ହାତରୁ ଗ୍ରହଣ କରିବେ। ବାସନଙ୍କ ନେତୃତ୍ୱରେ କୋରାପୁଟ ଜିଲ୍ଲା ନୂତନ ପ୍ରଶାସନିକ ମଡେଲ ଗ୍ରହଣ କରି ଟେକ୍ନୋଲୋଜିର ସଦୁପଯୋଗ ମାଧ୍ୟମରେ ସେବା ପ୍ରଦାନ ଓ ନାଗରିକଙ୍କ ସହଭାଗିତାକୁ ଅଭୂତପୂର୍ବ ସ୍ତରକୁ ନେଇଛି। ସ୍ୱାସ୍ଥ୍ୟ, ଶିକ୍ଷା ଓ ଭିତ୍ତିଭୂମି



ଜିଲ୍ଲାପାଳ ଓ ଟିମ୍‌କୁ ମୁଖ୍ୟମନ୍ତ୍ରୀ ଦେଲେ ଶୁଭେଚ୍ଛା

ବିକାଶ କ୍ଷେତ୍ରରେ ଜିଲ୍ଲାର ଅଗ୍ରଗତି ସମଗ୍ର ବିକାଶର ଏକ ଉଜ୍ଜ୍ୱଳ ଉଦାହରଣ ସୃଷ୍ଟି କରିଛି।ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସଫଳତା ପାଇଁ ବାସନ ଓ ତାଙ୍କ ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି। ସେ ଏକ 'ଏକ୍ସ' ପୋଷ୍ଟରେ ଦର୍ଶାଇଛନ୍ତି, କୋରାପୁଟ ଜିଲ୍ଲାପାଳ ଓ ତାଙ୍କ ଟିମକୁ ୨୦୨୪ ଜନ ପ୍ରଶାସନରେ ଉତ୍କର୍ଷତା ପୁରସ୍କାର ପାଇଁ ମନୋନୀତ ହୋଇଥିବାରୁ ଅଭିନନ୍ଦନ। ସମଗ୍ର ଜିଲ୍ଲା ବିକାଶରେ ସେମାନଙ୍କର ଅସାଧାରଣ କାର୍ଯ୍ୟ ପ୍ରଶଂସନୀୟ। ଆଗକୁ ମଧ୍ୟ ବୃହତ୍ତର ସଫଳତା ଅର୍ଜନ କରି ଅନ୍ୟମାନଙ୍କୁ ସେମାନେ ପ୍ରେରଣା ଦେଇଚାଲନ୍ତୁ, ଏହା କାମନା। ୨୦୧୮ ବ୍ୟାଚର ଆଇଏଏସ ଅଫିସର ବାସନ ନିକଟରେ କୋରାପୁଟର ଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ଗଞ୍ଜାମରେ ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ନେତୃତ୍ୱରେ କୋରାପୁଟ ଜିଲ୍ଲା ସ୍ଥାୟୀ ବିକାଶ ଓ ସମାବେଶୀ ପ୍ରଶାସନରେ ଏକ ଆଦର୍ଶ ସ୍ଥାପନ କରିଛି।

# ମହାନଦୀ ଜଳରାଶିରେ ଚେସ୍ ଖେଳିଲେ କ୍ରୀଡ଼ା ମନ୍ତ୍ରୀ

ସ୍କୁବା ଡାଇଭିଂ ମାଧ୍ୟମରେ ଦୁଃସାହସିକ କ୍ରୀଡ଼ାକୁ ପ୍ରୋତ୍ସାହନ

**କଟକ,୧୮।୪ (ସଂଚାର ବ୍ୟୁରୋ):** ମହାନଦୀର ଗଭୀର ଜଳ ରାଶିରେ ଚେସ ଖେଳିବାର ଅଭୂତପୂର୍ବ ଅନୁଭବ ହାସଲ କରିଛନ୍ତି କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ପ୍ରାୟ ୨୦ ଫୁଟ୍ ପାଣିରେ ବୁଡ଼ି ଚେସ୍ ଖେଳିଛନ୍ତି। ପାଣି ଭିତରେ ପ୍ରାୟ ଅଧ ଘଣ୍ଟା ଧରି ଚାଲିଥିଲା ଏହି ଚେସ୍ ଖେଳ। ଏପରି ଦୃଶ୍ୟ ଦେଖିବାକୁ ମିଳିଛି କଟକ ଗଡଗଡିଆ ଘାଟ ନିକଟ ମହାନଦୀରେ। କ୍ରୀଡ଼ା ମନ୍ତ୍ରୀ ଗତକାଲି ତାଙ୍କ କଟକ ଗସ୍ତ ସମୟରେ ବୋଟିଂ କ୍ଲବ ନିକଟରେ ମହାନଦୀ ଜଳରାଶିରେ ସ୍କୁବା ଡ୍ରାଇଭିଂ କରିବା ସହ ଚେସ ଖେଳିବାର ମଜା ନେଇଥିଲେ। ପ୍ରାୟ ୩୫ ମିନିଟ୍‌ରେ ଦୁଇ ରାଉଣ୍ଡ ଚେସ୍ ଖେଳି ବାଜିମାତ୍ କରିଥିଲେ କ୍ରୀଡ଼ା ମନ୍ତ୍ରୀ। ମହାନଦୀରେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ସ୍କୁବା ଡାଇଭର ସବିର ବକ୍ସଙ୍କ ନେତୃତ୍ୱରେ ଦୁଃସାହସିକ ଜଳକ୍ରୀଡ଼ାକୁ ପ୍ରୋତ୍ସାହନ ଦେବା ନିମନ୍ତେ ଏକ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଜାରି ରହିଥିବା ବେଳେ ଏଥିରେ ଯୋଗ ଦେଇଥିଲେ କ୍ରୀଡ଼ା ମନ୍ତ୍ରୀ। ରାଜ୍ୟର ୨୯ ଜଣ ପ୍ରତିଯୋଗୀ ଏଥିରେ ଭାଗ ନେଉଥିବା ବେଳେ ସେଠାରେ ପହଞ୍ଚି ପ୍ରତିଯୋଗୀମାନଙ୍କୁ ସେ ଉତ୍ସାହିତ କରିଛନ୍ତି। ରାଜ୍ୟର ଯୁବପିଢ଼ିଙ୍କ ମଧ୍ୟରେ ଦୁଃସାହସିକ କ୍ରୀଡ଼ା ପ୍ରତି ଆଗ୍ରହ ସୃଷ୍ଟି



କରିବା ଏବଂ ସେମାନଙ୍କୁ ଉଚିତ ପ୍ରଶିକ୍ଷଣ ପ୍ରଦାନ ଆମର ଲକ୍ଷ୍ୟ ବୋଲି କହିଛନ୍ତି କ୍ରୀଡ଼ାମନ୍ତ୍ରୀ। ସୂଚନା ମୁତାବକ, ଲିମ୍‌କା ବୁକ୍ ରେକର୍ଡଧାରୀ ଶ୍ରୀ ବକ୍ସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କଟକରେ ଜଳକ୍ରୀଡ଼ା ପ୍ରତିଭା ଅନ୍ୱେଷଣ ଶିବିର ଚାଲିଛି। ଦୁଃସାହସିକ ଜଳକ୍ରୀଡ଼ା ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଆୟୋଜିତ ଶିବିରରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୨୯ ଜଣ ଯୁବ ପ୍ରତିଭା ଅଂଶଗ୍ରହଣ କରିଛନ୍ତି। ଘଣ୍ଟା ଘଣ୍ଟା ଧରି ମହାନଦୀ ଜଳରାଶିରେ ବୁଡ଼ି ରହିଥିଲେ ମନ୍ତ୍ରୀ। ଏହି ଅନୁଭବ ସମ୍ପର୍କରେ ମନ୍ତ୍ରୀ ତାଙ୍କ ସୋସିଆଲ୍ ମିଡିଆରେ ମଧ୍ୟ ପୋଷ୍ଟ କରିଛନ୍ତି, ଯାହା ଏବେ ଦ୍ରୁତ ଗତିରେ ଭାଇରାଲ୍ ହେଉଛି।

● ସାମାନ୍ୟ କଥାରୁ ହତ୍ୟାକାଣ୍ଡ

## ଦାଦନ ଫେରନ୍ତା ଯୁବକ ନେଲା ଆଇସ୍‌କ୍ରିମ୍‌ବାଲାର ଜୀବନ



**ଆନନ୍ଦପୁର,୧୮।୪(ସଂଚାର ବ୍ୟୁରୋ):** ସାମ୍ପ୍ରତିକ ସମୟରେ ସମାଜ ଏପରି ଅବସ୍ଥାରେ ପହଞ୍ଚିଲାଣି ଯେ କାହାକୁ କଥା କହିବାକୁ ବି ଡର ଲାଗିଲାଣି । କାରଣ କଥା କଥାକେ ଆଜିକା ଲୋକେ ହତ୍ୟା କରିବାକୁ ବି ପଛାଉନାହାନ୍ତି। ସାମାନ୍ୟ କଥାକୁ କେନ୍ଦ୍ରକରି ମାରଣାସ୍ତ୍ର ଆକ୍ରମଣରେ ଯୁବକଙ୍କ ଜୀବନ ନେଇଗଲା ଦାଦନ ଫେରନ୍ତା। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଥାନା ଫକୀରପୁର ଗାଁରେ ଦେଖିବାକୁ ମିଳିଛି ଏଭଳି ଅଭାବନୀୟ ଘଟଣା। ଗାଁର ବିରାଟ ମଳିକ ଆଇସକ୍ରିମ ବେପାର କରି ନିଜର ଛୋଟ ପରିବାର ପ୍ରତିପୋଷଣ କରୁଥିଲେ। କିନ୍ତୁ ଆଜି ବିରାଟ ଆଉ ନାହାନ୍ତି ଆଉ ତାଙ୍କ ଆଇସକ୍ରିମ ବାକ୍ସ ସେମିତି ପଡ଼ିଛି। ଦୁଇ ପୁଅ ଓ ପତ୍ନୀଙ୍କୁ ନେଇ ହସଖୁସିରେ ଚାଲିଥିଲା ୪ ଜଣିଆ ପରିବାର। ତେବେ ବୁଧବାର ସନ୍ଧ୍ୟାରେ ଆଇସକ୍ରିମ ଫାକ୍ଟ୍ରିରେ ହିସାବପତ୍ର ସାରି ଘରକୁ ଫେରୁଥିବା ସମୟରେ ବିରାଟଙ୍କ ସହ ଘଟିଲା ଅଘଟଣ। ନିଜ ଗାଁର ସୁବାସ ମଳିକ ନାମକ ଜଣେ ଯୁବକ ତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରି ହତ୍ୟା କରିଥିବା ଅଭିଯୋଗ ହୋଇଛି। ବିରାଟଙ୍କ ଭୁଲ ମାତ୍ର ଏୟା ଥିଲା ଯେ ସେ ସୁବାସକୁ ଥଟ୍ଟାରେ କ'ଣ ପଦିଏ କହିଦେଇଥିଲେ। ପୂର୍ବରୁ ସୁବାସଙ୍କ ଭାଇ ଏକ ଜମି ବିକ୍ରି କରିଥିବା ବେଳେ ସେଥିରେ ବିରାଟ ମଧ୍ୟସ୍ଥି ହୋଇଥିଲେ। କିନ୍ତୁ ଜମି ବିକ୍ରି ପରେ ସୁବାସଙ୍କ ଭାଇ ତାଙ୍କୁ ମଧ୍ୟସ୍ଥି ବାବଦରେ କୌଣସି ପ୍ରାପ୍ୟ ଦେଇ ନଥିଲେ। ତେଣୁ ସେ ବିରାଟଙ୍କୁ ବେଳେ ବେଳେ ପଇସା ମାଗନ୍ତି। ସୁବାସ ବେଙ୍ଗାଲୁରୁରେ କାମ କରୁଥିବା ବେଳେ ୭ ଦିନ ପୂର୍ବରୁ ଘରକୁ ଫେରିଥିଲେ। ବେଙ୍ଗାଲୁରୁରୁ ଫେରିବା ପରେ ସୁବାସ ଗାଁରେ ଏକ ଭୁଜାଲି ଧରି ବୁଲୁଥିବା ଅନେକ ଲୋକ ଦେଖିଛନ୍ତି। ତେବେ ପୁରୁଣା ଜମି ବିକ୍ରି କଥା ହେଉ କିମ୍ବା ବିରାଟଙ୍କ ଥଟ୍ଟା ମଜା କଥା ହେଉ, ଉତକ୍ଷିପ୍ତ ହୋଇ ସୁବାସ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଆଉ ସେଇଠି ହିଁ ଲହୁଲୁହାଣ ହୋଇ ଟଳିପଡ଼ିଥିଲେ ବିରାଟ। ଘଟଣା ବିଷୟରେ ଜାଣିବା ପରେ ସ୍ଥାନୀୟ ପୁଲିସ ତୁରନ୍ତ ତଦନ୍ତ ଆରମ୍ଭ କରିଥିଲା ଏବଂ ହତ୍ୟାକାଣ୍ଡ ଭିଆଇବା ପରେ ଗାଁରେ ଜଣକ ବାଡ଼ିରେ ଲୁଚିଥିବା ସୁବାସଙ୍କୁ କାବୁ କରିଛି। ତାଙ୍କୁ ଅଧିକ ପଚରାଉଚରା କରିବା ସହ ପୁଲିସ୍ ଅଧିକ ତଦନ୍ତ କରୁଛି।

● ଟ୍ରାକ୍ଟର ଧକ୍କାରେ ନବମ ଛାତ୍ର ମୃତ୍ୟୁ ଘଟଣା

## ୪ ଲକ୍ଷ ଅନୁକମ୍ପା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୮।୪(ସଂଚାର ବ୍ୟୁରୋ):** ଆଜି ପୂର୍ବାହ୍ନରେ ସଡ଼କ ଦୁର୍ଘଟଣାରେ ସମ୍ବଲପୁରର ଧନୁପାଲିଠାରେ ଜଣେ ନବମ ଶ୍ରେଣୀ ଛାତ୍ର ମୃତ୍ୟୁବରଣ କରିଥିବା ବେଳେ ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସୋସିଆଲ୍ ମିଡିଆ 'ଏକ୍ସ'ରେ ଏକ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ଯେ ଏପରି ଏକ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ଘଟଣା ସମ୍ପର୍କରେ ଜାଣିବା ପରେ ସେ ବେଶ୍ ମର୍ମାହତ। ସରସ୍ୱତୀ ଶିଶୁ ମନ୍ଦିରର ଜଣେ ପ୍ରତିଭାସମ୍ପନ୍ନ ଛାତ୍ରଙ୍କ ଜୀବନ ଅକାଳରେ ଝଡ଼ିପଡ଼ିବା ବାସ୍ତବିକ ଦୁଃଖଦାୟକ ଘଟଣା। ଏନେଇ ମୁଖ୍ୟମନ୍ତ୍ରୀ ଶୋକ ପ୍ରକାଶ କରିବା ସହ ତାଙ୍କ ପରିବାର ସକାଶେ ଅନୁକମ୍ପାମୂଳକ ସହାୟତା ରାଶି ଭାବେ ୪ ଲକ୍ଷ ଟଙ୍କା ଘୋଷଣା କରିଛନ୍ତି। ତୁରନ୍ତ ଉକ୍ତ ଛାତ୍ରଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଏହି ସହାୟତା ରାଶି ଯୋଗାଇଦେବା ସକାଶେ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଆଜି ପୂର୍ବାହ୍ନ ପ୍ରାୟ ୧୦ଟା ୪୫ ମିନିଟ ସମୟରେ ଧନୁପାଲିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରୁ ନବମ ଶ୍ରେଣୀ ଛାତ୍ର ଆୟୁଷ୍ମାନ ବେହେରା ପାଠପଢ଼ି ଘରକୁ ଫେରୁଥିବା ସମୟରେ ସମ୍ମୁଖରୁ ଆସୁଥିବା ଏକ ଟ୍ରାକ୍ଟର୍ ତାଙ୍କୁ ଧକ୍କା ଦେଇଥିଲା। ତାଙ୍କୁ ତୁରନ୍ତ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଆୟୁଷ୍ମାନ୍‌ଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏପରି ଏକ ଅଘଟଣ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## ବଜ୍ରପାତରେ ଚାଷୀ ମୃତ, ବାପା-ଭାଇ ଗୁରୁତର

**ସାକ୍ଷୀଗୋପାଳ,୧୮।୪(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ କେତକୀପାଟଣା ପଞ୍ଚାୟତର ପଦ୍ମପୁର ଗ୍ରାମର ଚାଷୀ ଦୀପ୍ତିରଞ୍ଜନ ବାରିକ (୩୬)ଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି। ଏଥିସହ ତାଙ୍କ ବାପା କାଶୀନାଥ ବାରିକ ଓ ମଝିଆ ଭାଇ ସୌମ୍ୟରଞ୍ଜନ ବାରିକ ଗୁରୁତର ଭାବେ ଆହତ ହୋଇଥିବା ଜଣାପଡ଼ିଛି। ସକାଳୁ ସକାଳୁ ପୂରା ପରିବାର ଘର ନିକଟରେ ଥିବା କ୍ଷେତକୁ ମୁଗ ଅମଳ ପାଇଁ ଯାଇଥିଲେ। ତେବେ ହଠାତ୍ ଆକାଶରେ କଳାହାଣ୍ଡିଆ ମେଘ ସାଙ୍ଗକୁ ପ୍ରଚଣ୍ଡ ବିଜୁଳି ଓ ଘଡ଼ଘଡି ସହ ବର୍ଷା ଆରମ୍ଭ ହୋଇଯାଇଥିଲା। ବର୍ଷାରେ ମୁଗ ନଷ୍ଟ ହେବାର ଆଶଙ୍କା ଥିବାରୁ ସେମାନେ ମୁଗଗୁଡ଼ିକୁ ଘୋଡ଼ାଉଥିଲେ। ତେବେ ଏହି ସମୟରେ ପ୍ରଚଣ୍ଡ ବେଗରେ ଘଡ଼ଘଡି ମାରିବାରୁ ସମସ୍ତେ କିଛି ବୁଝିବା ପୂର୍ବରୁ ତଳେ ପଡ଼ିଯାଇଥିଲେ। ଘଡ଼ଘଡି ପ୍ରଭାବରେ କାଶୀନାଥ ଓ ମଝିଆ ପୁଅ ସୌମ୍ୟରଞ୍ଜନ ଗୁରତର ଭାବେ ଆହତ ହୋଇଥିଲେ। ମାତ୍ର ସାନ ପୁଅ ଦୀପ୍ତିରଞ୍ଜନ କ୍ଷେତରୁ ଆଉ ଉଠି ନଥିଲେ। ପରିବାରର ଅନ୍ୟ ସଦସ୍ୟଙ୍କ କ୍ରନ୍ଦନ ଓ ଆକୁଳ ଚିତ୍କାର ଶୁଣି ଗ୍ରାମର ଅନ୍ୟ ଲୋକମାନଙ୍କ ସହ କେତକିପାଟଣା ସମିତି ସଭ୍ୟ ସମ୍ପଦ କୁମାର ପରଡ଼ା ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରିଥିଲେ। ଗୁରୁତର ଦୀପ୍ତିରଞ୍ଜନଙ୍କୁ ଆମ୍ବୁଲାନ୍ସ ଯୋଗେ ସାକ୍ଷୀଗୋପାଳ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କାଶୀନାଥଙ୍କୁ ନିକଟସ୍ଥ ପାଣିଛତ୍ର ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଉଥିବା ବେଳେ ସୌମ୍ୟରଞ୍ଜନ ସାକ୍ଷୀଗୋପାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି।

## ବୈତରଣୀରେ ବୁଡ଼ି ଚାଲିଗଲା ୨ଛାତ୍ରଙ୍କ ଜୀବନ

**ଯୋଡ଼ା,୧୮।୪ (ସଂଚାର ବ୍ୟୁରୋ) :** ଚମ୍ପୁଆ ସରେଇ ବୈତରଣୀ ନଦୀ କେଶରୀ କୁଣ୍ଡରେ ଅଘଟଣ । ନଦୀରେ ବୁଡ଼ି ଚାଲିଗଲା ଦୁଇ ଛାତ୍ରଙ୍କ ଜୀବନ। ଆଠଜଣ ସାଙ୍ଗ ହୋଇ ନଦୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଉଥିବା ବେଳେ ନଦୀରେ ବୁଡ଼ି ଦୁଇ ଜଣଙ୍କ ମୃତ୍ୟୁ ହୋଇଛି। ଚମ୍ପୁଆର ଏକ ମେସ୍ ରେ ରହି ପାଠ ପଢୁଥିଲେ । ମୃତକଙ୍କ ମଧ୍ୟରୁ ଜଣେ ଚମ୍ପୁଆ କେରଳ ଇଂରାଜୀ ମିଡିୟମ ବିଦ୍ୟାଳୟର ଛାତ୍ର ବୋଲି ଜଣାପଡ଼ିଛି।

# ମୁଖ୍ୟ ସଚିବଙ୍କ ରଥଯାତ୍ରା ପ୍ରସ୍ତୁତି ବୈଠକ

**ଭୁବନେଶ୍ୱର,୧୮।୪(ସଂଚାର ବ୍ୟୁରୋ):** ଚଳିତ ବର୍ଷ ପୁରୀର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହେବା ପାଇଁ ଏକ ପ୍ରସ୍ତୁତି ବୈଠକ ଆଜି ଅପରାହ୍ଣରେ ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ରଥଯାତ୍ରା ପ୍ରସ୍ତୁତିରେ ଯେପରି କୌଣସି ପ୍ରକାର ତ୍ରୁଟି ନ ହୁଏ, ସେଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟ କରିବାକୁ ମୁଖ୍ୟ ଶାସନ ସଚିବ ପୁଲିସ ପ୍ରଶାସନ ଓ ସମ୍ପୃକ୍ତ ବିଭାଗମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବଙ୍କ ସହ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ଅରବିନ୍ଦ କୁମାର ପାଢ଼ୀ, ରାଜ୍ୟ ପ୍ରଶାସନର ସମ୍ପୃକ୍ତ ବିଭିନ୍ନ ବିଭାଗର



ସଚିବ, ବରିଷ୍ଠ ପଦାଧିକାରୀ ତଥା ପୁଲିସ ପ୍ରଶାସନର ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିବା ବେଳେ ଆଭାସୀ ମାଧ୍ୟମରେ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ସମେତ ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ, ସ୍ଥାନୀୟ ଜିଲ୍ଲାପାଳ ଓ ଏସ୍‌ପି ଏବଂ ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ।

ବୈଠକରେ ରଥଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ଆୟୋଜନ ପାଇଁ ଟ୍ରାଫିକ ପରିଚାଳନା ଦୃଷ୍ଟିରୁ ବିଭିନ୍ନ ସ୍ଥାନରେ ସିସିଟିଭି ସ୍ଥାପନ, ଭିଡ଼ ନିୟନ୍ତ୍ରଣ ପାଇଁ ଆବଶ୍ୟକ ସଂଖ୍ୟକ ପୁଲିସ ମୁତୟନ, ଭିଡ଼ ନିୟନ୍ତ୍ରଣ ତଥା ରଥଯାତ୍ରା ପରିଚାଳନା ପାଇଁ ବିଭିନ୍ନ ବିଭାଗର ସେବା ପ୍ରଦାନକୁ ସମନ୍ୱିତ କରିବା ପାଇଁ ଇଣ୍ଟିଗ୍ରେଟେଡ଼ କମାଣ୍ଡ କଣ୍ଟ୍ରୋଲ ସେଣ୍ଟର, ଯାନବାହନ ପାଇଁ ପାର୍କିଂ ବ୍ୟବସ୍ଥା, ରଥ ନିର୍ମାଣ ପ୍ରସ୍ତୁତି, ରଥଟଣା ସୁବ୍ୟବସ୍ଥା, ବଡ଼ଦାଣ୍ଡର ପ୍ରସ୍ତୁତି, ବିଶିଷ୍ଟ ଅତିଥିମାନଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ଆଦି ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଛି।

# ଉନ୍ନତିମୂଳକ ପ୍ରକଳ୍ପ କାର୍ଯ୍ୟରେ ଜଙ୍ଗଲ ଜମିର ତ୍ୱରିତ ମଞ୍ଜୁରୀ

**ଭୁବନେଶ୍ୱର,୧୮।୪(ସଂଚାର ବ୍ୟୁରୋ):** ରାଜ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ହାତକୁ ନିଆଯାଇଥିବା ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପ କାର୍ଯ୍ୟରେ ସମ୍ପୃକ୍ତ ଜଙ୍ଗଲ ଜମିର ଚୂଡ଼ାନ୍ତ ମଞ୍ଜୁରୀକୁ ତ୍ୱରାନ୍ୱିତ ଓ ସୁଚାରୁ ରୂପେ କରିବା ନିମନ୍ତେ ସମ୍ପୃକ୍ତ ବିଭାଗ ଓ ଜଙ୍ଗଲ ବିଭାଗ ମଧ୍ୟରେ ନିୟମିତ ସମନ୍ୱୟର ଆବଶ୍ୟକତା ରହିଛି। ଏହାକୁ ହୃଦୟଙ୍ଗମ କରି ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ନିର୍ଦ୍ଦେଶ କ୍ରମେ ଆଜି ସାପ୍ତାହିକ ସମୀକ୍ଷା ବୈଠକ ଜଙ୍ଗଲ ବିଭାଗ ମୁଖ୍ୟ ଦପ୍ତରଠାରେ ଅନୁଷ୍ଠିତ ହୋଇଛି। ଅତିରିକ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ନୋଡାଲଙ୍କର ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ସମ୍ପୃକ୍ତ ବିଭାଗ ସହ ସମନ୍ୱୟ ରକ୍ଷା ପୂର୍ବକ ପ୍ରକଳ୍ପ ପାଇଁ ଆବଶ୍ୟକ ଜଙ୍ଗଲ ଜମିର ମଞ୍ଜୁରୀ ନେଇ ରହିଥିବା ବିଭିନ୍ନ ସମସ୍ୟାର ତ୍ୱରିତ ସମାଧାନର ବ୍ୟବସ୍ଥା କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଆଜିର ସମୀକ୍ଷା ବୈଠକରେ କେନ୍ଦ୍ର ସରକାରଙ୍କ ଅଧୀନସ୍ଥ ରେଳ ମନ୍ତ୍ରାଳୟର ୬ଟି, ଗ୍ୟାସ ଅଥରିଟି ଅଫ ଇଣ୍ଡିଆ ଓ ଇଣ୍ଡିଆନ ଅଏଲ କର୍ପୋରେସନର ଗୋଟିଏ ଲେଖାଏଁ, ରାଜ୍ୟ ସରକାରଙ୍କର ଅଧୀନସ୍ଥ ଏକଲବ୍ୟ ମଡେଲ ରେସିଡେନ୍ସିଆଲ ସ୍କୁଲର ୮ଟି, ଜଳ ସମ୍ପଦ ବିଭାଗର ୩ଟି, ଓଡ଼ିଶା ପାୱାର ଟ୍ରାନ୍ସମିଶନ କର୍ପୋରେସନର ୭ଟି ଏହିଭଳି ସର୍ବମୋଟ ୨୬ଟି ପ୍ରକଳ୍ପର ଅଗ୍ରଗତି ଓ ଜଙ୍ଗଲ ଜମିର ଚୂଡ଼ାନ୍ତ ମଞ୍ଜୁରୀ ଦିଗରେ ରହିଥିବା ସମସ୍ୟା ବାବଦରେ ବିଶଦ ଆଲୋଚନା କରାଯାଇ ସମାଧାନ ନିମନ୍ତେ ସମୟସୀମା ଧାର୍ଯ୍ୟ କରାଯାଇଛି। ଆଗାମୀ ସପ୍ତାହଗୁଡ଼ିକରେ ଏହି ସମୀକ୍ଷା ବୈଠକ ପ୍ରତି ମଙ୍ଗଳବାର ଅନୁଷ୍ଠିତ ହେବ ଓ ଏଥିରେ ଉପରୋକ୍ତ ପ୍ରକଳ୍ପ ଓ ନୂତନ ପ୍ରକଳ୍ପରେ ସମ୍ପୃକ୍ତ ଜଙ୍ଗଲ ଜମିର ଚୂଡ଼ାନ୍ତ ମଞ୍ଜୁରୀକୁ ତ୍ୱରିତ ଗତିରେ ଓ ସୁଚାରୁ ଭାବେ କରିବା ନିମନ୍ତେ ସମସ୍ତ ପଦକ୍ଷେପ ନିଆଯିବ ବୋଲି ଶ୍ରୀ ସାହୁ କହିଛନ୍ତି।

■ ବେଆଇନ ବନ୍ଧୁକ କାରବାର ଘଟଣା

## ରିମାଣ୍ଡରେ ଯିବେ ୩ ବେପାରୀ

**କଟକ,୧୮।୪ (ସଂଚାର ବ୍ୟୁରୋ) :** କଟକ ବୟାଳିଶ ମୌଜାରେ ବେଆଇନ ବନ୍ଧୁକ କାରବାର ଘଟଣା । ୩ ବନ୍ଧୁକ ବେପାରୀଙ୍କୁ ୨ଦିନିଆ ରିମାଣ୍ଡରେ ଆଣିଲା କ୍ରାଇମବ୍ରାଞ୍ଚର ଏସଟିଏଫ୍ । ମହମ୍ମଦ ଅଜମ ଓରଫ ବୁଧୁ, ମହମ୍ମଦ ଆଲମ୍ , ମହମ୍ମଦ ଅବିଦ ହୁସେନଙ୍କୁ ରିମାଣ୍ଡରେ ଅଣାଯାଇଛି । ଏହି ତିନି ଜଣଙ୍କ ଠାରୁ ଏସ୍‌ଟିଏଫ୍ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଆଦାୟ କରୁଛି। ସେମାନେ ବିହାର ଓ ଓଡ଼ିଶାରେ ବନ୍ଧୁକ ସପ୍ଲାଏ କରିଥିବା ସୂଚନା ମିଳିଛି। ଓଡ଼ିଶାରେ କାହା ସହ ବନ୍ଧୁକ କାରବାର ହୋଇଛି ତାକୁ ନେଇ ଛାନବିନ୍ କରୁଛି ଏସ୍‌ଟିଏଫ୍ । ଏହାସହ ମନି ଟ୍ରେଲ ନେଇ ମଧ୍ୟ ଖୋଳତାଡ କରୁଛି । ଅଧିକ ତଦନ୍ତ ପାଇଁ ବିହାର ଅଭିମୁଖେ ଏସ୍‌ଟିଏଫ୍ ଟିମ୍ । ମାର୍ଚ୍ଚ ୧୩ ତାରିଖରେ କଟକ ବୟାଳିଶମୌଜାରେ ବେଆଇନ୍ ବନ୍ଧୁକ କାରଖାନା ଚାଲିଥିଲା। ସୂଚନା ପାଇବା ପରେ ଏସଟିଏଫ ପକ୍ଷରୁ ଚଢ଼ାଉ କରାଯାଇଥିଲା। ସେଠାରୁ ୩୦ରୁ ଅଧିକ ବନ୍ଧୁକ ଜବତ ହେବା ସହ ୪ ଜଣଙ୍କୁ ଗିରଫ କରାଯାଇଥିଲା । ବନ୍ଧୁକ ସହିତ ବିପୁଳ ପରିମାଣର ବନ୍ଧୁକ ତିଆରି ସାମଗ୍ରୀ ଓ ମେସିନ ଜବତ କରିଥିଲା ପୋଲିସ ।. ଏହି କରବାରର ଚେର ବାୟାଳିଶ ମୌଜା ଧୂଳେଶ୍ୱରରୁ ପଶ୍ଚିମବଙ୍ଗ ଦେଇ ବିହାରକୁ ଲମ୍ବି ଥିବା ପ୍ରାଥମିକ ଭାବରେ ଜଣାପଡ଼ିଥିଲା।

ଜଟିଳ ହେଉଛି ଯାତ୍ରା ବିବାଦ

# କଳାକାର ସଂଘକୁ ପରିଚାଳକଙ୍କ ଚେତାବନୀ

**ଭୁବନେଶ୍ୱର,୧୮।୪(ସଂଚାର ବ୍ୟୁରୋ):** ସମ୍ପ୍ରତି ଯାତ୍ରା କଳାକାର ଓ ମାଲିକଙ୍କ ମଧ୍ୟରେ ବିବାଦ ଚାଲିଥିବା ବେଳେ ଏହା ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ନିକଟରେ ଦୁଇ ଜଣାଶୁଣା ହାସ୍ୟ ଅଭିନେତା ନରି ପଣ୍ଡା ଓ ପ୍ରତାପ ମହାନ୍ତିଙ୍କ ଉପରେ ଭିନ୍ନ ଭିନ୍ନ କାରଣରୁ ଯାତ୍ରା ମାଲିକ ସଂଘ ବୟକଟ୍ ଲାଗୁ କରିଛନ୍ତି। ଏହାକୁ ବିରୋଧ କରି କଳାକାର ସଂଘ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ତୁରନ୍ତ ବୟକଟ୍ ହଟାଇବାକୁ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ସେମାନେ ଆଉ ମଞ୍ଚକୁ ଓହ୍ଲାଇବେ ନାହିଁ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ତେବେ ସେମାନଙ୍କ ଏହି ଧମକର ଜବାବ ଦେଇଛନ୍ତି ଦୁଇ ଯାତ୍ରା ପାର୍ଟିର ପରିଚାଳକ। ସେମାନେ ଯଦିଓ ନରି ଓ ପ୍ରତାପଙ୍କ ଉପରୁ କଟକଣା ହଟାଇବାକୁ ରାଜି ଅଛନ୍ତି, କିନ୍ତୁ ଏଥିପାଇଁ ସେମାନେ ସର୍ତ୍ତ ରଖିଛନ୍ତି।



● କ୍ଷମା ମାଗନ୍ତୁ ବାପି ପଣ୍ଡା
● ବୟକଟ୍ ହଟାଇବାକୁ ରଖିଲେ ସର୍ତ୍ତ

ସେମାନଙ୍କ ସର୍ତ୍ତ ରହିଛି ଯେ କଳାକାର ସଂଘ ମଞ୍ଚକୁ ନ ଓହ୍ଲାଇବା ସକାଶେ ଯେଉଁ ଧମକ ଦେଇଛି, ସେନେଇ ତୁରନ୍ତ କ୍ଷମା ପ୍ରାର୍ଥନା କରିବାର ଦରକାର। ଯଦି ସେମାନେ କ୍ଷମା ମାଗନ୍ତି, ତା'ହେଲେ ଆଗାମୀ ଦିନରେ ନରି ଓ ପ୍ରତାପଙ୍କ ଉପରୁ କଟକଣା ହଟାଇ ସେମାନଙ୍କୁ ପୁଣିଥରେ କୋଳେଇ ନେବୁ, ସମସ୍ତ ବିବାଦର ସମାଧାନ କରିବୁ ବୋଲି ଯାତ୍ରା ମାଲିକ ସଂଘ ଉପସଭାପତି ପବିତ୍ର ପାତ୍ର କହିଛନ୍ତି। ତା'ଛଡ଼ା ପାର୍ବତୀ ଓ ରାଜଧାନୀ ଗଣନାଟ୍ୟର ପରିଚାଳକ କଳାକାରଙ୍କୁ ସିଧା ଚେତାବନୀ ଦେଇଛନ୍ତି। ସେମାନେ କହିଛନ୍ତି ଯେ ଆଜି କ୍ଷମା ନ ମାଗିଲେ ଆସନ୍ତାକାଲି ରଙ୍ଗ ପାଉଡର ମାରିବା ସେମାନଙ୍କ ପାଇଁ ସ୍ୱପ୍ନ ହୋଇଯିବ। ଏଭଳି ଢଙ୍ଗରେ ସେମାନେ ଯାତ୍ରା କର୍ମଚାରୀ କଳାକାର ସଂଘର ଉପଦେଷ୍ଟା ବାପି ପଣ୍ଡାଙ୍କୁ ଚେତାବନୀ ଦେଇଛନ୍ତି।

ପାର୍ବତୀ ଗଣନାଟ୍ୟ ଓ ରାଜଧାନୀ ଅପେରା ପରିଚାଳକ ଜଗତ ଜୀବନ ପଣ୍ଡା କହିଛନ୍ତି ଯେ ବାପି ପଣ୍ଡା ପ୍ରଯୋଜକଙ୍କୁ ଅପମାନିତ କରିଛି। ତେଣୁ ସେ କ୍ଷମା ମାଗିବା ଦରକାର। ମାଲିକଙ୍କୁ ନେଇ କଳାକାର। ଯଦି ମାଲିକ ନ ଥିବେ, ତା'ହେଲେ କଳାକାର କ'ଣ କରିବେ ବୋଲି ସେ ପ୍ରଶ୍ନ ଉଠାଇବା ସହ ଓଡ଼ିଶାର ସଂସ୍କୃତି ଯାତ୍ରାକୁ କେହି ବି ବନ୍ଦ କରିପାରିବେ ନାହିଁ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ବାପି ପଣ୍ଡା ଯାତ୍ରା କର୍ମଚାରୀ କଳାକାର ସଂଘ ଗଠନ କରିବା ସମୟରେ ଯାତ୍ରା ମାଲିକ ସଂଘର ଉପସଭାପତି ପବିତ୍ର ପାତ୍ର ତାଙ୍କୁ ଲକ୍ଷେ ଟଙ୍କା ଦେଇଥିଲେ। ଉକ୍ତ ଅର୍ଥର ଉପଯୋଗରେ ସେ ସବୁ ବର୍ଗର ଲୋକଙ୍କୁ ନେଇ ସଂଘ ଗଠନ କରିବାକୁ ତାଙ୍କୁ କୁହାଯାଇଥିଲା। କିନ୍ତୁ ବାପି ପଣ୍ଡା ହାତଗଣତି କଳାକାରଙ୍କୁ ନେଇ ସଂଘ ଗଢ଼ିଥିଲେ ବୋଲି ଶ୍ରୀ ପଣ୍ଡା କହିଛନ୍ତି। ଏଥିସହ ସେ କହିଛନ୍ତି ଯେ ଯାତ୍ରା ଜଗତ କଦାପି କାହାର ପୈତୃକ ସମ୍ପତ୍ତି ନୁହେଁ। ଏହା ଓଡ଼ିଶା କଳାର ସଂସ୍କୃତି। ବାପି ପଣ୍ଡାଙ୍କ ପରି କେତେ କଳାକାର ଆସିବେ, କେତେ କଳାକାର ଯିବେ, କିନ୍ତୁ ଯାତ୍ରା ସେଇମିତି ରହିଥିବ ବୋଲି ସେ ଦୃଢ଼ତାର ସହ କହିଛନ୍ତି।

# ଖରାଛୁଟିରେ ପିଲାଙ୍କୁ ଦିଆଯିବ ହୋମ୍‌ୱାର୍କ

**ଭୁବନେଶ୍ୱର,୧୮।୪(ସଂଚାର ବ୍ୟୁରୋ):** ଆସନ୍ତା ମେ' ୬ରୁ ସ୍କୁଲରେ ଖରା ଛୁଟି ହେବ। କିନ୍ତୁ ଏହି ସମୟରେ ପିଲାଙ୍କୁ ଦିଆଯିବ ଗୃହକାର୍ଯ୍ୟ (ହୋମୱାର୍କ)। ପିଲାମାନେ ଯେପରି ଛୁଟି ସମୟରେ ପାଠପଢ଼ାରେ ବ୍ୟସ୍ତ ରହିବେ, ସେଥିପାଇଁ ଅଭିଭାବକଙ୍କୁ ସଚେତନ କରାଯିବ। ସେମାନଙ୍କ ପିଲାମାନେ କିପରି ସ୍କୁଲ୍‌ରେ ଦିଆଯାଇଥିବା ଗୃହକାର୍ଯ୍ୟକୁ ଠିକ୍ ସମୟରେ କରିବେ, ତାହା ସେମାନେ ସୁନିଶ୍ଚିତ କରିବେ। ଆବଶ୍ୟକ ସ୍ଥଳେ ଛାତ୍ରଛାତ୍ରୀମାନେ ଶିକ୍ଷକଙ୍କ ସହାୟତା ବି ନେଇପାରିବେ। ସ୍କୁଲ ଛୁଟି ପୂର୍ବରୁ ଶ୍ରେଣୀୱାରୀ ପିଲାଙ୍କ ଅଭିଭାବକଙ୍କ ମୋବାଇଲ୍ ନମ୍ବରକୁ ନେଇ ଏକ ହ୍ୱାଟସ୍‌ଆପ୍ ଗ୍ରୁପ୍ କରାଯିବ। ଏପରି ଯୋଜନା କରିଛି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ। ଆସନ୍ତା ୧୯ ତାରିଖରେ ହେବାକୁ ଥିବା ଅଭିଭାବକ-ଶିକ୍ଷକ ବୈଠକରେ ଏନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ମଧ୍ୟ କରାଯିବ। ବିଦ୍ୟାଳୟ



ଶ୍ରେଣୀୱାରୀ ହ୍ୱାଟ୍ସଆପ୍ ଗ୍ରୁପ୍ କରିବେ ଶିକ୍ଷକ

ଓ ଗଣଶିକ୍ଷା ବିଭାଗର ଏକାଡେମିକ୍ କ୍ୟାଲେଣ୍ଡର ଅନୁଯାୟୀ, ଆସନ୍ତା ମେ ୬ରୁ ଜୁନ୍ ୧୯ ତାରିଖ ଯାଏ ଖରାଛୁଟି ହେବ। ପିଲାମାନେ ଏହି ଖରା ଛୁଟିର ସଦୁପଯୋଗ କରିବେ। ଛୁଟି ଉପଭୋଗ କରିବା ସହ ସେମାନେ ପାଠ୍ୟକ୍ରମ ସହ ସଂଯୁକ୍ତ ରହିବେ। ସେମାନଙ୍କୁ ଯେଉଁସବୁ ଟାସ୍କ ଦିଆଯିବ, ସେସବୁକୁ ଏହି ଛୁଟି ସମୟରେ ପୂରା କରିବେ। ଅଭିଭାବକଙ୍କୁ ଶିକ୍ଷକ ହ୍ୱାଟସ୍‌ଆପ୍ ଜରିଆରେ ଭିଡିଓ ଆଧାରିତ ଶିକ୍ଷଣ କାର୍ଯ୍ୟ ପଠାଇବେ। ଅଭିଭାବକମାନେ ପିଲାଙ୍କୁ ପାଖରେ ବସାଇ ଭିଡିଓ ମାଧ୍ୟମରେ ଆସିଥିବା ପ୍ରଶ୍ନର ଉତ୍ତର ଦେବା ପାଇଁ ଉତ୍ସାହିତ କରିବେ। ସ୍ମାର୍ଟଫୋନ୍ ନ ଥିଲେ ବି କି-ପ୍ୟାଡ୍ ଫୋନ୍ ଜରିଆରେ ଶିକ୍ଷଣ କାର୍ଯ୍ୟ ମେସେଜ୍ କିମ୍ବା ଅଡିଓ ମାଧ୍ୟମରେ ଦିଆଯିବ। ଯଦି କୌଣସି ଅଭିଭାବକଙ୍କର ଫୋନ୍ ନ ଥିବ, ସେମାନେ ପଡ଼ୋଶୀ କିମ୍ବା ସାଙ୍ଗସାଥୀଙ୍କ ସହ ମିଶି ଫୋନ୍‌ରେ ଆସୁଥିବା ଶିକ୍ଷଣ କାର୍ଯ୍ୟର ଅଭ୍ୟାସ କରିବେ। ଖରାଛୁଟିରେ ପିଲାମାନେ କରିଥିବା ଶିକ୍ଷଣ କାର୍ଯ୍ୟ ସ୍କୁଲ ଖୋଲିଲେ ଶିକ୍ଷକଙ୍କ ନିକଟରେ ଦାଖଲ କରିବେ। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଅଭିଭାବକଙ୍କୁ ଉତ୍ସାହିତ କରାଯିବ।

## ପୁଣି ଦନ୍ତା ନେଲା ଜୀବନ

**ହିନ୍ଦୋଳ,୧୮।୪ (ସଂଚାର ବ୍ୟୁରୋ) :** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଅଞ୍ଚଳରେ ଥମିବାର ନାଁ ନେଉନାହିଁ ହାତୀ ଉପଦ୍ରବ । ବାରମ୍ବାର ହାତୀ ଆକ୍ରମଣରେ ଜୀବନ ହାନି ଘଟୁଥିବା ବେଳେ ବନବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନଥିବା ଅଭିଯୋଗ ହୋଇଛି । ତେବେ ଆଜି ହିନ୍ଦୋଳ ବନଖଣ୍ଡ ଖଜୁରିଆକଟା ରେଞ୍ଜ ଗୁଲେହି ପଞ୍ଚାୟତ ବାର୍ଶିଙ୍ଗାକଲଣ୍ଡା ଗ୍ରାମରେ ପୁଣି ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସୂଚନା ମୁତାବକ ଆଜି ସକାଳୁ ଛବି ଦେହୁରୀ କାଜୁ ତୋଳିବାକୁ ଯାଇଥିବା ବେଳେ ଏକ ଦନ୍ତା ହାତୀ ଆକ୍ରମଣର ଶୀକାର ହୋଇଥିଲେ ଏବଂ ଘଟଣାସ୍ଥଳରେ ତାଙ୍କର ପ୍ରାଣବାୟୁ ଚାଲି ଯାଇଥିଲା । ତେବେ ବନବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯିବା ପାଇଁ ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି ।

# ଫସଲ ଅମଳରେ ଦାଉ ସାଧୁଛି କାଳବୈଶାଖୀ

**ଭୁବନେଶ୍ୱର,୧୮।୪:** ରାଜ୍ୟରେ ଜାରି ରହିଥିବା କାଳବୈଶାଖୀ ଏବେ ଉପକୂଳ ଜିଲ୍ଲାର ଚାଷୀମାନଙ୍କ ଫସଲ ଅମଳ ଉପରେ ଦାଉ ସାଧୁଛି । ବିଶେଷକରି ବିରି, ମୁଗ ଭଳି ଡାଲିଜାତୀୟ ଶସ୍ୟ ଅମଳ ଏହାଦ୍ୱାରା ପ୍ରଭାବିତ ହେବାରେ ଲାଗିଛି। ରାଜ୍ୟର କେତେକ ଆଭ୍ୟନ୍ତରୀଣ ଅଞ୍ଚଳ ସହିତ ଉପକୂଳ ଜିଲ୍ଲାରେ କାଳବୈଶାଖୀ ଜାରି ରହିଛି । ଯେଉଁଠାରେ କାଳବୈଶାଖୀ ପ୍ରଭାବରେ ବର୍ଷା ହେଉଛି ସେଠାରେ ପବନ ସହିତ ବର୍ଷାର ପରିମାଣ ଢେର ଅଧିକ ରହୁଛି । ଏପରିକି ବିରି ମୁଗ ଜମିରେ ପାଣି ଜମାହୋଇ ଯାଉଛି। ବର୍ତ୍ତମାନ ଉପକୂଳ ଜିଲ୍ଲାରେ ବିରି, ମୁଗ ଆଦି ଫସଲର ଅମଳ ଋତୁ। ଚାଷୀମାନେ ବିଲରୁ ଏଗୁଡିକୁ ଓପାଡି ଘରକୁ ଆଣିଥାନ୍ତି। ତେବେ କାଳବୈଶାଖୀ ବର୍ଷା ଅନେକ ସ୍ଥାନରେ ଏହି ଫସଲକୁ ନଷ୍ଟଭ୍ରଷ୍ଟ କରିଦେଉଛି। କାରଣ ଚଳିତ କାଳବୈଶାଖୀ ପ୍ରଭାବରେ ବହୁ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ସହିତ କୁଆପଥର ମାଡ ବି ହେଉଛି । ଫଳରେ ବିଲରେ ଥିବା ଶୁଖିଲା ମୁଗ ଓ



ବିରି ଛୁଇଁଗୁଡିକ ନଷ୍ଟ ହୋଇଯାଉଛି। ଯେଉଁଚାଷୀମାନେ ଏଗୁଡିକୁ ଘରକୁ ବୋହି ଆଣିଛନ୍ତି ସେମାନଙ୍କର ଫସଲ କିଛି ମାତ୍ରାରେ ରକ୍ଷା ପାଇଯାଇଥିବାବେଳେ ଟାଣ ଖରା ନବାଜିଲେ ଏହାକୁ ଅମଳ କରିବା ସହଜ ହେବନାହିଁ ବୋଲି ଚାଷୀମାନେ କହୁଛନ୍ତି।

ଅନ୍ୟ ପକ୍ଷରେ ଚାଷୀମାନଙ୍କର ବିକଳିଆ ଅବସ୍ଥା ଦେଖି ଏବେ ବ୍ୟବସାୟୀମାନେ କମ୍ ଦରରେ ମୁଗ, ବିରି ଆଦି ସଂଗ୍ରହ ପାଇଁ ଗାଁ ଗଣ୍ଡାରେ ଡେରା ପକାଇଲେଣି। ଏପରିକି ସୁଯୋଗ ଦେଖି ବିରି ଓ ମୁଗ କିଲୋ ପ୍ରତି ୫୦ରୁ ୫୫ ଟଙ୍କା ଦରରେ ଖରିଦ କରୁଛନ୍ତି। ଧାନ ଭଳି ଏହିସବୁ ଡାଲିଜାତୀୟ ଫସଲର ଦରଧାର୍ଯ୍ୟ କିମ୍ବା ଖରିଦ ବ୍ୟବସ୍ଥା ନଥିବାରୁ ଚାଷୀମାନେ ବାଧ୍ୟହୋଇ ବେପାରୀଙ୍କ ହାତରେ ଟେକି ଦେଉଛନ୍ତି। କାରଣ ବର୍ଷାମାଡିଖିଆ ମୁଗ, ବିରି ଆଦିରେ ପୋକ ଲାଗିବାର ଭୟ ରହୁଥିବା ଚାଷୀମାନେ କହୁଛନ୍ତି। କେବଳ ଡାଲି ଜାତୀୟ ଫସଲ ନୁହେଁ, କାଳବୈଶାଖୀ ପ୍ରଭାବରେ ଚାଷୀମାନଙ୍କ ଖରାଟିଆ ପନିପରିବା ବି ବହୁ ସ୍ଥାନରେ ନଷ୍ଟଭ୍ରଷ୍ଟ ହୋଇଯାଉଛି। ବିଶେଷକରି ପୋଟଳ, ଭେଣ୍ଡି, ଟମାଟୋ, ଝୁଡୁଙ୍ଗ ଆଦି ଫସଲ ପ୍ରବଳ ବର୍ଷାମାଡରେ ନଷ୍ଟହୋଇ ଯାଉଛି। ଅନେକ ସ୍ଥାନରେ କୁଆପଥର ମାଡରେ ନଷ୍ଟ ହୋଇଥିବା ପନିପରିବାକୁ ଚାଷୀମାନେ ବିଲରୁ ସଂଗ୍ରହ କରିବା କଷ୍ଟକର ହୋଇପଡୁଛି। ଚାଷୀମାନଙ୍କ କହିବାକଥା ଯେ ଚଳିତବର୍ଷ କାଳବୈଶାଖୀ ପ୍ରଭାବରେ ବିଭିନ୍ନ ସ୍ଥାନରେ ଯେଭଳି ପ୍ରବଳରୁ ଅତି ପ୍ରବଳ ବର୍ଷା ସହିତ କୁଆପଥର ମାଡ ଓ ପ୍ରବଳ ପବନ ବୋହୁଛି ତାହା ଆଉ କିଛିଦିନ ଜାରି ରହିଲେ ଖରାଦିନିଆ ଫସଲସବୁ ଉଜୁଡିଯିବ ବୋଲି ଆଶଙ୍କା ପ୍ରକାଶ ପାଇଲାଣି। ତେବେ ଡାଲି ଜାତୀୟ ଫସଲ କରିଥିବା ଚାଷୀମାନେ ଯେଭଳି ଉଚିତ୍ ମୂଲ୍ୟ ପାଇବେ, ସେ ଦିଗରେ ସରକାର ପଦକ୍ଷେପ ନେବାକୁ ଚାଷୀମାନେ ଅନୁରୋଧ କରୁଛନ୍ତି। (ତଥ୍ୟ)

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ଜର୍ମାନୀ, ଜାପାନକୁ ଟପିବ ଭାରତ

## ୨୦୪୭ ସୁଦ୍ଧା ଦ୍ୱିତୀୟ ବୃହତ୍ ଅର୍ଥନୀତି

**ନୂଆଦିଲ୍ଲୀ, ୧୮।୪:** ଆସନ୍ତା ୩ ବର୍ଷ ମଧ୍ୟରେ ଭାରତ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି ହେବ। ଜର୍ମାନୀ ଓ ଜାପାନକୁ ଟପିଯିବ। ଏଥିସହିତ ୨୦୪୭ ମସିହା ସୁଦ୍ଧା ଭାରତ ବିଶ୍ୱର ଦ୍ୱିତୀୟ ବୃହତ୍ ଅର୍ଥନୀତିରେ ପରିଣତ ହେବ ବୋଲି ନିତି ଆୟୋଗ ସିଇଓ ବିଭିଆର୍ ସୁବ୍ରମଣ୍ୟମ୍ କହିଛନ୍ତି। ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ସୁବ୍ରମଣ୍ୟମ୍ ଏହା ମଧ୍ୟ କହିଛନ୍ତି ଯେ ଭାରତ ବିଶ୍ୱର ଶିକ୍ଷା କେନ୍ଦ୍ରରେ ପରିଣତ ହୋଇପାରିବ। ଅନ୍ୟାନ୍ୟ ପ୍ରସଙ୍ଗ ସହିତ ସବୁଠୁ ବଡ଼ ସୁବିଧା ହେଉଛି ଏହାର ଗଣତନ୍ତ୍ର। ସଂପ୍ରତି ଭାରତ ବିଶ୍ୱର ପଞ୍ଚମ ବୃହତ୍ ଅର୍ଥନୀତି ଭାବେ ପରିଗଣିତ ହେଉଛି। ଆସନ୍ତାବର୍ଷ ଶେଷବେଳକୁ ଭାରତ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୀତିରେ ପରିଣତ ହେବ। ତାହାର ବର୍ଷକ ପରେ ଭାରତ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି ହେବ ବୋଲି ସୁବ୍ରମଣ୍ୟମ୍ କହିଛନ୍ତି।



ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍ଏଫ୍) ତଥ୍ୟ ଅନୁଯାୟୀ, ଭାରତୀୟ ଅର୍ଥନୀତିର ଆକାର ବର୍ତ୍ତମାନ ୪.୩ ଟ୍ରିଲିଅନ ଡଲାର ରହିଛି। ୨୦୪୭ ସୁଦ୍ଧା ଭାରତୀୟ ଅର୍ଥନୀତିର ଆକାର ୩୦ ଟ୍ରିଲିଅନ ଡଲାର ହେବ ବୋଲି ସୁବ୍ରମଣ୍ୟମ୍ କହିଛନ୍ତି। ନିମ୍ନ ଆୟବର୍ଗର ଦେଶ ତୁଳନାରେ ମଧ୍ୟମ ଆୟବର୍ଗର ଦେଶ ଭିନ୍ନ ସମସ୍ୟା ଦେଇ ଗତି କରନ୍ତି। ଗରିବଙ୍କୁ ଖାଦ୍ୟ କିମ୍ବା ବସ୍ତ୍ରହୀନଙ୍କୁ ବସ୍ତ୍ର ଯୋଗାଇବା ନୁହେଁ ବରଂ କିପରି ଜ୍ଞାନ ଅର୍ଥନୀତିରେ ପରିଣତ ହେବେ ତାହା ମଧ୍ୟମ ଆୟବର୍ଗର ଅର୍ଥନୀତି ଗୁଡ଼ିକର ସମସ୍ୟା ବୋଲି ସେ କହିଛନ୍ତି। ବିଶ୍ୱ ଜନସଂଖ୍ୟା ସଂକୁଚିତ ହେବା ଭଳି ସମସ୍ୟା ବିଶ୍ୱ କେବେ ସମ୍ମୁଖୀନ ହୋଇନାହିଁ। ତାଙ୍କ ମତରେ ଭାରତ ୧୫ ହଜାର ନର୍ସ ଏବଂ ଜର୍ମାନୀ ୨୦ ହଜାର ସ୍ୱାସ୍ଥ୍ୟ କର୍ମୀ ଭାରତରୁ ନେଉଛନ୍ତି। କାରଣ ସେମାନଙ୍କ ପାଖରେ ଆବଶ୍ୟକ ସଂଖ୍ୟକ ଲୋକ ନାହାନ୍ତି ଏବଂ ପାରିବାରିକ ବ୍ୟବସ୍ଥା ସେଠାରେ ଭାଙ୍ଗି ଯାଇଛି। ବିଶ୍ୱକୁ କାର୍ଯ୍ୟ କରୁଥିବା ବୟସ ବର୍ଗର ଲୋକ ଯୋଗାଇବା ଭାରତ ଅବ୍ୟାହତ ରଖିପାରିବ। ଏହା ହେଉଛି ଭାରତର ସବୁଠୁ ବଡ଼ ଶକ୍ତି ବୋଲି ସୁବ୍ରମଣ୍ୟମ୍ କହିଛନ୍ତି।



## ଆଜିର ସୁନା ଦର

ସୁନା ବଜାରରେ ନିଆଁ। ଦିନକୁ ଦିନ ନୂଆ ରେକର୍ଡ କରୁଛି ସୁନା ଦର। ଆଗକୁ ୧ଲକ୍ଷ ୩୦ ହଜାର ଛୁଇଁବା ଅନୁମାନ କରିଛି ବିଦେଶୀ ନିବେଶକ ବ୍ୟାଙ୍କ ଗୋଲଡମ୍ୟାନ୍ ସାଚସ। ଆମେରିକା-ଚୀନ ମଧ୍ୟରେ ବଢୁଥିବା ବାଣିଜ୍ୟ ଯୁଦ୍ଧ ଏବଂ ମାନ୍ଦାବସ୍ଥା ଆଶଙ୍କା ମଧ୍ୟରେ ଏ ବର୍ଷ ସୁନା ଦର ନୂଆ ରେକର୍ଡ କରିପାରେ। ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୪,୯୧୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୮୬ହଜାର ୯୩୮ଟଙ୍କା ଛୁଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୭ ହଜାର ୫୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୯ ହଜାର ୪୫୦ ଟଙ୍କାକୁ ପହଞ୍ଚିଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୭, ୫୮୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୮୯ ,୪୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୭, ୭୩୦ ଟଙ୍କା ଓ ୨୨ କ୍ୟାରେଟ୍ ୮୯,୬୦୦ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୭, ୫୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୮୯,୪୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୭, ୫୮୦ ଓ ୮୯ ,୪୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୦,୦୦୦ ଟଙ୍କା ହୋଇଛି।

# ବିଶ୍ୱର ସବୁଠୁ ମହଙ୍ଗା ବିବାହ ବିଚ୍ଛେଦ



**ନୂଆଦିଲ୍ଲୀ, ୧୮।୪:** ମାଇକ୍ରୋସଫ୍ଟ ପ୍ରତିଷ୍ଠାତା ବିଲ୍ ଗେଟ୍ସ ଓ ତାଙ୍କ ପୂର୍ବତନ ପତ୍ନୀ ମେଲିଣ୍ଡା ଗେଟ୍ସଙ୍କ ମଧ୍ୟରେ ୨୦୨୧ରେ ଘଟିଥିବା ବିବାହ ବିଚ୍ଛେଦ ହେଉଛି ବିଶ୍ୱର ସବୁଠୁ ମହଙ୍ଗା ବିଚ୍ଛେଦ। ଦୀର୍ଘ ୨୭ ବର୍ଷର ବୈବାହିକ ଜୀବନ ବିତାଇବା ପରେ ବିଲ୍ ଓ ମେଲିଣ୍ଡା ପରସ୍ପରଠାରୁ ଅଲଗା ହୋଇଥିଲେ। ଏହି ବିଚ୍ଛେଦରୁ ମେଲିଣ୍ଡାଙ୍କୁ ୧୩,୦୦୦ କୋଟି ଡଲାର (୧୧,୧୦,୪୬୨ କୋଟି ଟଙ୍କା) ମିଳିଛି। ବିବାହ ବିଚ୍ଛେଦ ଲାଗି ଆମେରିକାରେ ୱାସିଂଟନରେ ଆବେଦନ କରାଯାଇଥିଲା। ସେଠାକାର ନିୟମ ଅନୁସାରେ ପତିପତ୍ନୀ ହୋଇ ରହିବା ସମୟରେ ଯେଉଁ ସବୁ ସମ୍ପତ୍ତି ସୃଷ୍ଟି ହୋଇଥାଏ, ତାହାକୁ ଉଭୟଙ୍କ ସମ୍ପତ୍ତି ବିଚାର କରାଯିବ। ବିଚ୍ଛେଦ ସମୟରେ ସବୁ ସମ୍ପତ୍ତିକୁ ସମାନ ଭାବେ ଦୁଇ ଭାଗ କରାଯିବ। ବିଚ୍ଛେଦ ପରେ ମେଲିଣ୍ଡାଙ୍କୁ ଏକ ବିଶାଳ ଘର, ଆମେରିକାର ବିଭିନ୍ନ ରାଜ୍ୟରେ ଥିବା ରିଅଲ ଇଷ୍ଟେଟ୍ ସମ୍ପତ୍ତି, ଏକ ବିଳାସପୂର୍ଣ୍ଣ ଛୁଟି କଟାଇବା ସ୍ଥାନ, ଫାର୍ମ ହାଉସ୍, କର୍ପୋରେଟ୍ ଓ ଆର୍ଥିକ ସମ୍ପତ୍ତି ଓ ମାଇକ୍ରୋସଫ୍ଟର ସେୟାର ମିଳିଛି।

## ଲାଲ୍‌ଚାନ୍ଦ୍‌ର ଅକ୍ଷୟ ତୃତୀୟା ଅଫର

# ସର୍ବନିମ୍ନ ଗଢ଼ା ମଜୁରି, ମାଗଣା ସ୍ୱର୍ଣ୍ଣ ମୁଦ୍ରା

**ଭୁବନେଶ୍ୱର,୧୮।୪:** ପୂର୍ବ ଭାରତର ଅନ୍ୟତମ ଅଗ୍ରଣୀ ଗହଣା ପ୍ରତିଷ୍ଠାନ ଲାଲ୍‌ଚାନ୍ଦ ଜୁଏଲର୍ସ ପକ୍ଷରୁ ଅକ୍ଷୟ ତୃତୀୟା ଅଫର ଆରମ୍ଭ କରାଯାଇଛି। ସମସ୍ତ ୨୨ କ୍ୟାରେଟ୍ ଏଚ୍‌ୟୁଆଇଡି ହଲ୍‌ମାର୍କ୍ଡ୍ ସୁନା ଏବଂ ହୀରା ଗହଣା ଉପରେ ଗ୍ରାମ୍ ପ୍ରତି ମେକିଂ ଚାର୍ଜ ଫ୍ଲାଟ୍ ୯୯୯ ଟଙ୍କା ରଖାଯାଇଛି। ଏହା ସହିତ ନିର୍ଦ୍ଦିଷ୍ଟ ୨୨ କ୍ୟାରେଟ୍ ଏଚ୍‌ୟୁଆଇଡି ସୁନା ଅଳଙ୍କାର ଉପରେ ମେକିଂ ଚାର୍ଜ ଗ୍ରାମ୍ ପିଛା ଫ୍ଲାଟ୍ ୬୯୯ ଟଙ୍କା ରଖାଯାଇଛି। ଏହା ସହିତ ଏକ ଲକ୍ଷ ଟଙ୍କା ମୂଲ୍ୟର ହୀରା ଅଳଙ୍କାର କ୍ରୟ କଲେ ଏକ ସ୍ୱର୍ଣ୍ଣ ମୁଦ୍ରା ମାଗଣା ମିଳିବ ଏବଂ ୨ ଲକ୍ଷ ଟଙ୍କା ମୂଲ୍ୟର ସୁନା ଅଳଙ୍କାର କ୍ରୟରେ ମଧ୍ୟ ଏକ ସ୍ୱର୍ଣ୍ଣ ମୁଦ୍ରା ମାଗଣା ଦିଆଯିବ। ୨୫ ହଜାର ଟଙ୍କାରୁ ଅଧିକ ମୂଲ୍ୟର କ୍ରୟରେ ଗ୍ରାହକ ମାଗଣା ଉପହାର ପାଇବେ। ସେହିପରି ରୁପା ଅଳଙ୍କାର ଗଢ଼ା ମଜୁରିରେ ୫୦% ରିହାତି, ବ୍ରାଣ୍ଡେଡ୍ ରୁପା ସାମଗ୍ରୀ ଉପରେ




୧୫% ରିହାତି ଏବଂ ନିର୍ଦ୍ଦିଷ୍ଟ ହାତଘଣ୍ଟାର ଏମ୍‌ଆର୍‌ପି ଉପରେ ୨୦% ରିହାତି ଘୋଷଣା କରାଯାଇଛି। ଲାଲଚାନ୍ଦ ପୁରୁଣା ଏଚ୍‌ୟୁଆଇଡି ସୁନା ଅଳଙ୍କାର ବଦଳରେ ୧୦୦% ସୁନା ମୂଲ୍ୟ ପ୍ରଦାନ କରୁଛି। ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ୍‌ରେ ଲାଲ୍‌ଚାନ୍ଦ୍ ନିଜର ହୀରା ଅଳଙ୍କାର ସଂଗ୍ରହ "ଆରୋହୀ' ପାଇଁ ଏକ ସ୍ୱତନ୍ତ୍ର ଷ୍ଟୋର୍ ଖୋଲିଛି। ସବୁଠୁ ବଡ଼ କଥା ହେଲା ହୀରା ଅଳଙ୍କାର ମାତ୍ର ୭ ହଜାର ଟଙ୍କାରୁ ଆରମ୍ଭ। ନିରନ୍ତର ବୃଦ୍ଧି ପାଉଥିବା ସୁନା ଦରରୁ ଗ୍ରାହକଙ୍କୁ ସୁରକ୍ଷା ଦେବାପାଇଁ ଲାଲ୍‌ଚାନ୍ଦ୍‌ରେ ରହିଛି ଅଗ୍ରିମ୍ ଗୋଲ୍ଡ ବୁକିଂ ଅଫର। ଯେଉଁଦିନ ଗ୍ରାହକ ଅଳଙ୍କାର କ୍ରୟ କରିବେ, ସେହି ଦିନ ଓ ବୁକିଂ ଦିନର ଦର ମଧ୍ୟରୁ ଯେଉଁଟି କମ୍ ହେବ, ସେହି ଦର ଲାଗୁ ହେବ। ଲାଲ୍‌ଚାନ୍ଦ୍ ଜୁଏଲର୍ସର ପ୍ରତିଷ୍ଠାତା ଅଧ୍ୟକ୍ଷ ସଞ୍ଜୟ ହଂସ କହିଛନ୍ତି ଯେ, ଏପ୍ରିଲ୍, ମେ' ଓ ଜୁନ୍ ମାସ ପାଇଁ ପରବର୍ତ୍ତୀ ଲକ୍ଷପତି ଲକି ଡ୍ର ଜୁଲାଇ ପ୍ରଥମ ସପ୍ତାହରେ ଅନୁଷ୍ଠିତ ହେବ। ଯେଉଁଥିରେ ମେଗା ଲକି ଡ୍ର "ଏମ୍‌ଜି ୱିଣ୍ଡସର' କାର୍‌ର ମଧ୍ୟ ଉଠାଣ ହୋଇ ବିଜେତା ଚୟନ କରାଯିବ।



## ଆଜିର ପେଟ୍ରୋଲ, ଡିଜେଲ ଦର

ଦେଶର କିଛି ସ୍ଥାନରେ ତୈଳ ଦର ସ୍ଥିର ରହିଥିବା ବେଳେ ଅନ୍ୟ କିଛି ସ୍ଥାନରେ ତୈଳଦରରେ ପରିବର୍ତ୍ତନ ହୋଇଛି। ଭୁବନେଶ୍ୱର ପେଟ୍ରୋଲ ଦରରେ ମଧ୍ୟ ନୂଆ ଦର ଜାରି ହୋଇଛି। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧. ୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୧ ଟଙ୍କା ୦୩ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୬୧ ପଇସା ରହିଛି।

## ଟ୍ରମ୍ପଙ୍କ ଟାରିଫ୍ ଯୋଗୁଁ ଦୁର୍ବଳ ହେବ ଅର୍ଥବ୍ୟବସ୍ଥା

# ମାନ୍ଦାବସ୍ଥାର କୌଣସି ଭୟ ନାହିଁ: ଆଇଏମଏଫ୍ ମୁଖ୍ୟ

**ନୂଆଦିଲ୍ଲୀ, ୧୮।୪:** ବୈଶ୍ୱିକ ବଜାରରେ ଅସ୍ଥିରତା ଭିତରେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମଏଫ୍) ମୁଖ୍ୟ କ୍ରିଷ୍ଟାଲିନା ଜର୍ଜିଭା ଏକ ଆଶ୍ୱସ୍ତିକର ଖବର ଦେଇଛନ୍ତି। ସେ କହିଛନ୍ତି ଯେ ଆମେରିକାର ଟାରିଫ୍ ଘୋଷଣା ଦ୍ୱାରା ବୈଶ୍ୱିକ ଅର୍ଥବ୍ୟବସ୍ଥା ଦୁର୍ବଳ ହେବ ଓ ଚଳିତ ବର୍ଷ ଦରବୃଦ୍ଧି ଦେଖିବାକୁ ମିଳିବ। ଏହାସତ୍ତ୍ୱେ ବିଶ୍ୱରେ ମାନ୍ଦାବସ୍ଥାର କୌଣସି ଭୟ ନାହିଁ। ସେ ଏହା ମଧ୍ୟ କହିଛନ୍ତି ଯେ ବଢୁଥିବା ବାଣିଜ୍ୟିକ ତିକ୍ତତା ଓ ବୈଶ୍ୱିକ ବାଣିଜ୍ୟିକ ପ୍ରଣାଳୀରେ ହେଉଥିବା ବଡ଼ ପରିବର୍ତ୍ତନ ଯୋଗୁଁ ଆଇଏମଏଫ୍ ନିଜ ଆର୍ଥିକ ବିକାଶ ହାର ପୂର୍ବାନୁମାନରେ ହ୍ରାସ କରିବ। କିନ୍ତୁ ବିଶ୍ୱରେ ମାନ୍ଦାବସ୍ଥାର କୌଣସି ଆଶଂକା ନାହିଁ। ଆଇଏମଏଫ୍ ପକ୍ଷରୁ ଆଗାମୀ ସପ୍ତାହରେ ଜାରି ହେବାକୁ ଥିବା ଅନୁମାନ ଆଧାରରେ ସେ ଏହି କଥା କହିଛନ୍ତି। ଜର୍ଜିଭା କହିଛନ୍ତି ଯେ ଆମେରିକା ପକ୍ଷରୁ ଲାଗୁ କରାଯାଇଥିବା ନୂଆ ଟାରିଫ୍ ଓ ଚୀନ ତଥା ୟୁରୋପୀୟ ସଂଘର ପକ୍ଷରୁ ପଲଟା ଜବାବ ବୈଶ୍ୱିକ ବାଣିଜ୍ୟିକ



ବ୍ୟବସ୍ଥାକୁ ଦୋହଲାଇ ଦେଇଛି। ଏଥିରେ ବାଣିଜ୍ୟ ନୀତିରେ ଅତ୍ୟଧିକ ଅନିଶ୍ଚିତତା ଓ ଆର୍ଥିକ ବାଜରରେ ଅତ୍ୟଧିକ ଅସ୍ଥିରତା ସୃଷ୍ଟି ହୋଇଛି। ସେ କହିଛନ୍ତି ଯେ ଆମଦାନୀ ଶୁଳ୍କ ବୈଶ୍ୱିକ ବୃଦ୍ଧିକୁ ମନ୍ଥର କରିବ ଓ ମୁଦ୍ରାସ୍ଫୀତି ବଢ଼ିବ କିନ୍ତୁ ଏହା ମାନ୍ଦାବସ୍ଥାର କାରଣ ହେବ ନାହିଁ। ଟାରିଫ୍ ବୃଦ୍ଧି ଅନିଶ୍ଚିତତାର କାରଣ ହେବ, ଯାହା ମହଙ୍ଗା ପଡ଼ିପାରେ। ଯୋଗାଣ ଶୃଙ୍ଖଳା ଜଟିଳତାରୁ ଅନେକ ଦେଶରେ ଭିନ୍ନ ଭିନ୍ନ ବସ୍ତୁର ମୂଲ୍ୟ ପ୍ରଭାବିତ ହୋଇପାରେ। ବାଣିଜ୍ୟିକ ସଂକଟର ପ୍ରଭାବ ତତ୍କାଳ ପଡ଼ିଥାଏ। ଏହାସହ ଆଇଏମ୍ଏଫ୍ ମୁଖ୍ୟ ଆମେରିକା ପ୍ରଶାସନର କିଛି ଚିନ୍ତାଙ୍କୁ ମଧ୍ୟ ଦୋହରାଇଛନ୍ତି। ସେ ସବୁ ଦେଶଙ୍କୁ ଶୁଳ୍କ କମ କରିବା ଓ ବ୍ୟବସାୟରେ ଅନ୍ୟ ଅସୁବିଧାକୁ କମ କରିବା ପାଇଁ ଆହ୍ୱାନ କରିଛନ୍ତି। ଆଇଏମ୍ଏଫ୍ ୨୦୨୫ ଜାନୁଆରୀରେ ୨୦୨୬ ବର୍ଷ ପାଇଁ ବୈଶ୍ୱିକ ବିକାଶ ହାର ୩.୩ ପ୍ରତିଶତ ରହିବା ଅନୁମାନ କରିଥିଲା। ଏବେ ଏହି ବୈଶ୍ୱିକ ସଂସ୍ଥା ମଙ୍ଗଳବାର ନିଜ ନୂଆ ୱାଲର୍ଡ ଇକୋନୋମିକ୍ ଆଉଟଲୁକ୍ ଜାରି କରିବ। ତେବେ ନୂଆ ଅନୁମାନରେ କେତେ ପ୍ରତିଶତ ହ୍ରାସ ହେବ ଜର୍ଜିଭା ତାହା କହିନାହାନ୍ତି। ତେବେ ଏହି ହ୍ରାସ 'ଗୁରୁତ୍ୱପୂର୍ଣ୍ଣ' ହୋଇପାରେ।

## ଟିସିଏସ୍, ଇନ୍‌ଫୋସିସ୍ ଓ ୱିପ୍ରୋରେ ଯୋଡ଼ିହେଲେ ସାଢ଼େ ୧୩ ହଜାର କର୍ମଚାରୀ

**ନୂଆଦିଲ୍ଲୀ,୧୭।୪:** ଭାରତର ପ୍ରମୁଖ ଆଇଟି କମ୍ପାନୀ ଟାଟା କନ୍‌ସଲ୍‌ଟାନ୍ସି ସର୍ଭିସେସ (ଟିସିଏସ୍), ଇନ୍ଫୋସିସ୍ ଏବଂ ଓ୍ୱିପ୍ରୋ ଆର୍ଥିକ ବର୍ଷ ୨୦୨୪ରେ ଦୁଇ ଦଶନ୍ଧୀ ମଧ୍ୟରେ ଏହାର କର୍ମଚାରୀଙ୍କ ସଂଖ୍ୟାରେ ଐତିହାସିକ ହ୍ରାସ ଘଟିଥିବା ବେଳେ ଚଳିତ ଆର୍ଥିକ ବର୍ଷ ୨୦୨୫ରେ ଏହା ୧୩,୫୫୩ କର୍ମଚାରୀଙ୍କୁ ଯୋଡ଼ିଛି। ଆର୍ଥିକ ବର୍ଷ ୨୦୨୪ରେ, ଏହି କମ୍ପାନୀଗୁଡ଼ିକ ମିଳିତ ଭାବରେ କର୍ମଚାରୀଙ୍କ ଅଭାବ ପୂରଣ କରିନଥିଲେ ଏବଂ ୬୩,୭୫୯ କର୍ମଚାରୀଙ୍କୁ ଛଟେଇ କରିଥିଲେ, ଯାହା ଏକକ ଅଙ୍କ କିମ୍ବା ନକାରାତ୍ମକ ରାଜସ୍ୱ ଅଭିବୃଦ୍ଧି ମଧ୍ୟରେ ସେକ୍ଟର-ବ୍ୟାପୀ ନିଯୁକ୍ତି ହ୍ରାସର ଧାରା ପ୍ରତିଫଳିତ କରିଥିଲା। ଆର୍ଥିକ ବର୍ଷ ୨୦୨୫ରେ, ଟିସିଏସ୍ ୬,୪୩୩ କର୍ମଚାରୀଙ୍କୁ, ଇନ୍ଫୋସିସ୍ ୬,୩୮ କର୍ମଚାରୀଙ୍କୁ ଏବଂ ଓ୍ୱିପ୍ରୋର କର୍ମଚାରୀଙ୍କ ସଂଖ୍ୟା ୭୩୨ ବୃଦ୍ଧି ପାଇଥିବା ବେଳେ ଏଚ୍‌ସିଏଲ୍ ଟେକ୍ ଏବଂ ଟେକ୍ ମହିନ୍ଦ୍ରାରର ଆୟ ଘୋଷଣା ଆଗାମୀ ସପ୍ତାହରେ କରାଯାଇପାରେ। କ୍ରମିକ ଆଧାରରେ, ଟିସିଏସ୍ ଯଥାକ୍ରମେ ୬୨୫ ଜଣ, ଇନ୍ଫୋସିସ୍ ୧୯୯ ଜଣ ଏବଂ ଓ୍ୱିପ୍ରୋ ୬୧୪ ଜଣ କର୍ମଚାରୀଙ୍କୁ ଯୋଡ଼ିଛି। ତେବେ ଏନେଇ ସେଣ୍ଟ୍ରମ ବ୍ରୋକିଂର ଲିଡ୍ ଆନାଲିଷ୍ଟ-ଆଇଟି ପୀୟୁଷ ପାଣ୍ଡେ କହିଛନ୍ତି, "ଆମେ କର୍ମଚାରୀ ସଂଖ୍ୟାରେ ବହୁତ ଦୁର୍ବଳ ବୃଦ୍ଧି ଦେଖୁଛୁ, ଯାହା ବର୍ତ୍ତମାନର କ୍ଷୁଦ୍ର ଆର୍ଥିକ ଚ୍ୟାଲେଞ୍ଜକୁ ପ୍ରତିଫଳିତ କରୁଛି।"




# ଭାରତରେ ଟେସଲାର ପ୍ରବେଶ ପୂର୍ବରୁ ମସ୍କଙ୍କ ସହ କଥା ହେଲେ ମୋଦି

**ନୂଆଦିଲ୍ଲୀ,୧୮।୪:** ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟେସଲା ଏବଂ ସ୍ପେସଏକ୍ସର ସିଇଓ ଏଲନ ମସ୍କଙ୍କ ସହ ଏକ ଟେଲିଫୋନିକ ଆଲୋଚନା କରିଛନ୍ତି, ଯେଉଁଥିରେ ଭାରତ ଏବଂ ଯୁକ୍ତରାଷ୍ଟ୍ର ମଧ୍ୟରେ ଟେକ୍ନୋଲୋଜି ଏବଂ ନୂତନତ୍ୱ କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ପାରସ୍ପରିକ ଆଗ୍ରହକୁ ପୁନଃ ନିଶ୍ଚିତ କରାଯାଇଛି। ଏହି ଆଲୋଚନା ଏକ ଏପରି ସମୟରେ ହୋଇଛି ଯେତେବେଳେ ଟେସଲା ଭାରତୀୟ ଇଲେକ୍ଟ୍ରିକ ଗାଡ଼ି ବଜାରରେ ପ୍ରବେଶ କରିବାର ସମ୍ଭାବନା ଅନୁସନ୍ଧାନ କରୁଛି।

ଉଭୟେ ଚଳିତ ବର୍ଷ ଓ୍ୱାଶିଂଟନ ଡିସିରେ ହୋଇଥିବା ସେମାନଙ୍କର ପୂର୍ବ ବୈଠକକୁ ଆଧାର କରି ବିସ୍ତୃତ ବିଷୟ ଉପରେ ଆଲୋଚନା କରିଛନ୍ତି। ଏହି ଆଲୋଚନା ଭାରତର ଦ୍ରୁତ ବିକଶିତ ଟେକ୍ ଇକୋସିଷ୍ଟମ ଏବଂ ମସ୍କଙ୍କର ଅତ୍ୟାଧୁନିକ ନୂତନତ୍ୱ ଉଦ୍ୟୋଗ ମଧ୍ୟରେ ବୃଦ୍ଧି ପାଉଥିବା ସମନ୍ୱୟକୁ ଉଜାଗର କରିଛି। ଏକ୍ସରେ ଏହି ଆଲୋଚନାର ବିବରଣୀ ଶେୟାର କରି ପ୍ରଧାନମନ୍ତ୍ରୀ ମୋଦି ଲେଖିଛନ୍ତି, "ଏଲନ ମସ୍କଙ୍କ ସହ କଥା ହୋଇଛି ଏବଂ ବିଭିନ୍ନ ବିଷୟ ସହିତ ଚଳିତ ବର୍ଷ ଓ୍ୱାଶିଂଟନ ଡିସିରେ ଆମର ବୈଠକ ସମୟରେ ଆଲୋଚିତ ବିଷୟଗୁଡ଼ିକ ଉପରେ କଥା



## ଟେକ୍ନୋଲୋଜି, ଇନୋଭେସନ ଉପରେ ଗୁରୁତ୍ୱ

ହୋଇଛି। ଆମେ ଟେକ୍ନୋଲୋଜି ଏବଂ ନୂତନତ୍ୱ କ୍ଷେତ୍ରରେ ସହଯୋଗର ବିପୁଳ ସମ୍ଭାବନା ବିଷୟରେ ଆଲୋଚନା କରିଛୁ। ଭାରତ ଏହି କ୍ଷେତ୍ରଗୁଡ଼ିକରେ ଯୁକ୍ତରାଷ୍ଟ୍ର ସହ ଆମର ଭାଗିଦାରୀକୁ ଆଗେ ବଢ଼ାଇବା ପାଇଁ ପ୍ରତିବଦ୍ଧ ରହିଛି।"

ପ୍ରଧାନମନ୍ତ୍ରୀ ମୋଦି ଚଳିତ ବର୍ଷ ଫେବୃଆରୀରେ ତାଙ୍କର ଦୁଇ ଦିନିଆ ଯୁକ୍ତରାଷ୍ଟ୍ର ଗସ୍ତ ସମୟରେ ଏଲନ ମସ୍କଙ୍କୁ ଭେଟିଥିଲେ। ସ୍ପେସଏକ୍ସ ସିଇଓ ତାଙ୍କର ତିନି ପିଲା – ଏକ୍ସ, ଷ୍ଟ୍ରାଇଡର ଏବଂ ଆଜୁରଙ୍କ ସହ ଉପସ୍ଥିତ ଥିଲେ। ଏହି ବୈଠକ ସମୟରେ ଇଲୋନ ମସ୍କ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଏକ ଷ୍ଟାରଶିପ ହେକ୍ସାଗୋନାଲ ହିଟଶିଲ୍ଡ ଟାଇଲ ଉପହାର ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କର ଏଲନ ମସ୍କଙ୍କ ସହ ଟେଲିଫୋନିକ ଆଲୋଚନା ଏକ ଏପରି ସମୟରେ ହୋଇଛି ଯେତେବେଳେ ଟେସଲା ନିକଟ ଭବିଷ୍ୟତରେ ମୁମ୍ବାଇ ନିକଟସ୍ଥ ଏକ ବନ୍ଦରକୁ କିଛି ହଜାର ଗାଡ଼ି ପଠାଇ ଭାରତୀୟ ବଜାରରେ ପ୍ରବେଶ କରିବାକୁ ପ୍ରସ୍ତୁତ ହେଉଛି ବୋଲି ରିପୋର୍ଟ ଆସିଛି। ବ୍ଲୁମବର୍ଗର ଏକ ରିପୋର୍ଟ ଅନୁଯାୟୀ, ଯେଉଁ ସୂତ୍ରଗୁଡ଼ିକ ଏହି ବିଷୟରେ ଅବଗତ, ସେମାନେ କହିଛନ୍ତି ଯେ ଆମେରିକୀୟ ଇଲେକ୍ଟ୍ରିକ ଗାଡ଼ି ନିର୍ମାତା କମ୍ପାନୀ ଚଳିତ ବର୍ଷର ତୃତୀୟ ତ୍ରୈମାସିକରେ ମୁମ୍ବାଇ, ଦିଲ୍ଲୀ ଏବଂ ବେଙ୍ଗାଲୁରୁରେ ବିକ୍ରୟ ଆରମ୍ଭ କରିବାକୁ ଯୋଜନା କରୁଛି।

ଟେସଲାର ଭାରତରେ ପ୍ରତୀକ୍ଷିତ ଆଗମନ ନୂଆଦିଲ୍ଲୀ ଏବଂ ଓ୍ୱାଶିଂଟନ ମଧ୍ୟରେ ଆମଦାନୀ ଶୁଳ୍କ ଉପରେ ଚାଲିଥିବା ଆଲୋଚନା ସହ ମଧ୍ୟ ସମନ୍ୱୟ ରଖୁଛି, ଯାହା ଦେଶରେ ଏହି ଗାଡ଼ି ନିର୍ମାତା କମ୍ପାନୀର ଦୀର୍ଘମିଆଦୀ ରଣନୀତିକୁ ଗଢ଼ିବ। ଏହି ପଦକ୍ଷେପ ପ୍ରଧାନମନ୍ତ୍ରୀ ମୋଦିଙ୍କ ଓ୍ୱାଶିଂଟନରେ ମସ୍କଙ୍କ ସହ ପୂର୍ବ ବୈଠକ ଦ୍ୱାରା ଟେସଲାର ଭାରତ ଯୋଜନାରେ ନୂତନ ଗତି ପ୍ରାପ୍ତି ପରେ ଆସିଛି।

## ନାହିଁ ନିଜସ୍ୱ ଘର
# ଏଠି ସେଠି ପାଠ ପଢୁଛନ୍ତି ପିଲା



**ତୁରେକେଲା ,୧୮।୪ (ସଂଚାର ବ୍ୟୁରୋ):** କୋମଳମତି ଶିଶୁଙ୍କ ଶିକ୍ଷାର ବିକାଶ ପାଇଁ ଅଙ୍ଗନବାଡି କେନ୍ଦ୍ର ଖୋଲା ଯାଇଛି । ସରକାର ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । କିନ୍ତୁ କେନ୍ଦ୍ର ପାଇଁ ନିଜସ୍ୱ ଘର ନଥିବାରୁ କୁନିକୁନି ପିଲା ବାର ଜାଗାରେ ବସି ପ୍ରାକ୍ ଶିକ୍ଷା ଗ୍ରହଣ କରୁଛନ୍ତି ।
ଅ-ଆ ଶିଖୁଛନ୍ତି କୁନିକୁନି ପିଲା । ଶିକ୍ଷାଗତ ଜୀବନର ଆରମ୍ଭରେ ବାଟ କଢ଼େଇ ନେଉଛନ୍ତି ଅଙ୍ଗନବାଡ଼ି ଦିଦି । ହେଲେ ଏ ଯାତ୍ରା ଏତେ ସହଜ ନୁହେଁ। ପିଲାମାନେ କେବେ କେଉଁଠି ତାର କୌଣସି ଠିକଣା ନାହିଁ। ତୁରେକେଲା ବ୍ଲକ କମଳାପଡା ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ । ତେଣୁ କେବେ କ୍ଲବ ଘରେ ତ ଆଉ କେବେ ଆଦିବାସୀ କମ୍ୟୁନିଟି ହଲ୍‌ରେ ବସୁଛନ୍ତି ପିଲାମାନେ।
ଶିଶୁମାନେ ବସୁଥିବା ଆଦିବାସୀ କମ୍ୟୁନିଟି ହଲ୍‌ର ଅବସ୍ଥା ମଧ୍ୟ ଭଲ ନାହିଁ । ବର୍ଷାଦିନେ ଛାତରୁ ପାଣି ଗଳି ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବା କହିଛନ୍ତି ଗ୍ରାମବାସୀ । କେନ୍ଦ୍ରଟି ଅସୁରକ୍ଷିତ ଅବସ୍ଥାରେ ଚାଲିଛି। ବିଭିନ୍ନ ସମୟରେ ଏନେଇ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କେହି ଧ୍ୟାନ ଦେଉନାହାନ୍ତି। ଅଙ୍ଗନବାଡ଼ି କେନ୍ଦ୍ରର ଅର୍ଦ୍ଧନିର୍ମିତ ଘରକୁ ସଂପୂର୍ଣ୍ଣ କରୁନଥିବା ଅଭିଯୋଗ ହୋଇଛି ।

## ସକ୍ରିୟ ସଦସ୍ୟ ସମ୍ମିଳନୀରେ ବିକ୍ଷୋଦଗାର
# ବିଡିଓ ଖାଇଛନ୍ତି ବିଜେଡି ବଟିକା




**ବିଞ୍ଝାରପୁର,୧୮।୪(ସଂଚାର ବ୍ୟୁରୋ):** ବିଞ୍ଝାରପୁର ବିଡ଼ିଓ ଖାଇଛନ୍ତି ବିଜେଡ଼ି ବଟିକା। ଲୋକଙ୍କ କାମ କରୁ ନାହାଁନ୍ତି କି ଲୋକଙ୍କ କାର୍ଯ୍ୟ କରୁ ନାହାଁନ୍ତି। ଏବେବି ବିଜେଡ଼ି କଥାରେ ଉଠ ବସ ହେଉଛନ୍ତି ବିଞ୍ଝାରପୁର ବିଡ଼ିଓ। ଏଭଳି କିଛି କହି ସକ୍ରିୟ ସଦସ୍ୟ ସମ୍ମିଳନୀ ରେ ବିଞ୍ଝାରପୁର ବିଡ଼ିଓ ଙ୍କ ଉପରେ ରୋଷ ଝାଡ଼ିଥିଲେ ବିଂଝାରପୁର ନିର୍ବାଚନମଣ୍ଡଳୀ ର ବିଜେପି ନେତୃବୃନ୍ଦ। ବିଞ୍ଝାରପୁର ବ୍ଲକ୍ ଅନ୍ତର୍ଗତ ସିଂହ ପୁର ସ୍ଥିତ ଏକ ମଣ୍ଡପ ରେ ବିଞ୍ଝାରପୁର ବିଜେପି ପକ୍ଷରୁ ସକ୍ରିୟ ସଦସ୍ୟ ସମ୍ମିଳନୀ ଆୟୋଜିତ କରାଯାଇଥିଲା। ପ୍ରାକ୍ତନ ବ୍ଲକ୍ ଅଧକ୍ଷ ପୁରୁଷୋତ୍ତମ ବେହେରା ଙ୍କ ସଭାପତିତ୍ୱ ରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ବିଜେପି ଯାଜପୁର ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରଫୁଲ୍ଲ ଗିରି, ବିଜେପି ନେତ୍ରୀ ବବିତା ମଲ୍ଲିକ, ଜୋନ ସଭାପତି ସଞ୍ଜୟ ପତି, ଶ୍ରୀଧର ଜେନା, ମନୋରଞ୍ଜନ ସାହୁ, ଉତ୍ତମ ଦାସ ଏବଂ ଚିନ୍ମୟୀ ପାଣ୍ଡବ ପ୍ରମୁଖ ମଞ୍ଚାସିନ ଥିଲେ। ତେବେ ଏହି ସକ୍ରିୟ ସଦସ୍ୟ ସମ୍ମିଳନୀ ରେ କିନ୍ତୁ ଦେଖାଯାଇଥିଲା କିଛି ରୋଚକ ଦୃଶ୍ୟ।ବିଂଝାରପୁର ବିଡ଼ିଓ ଙ୍କ ଉପରେ ରୋଷ ଝାଡିଥିଲେ ବିଜେପି ନେତୃବୃନ୍ଦ। ବରିଷ୍ଠ ବିଜେପି ନେତା ଭୁବନାନନ୍ଦ ସାମଲ ଅଭିଯୋଗ କରିଥିଲେ ଯେ ବିଞ୍ଝାରପୁର ରେ ବିକଶିତ ଗାଁ ଏବଂ ବିକଶିତ ଓଡ଼ିଶା ପ୍ରକଳ୍ପ ଚୟନ ରେ ଚଞ୍ଚକତା କରାଯାଉଛି। ବିଡ଼ିଓ ଙ୍କ ଉପସ୍ଥିତିରେ ସାଧାରଣ ଲୋକଙ୍କୁ ଆଶାଳୀନ ବ୍ୟବହାର କରାଯାଉଥିବା ସେ ଅଭିଯୋଗ କରିଛନ୍ତି।ଅନ୍ୟ ମାନଙ୍କ ମାଧ୍ୟମ ରେ ବିଜେପି ନେତା ଅଟଳ ବିହାରୀ ନାୟକ ଅଭିଯୋଗ କରିଛନ୍ତି ଯେ ବିଞ୍ଝାରପୁର ବିଡ଼ିଓ ଲୋକଙ୍କ ହିତରେ ନ ରହି ବିଜେଡ଼ି କର୍ମୀ ଙ୍କ ହିତରେ ଥିବା ଅଭିଯୋଗ କରିଛନ୍ତି।ବିଡ଼ିଓ ବିଜେଡ଼ି ବଟିକା ଖାଇଥିବା କହି ସେ ନିଜର କ୍ଷୋଭ ପ୍ରକାଶ କରିଥିଲେ। ସଂଗଠିତ ହୋଇ ଆଗାମୀ ପଞ୍ଚାୟତ ନିର୍ବାଚନ ରେ ପଞ୍ଚାୟତ ସମିତି ଦଖଲ ପାଇଁ ଲଢେଇ କରିବାକୁ ଦଳୀୟ ନେତୃବୃନ୍ଦ ଆହ୍ୱାନ ଦେଇଥିଲେ। ଦେଶର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅବଦାନ ବିଷୟ ରେ ଆଲୋକପାତ କରିଥିଲେ। ତେବେ ଏନେଇ ବିଜେପି ନେତ୍ରୀ ବବିତା ମଲ୍ଲିକ କହିଛନ୍ତି କର୍ମୀ ମାନେ ଅନୁଭବ କରୁଥିବାରୁ ଏଭଳି କ୍ଷୋଭ ପ୍ରକାଶ କରିଛନ୍ତି।

## ବିଜୁ ଶ୍ରାଦ୍ଧ ଦିବସ ପାଳିତ



**ଜଗତସିଂହପୁର,୧୮।୪(ସଂଚାର ବ୍ୟୁର):** ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଏହି ଅବସର ରେ ପୌର ପରିଷଦ ସମ୍ମୁଖ ରେ ଥିବା ସେହି ମହାନ ଆତ୍ମାଙ୍କ ପାଦ ପଦ୍ମ ରେ ଜିଲ୍ଲାପାଳ ଜେ ସୋନାଲ ପୁଷ୍ପ ଗୁଚ୍ଛ ଅର୍ପଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, ପୌର ନିର୍ବାହୀ ଅଧିକାରୀ ସୀମା ଜେନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା ତଥା ପୌର ପରିଷଦ ର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ସେହି ମହାନ ପୁରୁଷ ଙ୍କ ପ୍ରତିମୂର୍ତ୍ତି ପାଦପଦ୍ମ ରେପୁଷ୍ପ ଗୁଚ୍ଛ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ।

# କୋରେଇ ବିଧାୟକଙ୍କ ମାରାଥନ୍ ଶିଳାନ୍ୟାସ



**ଯାଜପୁର ରୋଡ଼, ୧୮।୪(ସଂଚାର ବ୍ୟୁରୋ):** କୋରେଇ ନିର୍ବାଚନ ମଣ୍ଡଳୀର 'ବିଧାୟକ ଆକାଶ ଦାସନାୟକ' ଜନତା ଜନାର୍ଦ୍ଦନ ମାନଙ୍କ ଲାଗି ବିଭିନ୍ନ ଜନହିତକର କାର୍ଯ୍ୟ ପାଇଁ ନେଉଥିବା ପଦକ୍ଷେପ ବିରୋଧି ଶିବିରର ନିଦ ହଜାଉଅଛି। କୋରେଇ ବ୍ଲକ୍ ଅର୍ନ୍ତଗତ ଗୋଳେଇପୁର ଗ୍ରାମ ପଂଚାୟତରେ ଓଡିଶା ସରକାରଙ୍କ ୭ ଟି ବିଭାଗର ୭ଟି ପ୍ରକଳ୍ପର ଶୁଭ ଭିତିପ୍ରସ୍ତର ସ୍ଥାପନ ଆଜି କରିଛନ୍ତି। ସକାଳ ୧୦ ଘଟିକା ସମୟରେ ଏକ ବିଶାଳ ମଟର ସାଇକେଲ ଶୋଭାଯାତ୍ରାରେ ସୋଲପଟା ଛକ ଠାରୁ ଆସି ରାମପୁର ଶଗଡ଼ି ଠାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ଶାଳପଡା, ରାମପୁର ଶଗଡ଼ି, ଗୋଳେଇପୁର, ସୋତୀ, ଦାମୋଦରପୁର ଠାରୁ ନରପଦା ପର୍ଯ୍ୟନ୍ତ ରାସ୍ତା ନିର୍ମାଣର ଶୁଭ ଭିତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ରାସ୍ତାର ଅଟକଳ ପରିମାଣ ୩ କୋଟି ୨୫ ଲକ୍ଷ ରହିଛି। ପରେପରେ ଶୋଭାଯାତ୍ରାରେ ଯାଇ ବଡତ୍ରିଲୋଚନପୁର ଠାରେ 'ଜଳସଂପଦ ବିଭାଗ' ଖରସ୍ରୋତା ନଦୀର ବାମପାଶ୍ୱର୍ ନଦୀବନ୍ଧର ସୁଦୃଢ଼ୀକରଣର ଶୁଭ ଭିତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ପ୍ରକଳ୍ପର ଅଟକଳ ପରିମାଣ ୮ କୋଟି ୪୭ ଲକ୍ଷ ରହିଛି। ସେଠାରୁ ସେହିପରି ବିଶାଳ ମଟର ସାଇକେଲ ଶୋଭାଯାତ୍ରାରେ ଆସି ମସୁଦପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ନିର୍ମାଣର ଶୁଭ ଭିତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ପ୍ରକଳ୍ପର ପରିମାଣ ୧ କୋଟି ୫ ଲକ୍ଷ ରହିଛି। ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ଗୋଳେଇପୁର ଗ୍ରାମପଂଚାୟତର ସରପଂଚ ସସ୍ମିତା ମାଝୀ, ବରିଷ୍ଠ ନେତା ପିନାକ ରଞ୍ଜନ ଦାସ, କାର୍ତିକ ଚନ୍ଦ୍ର ସାହୁ, ମିର୍ଜା ସବକ୍‌ତୁଲ୍ଲା ବେଗ୍, ସେକ୍ କୋରବାନ୍, ସାନ୍ତନୁ କୁମାର ପଣ୍ଡା, ସତ୍ୟବାନ୍ ପ୍ରଧାନ, ଅନାମ ମହାପାତ୍ର, ଅବଦୁଲ ଜାହିର୍, ଲକ୍ଷ୍ମୀଧର କରଣ, ସୂର୍ଯ୍ୟମଣି ପଣ୍ଡା, ରାକେଶ ଜେନା, ବ୍ରାହ୍ମଣୀଦେବୀ ମଣ୍ଡଳ ସଭାପତି ଅକ୍ଷୟ ନାୟକ, ସୁବାସ ପଣ୍ଡା, ଅଶୋକ ବାରିକ, ଏସ୍.କେ. ଜହର ଅଲ୍ଲୀ, ଭାସ୍କର ସାହୁ, ଖରସ୍ରୋତା ମଣ୍ଡଳ ସଭାପତି, ସତ୍ୟାନନ୍ଦ ମହାପାତ୍ର, ଗୌରପୁର ସରପଂଚ, କୁଳମଣି ସାହୁ, ବିଜୟ ଦତ, ଉଦୟ ପରିଡା, ସଂଯୁକ୍ତା ସାହୁ, ସରପଂଚ-ଜହ୍ନା ଗ୍ରାମ ପଂଚାୟତ, ଜୟନ୍ତୀ ସାହୁ, ପ୍ରହଲ୍ଲାଦ ପଣ୍ଡା, ରାହାସ ମହାନ୍ତି, ବସନ୍ତ କର, ଗୋପାଳ ସାହୁ, ସନ୍ତୋଷ ସ୍ୱାଇଁ, ଅଶୋକ ଦାସ, ହରେକୃଷ୍ଣ ସାହୁ, ପ୍ରଫୁଲ୍ଲ ମାଝୀ ପ୍ରମୁଖଙ୍କ ସମେତ ହଜାର ହଜାର ବିଜେପି କାର୍ଯ୍ୟ କର୍ତାମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ପାତାଳି ଶ୍ରୀକ୍ଷେତ୍ରରେ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



**ସୁବର୍ଣ୍ଣପୁର, ୧୮।୪(ସଂଚାର ବ୍ୟୁରୋ):** ପାତାଳି ଟ୍ରଷ୍ଟ ର ସାଧାରଣ ସମ୍ପାଦକ ଉତ୍ତର କୁମାର ପାତ୍ରଙ୍କ ଅଧକ୍ଷ୍ୟତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ସର୍ବପ୍ରଥମେ ୨୦ତମ ପାତାଳି ମହୋତ୍ସବର ସମୀକ୍ଷା ଏବଂ ଏଥିରେ ସହଯୋଗ କରିଥିବା ସମସ୍ତ କାର୍ଯ୍ୟକର୍ତା, ରାଜନେତା, ପ୍ରଶାସନିକ ଅଧିକାରୀ, ସଂକୀର୍ତନ ମଣ୍ଡଳୀ ଆଦିଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ତାପରେ ଆଗାମୀ ରଥଯାତ୍ରାକୁ ସରସ ସୁନ୍ଦର ଆକର୍ଷଣୀୟ ଓ ଶୃଙ୍ଖଳିତ କରିବା ପାଇଁ ବିଶେଷ ଭାବରେ ଆଲୋଚନା କରାଯାଇଥିଲା। ଏଥିପାଇଁ ଏକ ୭ ଜଣିଆ ରଥ ନିର୍ମାଣ କମିଟି ଗଠନ କରାଯାଇଥିଲା, ଏଥିରେ ସଂଯୋଜକ ଭାବରେ ସତ୍ୟଜିତ ଗଡୁଆ ଏବଂ ସଦସ୍ୟ ଭାବରେ ଧନେଶ୍ୱର ପଧାନ, ଜୈମିନି ନାଏକ, ବୀରମିତ୍ର ପଧାନ, ଗଦାଧର ମେଣ୍ଡିଲି, ପ୍ରମୋଦ ପାତ୍ର, ଉସତ କର୍ଣ୍ଣଙ୍କୁ ମନୋନୀତ କରାଯାଇଅଛି। ପାତାଳି ସେନାର ସମସ୍ତ ସଦସ୍ୟ ରଥ ନିର୍ମାଣ କାର୍ଯ୍ୟରେ ସହଯୋଗ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଆଗାମୀ ଅକ୍ଷୟ ତୃତୀୟା ଦିନ ସେବାୟତ ସଂଘର ପ୍ରସ୍ତୁତି ବୈଠକରେ ରୀତିନୀତି ସମ୍ପର୍କିତ ସମସ୍ତ ବିଷୟ ଆଲୋଚନା କରିବା ପାଇଁ ପ୍ରସ୍ତାବ ଗୃହୀତ କରାଗଲା। ତୃତୀୟ ପର୍ଯ୍ୟାୟରେ ଓଡିଶା ସରକାରଙ୍କ ଦ୍ୱାରା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଭବ୍ୟ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ହେତୁ ମାନ୍ୟବର ବିଧାୟକ ବୀରମହାରାଜପୁର ଇଂ ରଘୁନାଥ ଜଗଦଲାଙ୍କୁ, ଓଡିଶା ସରକାର ତଥା ଜିଲ୍ଲା ପ୍ରଶାସନକୁ ସଭା ତରଫରୁ ଧନ୍ୟବାଦ ଅର୍ପଣ କରାଗଲା। ଆଜିର ବୈଠକକୁ ଟ୍ରଷ୍ଟି ସଦସ୍ୟ ପୂର୍ଣ୍ଣଚନ୍ଦ୍ର ପାଢ଼ୀ ପରିଚାଳନା କରିଥିବା ବେଳେ ସେବାୟତ ସଂଘ ର ଶରଦ ଚାନ୍ଦ, ପବିତ୍ର ନନ୍ଦ, ରବିନାରାୟଣ ପୂଜାରୀ, ଫକୀର ମୋହନ ପାଢ଼ୀ ଏବଂ ବିଭିନ୍ନ ଗ୍ରାମର ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଟ୍ରଷ୍ଟି ସଦସ୍ୟ ଜଗଦିଶ କର୍ଣ୍ଣ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଲୁହା ବୋଝେଇ ଟ୍ରକର ଦୁର୍ଘଟଣା

**ଜୟପୁର,୧୮।୪(ସଂଚାର ବ୍ୟୁର):** ଗାଡି ଓଲଟିଲା ଗାଡି ତଳେ ଚାପି ହୋଇଥିଲେ ଡ୍ରାଇଭର। ଲୁହା ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ। ଗାଡି ତଳେ ଚାପି ହୋଇ ରହିଥିବା ଡ୍ରାଇଭରଙ୍କୁ ୩ ଘଣ୍ଟା ପରେ ଉଦ୍ଧାର କଲା ଅଗ୍ନିଶମ ବାହିନୀ। ଗୁରୁତର ଅବସ୍ଥାରେ ଡ୍ରାଇଭରଙ୍କୁବୈପାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ହେଲପରଙ୍କୁ ଗୋବିନ୍ଦପାଲି ମେଡ଼ିକାଲକୁ ପଠାଯାଇଛି। ସୂଚନାଅନୁଯାୟୀ ଆଜି ପୂର୍ବାହ୍ନ ୧୧ ଟା ସମୟରେ ୩୨୬ ନମ୍ବର ଜାତୀୟ ରାଜପଥ ବୈପାରୀଗୁଡା ଥାନା ଅନ୍ତର୍ଗତ ଲଙ୍ଗଳପାକନା ଘାଟିରେ ଦୁର୍ଘଟଣା। ରାଇଘର ରୁ ତେଲେଙ୍ଗାନା ଯାଉଥିବା ଏକ ଲୁହା ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ। ଦୃଘଟଣା ଫଳରେ ଗାଡି ଟି ସମ୍ପୂର୍ଣ ଓଲଟିପଡ଼ିଥିଲା ଗାଡିର ଚକା ସବୁ ଉପରକୁ ହୋଇଯାଇଥିଲା ଫଳରେ ଗାଡି ତଳେ ଚାପି ହୋଇ ରହିଯାଇଥିଲେ ଡ୍ରାଇଭର। ବିଏସଫ, ଅଗ୍ନିଶମ କର୍ମଚାରି ଙ୍କ ଡ୍ରାଇଭରଙ୍କୁ ୩ ଘଣ୍ଟା ର ପରିଶ୍ରମ ପରେ କଟର ସାହାଯ୍ୟ ରେ ଗାଡି କୁ କୋଟାଯାଇ ଡ୍ରାଇଭର ଙ୍କୁ ଉଦ୍ଧାର କଲା ଅଗ୍ନିଶମ ବାହିନୀ। ଗୁରୁତର ଅବସ୍ଥାରେ ଡ୍ରାଇଭରଙ୍କୁ ବୈପାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏବଂ ଗୁରୁତର ହେଲପରଙ୍କୁ ଗୋବିନ୍ଦପାଲି ମେଡ଼ିକାଲକୁ ପଠାଯାଇଥିଲା।



# କଲେଜ ରାସ୍ତାରେ ଗୁଳିକାଣ୍ଡ: ୧ ଗୁରୁତର, ୨୦ହଜାର ଲୁଟ୍



**ସୁବର୍ଣ୍ଣପୁର,୧୮।୪(ସଂଚାର ବ୍ୟୁର):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ର କଲେଜ ଛକରେ ଗୁରୁବାର ରାତିରେ ଗୁଳିକାଣ୍ଡ ହୋଇଥିବା ବେଳେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଏହି ଘଟଣାକୁ ନେଇ ଡୁଙ୍ଗୁରିପାଲି ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ପ୍ରାଥମିକ ତଦନ୍ତରୁ ଏହା ରାଜପଥ ଲୁଟେରା କାରବାର ବୋଲି ପୁଲିସ ଆଶଙ୍କା କରୁଛି। ଡୁଙ୍ଗୁରିପାଲି କୁଦେଇପଡ଼ାର ଧୀରେନ ଭୋଇ (୩୦) ଓ ସଞ୍ଜୟ ସେଠ(୨୮) ଉଭୟ ରାତି ୮ଟା ୩୦ରେ ବାଇକ୍ ଯୋଗେ ଡୁଙ୍ଗୁରିପାଲି ସହରକୁ ଆସୁଥିଲେ। କଲେଜ ଛକରେ ୨ଟି ବାଇକରେ ମୁଖା ପିନ୍ଧା ଯୁବକ ଆସି ସେମାନଙ୍କୁ ଅଟକାଇ ଥିଲେ। ଦୁର୍ବୃତ୍ତମାନେ ଧୀରେନ ଓ ସଞ୍ଜୟଙ୍କ ମୋବାଇଲ୍ ଛଡ଼ାଇବାକୁ ଉଦ୍ୟମ କରିଥିଲେ। ବିରୋଧ କରିବାରୁ ଧୀରେନଙ୍କ ଉପରକୁ ଗୋଟିଏ ରାଉଣ୍ଡ ଗୁଳି ଚଳାଇଥିଲେ। ଡାହାଣ ଗୋଡ଼ ଜଂଘରେ ଗୁଳି ବାଜିଥିଲା। ସେ ତଳେ ପଡ଼ିଯିବା ପରେ ସଞ୍ଜୟଙ୍କ ସାର୍ଟ ପକେଟ୍‌ରେ ଥିବା ୨୦ ହଜାର ଟଙ୍କା ନେଇ ଦୁର୍ବୃତ୍ତ ଫେରାର ହୋଇଯାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥା ଧୀରେନଙ୍କୁ ସଞ୍ଜୟ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରି ଡୁଙ୍ଗୁରିପାଲି ଡାକ୍ତରଖାନା ରେ ଭର୍ତ୍ତି କରିଥିଲେ। ଖବର ପ୍ରଚାରିତ ହେବାରୁ ଡାକ୍ତରଖାନା ରେ ଲୋକଙ୍କ ଭିଡ଼ ଜମିଥିଲା ଓ ଥାନା ଅଧିକାରୀ ସତ୍ୟ ନାରାୟଣ ପ୍ରଧାନ ସଦଳବଳ ପହଞ୍ଚି ଆହତଙ୍କ ସହ ଆଲୋଚନା କରିଥିଲେ। ଡୁଙ୍ଗୁରିପାଲିରୁ ବିଭିନ୍ନ ଅଞ୍ଚଳକୁ ଯାଇଥିବା ରାସ୍ତାରେ ପୁଲିସ ପାଟ୍ରୋଲିଂ ସହ ଗାଡ଼ି ଯାଞ୍ଚ କରାଯାଇଥିଲା। ଧୀରେନଙ୍କ ପ୍ରାଥମିକ ଚିକିତ୍ସା ପରେ ଜଂଘରୁ ଗୁଳି ବାହାର କରି ପାଇଁ ତାଙ୍କୁ ବୁର୍ଲା ପଠାଯାଇଛି। ସୁବର୍ଣ୍ଣପୁର ଜିଲ୍ଲା ଏସ୍‌ପିଙ୍କୁ ଘଟଣା ନେଇ ଅବଗତ କରାଯାଇଛି। ଶୁକ୍ରବାର ସନ୍ଧାନୀ କୁକୁର, ସାଇଣ୍ଟିଫିକ୍ ଦଳ ଘଟଣାସ୍ଥଳ ଯାଞ୍ଚ କରିବେ। ପନିପରିବା ବିକ୍ରୟ କରୁଥିବା ସଞ୍ଜୟଙ୍କଠାରୁ ଟଙ୍କା ଲୁଟି ଓ ଧୀରେନଙ୍କୁ ଗୁଳି ପଛରେ ପୂର୍ବ ଶତ୍ରୁତା ଦିଗକୁ ବି ପୋଲିସ ଯାଞ୍ଚ ପରିସରଭୁକ୍ତ କରିଥିବା ଥାନା ଅଧିକାରୀ ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି।

## ବିଳମ୍ବରେ ପହଞ୍ଚିଲା ଆମ୍ବୁଲାନ୍ସ, ଆହତ ବ୍ୟକ୍ତିଙ୍କ ମୃତ୍ୟୁ

**ଆନନ୍ଦପୁର,୧୮।୪(ସଂଚାର ବ୍ୟୁରୋ):** ହୋ ହାଲ୍ଲା ପାଟିତୁଣ୍ଡ ତା ସହ କାନ୍ଦ ବୋବାଳିରେ ଫାଟି ପଡୁଛି ପୁରା ପରିବେଶ। ରୁଷ୍ଟ ହୋଇଛନ୍ତି ଲୋକେ । ଆପଣ ଭାବୁଥିବେ ଘଟଣା କ'ଣ କାହିଁକି ଏ ଘୋ ଘା... କଣ ହୋଇଛି ଏଇଠି? ଏ ଘଟଣା ହେଉଛି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟର । ଏଠି ଜଣଙ୍କର ମୃତ୍ୟୁ ହୋଇଯାଇଛି ସେ ବି ପୁଣି କାହାର ଅବହେଳା ଯୋଗୁଁ। ଯେଉଁଥିପାଇଁ ହସ୍ପିଟାଲରେ ସୃଷ୍ଟି ହୋଇଛି ଏଭଳି ପରିବେଶ। ତେବେ ଆସନ୍ତୁ ସମ୍ପୂର୍ଣ୍ଣ ଘଟଣା ବିଷୟରେ ଜାଣିବା। ଦୁର୍ଘଟଣା ସ୍ଥଳରେ ବିଳମ୍ବରେ ପହଞ୍ଚିଲା ଆମ୍ବୁଲାନ୍ସ । ଯେଉଁଥିପାଇଁ ଆହତ ବ୍ୟକ୍ତି ଜଣଙ୍କର ମୃତ୍ୟୁ ଘଟିଛି । ଏକଥା ଆମେ କହୁନୁ ଏକଥା ଖୋଦ ମୃତକଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି । ଏହି ଘଟଣାକୁ କେନ୍ଦ୍ରକରି ମୃତକଙ୍କ ପରିବାର ଓ ଆମ୍ବୁଲାନ୍ସ କର୍ମଚାରୀଙ୍କ ଭିତରେ ହୋଇଥିଲା ପାଟିତୁଣ୍ଡ । ଆନନ୍ଦପୁର ଥାନା ଚକ୍ରତୀର୍ଥରୁ ନିଜ ଘର ପୁରୁଣା ଘାଟି ଫେରୁଥିବା ସମୟରେ କିଷାନ ପ୍ରଧାନ ନାମକ ଜଣେ ବ୍ୟକ୍ତିଙ୍କ ବାଇକ ସ୍ଲିପ ହୋଇଯିବାରୁ ସେ ଦୁର୍ଘଟଣାର ଶିକାର ହୋଇଥିଲେ। ଯାହାପରେ ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ । କିନ୍ତୁ ଆମ୍ବୁଲାନ୍ସ ଘଟଣାସ୍ଥଳକୁ ନଯାଇ ନିକଟସ୍ଥ ତରତରା ଛକରେ ଗାଡି ରଖି ଦୀର୍ଘ ସମୟ ଧରି ଛିଡା ହୋଇ ରହିଥିବା ଅଭିଯୋଗ କରିଛନ୍ତି ମୃତକଙ୍କ ସମ୍ପର୍କୀୟ । ପରେ ସେଠାରୁ ଗୁରୁତରଙ୍କୁ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ ପରିବାର ଲୋକେ ।

## ଚୋରା କୋଇଲା ଖଣି ସ୍ଥିତି ପରଖିଲେ ଖଣି,ଜଙ୍ଗଲ ମନ୍ତ୍ରୀ



**ସୁନ୍ଦରଗଡ଼,୧୮।୪(ସଂଚାର ବ୍ୟୁରୋ):** ଏପ୍ରିଲ ୧୮ ତାରିଖ ଶୁକ୍ରବାର ଦିନ ଅପରାହ୍ନ ୧ ଟା ସମୟରେ ରାଜ୍ୟ ସରକାରଙ୍କ ଇସ୍ପାତ, ଖଣି, ବାଣିଜ୍ୟ, ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଓ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ବୀମା ମନ୍ତ୍ରୀ ଗଣେଶ ରାମ ଖୁଣ୍ଟିଆ ପହଞ୍ଚି ଜଙ୍ଗଲ ଭିତରେ ଚୋରା କୋଇଲା ଖଣିର ସ୍ଥିତି ଦେଖିଛନ୍ତି। ଗୋପାଳପୁର ଏମ ସି ଏଲ ନିକଟସ୍ଥ ରତନ ସରା, ତେଲେନଡିହି, ଭୋଗ୍ରାକଛାର ଜଙ୍ଗଲ ଭିତରେ ଦୀର୍ଘ ବର୍ଷରୁ ବେଆଇନ ଭାବେ ଚାଲିଥିବା କୋଇଲା ଖନନ ଓ ହଜାର ହଜାର ଟନ୍ କୋଇଲା ଲୁଟ୍ ର ବାସ୍ତବ ସ୍ଥିତି ଦୁଇ ମନ୍ତ୍ରୀ ପହଞ୍ଚି ବୁଲି ବୁଲି ଦେଖିଛନ୍ତି। ତାଙ୍କ ସହିତ ବିରମିତ୍ରପୁର ବିଧାୟକ ଦୁର୍ଗା ଚରଣ ତନ୍ତୀ, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଓ ବିଭାଗୀୟ ସଚିବ ମାନେ ପହଞ୍ଚି ଚୋରା କୋଇଲା ଖଣିର ଅନୁଧ୍ୟାନ କରିଛନ୍ତି। ବନ ବିଭାଗ, ଖଣି ବିଭାଗ ପ୍ରଶାସନ ଓ ପୋଲିସର ଆଖି ଆଗରେ ଧୂଳି ଦେଇ ବର୍ଷ ବର୍ଷ ଧରି କୋଇଲା ଚୋରାଚାଲାଣ ହେଉଥିଲା। ବିଭିନ୍ନ ଗଣ ମାଧ୍ୟମରେ ଲଗାତାର ଖବର ପ୍ରକାଶିତ ହେବା ପରେ ପୂର୍ବତନ ବିଧାୟିକା କୁସୁମ ଟେଟେ ଓ ବିଧାନସଭା ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ ମୁଖ୍ୟ ମନ୍ତ୍ରୀ ଙ୍କୁ ଚିଠି ଲେଖି ଜଣାଇଥିଲେ, ପରେ ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂ ସିବିଆଇ ତଦନ୍ତ ଓ ପୂର୍ବତନ ବାଚସ୍ପତି କିଶୋର ଚନ୍ଦ୍ର ପଟେଲ ବିଚାର ବିଭାଗୀୟ ତଦନ୍ତ ଦାବି କରିଥିଲେ। ଏସବୁକୁ ଭିତ୍ତି କରି ରାଜ୍ୟ ସରକାର ତଥା ମୁଖ୍ୟ ମନ୍ତ୍ରୀ ଙ୍କ ନିର୍ଦ୍ଦେଶରେ ଦୁଇ ମନ୍ତ୍ରୀ ଚୋରା କୋଇଲା ଖଣି ଅଞ୍ଚଳକୁ ପହଞ୍ଚି ତଦନ୍ତ କରିଛନ୍ତି। କୋଇଲା ଲୁଟ୍ ଅଭିଯୋଗରେ ସ୍ଥାନୀୟ ଅଞ୍ଚଳର ଶ୍ରମିକ ଶ୍ରେଣୀର ୪ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି ହେଲେ ମୁଖ୍ୟ ଆସାମୀ ବର୍ତ୍ତମାନ ପର୍ଯ୍ୟନ୍ତ ଧରା ପଡ଼ି ନାହାଁ। ଏଠାରେ ଆହୁରି ତଦନ୍ତ ର ଆବଶ୍ୟକତା ରହିଛି ଏବଂ ବେଧଡକ କୋଇଲା ଚୋରୀଚାଲାଣ କରୁଥିବା ମୁଖ୍ୟ ଆସାମୀଙ୍କ ବିରୁଦ୍ଧରେ ଆମ ସରକାର ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଖଣି ମନ୍ତ୍ରୀ ବିଭୂତି ଭୁଷଣ ଜେନା ପ୍ରତିକ୍ରିୟା ଦେଇଛନ୍ତି ।

## କାଳବୈଶାଖୀ ପ୍ରଭାବରେ ନୀଳଗିରିର ବିଭିନ୍ନ ସ୍ଥାନରେ କ୍ଷୟକ୍ଷତି ଗଛପଡ଼ି ରାସ୍ତାଜାମ

**ନୀଳଗିରି,୧୮।୪ (ସଂଚାର ବ୍ୟୁରୋ):** ଶୁକ୍ରବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ନୀଳଗିରି ଉପଖଣ୍ଡର ବିଭିନ୍ନ ସ୍ଥାନରେ ଗଛ ଉପୁଡ଼ି ପଡ଼ିବା, ଡାଳ ଭାଙ୍ଗିବା ଏବଂ ବିଦ୍ୟୁତ ତାର ଛିଣ୍ଡିଯିବା ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ସୂଚନା ଅନୁଯାୟୀ ନୀଳଗିରି ରାଜାବଗିଚା ଅଞ୍ଚଳରେ ବିଦ୍ୟୁତାର ଛିଣ୍ଡି ଯିବାରୁ ଅଳ୍ପକେ ଅନେକ ଧନଜୀବନ ରକ୍ଷା ପାଇଯାଇଛି। ସେହିପରି ବଣସିମା ଅଞ୍ଚଳରେ ବିଭିନ୍ନ ସ୍ଥାନରେ ଡାଳଭାଙ୍ଗିବା ଏବଂ ଗଛ ଉପୁଡ଼ି ପଡ଼ିଥିବା ଦେଖାଯାଇଛି। ଔପଦା ବ୍ଲକ୍ ବାଉଁଶବଣିଆ ଅଞ୍ଚଳର ଜଗନ୍ନାଥ ମହାରଣାଙ୍କ ଘର ଉପରେ ଏକ ବିରାଟ ନିମ୍ବଗଛ ଉପୁଡ଼ି ପଡ଼ିବା ଫଳରେ ତାଙ୍କର ଗେଟ ଉପରେ ପଡ଼ି କୋଠା ଉପରେ ଲଟକି ରହିଥିବା ଦେଖାଯାଇଛି। ଅନୁରୂପ ଭାବେ ମାନଗଡ଼ ଛକ ଉପରେ ଏକ କଦମ୍ବ ଗଛ ଉପଡ଼ି ରାସ୍ତା ଅବରୋଧ କରି ରଖିଥିବା ଜଣାଯାଇଛି। ଏତଦ୍ ଭିନ୍ନ ବିଭିନ୍ନ ସ୍ଥାନରେ ବିଦ୍ୟୁତତାର ଛିଣ୍ଡି ଯାଇଥିବା କାରଣରୁ ନୀଳଗିରି ଅଞ୍ଚଳ ସମ୍ପୂର୍ଣ୍ଣ ଅନ୍ଧକାର ହୋଇପଡ଼ିଥିବା ଜଣାଯାଇଛି। ଦମକଳବାହିନୀ ଅଧିକାଂଶ ଘଟଣା ସ୍ଥଳରେ ପହଞ୍ଚି ରାସ୍ତାରୁ ଗଛକାଟି ଥିବା ବେଳେ ଏବେବି ଅଧିକାଂଶ ସ୍ଥାନରେ ଗଛ ପଡ଼ିରହିଥିବା ସୂଚନା ମିଳିଛି।



# ଆଡ଼ିବନ୍ଧ ନିର୍ମାଣ ଭେଳିକି: ୫ ଯୋଜନାରେ ୯୬ ଲକ୍ଷ ଚଳୁ

**କଳାହାଣ୍ଡି,୧୮।୪ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲାରେ ବାହସ୍ପଟ ମାରୁଥିବା ପୂର୍ବ ବିଜେଡି ସରକାରଙ୍କ ଏକ ମିଛ ଯୋଜନା ଏବେ ପଦାକୁ ଆସିଛି। ନିର୍ବାଚନ ପୂର୍ବରୁ ଭୋଟ ହାତେଇବା ପାଇଁ ବିଜେଡି ସରକାରରେ ସର୍ବେସର୍ବା ଥିବା ପୂର୍ବ ୫ଟି ସଚିବ ଭି.କେ ପାଣ୍ଡିଆନ ଚପ୍ରିଆ ଓ ଖଳିଆପାଲି ପଞ୍ଚାୟତର ଚାଷୀଙ୍କୁ ଠକିଦେଲେ। ପଖାନଦର ନାଲାରେ ୫ଟି ଯୋଜନାରେ ୯୬ ଲକ୍ଷ ଟଙ୍କାର କରିଦେଲେ ମିଛ ପ୍ରକଳ୍ପ। ଲୋକଙ୍କୁ ଭୂଆଁ ବୁଲାଇବା ପାଇଁ ସରକାରୀ ଦପ୍ତରରୁ କେବଳ ଆସିଲା ଚିଠି, ହେଲେ ନା ହେଲା ବ୍ୟୟ ବରାଦ, ନା ନିର୍ମାଣ ହେଲା ଆଡିବନ୍ଧ ! କେବଳ ପ୍ରତିଶ୍ରୁତି ପାଲଟିଲା ସହାନୁଭୂତି। କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଚମ୍ପିଆ ଓ ଖଳିଆପାଲି ପଞ୍ଚାୟତର ଚାଷୀଙ୍କ ନିମନ୍ତେ ୧୯୭୫-୭୬ ମସିହାରେ ପଖାନଦର ଠାରେ କଳାହାଣ୍ଡି ମୃତ୍ତିକା ଓ ଜଳ ସଂରକ୍ଷଣ ବିଭାଗ ପକ୍ଷରୁ ଏକ ଜଳ ଅମଳ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ଏଥିରେ ଦୁଇଟି ପଞ୍ଚାୟତର ୭୦୦ ଏକର ଜମିରେ ଜଳ ସେଚନ ହୋଇ ଅନେକ ଚାଷୀମାନେ ଉପକୃତ ହୋଇପାରୁଥିଲେ। କିନ୍ତୁ ଏହା ଭାଙ୍ଗି ଯିବାରୁ ପୁନର୍ବାର ୧୯୮୯-୯୦ ମସିହାରେ ପୁନର୍ବାର ନିର୍ମାଣ କରାଯାଇଥିଲା। ହେଲେ ନିମ୍ନମାନର କାମ ଯୋଗୁଁ ତାହା ମଧ୍ୟ ଭାଙ୍ଗିଗଲା। ପ୍ରକଳ୍ପଟି ଭଗ୍ନ ଅବସ୍ଥାରେ ଥିବାରୁ ଜଳ ସେଚନର ଅଭାବରୁ ଚାଷୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ପୁନଃ ଉଦ୍ଧାର ପାଇଁ ୨୦୨୩ ମସିହାରେ ପୂର୍ବ ବିଜେଡି ସରକାର ଓ ସେହି ସମୟର ବିଜେଡିର ପାୱାରଫୁଲ ନେତା ଭି.କେ ପାଣ୍ଡିଆନଙ୍କୁ ଚାଷୀମାନେ ଲିଖିତ ଅନୁରୋଧ କରିଥିଲେ। ଗତ ୨୦୨୪ ମସିହା ଫେବୃଆରୀ ୬ ତାରିଖରେ କଳାହାଣ୍ଡି ମୃତ୍ତିକା ସଂରକ୍ଷଣ ଉପନିର୍ଦ୍ଦେଶକ ତଥା ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକଠାରୁ ଏକ ସରକାରୀ ଚିଠି ଗ୍ରାମବାସୀଙ୍କୁ ହସ୍ତଗତ ହୋଇଥିଲା। ଏହି ଚିଠିରେ ଜନ ଶୁଣାଣି ଶିବିରରେ ୫ଟି ସଚିବ ଭି.କେ ପଣ୍ଡିଆନଙ୍କୁ ଦେଇଥିବା ଅଭିଯୋଗ ପତ୍ରଟି ହସ୍ତଗତ ହୋଇଛି ଏବଂ ଏହି ପ୍ରକଳ୍ପର ଅଟକଳ ୯୬ ଲକ୍ଷ ଟଙ୍କା ରଖାଯାଇଛି। ଏହାର ଅନୁମୋଦନ ନିମନ୍ତେ ଭୁବନେଶ୍ୱର କୃଷି ବିଭାଗର ମୁଖ୍ୟ ଯନ୍ତ୍ରୀ ଓ ମୃତ୍ତିକା ସଂରକ୍ଷଣ ଏବଂ ଜଳ ବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକଙ୍କୁ ପଠା ଯାଇଛି ବୋଲି ଜଳ ପ୍ରକଳ୍ପ ନିର୍ଦ୍ଦେଶକ ଗ୍ରାମବାସୀଙ୍କୁ ଚିଠି କରିଥିଲେ। ଏହି ଚିଠି ପାଇ ୧୩ ମାସ ବିତିଯାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ କୌଣସି ଅର୍ଥ ବ୍ୟୟବରାଦ କରାଯାଇ ନାହିଁ କି କୌଣସି ପ୍ରକଳ୍ପ ଆରମ୍ଭ ହୋଇନାହିଁ। ସତରେ କଣ ଏହି ପ୍ରକଳ୍ପର ଯୋଜନା ହୋଇଥିଲା ନା ଚାଷୀଙ୍କୁ ଭୋଟ ହାତେଇବା ପାଇଁ ଏକ ଗଲାବାଟ ତିଆରି କରିଥିଲେ ବିଜେଡି ସରକାର। ବର୍ତ୍ତମାନ ରାଜ୍ୟରେ ସରକାର ବଦଳିଛି। ବିଜେପି ସରକାର ଚାଷୀଙ୍କ ଦୁଖକୁ ଲାଘବ କରି ବିଜେଡି ସରକାର ଠକି ଥିବା ପ୍ରୋଜେକ୍ଟକୁ ବିଜେପି ସରକାର କିଭଳି ହାତକୁ ନେଇ ଆଡିବନ୍ଧ ନିର୍ମାଣ କରୁଛି ତାହା ଦେଖିବାକୁ ବାକି ରହିଲା।



## ଘର ପୋଡି କ୍ଷତିଗ୍ରସ୍ତଙ୍କୁ ମିଳିଲା ସହାୟତା

**ଧରାକୋଟ,୧୮।୪(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଧରାକୋଟ ବ୍ଲକର ବାହାରପୁର ପଞ୍ଚାୟତର ଡାକିବଜା ଗ୍ରାମରେ ଶଟ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟି ୧୦ଟି ପରିବାରର ୧୧ ବଖରା ପୋଡି ଯାଇଥିଲା। ଏହି କ୍ଷତିଗ୍ରସ୍ତ ପରିବାରଙ୍କୁ ଶୁକ୍ରବାର ସହାୟତା ବଣ୍ଟନ କରାଯାଇଛି। ଘଟଣାସ୍ଥଳରେ ବ୍ଲକ ଅଧ୍ୟକ୍ଷା ସୁଲକ୍ଷଣା ଗୀତାଞ୍ଜଳି ଦେବୀ ପହଞ୍ଚି କ୍ଷତିଗ୍ରସ୍ତ ପରିବାରକୁ ଖାଦ୍ୟ, ଲୁଗାପଟା ସହ ଆର୍ଥିକ ସହାୟତା ଦେଇଛନ୍ତି। ଧରାକୋଟ ରାଜସ୍ୱ ନିରୀକ୍ଷକ ମନୋଜ ମାଝି, ଅମିନ ନିରଞ୍ଜନ ଶବର ଓ ଦେବୀ ପ୍ରସାଦ ନାହାକ ଗ୍ରାମରେ ପହଞ୍ଚି କ୍ଷୟକ୍ଷତି ଆକଳନ କରି ସମସ୍ତ ପରିବାରକୁ ପଲିଥିନ ଯୋଗାଇ ଦେଇଛନ୍ତି।



# ବିଜ୍ଞାନ





# ସାମୁଦ୍ରିକ ଡ୍ରୋନ୍ ପ୍ରତିରକ୍ଷାର ନୂଆ ପ୍ରହରୀ



ଭବିଷ୍ୟତରେ ସାମୁଦ୍ରିକ ସୀମାକୁ 'ଘୋଷ୍ଟ ସାର୍କ' ଓ 'ମାଣ୍ଟା ରେ' ପରି ଅତ୍ୟାଧୁନିକ ଡ୍ରୋନ୍ ସୁରକ୍ଷା ଯୋଗାଇବେ ବୋଲି ବିଶ୍ୱସ୍ତରରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଏହା ସିନେମାର କାହାଣୀ ପରି ମନେହେଉଥିଲେ ହେଁ ବାସ୍ତବରେ ଅଷ୍ଟ୍ରେଲିଆ ଓ ଆମେରିକା ଦୁଇଟି ସମୁଦ୍ରତଳଗାମୀ ମାନବବିହୀନ ଯାନ (ଡ୍ରୋନ୍) ନିର୍ମାଣ କରିଛନ୍ତି, ଯାହା ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ପ୍ରତିରକ୍ଷା କ୍ଷେତ୍ରରେ ବୈପ୍ଳବିକ ସାବ୍ୟସ୍ତ ହେବ ବୋଲି ଦାବି କରାଯାଉଛି।

ପ୍ରତିରକ୍ଷା ବିଶେଷଜ୍ଞମାନଙ୍କ କହିବାନୁଯାୟୀ, ଭବିଷ୍ୟତରେ ସାମୁଦ୍ରିକ ସୀମାର ସୁରକ୍ଷା ଲାଗି ଏହି ଡୁବନଶୀଳ ଡ୍ରୋନ୍‌ଗୁଡ଼ିକ ନିର୍ଣ୍ଣାୟକ ଅସ୍ତ୍ର ଭାବେ ଉଭା ହୋଇପାରନ୍ତି। ଏହାର ବ୍ୟବହାର ଦ୍ୱାରା ଯୁଦ୍ଧକାଳରେ ମାନବ ଜୀବନ ପ୍ରତି ବିପଦ ହ୍ରାସ ହେବ ଓ ଶକ୍ତି ପ୍ରୟୋଗର କ୍ଷମତା ବଢ଼ାଯାଇପାରିବ। ଉଲ୍ଲେଖଯୋଗ୍ୟ, ଆକାଶମାର୍ଗ ଯୁଦ୍ଧରେ ଡ୍ରୋନ୍‌ର ବ୍ୟବହାର ଅତି ସାଧାରଣ କଥା ହୋଇଗଲାଣି। ୧୯୯୦ ଦଶକରୁ ଇରାକ ଓ ଆଫଗାନିସ୍ତାନ ବିରୋଧରେ ଆମେରିକା ପକ୍ଷରୁ ଡ୍ରୋନ୍‌ର ବହୁଳ ବ୍ୟବହାର ହୋଇଥିଲା। ଚଳିତ ରୁଷିଆ-ୟୁକ୍ରେନ୍ ଯୁଦ୍ଧରେ ଉଭୟ ପକ୍ଷ ପାଇଁ ନୂତନ ତଥା ଶସ୍ତା ଡ୍ରୋନ୍ ହିଁ ସାମରିକ ସରଞ୍ଜାମର ପ୍ରମୁଖ ଅଂଶ ହୋଇଛି। ସାଧାରଣତଃ ଆକାଶମାର୍ଗରୁ ଓ ସ୍ଥଳଭାଗରୁ ସମୁଦ୍ର ଉପରେ ଆକ୍ରମଣ କରୁଥିବା ଡ୍ରୋନ୍‌ଗୁଡ଼ିକୁ ଆଲୋକ ଓ ବେତାର ତରଙ୍ଗ ଦ୍ୱାରା ନିୟନ୍ତ୍ରଣ କରିହୁଏ। ମାତ୍ର ଗଭୀର ପାଣି ଭିତରେ ଡ୍ରୋନ୍‌ଗୁଡ଼ିକୁ ସେହି ପ୍ରକ୍ରିୟାରେ ନିୟନ୍ତ୍ରଣ କରିବା ସମ୍ଭବ ନୁହେଁ। କିନ୍ତୁ ଅଷ୍ଟ୍ରେଲିଆ ଗତମାସରେ ନୂଆ ପ୍ରଯୁକ୍ତିରେ ନିର୍ମିତ 'ଘୋଷ୍ଟ ସାର୍କ' ଡ୍ରୋନ୍ ଉନ୍ମୋଚନ କରିଛି। ଏହାକୁ ଦୁନିଆର ସବୁଠୁ ଉନ୍ନତ ସମୁଦ୍ରତଳଗାମୀ ସ୍ୱୟଂଚାଳିତ ଯାନ ଭାବେ ବିବେଚନା କରାଯାଉଛି। ତେବେ ସୁରକ୍ଷା ଦୃଷ୍ଟିରୁ ତାହାର ସବିଶେଷ ବୈଶିଷ୍ଟ୍ୟ ପ୍ରକାଶ କରାଯାଇନାହିଁ। ସେହିପରି ଆମେରିକା ନିର୍ମିତ 'ମାଣ୍ଟା ରେ'ର ସଫଳ ପରୀକ୍ଷଣ ମଧ ଗତ ଫେବ୍ରୁଆରି ଓ ମାର୍ଚ୍ଚରେ ଦକ୍ଷିଣ କାଲିଫର୍ଣ୍ଣିଆ ଉପକୂଳରେ ସଂପନ୍ନ ହୋଇଯାଇଛି। ଏଣେ ଚୀନ୍ ମଧ ୫ଟି ଅନୁରୂପ ଡ୍ରୋନ୍ ଗୋପନରେ ବିକଶିତ କରିଥିବା ଘଟଣା ଆମେରିକା ପାଇଁ ଚିନ୍ତାର ବିଷୟ ହୋଇଛି।

ତେବେ ଅଷ୍ଟ୍ରେଲିଆ, ଆମେରିକା ଓ ଚୀନ୍ ବ୍ୟତୀତ କାନାଡା, ଫ୍ରାନ୍ସ, ଭାରତ, ଇରାନ, ଇସ୍ରାଏଲ୍, ଉତ୍ତରକୋରିଆ, ନରୱେ, ରୁଷିଆ, ଦକ୍ଷିଣ କୋରିଆ, ୟୁକ୍ରେନ୍ ଓ ୟୁନାଇଟେଡ୍ କିଙ୍ଗଡମ୍ ପରି ଦେଶ ମଧ ଡୁବନଶୀଳ ଡ୍ରୋନ୍‌ର ପରୀକ୍ଷାନିରୀକ୍ଷା ଚଳାଇଛନ୍ତି।



# ବିକାଶର ବାହକ ଡିଜିଟାଲ୍ ସଂଯୋଗ

**ପ୍ରତି ବର୍ଷ ମେ ୧୭ରେ ସର୍ବତ୍ର 'ବିଶ୍ୱ ଟେଲିଯୋଗାଯୋଗ ଓ ସୂଚନା ସମାଜ ଦିବସ' ପାଳିତ ହେଉଛି। ୧୯୬୯ ମସିହା ମେ ୧୭ରେ ଆନ୍ତର୍ଜାତିକ ଟେଲିଯୋଗାଯୋଗ ସଂଘର ସ୍ଥାପନା ଦିବସକୁ ମନେ ପକାଇବା ଲାଗି ଏହି ଦିବସ ପାଳନ କରାଯାଉଛି। ଡିଜିଟାଲ୍ ସାକ୍ଷରତା ବୃଦ୍ଧି କରି ଲୋକଙ୍କୁ ସଶକ୍ତ କରିବା ଏହାର ମୂଳ ଲକ୍ଷ୍ୟ।**

ପ୍ରତ୍ୟେକ ବର୍ଷ ମେ' ୧୭ରେ ସର୍ବତ୍ର 'ବିଶ୍ୱ ଟେଲିଯୋଗାଯୋଗ ଓ ସୂଚନା ସମାଜ ଦିବସ' ପାଳନ କରାଯାଏ। ୧୯୬୯ ମସିହା ମେ ୧୭ରେ ସଂଘଟିତ ଆନ୍ତର୍ଜାତିକ ଟେଲିଯୋଗାଯୋଗ ସଂଘର ସ୍ଥାପନା ଦିବସକୁ ମନେ ପକାଇବା ଲାଗି ପ୍ରତିବର୍ଷ ଏଭଳି ଦିବସ ପାଳନ କରାଯାଇ ଆସୁଛି।

ଚଳିତବର୍ଷ ଜଳବାୟୁ ସଂକଟଠାରୁ ଆରମ୍ଭ କରି ସମଗ୍ର ବିଶ୍ୱ ସମ୍ମୁଖୀନ ହେଉଥିବା ଅପ୍ରତ୍ୟାଶିତ ଆହ୍ୱାନଗୁଡ଼ିକର ଆଲୋକପାତ କରିବ। ଏହି ଗୁରୁତ୍ୱପୂର୍ଣ୍ଣ ବିପଦର ମୁକାବିଲା ପାଇଁ ସରକାର ଓ ଉଦ୍ୟୋଗୀଙ୍କ ଜରୁରୀ ପଦକ୍ଷେପ ଗ୍ରହଣକୁ ଏହି ଦିବସ ମନେ ପକାଇଦେବା ସହ ସମସ୍ତଙ୍କ ପାଖରେ ଅତ୍ୟାବଶ୍ୟକ ଡିଜିଟାଲ୍ ସେବା ପହଞ୍ଚାଇବା ନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିବ। ଲୋକଙ୍କ ଭିତରେ ଡିଜିଟାଲ ବିଭାଜନକୁ ଦୂର କରିବା ଓ ଅନ୍ତର୍ଭୁକ୍ତ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବାରେ ଡିଜିଟାଲ ଜ୍ଞାନକୌଶଳ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇ ପାରିବ। ଡିଜିଟାଲ୍ ଭିତ୍ତିଭୂମିରେ ବିନିଯୋଗ କରି, ଡିଜିଟାଲ୍ କୌଶଳ ଉପଲବ୍ଧତାକୁ ସୁଗମ କରି ଏବଂ ଡିଜିଟାଲ ସାକ୍ଷରତାକୁ ପ୍ରୋତ୍ସାହିତ କରି ଲୋକଙ୍କୁ ଡିଜିଟାଲ ଦୁନିଆରେ ସଶକ୍ତ କରିବା ସମ୍ଭବ। ଚଳିତ ବର୍ଷ ଏହି ଦିବସ ପାଳନର ପ୍ରସଙ୍ଗ ରହିଛି 'ସ୍ଥାୟୀ ବିକାଶ ପାଇଁ ଡିଜିଟାଲ୍ ନୂତନତ୍ୱର ପ୍ରବର୍ତ୍ତନ'। ଅର୍ଥାତ୍ ଡିଜିଟାଲ ନବସୃଜନ ସମସ୍ତଙ୍କୁ ସଂଯୋଗ କରିବାରେ ସାହାଯ୍ୟ କରିପାରିବ ଏବଂ ସମସ୍ତଙ୍କ ପାଇଁ ନିରନ୍ତର ସମୃଦ୍ଧିର ପଥ ଖୋଲିଦେବ।

# ବ୍ୟାଙ୍କିଙ୍ଗ୍ ଅଭିଯୋଗର ଗୋଟିଏ ଗନ୍ତବ୍ୟ



ଆଜିକାଲି ଗ୍ରାହକମାନଙ୍କ ସୁବିଧା ପାଇଁ ବ୍ୟାଙ୍କ୍ ଓ ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ ସଂସ୍ଥାମାନେ ନୂଆ ନୂଆ ଯୋଜନା ଆଣୁଥିବା ବେଳେ ସେବାପ୍ରଦାନକାରୀ କର୍ମଚାରୀ ଓ ଅଧିକାରୀମାନଙ୍କ ଅବହେଳା ତଥା ଅନ୍ୟାନ୍ୟ ତ୍ରୁଟିବିଚ୍ୟୁତିର ଖବର ମଧ ଆସିବାରେ ଲାଗିଛି। ବିଶେଷ କରି ଡିଜିଟାଲ୍ ଦେଣନେଣକୁ ନେଇ ଅଭିଯୋଗ ସଂଖ୍ୟା ବଢ଼ିବାରେ ଲାଗିଛି ଏବଂ ଏହାର ସମାଧାନ ମିଳିପାରୁନାହିଁ।

ଏଭଳି ଅଭିଯୋଗର ତୁରନ୍ତ ଓ ନ୍ୟାୟୋଚିତ ସମାଧାନ ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ୍ ଆଣିଛନ୍ତି ଏକୀକୃତ ଲୋକପାଳ ଯୋଜନା।

### କ'ଣ ଏହି ଯୋଜନା ?

ପୂର୍ବରୁ ବ୍ୟାଙ୍କିଙ୍ଗ୍ ସେବାରେ ଅବହେଳା ନେଇ ଅଭିଯୋଗର ବିଚାର ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ବ୍ୟାଙ୍କିଙ୍ଗ୍ ଲୋକପାଳ (ଓମ୍ବୁଡ୍‌ସ୍‌ମାନ୍) ବ୍ୟବସ୍ଥାର ପ୍ରବର୍ତ୍ତନ କରିଥିଲେ। ପରବର୍ତ୍ତୀ ସମୟରେ ୨୦୧୮ ମସିହାରେ ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ ସଂସ୍ଥା (ଏନ୍.ବି.ଏଫ୍.ସି) ପାଇଁ ଏବଂ ୨୦୧୯ ମସିହାରେ ଡିଜିଟାଲ୍ ଦେଣନେଣକୁ ନେଇ ଅଭିଯୋଗର ବିଚାର ପାଇଁ ଆଉ ଦୁଇଟି ଲୋକପାଳ ବ୍ୟବସ୍ଥା ଆରମ୍ଭ କରାଯାଇଥିଲା। ଏବେ ଗ୍ରାହକମାନଙ୍କ ସୁବିଧା ପାଇଁ ୨୦୨୧ ମସିହାରୁ ଏହି ତିନିଟି ବ୍ୟବସ୍ଥାକୁ ଏକାଠି କରି 'ଇଣ୍ଟିଗ୍ରେଟେଡ୍ ଓମ୍ବୁଡ୍‌ସ୍‌ମାନ୍ ସ୍କିମ୍' ବା ଏକୀକୃତ ଲୋକପାଳ ଯୋଜନା ପ୍ରବର୍ତ୍ତିତ ହୋଇଛି। ଏବେ ଗୋଟିଏ ସ୍ଥାନରେ ଏ ସମସ୍ତ ପ୍ରକାର ଅଭିଯୋଗ କରିହେଉଛି।

- ଏହି ଯୋଜନାରେ ବ୍ୟାଙ୍କ ଓ ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ ସଂସ୍ଥା ସହ ଡିଜିଟାଲ ଦେଣନେଣ କରୁଥିବା ପେମେଣ୍ଟ ସିଷ୍ଟମ୍ ପାର୍ଟିସିପାଣ୍ଟ ଓ କ୍ରେଡିଟ୍ ଇନ୍‌ଫର୍‌ମେସନ୍ କମ୍ପାନିମାନେ ମଧ ଅନ୍ତର୍ଭୁକ୍ତ।
- ଏହି ବ୍ୟବସ୍ଥା ଅନୁଯାୟୀ ଲୋକପାଳଙ୍କ ନିକଟରେ ଅଭିଯୋଗ କରିବା ପୂର୍ବରୁ ପ୍ରଥମେ ସେବାରେ ତ୍ରୁଟି କରିଥିବା ବ୍ୟାଙ୍କ୍ ବା ବିତ୍ତୀୟ ସଂସ୍ଥା ନିକଟରେ ଲିଖିତ ଅଭିଯୋଗ କରିବା ଆବଶ୍ୟକ। ୩୦ ଦିନ ମଧ୍ୟରେ ଅଭିଯୋଗର ସମାଧାନ ନ ମିଳିଲେ ବା ସମାଧାନ ସନ୍ତୋଷଜନକ ନହେଲେ ଏକୀକୃତ ଲୋକପାଳଙ୍କ ନିକଟରେ ଅଭିଯୋଗ କରାଯାଇପାରିବ।
- ଭାରତୀୟ ରିଜର୍ଭ ବ୍ୟାଙ୍କ୍ 'ସେଣ୍ଟ୍ରାଲାଇଜ୍‌ଡ ରିସିପ୍ଟ ଆଣ୍ଡ ପ୍ରୋସେସିଙ୍ଗ୍ ସେଣ୍ଟର୍' ନାମରେ ଏକ କେନ୍ଦ୍ରୀୟ ଅଭିଯୋଗ ଗ୍ରହଣ କେନ୍ଦ୍ର ଚଣ୍ଡୀଗଡ଼ଠାରେ ସ୍ଥାପନ କରିଛନ୍ତି। ଦେଶର ଯେ କୌଣସି ସ୍ଥାନରେ ଘଟିଥିବା ତ୍ରୁଟିବିଚ୍ୟୁତି ପାଇଁ ଏଠାକୁ ଲିଖିତ ଅଭିଯୋଗ ପଠାଯାଇପାରିବ ବା ଅନ୍‌ଲାଇନ୍ ମାଧ୍ୟମରେ cms.rbi.org.inକୁ ଯାଇ ଅଭିଯୋଗ ଦାଖଲ କରିହେବ।

## ଯୁବାଙ୍କ ପସନ୍ଦ
# ବିଏମ୍‌ଡବ୍ଲୁ ଜି୩୧୦ଆର୍

ବିଳାସ ବାଇକ୍ ବଜାରରେ ବିଏମ୍‌ଡବ୍ଲୁ ଜି ୩୧୦ ଆର୍‌ର ଚାହିଦା କମ୍ ନୁହେଁ। ଏହି ବାଇକ୍‌ର ମୂଲ୍ୟ ପ୍ରାୟ ୨.୨୦ ଲକ୍ଷ (ଏକ୍ସ ଶୋ'ରୁମ୍) ଟଙ୍କା। ଏଥିରେ ୩୧୩ସିସିର ୱାଟର୍-କୁଲ୍‌ଡ ସିଙ୍ଗଲ୍-ସିଲିଣ୍ଡର୍ ଫୋର୍-ଷ୍ଟ୍ରୋକ୍ ଇଞ୍ଜିନ୍ ରହିଥିବା ବେଳେ ଏହାର ସର୍ବାଧିକ ବେଗ ଘଣ୍ଟା ପ୍ରତି ୧୪୩ କି.ମି. ରହିଛି। ଏହାର ଓଜନ ୧୫୮.୫ କେଜି ଏବଂ ତେଲ ଟାଙ୍କି ଧାରଣ କ୍ଷମତା ୧୧ ଲିଟର। ଗୋଟିଏ ଭାରିଆଣ୍ଟରେ ଉପଲବ୍ଧ ଏହି ମୋଟରସାଇକେଲ୍ ପୋଲାର୍ ହ୍ୱାଇଟ୍/ରେସିଂ ବ୍ଲୁ ମେଟାଲିକ୍, ଗ୍ରାନାଇଟ୍ ଗ୍ରେ ମେଟାଲିକ୍ ଓ ଟ୍ରିପଲ୍ ବ୍ଲାକ୍ ପରି ୩ଟି ରଙ୍ଗରେ ଉପଲବ୍ଧ। ଏଥିରେ ଇଲେକ୍ଟ୍ରୋନିକ୍ ଥ୍ରଟଲ୍ ଗ୍ରିପ୍, ହ୍ୟାଣ୍ଡବ୍ରେକ୍ ଲିଭର୍ ଆଡ୍‌ଜଷ୍ଟମେଣ୍ଟ, କ୍ଲଚ୍ ଲିଭର୍ ଆଡ୍‌ଜେଷ୍ଟବଲ୍, ଷ୍ଟାବିଲାଇଜିଂ ଏବିଏସ୍, ଉଚ୍ଚ ମାନର ଆଲୁମିନିୟମ୍ ଇତ୍ୟାଦି ରହିଛି, ଯାହାକି ଗ୍ରାହକମାନଙ୍କୁ ଏକ ଉଚ୍ଚମାନର ଚାଳନା ଅନୁଭୂତି ଦେବ ବୋଲି କମ୍ପାନି ପକ୍ଷରୁ କୁହାଯାଇଛି।



# ତୃତୀୟ ପିଢ଼ି କ୍ୱାଲ୍‌କମ୍ ଚିପ୍‌ସେଟ୍ ସହ ପ୍ରଥମ ସ୍ମାର୍ଟଫୋନ୍




କ୍ୱାଲକମ୍ କମ୍ପାନି ପକ୍ଷରୁ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଉପରେ ପର୍ଯ୍ୟବସିତ ତାହାର ସଦ୍ୟତମ ଚିପ୍‌ସେଟ୍ 'ସ୍ନାପଡ୍ରାଗନ୍ ୮ଏସ୍ ଜେନ୍୩'ର ଦକ୍ଷତା ବାବଦରେ ଗତ ମାର୍ଚ୍ଚ ମାସରେ ଘୋଷଣା କରାଯାଇଥିଲା। ତେବେ କମ୍ପାନି ଦ୍ୱାରା ନିର୍ମିତ ଏହି ନୂତନ '୪ ନାନୋମିଟର ଅକ୍ଟା-କୋର' ଚିପ୍‌ସେଟ୍ ଭାରତରେ ଉନ୍ମୋଚିତ ହେବ ବୋଲି ଜଣାଯାଇଛି। ଆଗକୁ ଉନ୍ମୋଚନ ଅପେକ୍ଷାରେ ଥିବା ପୋକୋ କମ୍ପାନିର ନୂତନ ସ୍ମାର୍ଟଫୋନ୍ 'ଏଫ୍୬ ୫ଜି' ପ୍ରଥମ ଫୋନ୍ ଭାବେ 'ସ୍ନାପଡ୍ରାଗନ୍ ୮ଏସ୍ ଜେନ୍୩' ଚିପ୍‌ସେଟ ସହ ବଜାରକୁ ଆସିବ।

ମେ ୨୩ ତାରିଖରେ ଅନ୍‌ଲାଇନ୍ କାରବାର ମଞ୍ଚ ଫ୍ଲିପ୍‌କାର୍ଟରେ ଏହି ଫୋନ୍ ଉପଲବ୍ଧ ହେବ ବୋଲି ସ୍ପଷ୍ଟ ହୋଇଛି। ମୋଟୋରୋଲା, ସାଓମି ଓ ରିଅଲ୍‌ମି ପରି ଅନ୍ୟ ସ୍ମାର୍ଟଫୋନ୍ ନିର୍ମାତା କମ୍ପାନିମାନେ ପୂର୍ବରୁ ଭାରତ ବାହାରେ ବିଶ୍ୱ ବଜାରରେ 'ସ୍ନାପଡ୍ରାଗନ୍ ୮ଏସ୍ ଜେନ୍୩' ଚିପ୍‌ସେଟ୍ ଖଚିତ ଫୋନ୍ ଛାଡ଼ି ସାରିଥିବା ବେଳେ ଭାରତରେ ପ୍ରଥମ ଥର ପାଇଁ ପୋକୋ କମ୍ପାନି ହିଁ ଏହି ଫୋନ୍ ଛାଡ଼ିବାକୁ ଯାଉଛି। ଏହି ୪ଏନ୍‌ଏମ୍ ଅକ୍ଟା-କୋର୍ ବିଶିଷ୍ଟ ଚିପ୍‌ସେଟ୍‌ର ୩.୦ ଗିଗାହର୍ଜ ଫ୍ରିକ୍ୱେନ୍‌ସିରେ ଚାଲିବାର ଦକ୍ଷତା ରହିଥିବା ବେଳେ ଏହାର ସର୍ବାଧିକ କ୍ଲକ୍ ସ୍ପିଡ୍ ହେଉଛି ୨.୮ ଗିଗାହର୍ଜ। ଏହାର ଆଡ୍ରିନୋ ଜିପିୟୁ, ଏଚ୍‌ଡିଆର୍ ଗେମିଂକୁ ସୁଗମ କରିବ। ଏଥିରେ ୟୁଏଫ୍‌ଏସ୍ ୪.୦ ଷ୍ଟୋରେଜ୍ ସହ ୪୨୦୦ ମେଗାହର୍ଜ ବିଶିଷ୍ଟ 'ରାମ୍' ଖଞ୍ଜାଯାଇଛି। ଏହା ମଧ ଜେମିନି ନାନୋ, ଲାମା-୨ ଓ ବାଇଚୁଆଁ-୭ବି ପରି ୩୦ରୁ ଅଧିକ ପ୍ରକାରର ସୃଜନଶୀଳ ଏଆଇ ମଡେଲ୍ ଚଳାଇବାର କ୍ଷମତା ରଖିଛି। ୯୦ ବାଟ୍ ବିଶିଷ୍ଟ ଦ୍ରୁତ ଚାର୍ଜିଂକ୍ଷମ ୫,୦୦୦ ଏମ୍‌ଏଏଚ୍ ବ୍ୟାଟେରି ସନ୍ନିହିତ ଏହି ନୂତନ ଫୋନ୍‌ରେ ଏକ ୬.୭ ଇଞ୍ଚର ୧୨୨୦x୨,୭୧୨ ପିକ୍ସେଲ୍ ରିଜୋଲୁସନ୍‌ର ଓଲେଡ୍ ପରଦା ଖଞ୍ଜାଯାଇଛି। ଏଥି ସହିତ ଫୋନ୍‌ଟିରେ ୫୦ ମେଗାପିକ୍ସେଲ୍‌ର ସୋନି ଏଲ୍‌ବାଇଟି-୬୦୦ କ୍ୟାମେରା ସେନ୍‌ସର୍ ସାଙ୍ଗକୁ ୮ ମେଗାପିକ୍ସେଲ୍‌ର ଅଲଟ୍ରାବାଇଡ୍ କ୍ୟାମେରା ଓ ୨୦ ମେଗାପିକ୍ସେଲ୍‌ର ସାମନା କ୍ୟାମେରା ରହିଛି। ଭାରତୀୟ ବଜାରରେ ଏହି ବହୁପ୍ରତୀକ୍ଷିତ ଫୋନ୍‌ର ମୂଲ୍ୟ ପ୍ରାୟ ୨୩ ହଜାର ଟଙ୍କା ରହିବ ବୋଲି ଅନୁମାନ କରାଯାଉଛି।

# ଗୁଗୁଲ୍‌କୁ ଟକ୍କର ଦେବ ଭାରତୀୟ ଯୁବକଙ୍କ ୟୁନିକର୍ଣ୍ଣ !



ବର୍ତ୍ତମାନ ସବୁ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ ଜ୍ଞାନକୌଶଳର ବହୁଳ ବ୍ୟବହାର ଦେଖିବାକୁ ମିଳୁଛି। ବିଭିନ୍ନ ଷ୍ଟାର୍ଟଅପ୍ ଏଆଇରେ ନୂତନତ୍ୱ ଆଣିବାକୁ ଚେଷ୍ଟିତ ଥିବା ବେଳେ ଆଇଆଇଟି ମାଡ୍ରାସର ଛାତ୍ର ଅରବିନ୍ଦ ଶ୍ରୀନିବାସଙ୍କର ମହତ୍ୱାକାଂକ୍ଷା ଚର୍ଚ୍ଚାର ବିଷୟ ହୋଇଛି। ତାଙ୍କ ଦ୍ୱାରା ୨୦୨୨ ମସିହାରେ ସ୍ଥାପିତ 'ପରପ୍ଲେକ୍ସିଟି' ନାମକ ଏଆଇ ଆପ୍ ୧୦୦ କୋଟି ଡଲାରରୁ ଅଧିକ ନିବେଶ ହାସଲ କରି ଆମେରିକାରେ ନୂତନ ୟୁନିକର୍ଣ୍ଣ ହେବାର ଗୌରବ ଲାଭ କରିଛି। ସୂଚନାଯୋଗ୍ୟ, ଶହେ କୋଟି ଡଲାରରୁ ଅଧିକ ମୂଲ୍ୟର ଷ୍ଟାଟ୍‌ଅପ୍‌ଗୁଡ଼ିକୁ 'ୟୁନିକର୍ଣ୍ଣ' କମ୍ପାନି ମାନ୍ୟତା ଦିଆଯାଇଥାଏ। ୨୦୧୭ରେ ମାଡ୍ରାସ ଆଇଆଇଟିରୁ ଇଲେକ୍ଟ୍ରିକାଲ୍ ଇଞ୍ଜିନିଅରିଂରେ ଡିଗ୍ରି ହାସଲ କରିବା ପରେ ଶ୍ରୀନିବାସ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟରୁ କମ୍ପ୍ୟୁଟର ବିଜ୍ଞାନରେ ପିଏଚ୍‌ଡି କରିଥିଲେ। ପିଏଚ୍‌ଡି କରିବା ଅବସରରେ ସେ ଓପନ୍‌ଏଆଇ, ଡିପ୍‌ମାଇଣ୍ଡ୍ ଓ ଗୁଗଲ୍ ପରି ନାମୀଦାମୀ କମ୍ପାନିରେ କାମ କରିଥିଲେ। ଏହା ପରେ ସେ ତାଙ୍କର ନିଜସ୍ୱ ଷ୍ଟାର୍ଟଅପ୍ 'ପରପ୍ଲେକ୍ସିଟି' ଆରମ୍ଭ କରିଥିଲେ। ଚାଟ୍‌ଜିପିଟି ପରି 'ପରପ୍ଲେକ୍ସିଟି' ଏଆଇ ସେବା ଯୋଗାଉଛି। ଏହା ତଥ୍ୟ ସହ ତାହାର ଉତ୍ସ ମଧ ପ୍ରକାଶ କରିଥାଏ। ତେଣୁ ଏହା କମ୍ ସମୟରେ ଅପୂର୍ବ ଗ୍ରହଣୀୟତା ଲାଭ କରିପାରିଛି। ଏହାକୁ ଏବେ ଗୁଗଲ୍‌ର ସବୁଠାରୁ ବଡ଼ ଚ୍ୟାଲେଞ୍ଜର୍ ବୋଲି କୁହାଯାଉଛି। 'ପରପ୍ଲେକ୍ସିଟି' ବର୍ତ୍ତମାନ ବାର୍ଷିକ ୨ କୋଟି ଡଲାରରୁ ଅଧିକ ରୋଜଗାର କରୁଛି।



# ଋଣ ପ୍ରକ୍ରିୟାକୁ ସୁଗମ କରୁଛି ଜନସମର୍ଥ ପୋର୍ଟାଲ୍

ଜନସାଧାରଣଙ୍କ ହିତରେ ଜାରି ହୋଇଥିବା ଅନେକ ଋଣ ସୁବିଧା ବିଷୟରେ ଆମେ ଶୁଣୁଛୁ। ମାତ୍ର ସେ ମଧରୁ କେଉଁଟି ଆମ ପାଇଁ ଉପଯୁକ୍ତ ଏବଂ ଆମେ କିପରି ଋଣ ପାଇଁ ଦରଖାସ୍ତ କରିବା ଓ ପାଇବା, ସେ ସମ୍ପର୍କରେ ସ୍ପଷ୍ଟ ସୂଚନା ପ୍ରାୟ ମିଳେ ନାହିଁ। ଏହି ସୂଚନା ଓ ସହାୟତାର ଅଭାବ ହିଁ ଯୋଗ୍ୟ ହିତାଧିକାରୀଙ୍କ ପାଇଁ ସବୁଠାରୁ ବଡ଼ ବାଧକ। ଏହାର ଉତ୍ତରରେ ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟା ସହାୟତାରେ ଏବେ ଆସିଯାଇଛି- 'ଜନସମର୍ଥ ପୋର୍ଟାଲ'। ଡିଜିଟାଲ୍ ମାଧ୍ୟମରେ ସରକାରୀ ଯୋଜନାଭିତ୍ତିକ ଋଣକୁ ଜନସାଧାରଣ କିପରି ସରଳ ଓ ସହଜରେ ପାଇପାରିବେ, ସେହି ଉଦ୍ଦେଶ୍ୟରେ ଭାରତ ସରକାର ୨୦୨୨ ଜୁନ୍ ୬ ତାରିଖରେ ଏହି ପୋର୍ଟାଲ୍‌ର ଶୁଭାରମ୍ଭ କରିଛନ୍ତି।

### ଏହି ପୋର୍ଟାଲ୍ କ'ଣ କରେ ?

- ଏହା ଋଣ ଯୋଜନା ସହ ସଂପୃକ୍ତ ସମସ୍ତ ଅଂଶୀଦାରଙ୍କୁ ଅର୍ଥାତ୍ ଋଣ ଆବେଦନକାରୀ, ବିତ୍ତୀୟ ସଂସ୍ଥା, ସଂପୃକ୍ତ ସରକାରୀ ବିଭାଗ ଓ ତାହାର ନୋଡାଲ୍ ସଙ୍ଗଠନକୁ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଗୋଟିଏ ପ୍ଲାଟ୍‌ଫର୍ମରେ ଏକାଠି କରେ।
- ଏହି ପୋର୍ଟାଲ୍‌ରେ ବର୍ତ୍ତମାନ ସୁଦ୍ଧା ୧୫ଟି ସରକାରୀ ଯୋଜନାଭିତ୍ତିକ ଋଣକୁ ସାମିଲ କରାଯାଇଛି। ଶିକ୍ଷା, କୃଷି, ବ୍ୟବସାୟ ତଥା ଜୀବିକା ଋଣ ଆଦି ଏଥିରେ ଅନ୍ତର୍ଭୁକ୍ତ।
- ପୋର୍ଟାଲ୍‌ଟିରେ ଋଣ ଯୋଜନାଗୁଡ଼ିକର ସମସ୍ତ ସୂଚନା ଉପଲବ୍ଧ।
- ଏହା ମାଧ୍ୟମରେ ଜଣେ ଆବେଦନକାରୀ ପ୍ରାୟ ସମସ୍ତ ଉପଯୋଗୀ ପରାମର୍ଶ ଗୋଟିଏ ସ୍ଥାନରେ ପାଇପାରିବେ।
- ଆବେଦନକାରୀ ଋଣ ପାଇଁ ଯୋଗ୍ୟ କି ନାହିଁ, ସବ୍‌ସିଡି ପାଇବା ପାଇଁ କେଉଁ ଯୋଗ୍ୟତା ଆବଶ୍ୟକ ଏବଂ ଆବେଦନକାରୀଙ୍କ ଆବଶ୍ୟକତା ଅନୁସାରେ କେଉଁ ଯୋଜନାଟି ତାଙ୍କ ପାଇଁ ଅଧିକ ଉପଯୋଗୀ, ଏ ସମସ୍ତ ସୂଚନା ପୋର୍ଟାଲ୍‌ରୁ ମିଳିଥାଏ।
- ଏହି ପୋର୍ଟାଲ୍‌ରେ ନିଜକୁ ପଞ୍ଜୀକୃତ କରିବା ପରେ, ବ୍ୟବହାରକାରୀ ପ୍ରତ୍ୟେକଟି ଋଣ ଯୋଜନା ସମ୍ପର୍କରେ ଅବଗତ ହେବା ସହିତ ଋଣ ପାଇଁ ଅନ୍‌ଲାଇନ୍ ଦରଖାସ୍ତ ମଧ କରିପାରିବେ।
- ପୋର୍ଟାଲ୍‌ରେ ଅନ୍‌ଲାଇନ୍ ଋଣ ମଞ୍ଜୁରୀ ତଥା ଦରଖାସ୍ତର ଅଗ୍ରଗତି ଜାଣିବାର ସୁବିଧା ମଧ ଅଛି।



### ପୋର୍ଟାଲ୍‌ରେ ପଞ୍ଜୀକରଣ କରିବେ କିପରି ?

ଏହି ପୋର୍ଟାଲ୍‌ରେ ପଞ୍ଜୀକରଣ କରିବା ଅତି ସହଜ। ଯେ କେହି ନିଜର ମୋବାଇଲ ନମ୍ବର, ଇମେଲ ଆଇଡି ଏବଂ ଓଟିପି ନମ୍ବର ତନଖି କରାଇ ପୋର୍ଟାଲରେ ନିଜକୁ ପଞ୍ଜୀକୃତ କରାଇପାରିବେ। ପୋର୍ଟାଲର ଇଣ୍ଟର୍‌ନେଟ୍ ଠିକଣା www.jansamarth.in। ପୋର୍ଟାଲଟି ଏବେ ଯୁବବର୍ଗ, ଉଦ୍ୟୋଗୀ ତଥା ଚାଷୀମାନଙ୍କ ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହେଉଛି।

# ଅଧିକାରୀ ସଙ୍କଟ: ମତ୍ସ୍ୟ ଚାଷ ବିକାଶ ବାଧାପ୍ରାପ୍ତ

**କଳାହାଣ୍ଡି,୧୮।୨(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲାରେ ମତ୍ସ୍ୟ ଚାଷକୁ ନେଇ ଜୀବିକା ନିର୍ବାହର ମାଧ୍ୟମ ଭାବେ ଗ୍ରହଣ କରି ବେଶ ଅଗ୍ରଗତି କରିଛି। କଳାହାଣ୍ଡିରେ ୧୦ ହଜାର ଚାଷୀ ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବେ ମାଛ ଚାଷ ସହ ଜଡିତ ଅଛନ୍ତି। ରାଜ୍ୟ ସରକାର ମତ୍ସ୍ୟ ଚାଷ ପାଇଁ ବ୍ୟାପକ ସୁବିଧା ସୁଯୋଗ ଯୋଗାଇବା ଦେଇଛନ୍ତି। ମତ୍ସ୍ୟଜୀବି ପରିବାରର ମେଧାବୀ ଛାତ୍ରଛାତ୍ରୀଙ୍କୁ ମେଧାବୃତ୍ତି, ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କ ଦ୍ୱାରା ବାୟୋଫ୍ଲୁକ ପଦ୍ଧତିରେ ମାଛ ଚାଷ, ଫାର୍ମ ପୋଖରୀ, ପଞ୍ଚାୟତ ପୋଖରୀରେ ମାଛ ଚାଷ ପାଇଁ ସ୍ୱୟଂସହାୟକ ଗୋଷ୍ଠୀଙ୍କ ସହାୟତା ଏପରି ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ସରକାର ପ୍ରଚଳିତ କରିଛନ୍ତି। ୧୬ଟି ଯୋଜନାର ସମନ୍ୱୟରେ ଏହି ବୃହତ ଯୋଜନା ମାଛ ଚାଷୀଙ୍କ ଭାଗ୍ୟ ବଦଳାଇଦେବ। ପଞ୍ଚାୟତ ପୋଖରୀ ଯୋଜନାରେ ସ୍ୱୟଂସହାୟକ ଗୋଷ୍ଠୀର ୧୭୦ ଗ୍ରୁପ ଜିଲାରେ ଅଛନ୍ତି। ଏମାନେ ମୋଟ୍ ୨୬୦ ହେକ୍ଟର ଜମିରେ ମାଛ ଚାଷ କରୁଥିବା ବେଳେ ୧୪ ହଜାର ହେକ୍ଟର ଜମିରେ ମାଛ ଚାଷ ପାଇଁ ୧୦ ହଜାର ମତ୍ସ୍ୟ ଚାଷି ନିର୍ଭର କରି ଆସୁଛନ୍ତି। କଳାହାଣ୍ଡି ଜିଲାରେ ମାଛର ଆବଶ୍ୟକତା ୩୩



ହଜାର ମେଟ୍ରିକ ଟନ ଥିବା ବେଳେ ୩୦ ହଜାର ମେଟ୍ରିକ ଟନ ମାଛ ଉତ୍ପାଦନ ହେଉଛି। କଳାହାଣ୍ଡିର ମାଛ ବଲାଙ୍ଗିର, ଛତିଶଗଡ଼ ଓ ଅନ୍ୟାନ୍ୟ ଜିଲାକୁ ବିକ୍ରି ହେଉଛି। ଅନ୍ୟପଟେ ଜିଲାରେ ୫୦ କୋଟି ମାଛ ଯାଆଁଳା ପ୍ରସ୍ତୁତ ହେବା ଏକ ଉଲ୍ଲେଖନୀୟ ପଦକ୍ଷେପ ଭାବେ ଜିଲାର ସୁନାମ ବଢ଼ାଇଛି। ଭବାନୀପାଟଣା, ଯୋଡ଼ାବନ୍ଧ, ଭତ୍ରାଯୋର, କୋକସରା, ଗୋଲାମୁଣ୍ଡା, ଏମ.ରାମପୁର, ବଲଧିଆମାଲ, ବାୟାସାଗର ଓ ଧର୍ମଗଡ଼ର ଗଡ଼ିଆଯୋରରେ ସରକାରୀ ଫିସରୀ ଫାର୍ମ ମାଛ ଯାଆଁଳା ପ୍ରଜନନ ପାଇଁ କାର୍ଯ୍ୟ କରୁଛି ଓ ମତ୍ସ୍ୟ ପୋଖରୀ ଯୋଜନା ଓ ବାୟୋଫ୍ଲୋକ ଯୋଜନା ମାଧ୍ୟମରେ ଚାଷୀଙ୍କୁ ମାଛ ଚାଷ ପ୍ରତି ଆକୃଷ୍ଟ କରାଯାଉଛି। ଏମିତିକି ଚାଷୀମାନେ କୋଟି କୋଟି ଟଙ୍କା ରିହାତି ପାଇ ଉପକୃତ ହୋଇଛନ୍ତି। ଓଡ଼ିଶା ସମନ୍ୱିତ ଜଳସେଚନ ଓ ଜଳବାୟୁ ସହନଶୀଳ କୃଷି ଯୋଜନାରେ ରାଜ୍ୟ ସରକାର ଓ ବିଶ୍ୱବ୍ୟାଙ୍କ ମିଳିତ ସହାୟତାରେ ଆଗ୍ରହୀ ଚାଷୀମାନଙ୍କୁ ୧୦୦ ପ୍ରତିଶତ ରିହାତି ଆକାରରେ ୪୧ ଲକ୍ଷ ଟଙ୍କା ଦିଆଯାଇଛି।କଳାହାଣ୍ଡି ଜିଲାରେ ୪ଟି ଉନ୍ନତମାନର ଆଧୁନିକ ମାଛ ବିକ୍ରୟ କେନ୍ଦ୍ର ଭବାନୀପାଟଣା, ଜୁନାଗଡ଼, ଧର୍ମଗଡ଼ ଓ କେସିଙ୍ଗାରେ ପ୍ରତିଷ୍ଠା ହେବ। ଏଥିପାଇଁ ପ୍ରତି କେନ୍ଦ୍ର ପିଛା ୧ କୋଟି ଟଙ୍କା ବିନିଯୋଗ ହେବାର ଲକ୍ଷ୍ୟ କରାଯାଉଛି। ତେବେ ସବୁଠାରୁ ଦୁର୍ଭାଗ୍ୟର ବିଷୟ ଭବାନୀପାଟଣା ସହରରେ ଥିବା ମତ୍ସ୍ୟ ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଉପ ମତ୍ସ୍ୟ ନିର୍ଦ୍ଦେଶକ, ସହକାରୀ ମତ୍ସ୍ୟ ଅଧିକାରୀ ଓ ହେଡ କ୍ଲର୍କ ପଦବୀ ଖାଲି ପଡ଼ିଛି ଓ ମତ୍ସ୍ୟ ଉପନିର୍ଦ୍ଦେଶକ କେବଳ ଥିବା ବେଳେ ଜଣେ ପିଅନ ଆଉ ଜଣେ ରାତ୍ରି ଜଗୁଆଳିକୁ ନେଇ କାର୍ଯ୍ୟାଳୟ ଚାଲିଛି ଓ ମତ୍ସ୍ୟ ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଅଧୀନରେ ଜିଲା ସମେତ ରାୟଗଡ଼ା ଓ ନୂଆପଡା ଜିଲା ରହିଛି। ୩ଟି ଜିଲାରେ କୋଟି କୋଟି ଟଙ୍କାର କାରବାର ହେଉଥିବା ବେଳେ ବିଭାଗୀୟ ଅଧିକାରୀ ନଥିବା ଘଟଣା ମତ୍ସ୍ୟ ଚାଷ ବିକାଶରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିଭଳି

କଳାହାଣ୍ଡି ଜିଲାରେ ଥିବା ୫ ଜଣ ବରିଷ୍ଠ ଫିସେରୀ ଟେକ୍ନିକାଲ ଆସିଷ୍ଟାଣ୍ଟକୁ ଡେପୁଟେସନରେ ଅନ୍ୟ ଜିଲାକୁ ପଠାଯାଇଛି। ଜିଲା ମଧ କାର୍ଯ୍ୟାଳୟରେ ମତ୍ସ୍ୟ ଅଧିକାରୀ ପଦବୀ ଖାଲି ପଡ଼ିଥିବା ବେଳେ ୨ଟି ସହକାରୀ ମତ୍ସ୍ୟ ଅଧିକାରୀ ପଦବୀ ଖାଲି ରହିଛି। ଜିଲାରେ ଥିବା ୯ଟି ଫାର୍ମର କାର୍ଯ୍ୟ ବୁଝିବା, ଚାଷୀଙ୍କୁ ପରାମର୍ଶ ଓ ସହଯୋଗ ଦେବା ପାଇଁ କୌଣସି ଷ୍ଟାଫ୍ ନଥିବା ଜଣାପଡ଼ିଛି।

## ପ୍ରଧାନଶିକ୍ଷୟିତ୍ରୀଙ୍କ ନାଁରେ ଅଭିଯୋଗ ଆଣିଲେ ଅଭିଭାବକ




**ଫୁଲବାଣୀ,୧୮।୪(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲା କୋଟଗଡ଼ ବ୍ଲକ ସୁବର୍ଣ୍ଣଗିରି ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀଙ୍କ ନାମରେ ବ୍ୟାପକ ଅଭିଯୋଗ ଆଣିଛନ୍ତି ଅଭିଭାବକ। ସେମାନେ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆସି ଏକ ଅଭିଯୋଗ ପତ୍ର ଜିଲା ମଙ୍ଗଳ ଅଧିକାରୀ ଏବଂ ଜିଲା ପ୍ରଶାସନକୁ ପ୍ରଦାନ କରିଛନ୍ତି। ଗତ ଗୁରୁବାର ଦିନ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ମଞ୍ଜୁଲତା ସାହୁ ନିଜ ସୁବିଧା ମୁତାବକ ପାଠପଢ଼ା ସମୟକୁ ପରିବର୍ତ୍ତନ କରି ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଛୁଟିରେ ପଳାଇ ଥିଲେ। ବିଦ୍ୟାଳୟରେ ଅନୁସୁଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର ୧୦୦ ଜଣ ଛାତ୍ର ଛାତ୍ରାବାସରେ ରହି ପାଠ ପଢୁଛନ୍ତି। ସମୁଦାୟ ୯ ଜଣ ଶିକ୍ଷକ, ଶିକ୍ଷୟିତ୍ରୀ ଶିକ୍ଷାଦାନ କରୁଛନ୍ତି। ଅଧିକାଂଶ ସମୟରେ ଦୁଇଜଣ ସିସିଏଙ୍କୁ ଛାତ୍ରାବାସ ଦାୟିତ୍ୱ ଦେଇ ଶିକ୍ଷକ ଚାଲି ଯାଉଛନ୍ତି। ପ୍ରଧାନଶିକ୍ଷୟିତ୍ରୀ ମନ ଇଚ୍ଛା ସ୍କୁଲକୁ ଆସିବା, କାହାକୁ ନ ଜଣାଇ ଛୁଟିରେ ରହିବା, ଏସଏମସି ମିଟିଂ ନ କରିବା, ଆସୁଥିବା ଅନୁଦାନ ଅର୍ଥକୁ ବିନା କମିଟି ସୁପାରିଶରେ ଉଠେଇ ଆତ୍ମସାତ କରିବା, ହଷ୍ଟେଲରେ ପିଲା ନ ଥାଇ ସମ୍ପୂର୍ଣ ଉପସ୍ଥାପନା ଦେଖାଇ ପିଲାଙ୍କ ଖାଦ୍ୟ ବାବଦ ଟଙ୍କା ହରିଲୁଟ କରିବା ଆଦି ଦାବି ପତ୍ରରେ ଉଲେଖ ଅଛି।

## ବିଜେପି ଛାଡ଼ିବେ ଯୁବନେତା ସଞ୍ଜୀବ ସାହୁ

**ବିଂଝାରପୁର,୧୮।୪(ସଂଚାର ବ୍ୟୁରୋ):** ବିଜେପି ଶାସନ କୁ ଆସିବା ପରେ ପୁରୁଣା କର୍ମୀ ଅଣଦେଖା ହେଉଥିବା ଅଭିଯୋଗ କରି କିଛି ଯୁବ ବିଜେପି ନେତା ଦଳ ଛାଡ଼ିବାକୁ ମନସ୍ଥ କରୁଥିବା ଚର୍ଚ୍ଚା ହେଉଛି। ବିଂଝାରପୁର ବିଜେପିର ପୂର୍ବତନ ମଣ୍ଡଳ ସଭାପତି ତଥା ବିଜେପି ନେତା ସଞ୍ଜୀବ ସାହୁ ବିଜେପି ଛାଡ଼ିବେ। ଏ ନେଇ ସେ ବିଭିନ୍ନ ପଞ୍ଚାୟତର ବିଜେପି କର୍ମୀଙ୍କ ସହିତ ଆଲୋଚନା ଚଳାଇଛନ୍ତି। ବିଂଝାରପୁର ବ୍ଲକରେ ବିଜେପିର ସ୍ଥିତି ନଥିବା ବେଳେ ୧୯୯୨ ମସିହାରୁ ଶ୍ରୀ ସାହୁ ପ୍ରଥମ ମଣ୍ଡଳ ସଭାପତି ରହି ସଂଗଠନକୁ ସୁଦୃଢ଼ କରିବାସହ ବିଂଝାରପୁରରେ ବିଜେପିର ସ୍ଥିତିକୁ ସୁଧାରିଥିଲେ। ଏବେ ରାଜ୍ୟରେ ବିଜେପି ଶାସନ କରୁଛି ହେଲେ ବିଂଝାରପୁର ବିଜେପି ଦାୟିତ୍ୱରେ ଥିବା ବିଜେପି ନେତା ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ଅଣଦେଖା କରୁଥିବା ଦର୍ଶାଇ ଶ୍ରୀ ସାହୁ ଶତାଧିକ କର୍ମୀଙ୍କସହ ଦଳ ଛାଡ଼ିବେ ବୋଲି ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ଶ୍ରୀ ସାହୁଙ୍କୁ ପଚାରିବାରୁ ବିଜେପି ଶାସନକୁ ଆସିଲାପରେ ପୁରୁଣା କର୍ମୀଙ୍କୁ ଅଣଦେଖା କରାଯାଉଛି। ସାଧାରଣ ଲୋକଙ୍କର କୌଣସି କାମ ହେଉନି। ଯାହାକୁ ନେଇ ସେ ମର୍ମାହତ ଥିବା କହିବାସହ ବିଭିନ୍ନ ପଞ୍ଚାୟତର କାର୍ଯ୍ୟକର୍ତ୍ତାଙ୍କ ସହିତ ଆଲୋଚନା କରୁଛି ଖୁବ ଶିଘ୍ର ଫାଳାଫଳ ଜଣାପଡ଼ିବ ବୋଲି କହିଛନ୍ତି।

## କାଳବୈଶାଖୀ ତାଣ୍ଡବ

# ଉପୁଡିଲା ପୁରୁଣା ଗଛ, ବିଦ୍ୟୁତ୍ ଖୁଣ୍ଟ



**ବୈଶିଙ୍ଗା,୧୮।୪(ସଂଚାର ବ୍ୟୁରୋ):** ଦୁଇ ଦିନ ପୂର୍ବରୁ କାଳ ବୈଶାଖି ଝଡ଼ ବୈଶିଙ୍ଗା ର ବିଭିନ୍ନ ଅଞ୍ଚଳରେ ତାଣ୍ଡବ ରଚିଥିବା ଘଟଣାକୁ ଚାଷୀ ତଥା ସାଧାରଣ ଲୋକେ ମନରୁ ଭୁଲି ନ ଥିବା ବେଳେ ଆଜି ଶୁକ୍ରବାର ଅପରାହ୍ନରେ ପୁଣି କାଳ ବୈଶାଖି ଝଡ ସାଧାରଣ ଲୋକଙ୍କୁ ଅକଥନୀୟ ଦଃଖ ଆଣିଦେଇଛି। ଅପରାହ ୪ଟା ରେ ଆରମ୍ଭ ହୋଇଥିବା ଏହି ଝଡ ର ବେଗ ୭୦/୮୦ କି.ମି ହୋଇଥିବାର ଅନୁମାନ କରାଯାଏ। ଏହାର ପ୍ରଭାବରେ ବୈଶିଙ୍ଗା, କେନ୍ଦୁଆ ପଞ୍ଚାୟତରେ ଥିବା ଇଉକାଲିପଟାସ ଜଙ୍ଗଲ ଧ୍ୱଂସ ହୋଇଯାଇଛି। ବୈଶିଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ବିରାଟ ଚାକୁଣ୍ଡା ଗଛ ଉପୁଡି ଜାତୀୟ ରାଜପଥ ଉପରେ ପଡ଼ି ରହିବା ଯୋଗୁଁ ଦୁଇ ଘଣ୍ଟାରୁ ଅଧିକ ସମୟ ଧରି ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ବଡ ବଡ ବିଜ୍ଞାପନ ତୋରଣ ଉପୁଡି ପଡ଼ିବା ଯୋଗୁଁ ବୈଶିଙ୍ଗା -ରୁପସା ରାସ୍ତାରେ ମଧ୍ୟ ଅଳ୍ପ ସମୟ ପାଇଁ ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ବୈଶିଙ୍ଗା ବ୍ୟତୀତ ମହୁରୀ, କଦଳିଆ, ଖୁଣ୍ଟାପୁର, ଅସ୍ତପୁରା, କଳମା, ଗଡ଼ଦେଉଳିଆ, ପଦ୍ମନାଭପୁର ଅଞ୍ଚଳରେ ବଡ ବଡ ଗଛ ମାନ ଗଡ଼ି ପଡ଼ିବା ସହିତ ବାହାଘର ପେଣ୍ଡାଲ, ଯାତ୍ରା ପେଣ୍ଡାଲ, ବିଜୁଳି ଖୁଣ୍ଟି ଆଦି ବରବାଦ ହୋଇ ଯାଇଛି। ରବି ଧାନ ଚାଷ ସହିତ ପନି ପରିବା ଚାଷୀଙ୍କ କଥା କହିଲେ ନ ସରେ।ଦୁଇଦିନ ପୂର୍ବରୁ ଘଟିଥିବା ଝଡ ର ବ୍ୟଥା ମନରୁ ଭୁଲି ନ ଥିବା ବେଳେ ଆଜିର ଝଡ ତାଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। କେତେକ କଚ୍ଚା ଘର ଭାଙ୍ଗିଯାଇଥିବାର ଖବର ମିଳିଥିଲେ ମଧ୍ୟ ପ୍ରକୃତ ତଥ୍ୟ ବା କ୍ଷୟ କ୍ଷତିର ଆକଳନ କରାଯାଇ ପାରି ନାହିଁ। ତେବେ ଜଙ୍ଗଲ ବିଭାଗ ତରଫରୁ ମିଳିଥିବା ଖବର ଅନୁଯାୟୀ ଲକ୍ଷାଧିକ ଟଙ୍କାର ଗଛ ନଷ୍ଟ ହୋଇଥିବାର ଅନୁମାନ କରାଯାଇଛି।

## ବାଳିକା ଉଚ୍ଚ ବିଦ୍ୟାଳୟରେ ଆଇନ ସଚେତନତା ଶିବିର




**ଗୁଡାରି,୧୮।୪(ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲ୍ଲା ଗୁଡାରି ବିଜ୍ଞାପିତ ଅଞ୍ଚଳ ପରିଷଦରେ ଥିବା ଏସ.ଏସ.ଡ଼ି ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଗୁଣପୁର ଆଇନ ସେବା ପ୍ରାଧିକରଣ ସମିତି ପକ୍ଷରୁ ଆଜି ଶୁକ୍ରବାର ଦିନ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଗୁଣପୁରତାଲୁକ୍ ଆଇନସେବା ସଂସ୍ଥା ର ଅଧକ୍ଷ ତଥା ଅତିରିକ୍ତ ଜିଲ୍ଲା ଜଜ ଶ୍ରୀଯୁକ୍ତ ଶେଖ୍ ମହମ୍ମଦ କଇସ୍ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଏହି ଶିବିର ରେ ଗୁଣପୁର ସବ୍ ଜଜ୍ ଶ୍ରୀଯୁକ୍ତ ସନ୍ତୋଷ କୁମାର ମହାପାତ୍ର, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁଶ୍ରୀ ବିଜୟ ଲକ୍ଷ୍ମୀ ମହାପାତ୍ର, ପଦ୍ମପୁର କୋର୍ଟ ର ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ଶୁଭଙ୍କର ମହାନ୍ତି ଅତିଥି ଭାବେ ଯୋଗ ଦେଇ ଭାରତୀୟ ନାଗରିକ୍ ସୁରକ୍ଷୀ ସଂହିତାର ବିଭିନ୍ନ ବ୍ୟବସ୍ଥା, ୨୦୨୩ ଯେପରିକି ଏ ଫ: ଆ ଇ: ଆ ର ଜାମିନ, ସମନ ଏବଂ ୱାରେଣ୍ଟ, ଆଇନଗତ ପ୍ରତିନିଧିତ୍ ର ଅଧିକାର, ସହ ଶିକ୍ଷା ଅଧିକାର ଆଇନ ସମ୍ପର୍କ ରେ ସଚେତନ କରିଥିଲେ।ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ମୋନଜ କୁମାର ଗମାଙ୍ଗ, ଓକିଲ ସଂଘର ଉପ ସଭାପତି ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ଲିମା ମଞ୍ଚାଷିନ ହୋଇଥିଲେ। ଏହି କାର୍ଯ୍ୟକ୍ରମକୁ ଓକିଲ ଶ୍ରୀଯୁକ୍ତ ଲିମା ପରିଚାଳନା କରିବା ସହ ଶେଷ ରେ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍କୁଲ ର ବହୁ ଛାତ୍ରୀ ଓ ଶିକ୍ଷୟତ୍ରୀ ଉପସ୍ଥିତ ରହି ସଚେତନ ହୋଇଥିଲେ ।

## ବଜାରରେ ମାଳମାଳ ବେନାମୀ ଥଣ୍ଡା ପାନୀୟ

● ଚଢ଼ାଉ ନାହିଁ, ଜାଣି ଅଜଣା ପ୍ରଶାସନ



**ହିଞ୍ଜିଳିକାଟୁ,୧୮।୪ (ସଂଚାର ବ୍ୟୁରୋ):** ଦିନକୁ ଦିନ ତାପମାତ୍ରା ବଢୁଥିବା ବେଳେ ସହରରେ ଥଣ୍ଡା ପାନୀୟର ଚାହିଦା ଅଧିକ ଥାଏ ଓ ସେଇପରି ହିଞ୍ଜିଳିକାଟୁ ସହର ସମେତ ବ୍ଲକର ବିଭିନ୍ନ ଗାଁ ଗହଳି ଠାରୁ ଆରମ୍ଭ କରି ସହର ବଜାର ପର୍ଯ୍ୟନ୍ତ ସବୁଠାରେ ଥଣ୍ଡା ପାନୀୟର ଚାହିଦା ବଢ଼ିଛି ଓ ଦୋକାନ ବଜାରରେ ପାନୀୟ ଜଳଠାରୁ ଆରମ୍ଭ କରି ମିଶ୍ରି ପଣା, କାଚ ବାଟି ସୋଡା, ଘୋଳଦହି, ଆଇସକ୍ରିମ ଆଦି ଭାବରେ ବିକ୍ରୟ କରାଯାଇଥାଏ ଓ ମାତ୍ର ଏବେ ଗୀଷ୍ମ ଆରମ୍ଭ ହୋଇଥିବା ବେଳେ ଦୋକାନ ମାନଙ୍କରେ ଭଳିକି ଭଳି ଥଣ୍ଡା ପାନୀୟ ଦେଖିବାକୁ ମିଳିଲାଣି ଓ କିଏ ଘରେ ଦୂଷିତ ପାଣିକୁ ବ୍ୟବହାର କରି ମିଶ୍ରି ଓ ସିଆସିଡ ବିକ୍ରୟ କଲାଣି ତ ପୁଣି କିଏ ନଷ୍ଟ ହେଉଥିବା ଦହିକୁ ନେଇ ଘୋଳଦହି ପ୍ରସ୍ତୁତ କରି ବିକ୍ରୟ କଲାଣି ଓ ଏଦିଗରେ ସ୍ଥାନୀୟ ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ଆଖି ବୁଜି ଦେଉଥିବା ବେଳେ ଅସାଧୁ ବ୍ୟବସାୟୀ ମାନେ ଏହାର ଫାଇଦା ଉଠାଉଛନ୍ତି ଓ ବଜାରଘାଟ ହେଉକି ଗାଁ ଗହଳି ଦୋକାନ ମାନଙ୍କରେ ବହୁ ବେନାମୀ ତଥା ଦୂଷିତ ଥଣ୍ଡା ପାନୀୟକୁ ବେଧଡକ ଭାବେ ବିକ୍ରୟ କରାଯାଉଛି ଓ ଖାଲି ସେତିକି ନୁହେଁ, ରହିଥିବା ମୂଲ୍ୟଠାରୁ ଅଧିକ ମୂଲ୍ୟରେ ଏହାକୁ ବିକ୍ରୟ କରାଯାଉଛି ଓ ଦୈନିକ ବିନା ଏସବୁ ବ୍ୟବସାୟ ଚାଲି ଆସିଥିବା ବେଳେ ପ୍ରଶାସନ ସବୁଜାଣି ହାତବାନ୍ଧି ବସି ରହିଛି ଓ ବଡ଼କଥା ହେଉଛି ନାମୀ କମ୍ପାନୀ ତୁଳନାରେ ଏସବୁ ଥଣ୍ଡା ପାନୀୟର ମୂଲ୍ୟ କମ ରହୁଛି ଓ ଫଳରେ ଦୋକାନୀ ବା ବ୍ୟବସାୟୀ ମାନେ ଅଧିକ ଲାଭ ପାଇବା ଉଦ୍ଦେଶ୍ୟରେ ବେନାମୀ କମ୍ପାନୀର ସାମ୍ରଗୀକୁ ବିକ୍ରୟ କରିବାକୁ ପସନ୍ଦ କରୁଛନ୍ତି ଓ ଅନେକ ସ୍ଥାନରେ ମଧ୍ୟ ଏକ୍ସପାରି ଥଣ୍ଡା ପାନୀୟ ବିକ୍ରୟ ହେଉଥିଲେ ମଧ୍ୟ ସେସବୁର ଯାଞ୍ଚ କରାଯାଉନାହିଁ ଓ ତେବେ ଏଥିପ୍ରତି ତୁରନ୍ତ ବିଭାଗୀୟ ଅଧିକାରୀ ତଥା ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହେଉଛି।

## କବିବରଙ୍କ ଶ୍ରାଦ୍ଧୋତ୍ସବ ପାଳିତ




**ବାଲେଶ୍ୱର,୧୮।୪(ସଂଚାର ବ୍ୟୁରୋ):** କବିବରଙ୍କ ୧୧୭ତମ ଶ୍ରାଦ୍ଧବାର୍ଷିକୀ କବିବରଙ୍କ ବାସସ୍ଥଳୀ ଶ୍ରୀରାମଚନ୍ଦ୍ର ସଂସ୍କୃତ ମହାବିଦ୍ୟାଳୟରେ 'ରାଧାନାଥ ସାହିତ୍ୟ ପରିଷଦ', ବାଲେଶ୍ୱର ପକ୍ଷରୁ ମନସ୍ୱିନୀ ଦେବୀଙ୍କ ସଭାପତିତ୍ୱରେ ଗତକାଲି ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ଡ. ରମାକାନ୍ତ ବେହେରା କହିଥିଲେ, "ବିତର୍କର ବଳୟ ସତ୍ତ୍ୱେ ରାଧାନାଥଙ୍କ ପ୍ରତିଭା ଥିଲା କାଳଜୟୀ"। ରାଧାନାଥଙ୍କର ବହୁ କାବ୍ୟର ଉଦାହରଣ ଦେଇ ଭାରତବର୍ଷରେ ସେ ଜଣେ ଗର୍ବ ଓ ଗୌରବର ସାରସ୍ୱତ ସ୍ରଷ୍ଟା ବୋଲି ଅଭିହିତ କରିଥିଲେ। ମୁଖ୍ୟବକ୍ତା ଡ. ହରିଶ୍ଚନ୍ଦ୍ର ବେହେରା ତାଙ୍କ ବକ୍ତବ୍ୟରେ କହିଥିଲେ, ରାଧାନାଥଙ୍କ ସହ ଉପଧା ମିଳନ ଓ ଅମିତ୍ରାକ୍ଷର ଛନ୍ଦ ପ୍ରୟୋଗରେ କେହି ସମକକ୍ଷ ହୋଇପାରି ନାହାନ୍ତି। ପାଶ୍ଚାତୀୟ ଚିନ୍ତାଧାରା ଓ ଓଡ଼ିଆ ଜାତୀୟ ଅସ୍ମିତାର ସୁରକ୍ଷାରେ ତାଙ୍କ ଅବଦାନ ଅବିସ୍ମରଣୀୟ ବୋଲି କହିଥିଲେ। ବିଶିଷ୍ଟ ବକ୍ତା କବି ବିମଳ ଜେନା କହିଥିଲେ ଜାତୀୟ ଦୁର୍ଦ୍ଦିନରେ ରାଧାନାଥଙ୍କ ନୂତନ ଆଧୁନିକ ଯୁଗର ସୃଷ୍ଟି ଓଡ଼ିଆ ପ୍ରାଣରେ ଉନ୍ମାଦନା ଭରି ଦେଇଥିଲା। ଶ୍ରୀ ଜେନା ରାଧାନାଥଙ୍କ ବହୁ କାବ୍ୟର ଅପୂର୍ବ ଛନ୍ଦ ବିନ୍ୟାସର ଉଦାହରଣ ଦେଇଥିଲେ। ସମ୍ପାଦକ ଅଧ୍ୟାପକ କମଳାକାନ୍ତ ଦାଶ ରାଧାନାଥଙ୍କୁ ମହାକବି ଭାବେ ଫକୀରମୋହନ ଓ କୁନ୍ତଳା କୁମାରୀ ଆଖ୍ୟାୟିତ କରିଥିବାରୁ ତାହାର ଯଥାର୍ଥତା ପ୍ରତିପାଦନ କରିଥିଲେ।

## ସ୍ମାର୍ଟ ପାର୍କରେ ଯୋଗ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**ସୁବର୍ଣ୍ଣପୁର,୧୮।୪(ସଂଚାର ବ୍ୟୁରୋ):** ପତଞ୍ଜଳୀ ଯୋଗ ପୀଠ ହରି ଦ୍ୱାର ର ତତ୍ୱା ବଧାନ ରେ ଆଜି ଏକ ୨୫ ଦିବସୀୟ ଯୋଗ ମେଗା ପ୍ରଶିକ୍ଷଣ ଶିବିର ସୋନପୁର ସ୍ମାଟ୍ର ପାର୍କ ଠାରେ ଶୁଭାରମ୍ଭ କରା ଯାଇଛି। ପତଞ୍ଜଳି ଯୋଗ ସମିତି, ପତଞ୍ଜଳି ଭାରତ ସ୍ୱାଭିମାନ, ପତଞ୍ଜଳି ଯୁବ ଭାରତ, ପତଞ୍ଜଳି ମହିଳା ସମିତି, ପତଞ୍ଜଳି କୃଷକ ସମିତି ର ମିଳିତ ସହଯୋଗ ରେ ଅନୁଷ୍ଠିଟ ଏହି ଶିବିର କୁ ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପଧାନ ମା ସୁରେଶ୍ୱରୀ ଙ୍କ ଫଟୋ ଚିତ୍ର ରେ ଦୀପ ପ୍ରଜ୍ୱଳନ କରି ଶୁଭ ଉଦ୍‌ଘାଟନ କରିଥିଲେ। ପତଞ୍ଜଳି ଓଡ଼ିଶା ରାଜ୍ୟ ମହିଳା ପ୍ରଭାରୀ ଜେ. ଗିରିଜା ଦେବୀ ଯୋଗ ପ୍ରଶିକ୍ଷଣ ପ୍ରଦାନ୍ କରି ସୋନପୁର ର ଏହି ସ୍ମାଟ୍ର ପାର୍କ, ସମଗ୍ର ପରିବେଶ ସହିତ ଜିଲ୍ଲା ପ୍ରଶାସନ ର ସହଯୋଗ ଓ ପ୍ରୋତ୍ସାହନ କୁ ଖୁବ ପ୍ରଶଂସା କରିଥିଲେ। ଯୋଗ ସହିତ



ଅନ୍ୟ ମାନଙ୍କୁ ଯୋଡି ଏକ ସୁସ୍ଥ ସମାଜ ଗଠନ ଦିଗରେ ରେ ସହାୟକ ହୋଇ ସମସ୍ତେ ପୂଣ୍ୟ ଅର୍ଜନ କରନ୍ତୁ ବୋଲି ମୁଖ୍ୟ ଅତିଥି ଏ ଡି ଏମ୍ ପଧାନ ମତ ରଖିଥିଲେ। ସୋନପୁର ବାଇଗନ୍ ଯୁରୀ ଓମ୍ ମହିଳା ଯୋଗ ସମିତି ମାର୍ଗଦର୍ଶକ ପ୍ରତିମା ରଥ, ସୋନପୁର ରାମଜୀ ମହିଳା ଯୋଗ ସମିତି ପ୍ରଶିକ୍ଷୀକା ପ୍ରଜ୍ଞା ପରମିତା ପୁରୋହିତ ଅତିଥି ଙ୍କ ସହିତ ମଞ୍ଚାସିନ ରହି ଯୋଗୀ ମାନଙ୍କୁ ମାର୍ଗ ଦର୍ଶନ ପ୍ରଦାନ୍ କରିଥିଲେ। ଓମ୍ ମହିଳା ଯୋଗ ସମିତି ର କୋଡ଼ି ନେଟର ସବିତା ପୁଟେଲ, କାଞ୍ଚନ ପୁଜାରୀ, ବାଲାଜୀ ମହିଳା ଯୋଗ ସମିତି ର ସଭାନେତ୍ରୀ ଅନିତା ମେହେର, କୋଡ଼ି ନେଟର ନମିତା ତ୍ରୀପାଠୀ, କମଳିନୀ ପଣ୍ଡା, ନଳିନୀ ଦାଶ, ଦିବ୍ୟ ଉର୍ଜ୍ୟା ଯୋଗ ସମିତି ର ମହିଳା ଯୋଗୀ ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପଧାନ, ରୁକୁଣି ମେହେର, ମେହେର, ଯୋଗ ଗୁରୁ ମନୋଜ୍ ପଣ୍ଡା, ସଂପାଦକ ଶ୍ରିବନ୍ତ ମିଶ୍ରଙ୍କ ତତ୍ୱା ବଧାନ ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ରବୀନ୍ଦ୍ର ଜେନା, ମନୋରଞ୍ଜନ ତ୍ରୀପାଠୀ, ସୁବାସ ପଣ୍ଡା ପ୍ରମୁଖ ସମସ୍ତ ସଦସ୍ୟ ଙ୍କ ପାର୍କ କର୍ମଚାରୀ ହରି ଶଙ୍କର ଚୌଧୁରୀ, ଗୋବର୍ଦ୍ଧନ କାର୍କୀ ସହଯୋଗ କରିଥିଲେ।

## କେନ୍ଦୁଟିକିରା ବିଦ୍ୟାଳୟରେ ଚିତ୍ରକଳା କର୍ମଶାଳା



**ସୁବର୍ଣ୍ଣପୁର,୧୮।୪(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଶୁଖା କ୍ଲଷ୍ଟର ଅନ୍ତର୍ଗତ ସରକାରୀ ପ୍ରାଥମିକ ବିଦ୍ୟାଳୟ କେନ୍ଦୁଟିକିରା ଠାରେ ତାରିଖ ୧୭ରେ ଚିତ୍ରକଳା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଶୁଖା ସୁରେଶ କୁମାର ନାୟକ ଙ୍କର ମାର୍ଗଦର୍ଶନ ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ବିଦ୍ୟାଳୟ ର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଆନନ୍ଦ ବାରିକ ସଭାପତିତ୍ୱ କରିଥିଲେ।ଶିଶୁ ମାନ ଙ୍କର ଶୈକ୍ଷିକ ଅଭିବୃଦ୍ଧି ନିମନ୍ତେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଚିତ୍ରକର ରିଲୁ ମହାନନ୍ଦ ମୁଖ୍ୟ ଅତିଥି ରୂପେ ଯୋଗଦାନ କରିଥିଲେ।ଚିତ୍ରକଳା ମାଧ୍ୟମରେ ଶିଶୁମାନଙ୍କ ର ସୃଜନୀ ଶକ୍ତିର ବିକଶିତ ହେବ ବୋଲି ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ। ଶିଶୁବାଟୀକା, ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ରେ ଅଧ୍ୟୟନ ରତ ଶିଶୁ ମାନ ଙ୍କୁ ଚିତ୍ର ର ମୌଳିକ ଧାରଣା, ରଙ୍ଗ ବୋଲିବା କୌଶଳ ତୃତୀୟ ରୁ ପଞ୍ଚମ ଶ୍ରେଣୀ ରେ ଅଧ୍ୟୟନ ରତ ଶିଶୁ ମାନ ଙ୍କୁ ପଶୁପକ୍ଷୀ, ସୁନ୍ଦର ଅକ୍ଷରଲିଖନ ଓ ଅକ୍ଷର ରୁ ଚିତ୍ର ଅଙ୍କନ ବିଷୟରେ ବୁଝାଇ ଥିଲେ।ଶିଶୁ ମାନେ ଚିତ୍ର ଅଙ୍କନ କରି ଓ ଉପଯୁକ୍ତ ରଙ୍ଗ ବ୍ୟବହାର କରି ଚିତ୍ର ପ୍ରଦର୍ଶିତ କରିଥିଲେ। ସହକାରୀ ଶିକ୍ଷକ ପ୍ରମୋଦ କୁମାର ବାରିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ସହକାରୀ ଶିକ୍ଷୟିତ୍ରୀ ମଦନା ପୁଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

## ମାଲ ବୋଝେଇ ଟ୍ରେନ ଇଞ୍ଜିନର ପେଣ୍ଟୋଗ୍ରାଫ ଅଚଳ

● ଦୁଇ ଘଣ୍ଟା ଧରି ଚଳାଚଳ ବାଧାପ୍ରାପ୍ତ

**ଜୟପୁର,୧୮।୪ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲାପାଳ ଜରତି ଟ୍ରେନ ଷ୍ଟେସନ ନିକଟରେ ବୈଦ୍ୟୁତିକ ସମସ୍ୟା ଫଳରେ ଅଟକି ଯାଇଥିଲା ମାଲ ବୋଝେଇ ଟ୍ରେନ। ଫଳରେ ଜୟପୁର ରେ ଅଟକି ରହିଛି ରାଉରକେଲା। କୋଟପାଡ଼ ରେ ଅଟକି ରହିଛି ହୀରାଖଣ୍ଡ ଟ୍ରେନ। ଜରଟି ନିକଟରେ ରେଳ ଧାରଣ ଉପରେ ଅଟକି ରହିଲା ମାଲ ବୋଝେଇ ଟ୍ରେନ। ବଡ ଧରଣର ଦୁର୍ଘଟଣାରୁ ବର୍ତିଲା। ଜରଟି ଷ୍ଟେସନ ନିକଟରେ ୨ଘଣ୍ଟାରୁ ଅଧିକ ସମୟ ରେଳ ଧାରଣ ଉପରେ ଅଟକି ରହିଲା ଟ୍ରେନ। ଫଳରେ ଜଗଦଲପୁର ରୁ ରାଉରକେଲା ଅଭିମୁଖେ ଯାଉଥିବା ସୁପାଫାଷ୍ଟ ଟ୍ରେନଟିକୁ ଜୟପୁରରେ ଅଟକ ରଖାହୋଇଛି। ଟ୍ରେନ ଇଞ୍ଜିନ କୁ ବିଦ୍ୟୁତ୍ ଯୋଗାଣ ନ ହେବା ଯୋଗୁଁ ଟ୍ରେନ ଆଗକୁ ଗଡ଼ିଲା ନାହିଁ।ବିଦ୍ୟୁତ୍ ଲାଇନ ସହ ଟ୍ରେନ କୁ ସଂଯୋଗ କରୁଥିବା ପେଣ୍ଟୋଗ୍ରଫ ଅଚଳ ହୋଇପଡ଼ିବା ଯୋଗୁଁ ଇଞ୍ଜିନ ଅଚଳ ହୋଇପଡ଼ିଥିଲା। ଓଭର




ହେଡଡ ଇଲେକ୍ଟ୍ରିକାଲ ଇକ୍ୟୁପମେଣ୍ଟ ଜରିଆରେ ବିଦ୍ୟୁତ୍ ଲାଇନରୁ ଟ୍ରେନ ଇଞ୍ଜୀନକୁ ବିଦ୍ୟୁତ୍ ଯୋଗାଉଥିବା ପେଣ୍ଟଗ୍ରାଫ ଅଚଳ ହୋଇପଡ଼ିବାରୁ ବିଦ୍ୟୁତ୍ ଯୋଗାଣ ବନ୍ଦ ହୋଇଯାଇଛି। ଫଳରେ ଟ୍ରେନର ଇଞ୍ଜିନ ଟି ଅଚଳ ହୋଇପଡ଼ିଛି।ଫଳରେ ଜୟପୁର କୋରାପୁଟ ଷ୍ଟେସନ ମଧ୍ୟରେ ଜରଟି ନିକଟରେ ଅଚଳ ହୋଇ ଦୀର୍ଘ ସମୟ ଅଟକି ରହିଛି ଟ୍ରେନ।କୋରାପୁଟରୁ ବିଶେଷଜ୍ଞ ଟିମ ଯାଇ ସଜାଡ଼ିବା ପରେ ସ୍ୱାଭାବିକ ହୋଇଥିଲା ଚଳାଚଳ। ତେବେ ଏକ ବଡ଼ ରେଳ ଦୃଘଟଣା ଦୂରେଇଗଲା। ତେବେ କେଉଁ ପରିସ୍ଥିତି ରେ ଏପରି ଘଟିଲା ତାହାର ତଦନ୍ତ କରାଯିବ ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି।

# ଯୋଜନାର ସଫଳତା ପାଇଁ ନୋଡାଲ ସଚିବଙ୍କ ଜିଲ୍ଲା ଗସ୍ତ

**ସୁବର୍ଣ୍ଣପୁର,୧୮।୪ (ସଂଚାର ବ୍ୟୁରୋ):** ସ୍ୱତନ୍ତ୍ର ସଚିବ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ତଥା ଜିଲ୍ଲା ନୋଡାଲ ସଚିବ ଶ୍ରୀମତୀ ସୌଦାମିନୀ ସେଠୀ ସୁବର୍ଣ୍ଣପୁର ଜିଲ୍ଲାକୁ ଦୁଇଦିନିଆ ଗସ୍ତରେ ଆସି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର କାର୍ଯ୍ୟକାରୀ ବିଭିନ୍ନ ଉନ୍ନୟନ ତଥା ଲୋକାଭିମୁଖୀ ଯୋଜନା ଓ ପ୍ରକଳ୍ପ ଗୁଡିକର ସଫଳ କାର୍ଯ୍ୟକାରିତାର କ୍ଷେତ୍ର ପରିଦର୍ଶନ କରିଛନ୍ତି। ସେ ଏହି ପରିପ୍ରେକ୍ଷୀରେ ତା. ୧୭/୦୪/୨୫ରିଖ ଦିନ ସୋନପୁର ବ୍ଲକ ଅନ୍ତର୍ଗତ ବାବୁପାଲି ସ୍ଥିତ ବନ ସୁରକ୍ଷା ସମିତି ଗୃହ, ରାଧା କୃଷ୍ଣ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ମାଛ ଯାଆଁଳା କେନ୍ଦ୍ର, ଧଉରାଖମନ, ବ୍ୟାଙ୍କି ସୁବିଧା କେନ୍ଦ୍ର, ହରଡଖୋଲ, ଅଙ୍ଗନବାଡି



କେନ୍ଦ୍ର, ଖମ୍ବେଶ୍ୱରିପାଲୀ, ଖଳିଆପାଲି ଠାରେ ଅନ୍ତୋଦୟ ଯୋଜନାରେ ସର୍ଭେ କାର୍ଯ୍ୟର ସମୀକ୍ଷା ସହ ତରଭା ବ୍ଲକ ଅନ୍ତର୍ଗତ ସାଇଦୁଲି ଗ୍ରାମ ସ୍ଥିତ ଗୋଷ୍ଠୀଗତ ଶୌଚାଳୟ ପରିଦର୍ଶନ କରି ସମ୍ପୃକ୍ତ କର୍ମକର୍ତ୍ତା ତଥା ସ୍ୱୟଂ ସହାୟକ ସଦସ୍ୟା, ସ୍ଥାନୀୟ ହିତାଧିକାରୀ, ଜନସାଧାରଣଙ୍କ ସହିତ ଭାବ ବିନିମୟ କରିଥିଲେ। ସେହିପରି ୧୮ରେ ଡୁଙ୍ଗୁରିପାଲୀ ବ୍ଲକ ରାମପୁର ପଞ୍ଚାୟତ ଗସ୍ତ କରି ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ଏବଂ ଅନ୍ତୋଦୟ ଗୃହ ଯୋଜନାର ସର୍ଭେ କାର୍ଯ୍ୟର ସମୀକ୍ଷା କରିଥିଲେ। ଉପରୋକ୍ତ ଗସ୍ତ ସମୟରେ ସମସ୍ତ ହିତାଧିକାରୀ ମାନଙ୍କ ସହିତ ବାର୍ତ୍ତାଳାପ କରି ସେମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ସେ ଜିଲ୍ଲାର ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ପରିଚାଳିତ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ଉପରେ ଖୁସିବ୍ୟକ୍ତ କରିଥିବାବେଳେ, ନିଜନିଜ କାର୍ଯ୍ୟରେ ଉଚ୍ଚକୋଟୀର କାର୍ଯ୍ୟ ସମ୍ପାଦନ କରିବାକୁ ପରାମର୍ଶ ଦେଇଛନ୍ତି। ଜିଲ୍ଲା ନୋଡାଲ ଅଧିକାରୀଙ୍କ ଜିଲ୍ଲାର ବିଭିନ୍ନ ବ୍ଲକ ଗସ୍ତ ସମୟରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ ଅଶ୍ୱିନୀ କୁମାର ମେହେର ସମେତ ସମ୍ପୃକ୍ତ ବ୍ଲକର ବ୍ଲକ ଉନ୍ନୟନ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ନିଜନିଜ ଅଞ୍ଚଳର କାର୍ଯ୍ୟକାରୀ ପ୍ରକଳ୍ପ ତଥା ଯୋଜନା ଗୁଡିକର ତଥ୍ୟ ପ୍ରଦାନ କରିଥିଲେ।

## ନାବାଳକ ନିଖୋଜ ହେବାର ବିତିଲା ୪ ଦିନ, ଅଭିଯୁକ୍ତର ଟେର ପାଉନି ପୁଲିସ

**ପିପିଲି,୧୮।୪(ସଂଚାର ବ୍ୟୁରୋ):** ଗାଁ ଦାଣ୍ଡରେ ଖେଳୁଥିଲା ପୁଅ । କିନ୍ତୁ ହଠାତ ପୁଅ କେଉଁଆଡ଼େ ନିଖୋଜ ହୋଇଗଲା ଯେ ପରିବାର ଲୋକେ ପତା ପାଉ ନାହାନ୍ତି । ଏପଟେ ପୋଲିସ ବି ସନ୍ଧାନୀ କୁକୁରକୁ ଧରି କୁନି ପୁଅ ଆଶୀର୍ବାଦକୁ ଖୋଜିବାରେ ଲାଗିଛି । କିନ୍ତୁ ସବୁ ଚେଷ୍ଟା ଫେଲ୍ ମାରିଛି । ପୁରୀ ଜିଲ୍ଲା ଡେଲାଙ୍ଗ ରତନପୁର ଗାଁରେ ନାବାଳକ ନିଖୋଜ ଘଟଣାକୁ ୪ ଦିନ ବିତିଯାଇଛି । ହେଲେ ଅଭିଯୁକ୍ତର ଟେର ପାଉନି ପୋଲିସ । ଏତେ କମ ସମୟ ମଧ୍ୟରେ କୁଆଡେ ଗଲା ଆଶୀର୍ବାଦ ? କାହା ସାଙ୍ଗରେ ଗଲା ? ଚାରି ଚକିଆରେ ଗଲା ନା ଦୁଇ ଚକିଆରେ ? ଏସବୁ ପ୍ରଶ୍ନକୁ ନେଇ ଡେଲାଙ୍ଗର ସମସ୍ତ ପ୍ରବେଶ ପଥରେ ଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରୁଛି ପୋଲିସ। ବନ୍ଧୁ ପ୍ରିୟଜନ ଠାରୁ



ଆରମ୍ଭ କରି ବିଭିନ୍ନ ସ୍ଥାନରେ ପରିବାର ଲୋକେ ପୁଅକୁ ଖୋଜାଖୋଜି କରିଥିଲେ ସତ। କିନ୍ତୁ ଆଶୀର୍ବାଦକୁ କୋଉଠି ବି ନ ପାଇବାରୁ ପୋଲିସ ଉପରେ ଭରସା ରଖିଛନ୍ତି ପରିବାର ଲୋକେ ସେପଟେ ଅଭିଯୁକ୍ତକୁ ଖୁବ ଶୀଘ୍ର ଧରିବା ସହିତ ହଜି ଯାଇଥିବା ପୁଅକୁ ଫେରେଇ ଆଣିବା ପାଇଁ ପ୍ରଶାସନକୁ ଅନୁରୋଧ କରିଛନ୍ତି ପରିବାର ଲୋକଙ୍କ ସହ ଗ୍ରାମବାସୀ ।